

ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol. 10, Issue. 328, Thursday, 21 March 2024, Puri, Pages- 22, Rs. 7/-

ଦଶମ ବର୍ଷ, ସଂଖ୍ୟା-୩୨୮, ଗୁରୁବାର, ୨୧ ମାର୍ଚ୍ଚ ୨୦୨୪, ପୁରୀ, ୨୨ ପୃଷ୍ଠା, ମୂଲ୍ୟ - ୭ ଟଙ୍କା





# ODISHA'S BIGGEST WAVE POOL HOLI PARTY

**23RD, 24TH, 25TH & 26TH MARCH 2024**

TIME : 09.00 AM TO 06.00PM

## GENERAL CATEGORY

| | |
|---|---|
| **Adult**<br>Height Between 4'6" | **₹899/-** |
| **Child**<br>Height Between 3'3" - 4'6" | **₹799/-** |
| **Sr. Citizen**<br>ID Proof Mandatory | **₹699/-** |

### FACILITES

Bollywood and Ollywood SingerS Live Performance | Live Anchore | Live DJ | Dancer Group | Welcome Drink / Thandai | Unlimited Organic Gulal | Exciting Water Slide with Adventure Park | Delicious Food Pani Puri & Exotic Snacks..

## VIP CATEGORY

| | |
|---|---|
| **Adult**<br>Height Between 4'6" | **₹1149/-** |
| **Child**<br>Height Between 3'3" - 4'6" | **₹1049/-** |
| **Sr. Citizen**<br>ID Proof Mandatory | **₹949/-** |

### FACILITES

Bollywood and Ollywood SingerS Live Performance | Live Anchore | Live DJ | Dancer Group | Welcome Drink / Thandai | Bhangra Dhol | Unlimited Organic Gulal | Exciting Water Slide with Adventure Park Delicious Food | Pani Puri & Exotic Snacks

## RESORT STAY FOR 2 PERSON

| | |
|---|---|
| **AC Romance Cottage** | **₹9999/-** |
| **AC VIP Executive Room** | **₹6999/-** |
| **AC Delux Room** | **₹5999/-** |
| **AC Swiss Tent** | **₹4999/-** |

### FACILITES

Bollywood and Ollywood Singers Live Performance | Live Anchor | Live DJ | Dancer Group | Welcome Drink / Thandai | Bhangra Dhol | Unlimited Organic Gulal | Exciting Water Slide with Adventure Park | Delicious Food Shikara Boating & Water Zorbing | Pani Puri & Exotic Snacks | Over Night Stay, All Meal Plan..

Terms & Conditions Apply*

**FLAT 10% Discount on Resort Stay**



ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା


# ଅମୃତ ଦୁନିଆ
The Amruta Dunia

▸ RNI No. ODIODI / 2014 / 56157 ▸ www.amrutadunia.org



Selfie ଦୁନିଆ
ସେଲ୍ଫି ଦୁନିଆରେ ଆପଣଙ୍କ ଫଟୋ ସ୍ଥାନିତ କରିବା ପାଇଁ ଇଚ୍ଛୁକ ଥିଲେ
selfiedunia96@gmail.com
କିମ୍ବା ୯୦୪୦୦୦୫୦୮୪ ହ୍ୱାଟ୍ସଆପରେ ନିଜନାମ ଓ ଠିକଣା ସହ ଫଟୋ ପଠାଇବାକୁ ଅନୁରୋଧ



■ Vol. 10, Issue. 328, Thursday, 21 March 2024, Puri, Pages- 22, Rs. 7/-

■ ଦଶମ ବର୍ଷ, ସଂଖ୍ୟା-୩୨୮, ଗୁରୁବାର, ୨୧ ମାର୍ଚ୍ଚ ୨୦୨୪, ପୁରୀ, ୨୨ ପୃଷ୍ଠା, ମୂଲ୍ୟ - ୭ ଟଙ୍କା


## ମାର୍ଚ୍ଚ ୩୧ ତାରିଖ ରବିବାର ଖୋଲା ରହିବ ବ୍ୟାଙ୍କ

ନୂଆଦିଲ୍ଲୀ

ମାର୍ଚ୍ଚ ୩୧ ତାରିଖ ରବିବାର ଖୋଲା ରହିବ ସମସ୍ତ ବ୍ୟାଙ୍କ । ଏନେଇ ଏକ୍ସରେ ସୂଚନା ଦେଇଛି ରିଜର୍ଭ ବ୍ୟାଙ୍କ । ରିଜର୍ଭ ବ୍ୟାଙ୍କ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ ଏକ୍ସରେ ଟ୍ୱିଟ୍ କରି କହିଛି କି ୩୧ ମାର୍ଚ୍ଚ ୨୦୨୪ ରବିବାର ହେବା ସତ୍ତ୍ୱେ ସମସ୍ତ ବ୍ୟାଙ୍କ ଖୋଲା ରହିବ । ଚଳିତ ଆର୍ଥିକ ବର୍ଷ ୨୦୨୩-୨୪ର ଶେଷ ଦିନ ଯୋଗୁଁ ଏମିତି ନିଷ୍ପତ୍ତି ନିଆଯାଇଛି । ଆର୍ଥିକ ବର୍ଷ ଶେଷ ହେବା ପୂର୍ବରୁ ଲୋକଙ୍କ ସୁବିଧା ପାଇଁ ବ୍ୟାଙ୍କ, ଆୟକର ବିଭାଗ ଏବଂ ଜିଏସଟି କାର୍ଯ୍ୟାଳୟ ଶନିବାର ଏବଂ ରବିବାର ଖୋଲା ରହିବ । ଏହାଦ୍ୱାରା ଲୋକଙ୍କୁ ଆୟକର ପଇଠ ଏବଂ ଜିଏସଟି ପଇଠ କରିବାରେ ସହଜ ହୋଇଯିବ । କହିରଖୁଛୁ ଆୟକର ବିଭାଗ ନିଜ ସମସ୍ତ କାର୍ଯ୍ୟାଳୟ ଖୋଲା ରଖିବା ପାଇଁ ନିଷ୍ପତ୍ତି ନେଇଛି । ବିଭାଗ ଗୁଡ୍ ଫ୍ରାଇଡେ ଛୁଟି ସହିତ ଶନିବାର ଏବଂ ରବିବାର ଛୁଟି ମଧ୍ୟ ରଦ୍ଦ କରିଦେଇଛି ।

## ଡିକି ଖୋଲି ୫ ଲକ୍ଷ ୬୦ ହଜାର ଟଙ୍କା ଲୁଟିନେଲେ ଦୁର୍ବୃତ୍ତ

ବ୍ରହ୍ମପୁର(ଅମୃତ ମିଡିଆ)

ବୈଦ୍ୟନାଥପୁର ଥାନା ଅଧୀନ ଜୟପ୍ରକାଶନଗର ଛକରେ ଆଜି ମଧ୍ୟାହ୍ନରେ ଡିକି ଖୋଲି ୫ ଲକ୍ଷ ୬୦ ହଜାର ଟଙ୍କା ଲୁଟ୍ ହୋଇଛି । ସୂଚନା ପ୍ରକାରେ, ବ୍ରହ୍ମପୁର ଉପକଣ୍ଠ ସୁନାଦେଇ ଗାଁ ନିବାସୀ କୃଷ୍ଣଚନ୍ଦ୍ର ମହାରଣା ଜଣେ ପ୍ଲଟ୍ ମାଲିକ ହୋଇଥିବା ବେଳେ ଆଜି ତାଙ୍କୁ ଜଣେ ଗ୍ରାହକ ଜୟପ୍ରକାଶନଗରରେ ଥିବା ଏକ୍ସିସ ବ୍ୟାଙ୍କରୁ ୫ ଲକ୍ଷ ୬୦ ହଜାର ଟଙ୍କା ଉଠାଇ ଦେଇଥିଲେ । ୨୨ ତାରିଖରେ ଗୋଟିଏ ପ୍ଲଟର ରେଜିଷ୍ଟ୍ରେସନ୍ ଥିବାରୁ ପ୍ଲଟ୍ କିଣିବାକୁ ଥିବା ଗ୍ରାହକ ଜଣକ ଏହି ଟଙ୍କା କୃଷ୍ଣଙ୍କୁ ଦେଇଥିଲେ । ବ୍ୟାଙ୍କରୁ ବାହାରି କୃଷ୍ଣ ନିଜର ଗାଡ଼ି ଡିକିରେ ଉକ୍ତ ଟଙ୍କା ରଖିଥିଲେ । ଏହାପରେ ଚା' ପିଇବା ପାଇଁ ବ୍ୟାଙ୍କ ସମ୍ମୁଖରେ ରହିଥିବା ଏକ ଦୋକାନକୁ ଯାଇଥିଲେ । ଚା' ପିଇ ସାରି ଗାଡ଼ି ପାଖକୁ ଫେରିବା ସମୟରେ ଗାଡ଼ି ଡିକି ଖୋଲାଥିବା ଦେଖିବାକୁ ପାଇଥିଲେ । ଯାଞ୍ଚ ପରେ ଡିକିରୁ ସମସ୍ତ ଟଙ୍କା ଗାଏବ ଥିବା ଜଣାପଡ଼ିଥିଲା । ନିକଟରେ ଥିବା ସିସିଟିଭି କ୍ୟାମେରାରେ ଯାଞ୍ଚ ପରେ ଜଣେ ଯୁବକ ଡିକି ଖୋଲି ଟଙ୍କା ନେଉଥିବା ଜଣାପଡ଼ିଥିଲା ।

### ମେଣ୍ଟ ନେଇ ଇସାରା ଦେଲେ ଅମିତ ଶାହ

# ଏକାଠି କି ଏକା ଲଢ଼ିବୁ ସ୍ଥିର ହୋଇନି

## ଏକାକୀ ଲଢ଼ିଲେ ସରକାର ଗଢ଼ିବା ପାଇଁ ହିଁ ଲଢ଼ିବୁ-ଶାହ

ନୂଆଦିଲ୍ଲୀ

ମେଣ୍ଟ ନେଇ ବଢୁଛି ଚର୍ଚ୍ଚା । ମେଣ୍ଟ ହେବ ହେବ କହି କେବେ ହେବ ତାହା ନେଇ ଚର୍ଚ୍ଚା ଜୋର ଧରିଛି । ତେବେ ଗତକାଲି ୫T ଅଧ୍ୟକ୍ଷ ତଥା ବିଜେଡି ନେତା ଭିକେ ପାଣ୍ଡିଆନଙ୍କ ବୟାନ ପରେ ଆଜି ମେଣ୍ଟ ନେଇ ଇସାରା ଦେଇଛନ୍ତି ଅମିତ ଶାହା । ଜାତୀୟ ଗଣମାଧ୍ୟମରେ ସାକ୍ଷାତକାର ଦେଇ ପାଣ୍ଡିଆନ କହିଛନ୍ତି, ରାଜ୍ୟବାସୀଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ନିଷ୍ପତ୍ତି ନିଆଯିବ । କେନ୍ଦ୍ରରେ ମୋଦି ଆଉ ଓଡିଶାରେ ନବୀନ ପଟ୍ଟନାୟକ କ୍ଷମତାକୁ ଆସିବେ । ତେବେ ଏକ ଜାତୀୟ ଗଣମାଧ୍ୟମର କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉତ୍ତରାଧିକାରୀ କିଏ ହେବେ ସେ ନେଇ ମଧ୍ୟ ବଡ ବୟାନ ଦେଇଛନ୍ତି ପାଣ୍ଡିଆନ । ତେବେ ପାଣ୍ଡିଆନଙ୍କ ପୂର୍ବରୁ ଜାତୀୟ ଗଣମାଧ୍ୟମ କାର୍ଯ୍ୟକ୍ରମକୁ ଯୋଗଦେଇ ମେଣ୍ଟ ସମ୍ପର୍କରେ କହିଥିଲେ ଅମିତ ଶାହା । ଆଗାମୀ ନିର୍ବାଚନରେ ଭାଜପା ଉଭୟ ଲୋକ ସଭା ଓ ବିଧାନ ସଭାରେ ଭଲ ପ୍ରଦର୍ଶନ କରିବ ବୋଲି ଶାହ କହିଛନ୍ତି । ଶାହଙ୍କ ଅନୁସାରେ, ବର୍ତ୍ତମାନ ସମୟ ହାଡକୋର ରାଜନୀତିର । ଯେଉଁଥିରେ ଫିଲୋଶୋଫି ବା ଦର୍ଶନ ନ ଥାଏ ବରଂ ହାରଜିତ୍‌ର ଗଣିତ ରହିଥାଏ । ଦଳର ବିଚାରଧାରା ସହିତ ବୁଝାମଣାର କଥା ରହିଥାଏ । ତେଣୁ ଦଳର ବିଚାରଧାରା ଓ ବିଜୟ ସମ୍ଭାବନା ଭିତରେ ସମନ୍ୱୟ ରଖି ମେଣ୍ଟ ସହଯୋଗୀ ବଛାଯାଇଥାଏ ବୋଲି ଶାହ କହିଛନ୍ତି ।ଶାହାଙ୍କ ବୟାନ ଏବେ ରାଜ୍ୟ ଓ ଜାତୀୟ ରାଜନୀତି ସରଗରମ କରିଛି । ସେ କହିଛନ୍ତି, ଏବେ ସେ ମେଣ୍ଟ ନେଇ ଅଧିକ କିଛି କହିପାରିବେନି । କାରଣ ଓଡ଼ିଶାରେ ଭାଜପାର ଅଗାମୀ ରଣନୀତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ଥିର କରିବେ । କିନ୍ତୁ ଆଗାମୀ ନିର୍ବାଚନରେ ଉଭୟ ଲୋକ ସଭା ଓ ବିଧାନ ସଭାରେ ଭାଜପାର ଭଲ ପ୍ରଦର୍ଶନ କରିବ । ତେବେ ବିଗତ ସବୁ ବୟାନ ପରେ ଆଜି ମେଣ୍ଟ ନେଇ ଖୋଲା



ସଙ୍କେତ ଦେଇଛନ୍ତି ଅମିତ ଶାହା । ଆଜି ଅର୍ଥାତ୍ ବୁଧବାର ଅମିତ ଶାହ କହିଛନ୍ତି, 'ମେଣ୍ଟ ହେବ କି ନାହିଁ ତାହା ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ନିଷ୍ପତ୍ତି ନେବେ । କିନ୍ତୁ ଏ ନେଇ ବର୍ତ୍ତମାନ ସୁଦ୍ଧା କେଣସି ଚୂଡାନ୍ତ ଆଲୋଚନା ହୋଇନାହିଁ । କିନ୍ତୁ ଓଡ଼ିଶାରେ ଭାଜପାର ଶକ୍ତି ପୂର୍ବାପେକ୍ଷା ଯଥେଷ୍ଟ ବଢ଼ିବ । ଓଡ଼ିଶାର ଜନତାଙ୍କ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତି ଅଜସ୍ର ଭଲ ପାଇବା ରହିଛି । ଓଡ଼ିଶାରେ ଲୋକ ସଭା ଓ ବିଧାନ ସଭା ସିଟ ଯଥେଷ୍ଟ ବଢ଼ିବ । ଏପରିକି ରାଜନୈତିକ ବିଶେଷଜ୍ଞଙ୍କ ସମସ୍ତ ଆକଳନ ବି ଭୁଲ ହୋଇଯିବ ।' ଓଡ଼ିଶାରେ ଭାଜପା ଏକାକୀ ସରକାର ଗଠନ କରିବ କି ପ୍ରଶ୍ନରେ ଅମିତ ଶାହ କହିଛନ୍ତି, 'ପ୍ରଥମେ ଏହା ସ୍ପଷ୍ଟ ହୋଇ ଯାଉ କି ଓଡ଼ିଶାରେ ଆମେ ମେଣ୍ଟ କରିବୁ କି ଏକା ଲଢ଼ିବୁ ।

## ଏଡିଆର୍ ରିପୋର୍ଟ: ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମ୍ପତ୍ତି ୬୩ କୋଟି

ଭୁବନେଶ୍ୱର(ବ୍ୟୁରୋ)



ଆସୋସିଏସନ୍ ଫର ଡେମୋକ୍ରେଟିକ୍ସ ରିଫର୍ମସ (ଏଡିଆର) ରିପୋର୍ଟ ପ୍ରକାଶିତ ହୋଇଛି । ଏଥିରେ ଧନୀ ବିଧାୟକଙ୍କ ତାଲିକା ପ୍ରକାଶ ପାଇଛି । ରିପୋର୍ଟରେ କେଉଁ ବିଧାୟକଙ୍କ କେତେ ସମ୍ପତ୍ତି ରହିଛି ସେନେଇ ତାଲିକା ପ୍ରକାଶିତ ହୋଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଖରେ ୬୩ କୋଟି ଟଙ୍କାର ସମ୍ପତ୍ତି ରହିଛି । ସେହିପରି ଦୀପାଳି ଦାସ ସବୁଠାରୁ ଧନୀ ବିଧାୟିକା ହୋଇଛନ୍ତି । ଝାରସୁଗୁଡ଼ାର ବିଧାୟିକା ଦୀପାଳିଙ୍କ ସମ୍ପତ୍ତି ୪୦ କୋଟି ଟଙ୍କା ରହିଛି । ପାଟଣାଗଡ ବିଧାୟକ ସରୋଜ ମେହେର ୩୧ କୋଟି ସମ୍ପତ୍ତି ସହ ଦ୍ୱିତୀୟ ସ୍ଥାନରେ ଥିବା ବେଳେ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲିଙ୍କ ସବୁଠୁ କମ ସମ୍ପତ୍ତି ବୋଲି ଉଲ୍ଲେଖ ରହିଛି । ମକରନ୍ଦଙ୍କ ସମ୍ପତ୍ତି ମାତ୍ର ୧୫ ହଜାର ଟଙ୍କା । ରାଜ୍ୟରେ ୧୪୬ ଜଣଙ୍କ ମଧ୍ୟରୁ ୬୫ ପ୍ରତିଶତ ଅର୍ଥାତ ୯୫ ଜଣ ବିଧାୟକ କୋଟିପତି ଥିବା ଜଣାଯାଇଛି । ଏଥିରେ ବିଜେଡିର ୧୧୧ ବିଧାୟକଙ୍କ ମଧ୍ୟରୁ ୭୭ ଜଣ, ବିଜେପିର ୨୨ ବିଧାୟକଙ୍କ ମଧ୍ୟରୁ ୯ ଜଣ, କଂଗ୍ରେସର ୮ ଜଣଙ୍କ ମଧ୍ୟରୁ ୬ ଜଣ ଓ ୪ ଜଣ ସ୍ୱାଧୀନ ବିଧାୟକଙ୍କ ମଧ୍ୟରୁ ୩ ଜଣ କୋଟିପତିଙ୍କ ସଂପତ୍ତି କୋଟିଏ ଟଙ୍କାରୁ ଅଧିକ । ସୂଚନାଯୋଗ୍ୟ, ଗଂଜାମ ଜିଲ୍ଲା ଦିଗପହଣ୍ଡିର ସ୍ୱର୍ଗତ ବିଧାୟକ ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ମୃତ୍ୟୁ ପରେ ସେଠାରେ ଉପନିର୍ବାଚନ ହୋଇନାହିଁ । ତେଣୁ ଗୋଟିଏ ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଧାୟକ ନାହାନ୍ତି । ୧୪୬ ଜଣଙ୍କ ମଧ୍ୟରୁ ୬୫ ଜଣଙ୍କ ନାମରେ ଅପରାଧିକ ମାମଲା ରହିଛି । ଏଥିରୁ ୪୭ ଜଣ ବିଧାୟକଙ୍କ ନାମରେ ଗୁରୁତର ମାମଲା ସାମିଲ ରହିଛି ।

### ନିର୍ବାଚନ କମିଶନର ନିଯୁକ୍ତି ମାମଲା

## ଆବେଦନକାରୀଙ୍କ ଉଦ୍ଦେଶ୍ୟ ବିବାଦ ସୃଷ୍ଟି କରିବା

ନୂଆଦିଲ୍ଲୀ

ନିକଟରେ ଦୁଇ ଜଣ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଏବଂ ସୁଖବୀର ସିଂହ ସାନ୍ଧୁଙ୍କୁ ନିଯୁକ୍ତ କରାଯାଇଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଜଣେ ବିରୋଧୀ ଦଳର ନେତା ଏବଂ ଜଣେ କେନ୍ଦ୍ରମନ୍ତ୍ରୀଙ୍କ ଉପସ୍ଥିତିରେ ଏହି ନିଯୁକ୍ତି ହୋଇଥିଲା । ତେବେ ନିର୍ବାଚନ କମିଶନରଙ୍କ ଏହି ନଯୁକ୍ତି ପ୍ରକ୍ରିୟାକୁ ନେଇ ଉଠିଥିଲା ଅନେକ ପ୍ରଶ୍ନ ।ନିର୍ବାଚନ ପ୍ରକ୍ରିୟାରେ ସୁପ୍ରିମକୋର୍ଟଙ୍କ ପ୍ରଧାନ ବିଚାରପତିଙ୍କୁ ସାମିଲ ନ କରାଯିବାକୁ ନେଇ ବିବାଦ ଉପୁଜିଥିଲା । ଏହାକୁ ବିରୋଧ କରି ସୁପ୍ରିମକୋର୍ଟରେ ଆବେଦନ ହୋଇଥିଲା । ଏହି ଅବେଦନକୁ ନେଇ ଏବେ କେନ୍ଦ୍ର ସରକାର ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ କରିଛନ୍ତି । ଆବେଦନକାରୀଙ୍କ ଉଦ୍ଦେଶ୍ୟ କେବଳ ବିବାଦ ସୃଷ୍ଟି କରିବା ବୋଲି କେନ୍ଦ୍ର ସରକାର ନିଜ ସତ୍ୟପାଠରେ କହିଛନ୍ତି । ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମାର୍ଚ୍ଚ ୨୧ ତାରିଖରେ ହେବ ।ଚୟନ ପ୍ୟାନେଲରେ ନ୍ୟାୟପାଳିକାର କୌଣସି ଜଣେ ସଦସ୍ୟଙ୍କ ଉପସ୍ଥିତିରୁ ଋଉଓ ର ସ୍ୱାଧୀନତା ଉତ୍ପନ୍ନ ହେଉ ନାହିଁ ବୋଲି କେନ୍ଦ୍ର କହିଛି । ଉଚ୍ଚ ସାମ୍ବିଧାନିକ ଅଧିକାରୀମାନେ ନିରପେକ୍ଷ ଭାବରେ କାର୍ଯ୍ୟ କରିବେ ବୋଲି ଆଶା କରାଯାଉଛି । ଏଭଳି ପରିସ୍ଥିତିରେ ନିର୍ବାଚନ କମିଶନରଙ୍କ ଦକ୍ଷତା ଏବଂ ଯୋଗ୍ୟତା ଉପରେ ପ୍ରଶ୍ନ କରାଯିବା ଠିକ୍ ନୁହେଁ । କେବଳ ରାଜନୈତିକ ବିବାଦ ସୃଷ୍ଟି କରିବାକୁ ଆବେଦନକାରୀ ଚେଷ୍ଟା କରୁଛନ୍ତି ବୋଲି କେନ୍ଦ୍ର ସରକାର ନିଜ ସତ୍ୟପାଠରେ କହିଛନ୍ତି ।ନିର୍ବାଚନ କମିଶନରଙ୍କ ନିଯୁକ୍ତି ଉପରେ ରୋକ ଦାବିକୁ ବିରୋଧ କରି କେନ୍ଦ୍ର କହିଛି, 'ଏହି ପ୍ରକାରର ଯୁକ୍ତି ସମ୍ପୂର୍ଣ୍ଣ ଭୁଲ୍ । ନିର୍ବାଚନ ଆୟୋଗ ବିନା କୌଣସି ନ୍ୟାୟିକ ସଦସ୍ୟରେ ମଧ୍ୟ ସ୍ୱତନ୍ତ୍ର ରୂପେ କାମ କରେ । ସାମ୍ବିଧାନିକ ପଦରେ ଥିବା ଲୋକେ କେବଳ ନୀରପେକ୍ଷ ଭାବେ ହିଁ କାମ କରନ୍ତି ।' କହିରଖୁ ଯେ, ନିର୍ବାଚନ କମିଶନରଙ୍କ ନିଯୁକ୍ତି ଉପରେ ରୋକ ▶(ପୃଷ୍ଠା-୧୫)

## ଭିଜିଲାନ୍ସ ହାତରେ ଧରାପଡିଲେ ଖୋର୍ଦ୍ଧା ବ୍ଲକର ସହକାରୀ ଯନ୍ତ୍ରୀ

ଖୋର୍ଦ୍ଧା/କଟକ(ବ୍ୟୁରୋ)

୫୦ ହଜାର ଟଙ୍କା ନେଇ ଭିଜିଲାନ୍ସ ହାତରେ ପଡ଼ିଛନ୍ତି ଖୋର୍ଦ୍ଧା ବ୍ଲକର ସହକାରୀ ଯନ୍ତ୍ରୀ ସଙ୍ଗୀତା ମହାପାତ୍ର । ଏମପି ଲ୍ୟାଡ୍ ପ୍ରକଳ୍ପ ପାଇଁ ପିସି ଟଙ୍କା ନେଉଥ ?ବା ବେଳେ ଖୋର୍ଦ୍ଧା ଭିଜିଲାନ୍ସ ଟିମ ତାଙ୍କୁ ଧରିଛି । ସୂଚନା ଅନୁଯାୟୀ, ଏମପି ଲ୍ୟାଡ୍ ପ୍ରକଳ୍ପ ପାଇଁ ଜଣେ ଠିକାଦାରଙ୍କୁ ୧୦ ପ୍ରତିଶତ ପିସି ମାଗିଥିଲେ । ୧୮ ଲକ୍ଷ ଟଙ୍କାର ଏହି କାମର ପିସି ବାବଦରେ ଆଗରୁ ସହକାରୀ ଯନ୍ତ୍ରୀ ସଙ୍ଗୀତା ମହାପାତ୍ର ଠିକାଦାରଙ୍କଠାରୁ ୧ ଲକ୍ଷ ୩୦ ହଜାର ଟଙ୍କା ନେଇସାରିଥିଲେ । ଏନେଇ ଠିକାଦାରଙ୍କ ବାପା ଶିଶିର ମଙ୍ଗରାଜ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ । ପୂର୍ବ ଯୋଜନା ମୁତାବକ ଆଜି ଠିକାଦାର ଅବଶିଷ୍ଟ ୫୦ ହଜାର ଟଙ୍କା ଦେବା ବେଳେ ଖୋର୍ଦ୍ଧା ଭିଜିଲାନ୍ସ ଡିଏସପି ଚନ୍ଦ୍ରକଳା ଜେନା ଓ ନୂଆଗଡ଼ ଡିଏସପି ପ୍ରତ୍ୟୁଷ ମହାପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ଉ କରି ସହକାରୀ ଯନ୍ତ୍ରୀ ସଙ୍ଗୀତା ମହାପାତ୍ରଙ୍କୁ ଧରିଥିଲା ଏବଂ ତାଙ୍କଠାରୁ ୫୦ ହଜାର ଟଙ୍କା ଜବତ କରିଥିଲା ।

### ଅଭିଯୁକ୍ତଙ୍କୁ ଜେଲ୍‌ରେ ରଖିବା ନେଇ

## ବାରମ୍ବାର ଚାର୍ଜଶିଟ ଦାଖଲକୁ ସୁପ୍ରିମକୋର୍ଟଙ୍କ ବିରୋଧ

ନୂଆଦିଲ୍ଲୀ



ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ବାରମ୍ବାର ଚାର୍ଜଶିଟ ଦାଖଲ କରି ଜଣେ ଅଭିଯୁକ୍ତଙ୍କୁ ଜାମିନ ଅଧିକାରରୁ ବଞ୍ଚିତ କରିପାରିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି । ବାରମ୍ବାର ସପ୍ଲିମେଣ୍ଟାରୀ ଚାର୍ଜଶିଟ ଦାଖଲ କରି ଜଣେ ଅଭିଯୁକ୍ତଙ୍କୁ ଅନିର୍ଦ୍ଦିଷ୍ଟ ସମୟ ଯାଏ ଜେଲରେ ରଖାଯାଇ ପାରିବ ନାହିଁ । କେନ୍ଦ୍ରୀୟ ତଦନ୍ତକାରୀ ଏଜେନ୍ସିର ଆଭିମୁଖ୍ୟ ସୁପ୍ରିମକୋର୍ଟଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରୁଛି ବୋଲି ଜଷ୍ଟିସ ସଞ୍ଜୀବନ ଖାନ୍ନା ଓ ଜଷ୍ଟିସ ଦୀପଙ୍କର ଦତ୍ତାଙ୍କ ଖଣ୍ଡପୀଠ କହିଛନ୍ତି । ଜଷ୍ଟିସ ଖାନ୍ନା ଇଡି ପାଇଁ ଓକିଲାତି କରୁଥିବା ଅତିରିକ୍ତ ସଲିସିଟର ଜେନେରାଲ ଏସ୍‌ଭି ରାଜୁଙ୍କୁ କହିଛନ୍ତି, "ଜାମିନ ପାଇବାର ପୂରା ପ୍ରସଙ୍ଗ ହେଲା ଆପଣ ତଦନ୍ତ ନ ସରିବା ଯାଏ ଜଣେ ଅଭିଯୁକ୍ତଙ୍କୁ ଗିରଫ କରନ୍ତୁ ନାହିଁ । ଅଭିଯୁକ୍ତଙ୍କୁ ଗିରଫ କରିବା ପରେ ଆପଣ କହିପାରିବେ ନାହିଁ ଯେ ତଦନ୍ତ ଶେଷ ନ ହେବା ଯାଏ ଶୁଣାଣି ଆରମ୍ଭ ହେବନି । ଆପଣ ବାରମ୍ବାର ଏମିତି ଅତିରିକ୍ତ ଚାର୍ଜଶିଟ ଦାଖଲ କରିପାରିବେ ନାହିଁ । ଆପଣ ଚାର୍ଜଶିଟ ଦାଖଲ କରି ବିନା ଶୁଣାଣିରେ ଅଭିଯୁକ୍ତଙ୍କୁ ଜେଲରେ ରଖି ପାରିବେ ନାହିଁ । ଏହି ମାମଲାରେ ଜଣେ ବ୍ୟକ୍ତି ୧୮ ମାସରୁ ଅଧିକ ସମୟ ହେଲା ଜେଲରେ ରହିଛନ୍ତି । ଏହା ଆମକୁ ଚିନ୍ତିତ କରୁଛି । କିଛି ମାମଲା ଆମ ପାଖକୁ ଆସୁଛି ଓ ଆମେ ମଧ୍ୟ ଆପଣଙ୍କୁ ନୋଟିସ ପଠାଉଛୁ । ଆପଣ ଗିରଫ କରିବା ମାତ୍ରେ ମାମଲାର ଶୁଣାଣି ପାଇଁ ପ୍ରକ୍ରିୟା ଆରମ୍ଭ କରନ୍ତୁ ।" ବର୍ତ୍ତମାନ ପ୍ରଚଳିତ ନିୟମ ଅନୁଯାୟୀ, ଯଦି ତଦନ୍ତକାରୀ ସଂସ୍ଥା ଧାର୍ଯ୍ୟ ସମୟ ମଧ୍ୟରେ ତଦନ୍ତ ଶେଷ କରିବ ନାହିଁ କିମ୍ବା ଚୂଡ଼ାନ୍ତ ଚାର୍ଜଶିଟ ଦାଖଲ କରିପାରବ ନାହିଁ, ତା'ହେଲେ ଗିରଫ ବ୍ୟକ୍ତି ଜାମିନ ପାଇପାରିବେ । ତଦନ୍ତ ଶେଷ କରିବା ପାଇଁ ୬୦ରୁ ୯୦ ଦିନର ସମୟ ରହିଛି ।ଏପ୍ରିଲ ମାସରେ ମଧ୍ୟ ସୁପ୍ରିମକୋର୍ଟ ସମାନ କଥା କହିଥିଲେ । ଜଷ୍ଟି କୃଷ୍ଣ ମୁରଲୀ ଓ ଜଷ୍ଟିସ ସିଟି ରବିକୁମାରଙ୍କ ଖଣ୍ଡପୀଠ କହିଥିଲେ ଯେ ତଦନ୍ତ ଶେଷ ନ କରି କୌଣସି ତଦନ୍ତକାରୀ ସଂସ୍ଥା ଗୋଟିଏ ଚାର୍ଜଶିଟ ଦାଖଲ କରିପାରିବ ନାହିଁ । ଏପରି ଚାର୍ଜଶିଟ ଦାଖଲ କରି ଅଭିଯୁକ୍ତଙ୍କୁ ତାଙ୍କର ଜାମିନ ପାଇବା ଅଧିକାରରୁ ବଞ୍ଚିତ କରାଯାଇ ପାରିବନି । ସୁପ୍ରିମକୋର୍ଟଙ୍କ ଏପରି କଥା ଦୀର୍ଘ ଦିନ ହେଲା ଇଡି ଓ ସିବିଆଇ ଦ୍ୱାରା ଗିରଫ ହୋଇ ଜେଲରେ ଥିବା ରାଜନୀତିକ ଦଳର ନେତାମାନଙ୍କ ପାଇଁ ବହୁତ ବଡ଼ ଖବର । ଝାରଖଣ୍ଡର ବେଆଇନ ଖଣି ଖନନ ମାମଲାରେ ଗିରଫ ହୋଇଥିବା ଜଣେ ଅଭିଯୁକ୍ତଙ୍କ ଜାମିନ ଆବେଦନର ଶୁଣାଣି ବେଳେ ସୁପ୍ରିମକୋର୍ଟ ଆଜି ଏପରି କହିଛନ୍ତି । ହେମନ୍ତ ▶(ପୃଷ୍ଠା-୧୫)

## ଓଡ଼ିଆ ଝିଅ ଡ.ପ୍ରଣତି ମିଶ୍ର ଙ୍କୁ ଅନ୍ତର୍ଜାତୀୟ ଆଇକନିକ୍ ମହିଳା ପୁରସ୍କାର






ମୁମ୍ବାଇ

ବୁଧବାର ଭାରତୀୟ କଳାକାର କଲ୍ୟାଣ ସଂଘ (IAWA) ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ବିଶିଷ୍ଟ ବିଶିଷ୍ଟ ମହିଳାମାନଙ୍କୁ SDP ଅନ୍ତର୍ଜାତୀୟ ଆଇକନିକ୍ ମହିଳା ପୁରସ୍କାର ୨୦୨୪ ପ୍ରଦାନ କରିଥିଲା ଏବଂ ଦେଶର ଅର୍ଥନୀତିକୁ ସମର୍ଥନ କରୁଥିବା ବିଶିଷ୍ଟ ସ୍ୱୟଂ ନିଯୁକ୍ତ ବ୍ୟକ୍ତିଙ୍କୁ ଆତ୍ମ ନିର୍ଭର ଭାରତ ୨୦୨୪ ପୁରସ୍କାର ପ୍ରଦାନ କରିଥିଲା । ମୁମ୍ବାଇର ଜୁହୁ ଠାରେ ଥିବା ISCON ଅଡିଟୋରିୟମରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । IAWA ର ଡ଼. ଦଲଜିତ୍ କୌର ନିଜ କ୍ଷେତ୍ରରେ ଉତ୍କର୍ଷ ଥିବା ଲୋକଙ୍କୁ ଚିହ୍ନିବାରେ ଏହି ପଦକ୍ଷେପ ଆରମ୍ଭ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ISCON ର ସ୍ୱାମୀ ବ୍ରଜହରି ଦାସ, ରାଜକୁମାରୀ ଆଶା ଗାଇକୱାଡ, ବିଶିଷ୍ଟ ଗାୟକ ଅନୁପ ଜାଲୋଟା ଏବଂ ଆମେରିକା ସ୍ଥିତ କଲମ୍ବିଆ ବିଶ୍ୱବିଦ୍ୟାଳୟର ମୁଖ୍ୟ ଡ଼. ମଧୁ କିଶାନଙ୍କ ପରି ବିଶିଷ୍ଟ ବ୍ୟକ୍ତିମାନେ ଅତିଥିଭାବେ ଉପସ୍ଥିତ ଥିଲେ । ଜଣାଶୁଣା ଚଳଚ୍ଚିତ୍ର ଅଭିନେତା ତଥା ନିର୍ଦ୍ଦେଶକ ଧୀରଜ କୁମାର ଏବଂ ବିଶିଷ୍ଟ ସଂଗୀତ ନିର୍ଦ୍ଦେଶକ କୁଲଦୀପ ସିଂ "ମୁଝେ ଇତନା ଶକ୍ତି ଦେନା ଦାତା .." ସଂଗୀତରେ ପ୍ରସିଦ୍ଧିଲାଭ କରିଥିବା ବ୍ୟକ୍ତି ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ନିଜର ଉତ୍କୃଷତା ଦେଖାଇ ସୁଦୂର ମୁମ୍ବାଇରେ ସମ୍ମାନିତ ହୋଇଛନ୍ତି ଓଡ଼ିଆ ଝିଅ ତଥା ଇନ୍ସୁରାନ୍ସ ପ୍ରଫେସନାଲ ଡ଼.ପ୍ରଣତି ମିଶ୍ର । ଡ଼.ମିଶ୍ର ଏସଡ଼ିପି ଇଣ୍ଟରନ୍ୟାସନାଲ ର ଆଇକନିକ ମହିଳା ସମ୍ମାନରେ ସମ୍ମାନୀତ ହୋଇଛନ୍ତି ।ବିଶିଷ୍ଟ ଅତିଥିମାନଙ୍କ ଉପସ୍ଥିତିରେ ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି । ଏହି ଅବସରରେ ▶(ପୃଷ୍ଠା-୧୫)

### ଆଜିଠାରୁ ବଢ଼ିବ ଦିନ ତାପମାତ୍ରା

# ୮ରୁ ୧୦ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ ତାତି

ଭୁବନେଶ୍ୱର(ବ୍ୟୁରୋ)

ଦୁଇ ଦିନ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହୋଇଥିବାବେଳେ ଆସନ୍ତାକାଲିଠାରୁ ବଦଳିବ ପାଗ । ଆସନ୍ତାକାଲିଠାରୁ ୨୪ ତାରିଖ ମଧ୍ୟରେ ରାଜ୍ୟର ଅଧିକାଂଶ ସ୍ଥାନରେ ଦିନ ତାପମାତ୍ରା ୮ରୁ ୧୦ ଡିଗ୍ରୀ ସେଲ୍‌ସିୟସ ପର୍ଯ୍ୟନ୍ତ ବୃଦ୍ଧି ପାଇବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି ।ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ 'X' ରେ କରାଯାଇଥିବା ପୋଷ୍ଟ ଅନୁଯାୟୀ, ଆସନ୍ତା କାଲିଠାରୁ ରାଜ୍ୟରେ ପାଗ ଫିଟିବା ସମ୍ଭାବନା ରହିଛି । ୨୨ରୁ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବାର ସମ୍ଭାବନା ରହିଛି । ଆଗାମୀ ୨୧ ରୁ ୨୪ ତାରିଖ ମଧ୍ୟରେ ରାଜ୍ୟର ଅଧିକାଂଶ ସ୍ଥାନରେ ଦିନ ତାପମାତ୍ରା ୮ ରୁ ୧୦ ଡିଗ୍ରୀ ଯାଏଁ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ଆଜି ରାଜ୍ୟର ୧୨ଟି ସହରର ସର୍ବାଧିକ ଦିନ ତାପମାତ୍ରା ୨୨ଡିଗ୍ରୀ ବା ଏହା ତଳେ ରହିଥିଲା । ବର୍ଷା ପ୍ରଭାବରୁ ଏମିତି ହୋଇଥିଲା । ଢେଙ୍କାନାଳର ସର୍ବାଧିକ ଦିନ ତାପମାତ୍ରା ୧୮.୯ ଡିଗ୍ରୀ ରେକର୍ଡ କରାଯାଇଥିଲା । ବାଲେଶ୍ୱରରେ ସର୍ବାଧିକ ଦିନ ତାପମାତ୍ରା ୨୧ ଡିଗ୍ରୀ ରହିଥିବା ବେଳେ ଚାନ୍ଦବାଲିରେ ୨୧, କଟକରେ ୨୦, ପାରାଦୀପରେ ୨୦.୭, ଭୁବନେଶ୍ୱରରେ ୧୯.୨, ଗୋପାଳପୁରରେ ୧୯.୨, ପୁରୀରେ ୨୦.୪, ବାରିପଦାରେ ୨୦.୪, ନୟାଗଡ଼ରେ ୧୯.୫, ଭଦ୍ରକରେ ୨୦.୫ ଓ ଯାଜପୁରରେ ୨୦ ଡିଗ୍ରୀ ରହିଥିଲା । ଅନ୍ୟପକ୍ଷରେ ଅନୁଗୋଳରେ ସର୍ବାଧିକ ଦିନ ତାପମାତ୍ରା ୨୨.୧ ରେକର୍ଡ କରାଯାଇଥିବା ବେଳେ ଝାରସୁଗୁଡ଼ାରେ ୨୮.୬, କେନ୍ଦୁଝରଗଡ଼ରେ ୨୨.୪, ସମ୍ବଲପୁରରେ ୨୮.୨, ସୁନ୍ଦରଗଡ଼ରେ ୨୬.୫, ହୀରାକୁଦରେ ୨୭.୨, ତାଳଚେରରେ ୨୪, ଭବାନୀପାଟଣାରେ ୨୭.୫, ବଲାଙ୍ଗିରରେ ୨୮.୪, ଫୁଲବାଣୀରେ ୨୨.୭, ଟିଟିଲାଗଡ଼ରେ ୨୭.୫, ମାଲକାନଗିରିରେ ୨୯.୭, ସୋନପୁରରେ ୨୯.୮, ଦାରିଙ୍ଗବାଡ଼ିରେ ୨୨.୫, ବୌଦ୍ଧରେ ୨୯, ପାରଳାଖେମୁଣ୍ଡିରେ ୨୩.୪, ରାୟଗଡ଼ାରେ ୨୩., ବରଗଡ଼ରେ ୨, ଦେବଗଡ଼ରେ ୨୫, ନୂଆପଡ଼ାରେ ୨୯.୪, ନବରଙ୍ଗପୁରରେ ୨୬.୫, ଜଗତସିଂହପୁରରେ ୨୨.୮ ଓ ରାଉରକେଲାରେ ୨୬.୪ ଡିଗ୍ରୀ ରେକର୍ଡ କରାଯାଇଛି । ପାଣିପାଗ ବିଭାଗ ପକ୍ଷରୁ ଜାରି କରାଯାଇଥିବା ବୁଲେଟିନ୍ ଅନୁଯାୟୀ, ଆସନ୍ତାକାଲି (ମାର୍ଚ୍ଚ ୨୧ ତାରିଖ) ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ଜଗତସିଂହପୁର, କଟକ, ଗଞ୍ଜାମ, ଖୋର୍ଦ୍ଧା, ନୟାଗଡ଼ ଓ ପୁରୀ ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ । ସେଥିପାଇଁ ଏହି ଜିଲ୍ଲାଗୁଡ଼ିକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ନୟାଗଡ଼, କୋରାପୁଟ, ମାଲକାନଗିରି, ରାୟଗଡ଼ା, କନ୍ଧମାଳ, ଢେଙ୍କାନାଳ, ବୌଦ୍ଧ, ଅନୁଗୋଳ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ହୋଇପାରେ । ତେଣୁ ଏହି ସବୁ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ୨୧ ତାରିଖ ସକାଳ ସାଢ଼େ ୮ଟାରୁ ୨୨ ତାରିଖ ସକାଳ ସାଢ଼େ୮ଟା ପର୍ଯ୍ୟନ୍ତ କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି । ତେବେ ଏହି ସମୟ ମଧ୍ୟରେ କୌଣସି ୱାର୍ଣ୍ଣିଂ ଜାରି ହୋଇନାହିଁ । ସେହିଭଳି ଅନ୍ୟାନ୍ୟ ସବୁ ଜିଲ୍ଲାରେ ପାଗ ମୁଖ୍ୟତଃ ଶୁଖିଲା ରହିବ । ୨୨ ତାରିଖ ସକାଳ ସାଢ଼େ୮ଟାରୁ ୨୫ ତାରିଖ ସକାଳ ସାଢ଼େ ୮ଟା ▶(ପୃଷ୍ଠା-୧୫)





ଯଦି ନକରାତ୍ମକ ପରିସ୍ଥିତିରେ
ସର୍ବଦା ସକରାତ୍ମକ
ମନୋଭାବ ବଜାୟ ରଖନ୍ତି
ତେବେ ଏହି ବିଜୟ ହେବ
ଆପଣଙ୍କର

**ଶୁଭ ସକାଳ**



# ରଙ୍ଗକୁ ହଁ, ବିପଦକୁ ନା



**ଯାବତୀୟ ରାସାୟନିକ ରଙ୍ଗକୁ ଦୂରେଇ ରହିବେ**

*ଆଖିକୁ ଆକର୍ଷଣୀୟ ଦିଶୁଥିବା ବଜାରରେ ଉପଲବ୍ଧ ଶସ୍ତା ରଙ୍ଗଗୁଡ଼ିକରେ ବିଷାକ୍ତ ରାସାୟନିକ, ସୀସା, କ୍ରୋମିଅମ୍ ଓ ପାରଦ ପରି କ୍ଷତିକାରକ ଭାରୀ ଧାତୁର ଅଣୁ ରହିଛି ଯାହା ଚର୍ମ ସଂସ୍ପର୍ଶରେ ଆସିଲେ ଫଳିଯିବା ପରି ବିକାର ସୃଷ୍ଟି ହୋଇଥାଏ ଏବଂ ଆଖିକୁ ବହୁତ କ୍ଷତି ପହଞ୍ଚାଇଥାଏ ।*

ଆଗକୁ ଆସୁଛି ରଙ୍ଗର ପର୍ବ ହୋଲି । ଭାରତର କୋଣ ଅନୁକୋଣରେ ଏହା ଆବାଳବୃଦ୍ଧବନିତା ସଭିଙ୍କ ମନରେ ଅଫୁରନ୍ତ ଆନନ୍ଦ ଆଣିଦେଇଥାଏ । ଆମ ପରମ୍ପରାରେ ପ୍ରଚଳିତ ଅନ୍ୟାନ୍ୟ ପର୍ବଠାରୁ ନିଆରା ହୋଲି ପର୍ବରେ ନିଜକୁ ରଙ୍ଗିନ କରାଇବାର ମଜା ଅନନ୍ୟ । ତେବେ ବଜାରରେ ଉପଲବ୍ଧ ନାନା ପ୍ରକାର ରଙ୍ଗ ଯେତିକି ଆମୋଦଦାୟକ, ରାସାୟନିକ ଦ୍ରବ୍ୟର ଉପସ୍ଥିତି ଯୋଗୁଁ ତାହା ସ୍ୱାସ୍ଥ୍ୟ ପ୍ରତି ସେତିକି ବିପଦ ଆଶଙ୍କା ମଧ୍ୟ ଆଣିଥାଏ । ସୁତରାଂ ସାଙ୍ଗସାଥୀ ଗହଣରେ ଏ ବର୍ଷର ରଙ୍ଗଖେଳ କିପରି ନିରାପଦ ହୋଇପାରିବ, ସେ ନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ପରାମର୍ଶ ବିଷୟରେ ଜାଣିବା । ପ୍ରଥମ ପଦକ୍ଷେପ ସ୍ୱରୂପ, ଯାବତୀୟ ରାସାୟନିକ ରଙ୍ଗକୁ ଦୂରେଇ ଦେଇ ବିଭିନ୍ନ ପ୍ରକାର ଫୁଲ, ପରିବା ବା ଗୁଳ୍ମରୁ ପ୍ରସ୍ତୁତ ପ୍ରାକୃତିକ ରଙ୍ଗର ଗୁଣ୍ଡକୁ ଗ୍ରହଣ କରିବା ଉଚିତ । ଆଖିକୁ ଆକର୍ଷଣୀୟ ଦିଶୁଥିବା ବଜାରରେ ଉପଲବ୍ଧ ଶସ୍ତା ରଙ୍ଗଗୁଡ଼ିକରେ ବିଷାକ୍ତ ରାସାୟନିକ, ସୀସା, କ୍ରୋମିଅମ୍ ଓ ପାରଦ ପରି କ୍ଷତିକାରକ ଭାରୀ ଧାତୁର ଅଣୁ ରହିଛି ଯାହା ଚର୍ମ ସଂସ୍ପର୍ଶରେ ଆସିଲେ ଫଳିଯିବା ପରି ବିକାର ସୃଷ୍ଟି ହୋଇଥାଏ ଏବଂ ଆଖିକୁ ବହୁତ କ୍ଷତି ପହଞ୍ଚାଇଥାଏ ।

ଅତର୍କିତ ପିଚକାରି ମାଡ଼ ବା ରଙ୍ଗବୋଳାରୁ ଅତି ସମ୍ବେଦନଶୀଳ ପ୍ରତ୍ୟଙ୍ଗ ଆଖିକୁ ସୁରକ୍ଷା ଦେବା ଲାଗି ଚଷମା ବ୍ୟବହାର କରିବା ଅପରିହାର୍ଯ୍ୟ । ଆଉ ଏକ ବିଶେଷ କଥା ହେଲା, ହୋଲି ଖେଳ ବେଳେ ଶୁଖିଲା ରଙ୍ଗଗୁଣ୍ଡ ସବୁ ପବନରେ ଭାସି ବୁଲୁଥା'ନ୍ତି । ତାହା ଆମ ପ୍ରଶ୍ୱାସ ଦ୍ୱାରା ଫୁସ୍‌ଫୁସ୍‌ରେ ପହଞ୍ଚି ନାନା ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି । ତେଣୁ ହୋଲି ଖେଳ ପୂର୍ବରୁ ରଙ୍ଗକୁ ଟିକେ ଓଦା କରିଦେବା ଉଚିତ ଯଦ୍ଦ୍ୱାରା ତାହା ଆଉ ପବନରେ ଭାସମାନ ହୋଇ ରହିବ ନାହିଁ । ରଙ୍ଗରେ ମିଶିଥିବା ବିଭିନ୍ନ ବିଷାକ୍ତ ପଦାର୍ଥ ଚର୍ମରେ ଶୋଷି ହୋଇ ଶରୀରରେ ରାସାୟନିକ ବିଷକ୍ରିୟା ସୃଷ୍ଟି କରିପାରେ । ବିଷକ୍ରିୟା ହେଲେ ବାନ୍ତି ମାଡ଼ିବା, ତଳିପେଟରେ ଯନ୍ତ୍ରଣା ହେବା ସହ ସ୍ଥଳବିଶେଷରେ ଅନ୍ତନଳୀ କ୍ଷତିଗ୍ରସ୍ତ ହୋଇଥାଏ । ତେଣୁ କୌଣସି ରଙ୍ଗ ବ୍ୟବହାର ପୂର୍ବରୁ ପ୍ୟାକେଟ୍‌ରେ ଦର୍ଶାଯାଇଥିବା ତାହାର ବିଭିନ୍ନ ଉପାଦାନଗୁଡ଼ିକୁ ଲକ୍ଷ୍ୟ କରି କେବଳ ଜୈବିକ ରଙ୍ଗରେ ହୋଲି ଖେଳିବା ଉଚିତ ।

## ହୋଲି ପାଇଁ ବାସ୍ତୁ ଉପାୟ



ଫାଲଗୁଣ ମାସର ଶୁକ୍ଳପକ୍ଷର ପୂର୍ଣ୍ଣିମା ରାତିରେ ହୋଲିକା ଦହନ କରାଯାଏ । ହିନ୍ଦୁ ଧର୍ମରେ ହୋଲିକା ଦହନ ଅସତ୍ୟ ଉପରେ ସତ୍ୟର ଜୟର ପ୍ରତୀକ ବୋଲି କୁହାଯାଏ । ଏହାର ପର ଦିନ ରଙ୍ଗର ପର୍ବ ହୋଲି ପାଳନ କରାଯାଏ । ଏହି ଦିନ ବିଧି ସହ ପୂଜାର୍ଚ୍ଚନା କରାଯାଏ । ବାସ୍ତୁରେ ମଧ୍ୟ ହୋଲିର ଖୁବ୍ ମହତ୍ତ୍ୱ ରହିଛି । ବିଭିନ୍ନ ସମସ୍ୟାରୁ ମୁକ୍ତି ପାଇବା ପାଇଁ ହୋଲି ଦିନ କିଛି ସ୍ୱତନ୍ତ୍ର ଜିନିଷ କିଣି ଘରକୁ ଆଣିପାରିବେ । ଏହାଦ୍ୱାରା ଜୀବନ ସୁଖମୟ ହେବା ସହ ଅନେକ କଷ୍ଟ ଦୂର ହୋଇଥାଏ । ଅନେକ ଚେଷ୍ଟା କରିବା ପରେ ମଧ୍ୟ ଜୀବନରେ ସଫଳତା ମିଳିପାରୁନଥିଲେ, ହୋଲି ଦିନ କିଛି ସ୍ୱତନ୍ତ୍ର ବାସ୍ତୁ ଉପାୟ କରିବା ଦ୍ୱାରା ଏଥିରୁ ମୁକ୍ତି ମିଳିଥାଏ ।

ହୋଲି ଦିନ ଭଗବାନ ଗଣେଶଙ୍କୁ ବିଧି ବିଧାନ ସହ ପୂଜା କରି ରଙ୍ଗ ଅର୍ପଣ କରନ୍ତୁ । ଏହାସହ ମିଠା ଭୋଗ ନିଶ୍ଚୟ ଅର୍ପଣ କରନ୍ତୁ ।

ବାସ୍ତୁ ଅନୁସାରେ ହୋଲି ଦିନ ଜିନିଷ କିଣିବା ସମୟରେ ଚାନ୍ଦିର ଟଙ୍କା ନିଶ୍ଚୟ କିଣନ୍ତୁ । ହୋଲି ଦିନ ଏହାର ପୂଜା କରିବା ପରେ ଏହି ଟଙ୍କାକୁ ଆଲମିରାରେ ରଖନ୍ତୁ । ଏହା ଦ୍ୱାରା ଆର୍ଥିକ ସମସ୍ୟାରୁ ମୁକ୍ତି ମିଳିବ । ହୋଲି ଭଳି ଶୁଭ ଦିନରେ ଅଶୋକ ପତ୍ରରେ ତିଆରି ତୋରଣ ଆଣି ଆସନ୍ତୁ । ମାନ୍ୟତା ଅନୁଯାୟୀ, ମୁଖ୍ୟ ଦ୍ୱାରରେ ଏହାକୁ ଲଗାଇବା ଦ୍ୱାରା ନକରାତ୍ମକ ଶକ୍ତି ଦୂର ହୋଇଥାଏ । ହୋଲି ଦିନ ବଜାରରେ ମିଳୁଥିବା ଘରେ ରଖାଯାଉଥିବା ବାଉଁଶ ଗଛ ନିଶ୍ଚୟ ଆଣନ୍ତୁ । ଏହା ଅତ୍ୟନ୍ତ ଶୁଭଦାୟକ ।

ବାସ୍ତୁ ଅନୁଯାୟୀ, ହୋଲି ଦିନ ଧାତୁରେ ତିଆରି ହୋଇଥିବା କଇଁଛ ଘରକୁ ନିଶ୍ଚୟ ଆଣନ୍ତୁ । କଇଁଛର ପିଠିରେ ଶ୍ରୀଯନ୍ତ୍ର କିମ୍ବା କୁବେର ଯନ୍ତ୍ର ଥିବ ସେଥିପ୍ରତି ଧ୍ୟାନ ଦେବେ ।



# ବଦଳିଯାଏ ଭାଗ୍ୟ

*ସନାତନ ଧର୍ମରେ ବାସ୍ତୁ ଶାସ୍ତ୍ରକ ଏକ ପ୍ରାଚୀନ ବିଜ୍ଞାନ ଭାବେ ମାନ୍ୟତା ରହିଛି । ଏହା ଆମ ଜୀବନରେ ବହୁତ କିଛି ପ୍ରଭାବ ପକାଇଥାଏ । ବାସ୍ତୁ ଶାସ୍ତ୍ର ଅନୁଯାୟୀ ବେଡରୁମରେ ରଖାଯାଇଥିବା କିଛି ଜିନିଷ ଦାମ୍ପତ୍ୟ ଜୀବନକୁ ଖରାପ କରିଥାଏ । ବହୁତ ପରିଶ୍ରମ ଓ ପ୍ରଚେଷ୍ଟା ସତ୍ତ୍ୱେ ଯଦି ଆମେ କୌଣସି କାମରେ ସଫଳତା ପାଉନାହାଁନ୍ତି, ତେବେ ଘରେ କିଛି ନା କିଛି ବାସ୍ତୁ ଦୋଷ ରହିଛି । ତେଣୁ ବାସ୍ତୁ ସମ୍ପର୍କରେ ଜାଣିବା ନିହାତି ଜରୁରୀ ହୋଇଥାଏ । ଘରେ ଯଦି କଷ୍ଟ, ଆର୍ଥିକ ଅସୁବିଧା, ଶାରିରୀକ ପିଡା ଓ ରୋଗ ଆଦି ଲଗାତାର ଲାଗି ରହୁଥାଏ । ତେବେ ଘରେ ବାସ୍ତୁ ଅନୁସାରେ କିଛି ଗଛ ଲଗାନ୍ତୁ ଯାହାଦ୍ୱାରା ଆପଣଙ୍କ ଅସୁବିଧା ଦୂର ହେବ । ଆଜି ଆମେ ଆପଣଙ୍କୁ ବାସ୍ତୁ ବିଷୟରେ କିଛି କହିବୁ ଯେଉଁ ଗଛକୁ ଘରେ ଲଗାଇବା ଦ୍ୱାରା ସକରାତ୍ମକ ପ୍ରଭାବ ପଡିବା ସହ ଅର୍ଥ ଓ ମାନ ସମ୍ମାନ ବୃଦ୍ଧି ଘଟିବ ।*

ବାସ୍ତୁ ଶାସ୍ତ୍ର ଅନୁସାରେ ଫୁଲର ସମ୍ପର୍କ ଘରର ସୁନ୍ଦରତା ସହିତ ଜୀବନର ସୌଭାଗ୍ୟ ସହ ଜଡିତ ରହିଥାଏ । ଏମିତି ହେଉଛି ଗୋଲାପ ଫୁଲ । ଆସନ୍ତୁ ଜାଣିବା ଏହାକୁ ଘରେ ଲଗାଇବାର ଫାଇଦା ।

୧. ଗୋଲାପ ଫୁଲକୁ ଫୁଲର ରାଣି ବୋଲି କୁହାଯାଏ । ଗୋଲାପୀ ରଂଗର ଗୋଲାପ, ପ୍ରେମ ଓ ସୌନ୍ଦର୍ଯ୍ୟର ପ୍ରତୀକ ହୋଇଥାଏ । ପରିବାରରେ ମତାନ୍ତର ଦୂର କରିବାକୁ ହେଲେ ଘରେ ଗୋଲାପ ଫୁଲର ଗଛ ଲଗାଇବା ବହୁତ ଲାଭକାରୀ ହୋଇଥାଏ ।

୨. ଯୁବକ-ଯୁବତୀଙ୍କ ବିବାହରେ ବାଧା ସୃଷ୍ଟି ହେଉଥିଲେ ଗୋଲପ ଫୁଲ ବା ପେଣ୍ଟିଂ ଡ୍ରଇଂ ରୁମରେ ଲଗାନ୍ତୁ । ମାନ୍ୟତା ଯେ ଖୁବ ଶୀଘ୍ର ବିବାହ ଯୋଗ ବନିଥାଏ । ଆପଣଙ୍କୁ ମନ ମୁତାବକ ଜୀବନସାଥୀ ମିଳିଥାଏ ।

୩. ସୁଖୀ ଜୀବନ ପାଇଁ ଗୋଲାପ ଫୁଲର ଗଛ ଦକ୍ଷିଣ-ପଶ୍ଚିମ ଦିଗର କୋଣରେ ଲଗାନ୍ତୁ । ଏହାଦ୍ୱାରା ସମ୍ପନ୍ନତା ଆସିଥାଏ ଓ ଘରକୁ ଧନ ଆଗମନର ରାସ୍ତା ଖୋଲିଥାଏ । ସମୃଦ୍ଧିର ପ୍ରବେଶ ହୋଇଥାଏ ।

୪. ଗୋଲାପ ଗଛ ଘରକୁ ଖରାପ ଶକ୍ତି ପ୍ରବେଶ କରିବାକୁ ଦେଇ ନଥାଏ । ଏହି ଗଛ ସବୁ ନେଗେଟିଭ ଶକ୍ତିକୁ ଦୂର କରିଥାଏ ।

୫. ପତି-ପତ୍ନୀଙ୍କ ମଧ୍ୟରେ ଝଗଡା ହେଉଥିଲେ ବା ମନ ମିଶୁନଥିଲେ ଗୋଲାପ ଗଛ ବେହରୁମରେ ଲଗାଇବା ଦରକାର । ଏହାର ପେଣ୍ଟିଂ ବି ବେଡରୁମରେ ଲଗାଇ ପାରିବେ । ଏହାଦ୍ୱାରା ଦାମ୍ପତ୍ୟ ଜୀବନରେର ମଧୁରତା ଆସିଥାଏ ।

**ବାସ୍ତୁ ଶାସ୍ତ୍ର ଅନୁଯାୟୀ ବେଡରୁମରେ ରଖାଯାଇଥିବା କିଛି ଜିନିଷ ଦାମ୍ପତ୍ୟ ଜୀବନକୁ ଖରାପ କରିଥାଏ । ଆସନ୍ତୁ ଜାଣିବା ବୈବାହିକ ଜୀବନର ଅସୁବିଧା ଦୂର କରିବା ପାଇଁ ଆପଣଙ୍କୁ କ'ଣ କରିବା ଉଚିତ୍ । ବୈବାହିକ ଜୀବନକୁ ସୁଖମୟ କରିବା ପାଇଁ ବାସ୍ତୁ ଶାସ୍ତ୍ରରେ ଏମିତି କିଛି ଉପାୟ ଦିଆଯାଇଛି ।**

ପ୍ରତ୍ୟେକ ବ୍ୟକ୍ତି ଚାହିଁଥାନ୍ତି ଯେ ତାଙ୍କର ବୈବାହିକ ଜୀବନ ସୁଖମୟ ହେଉ । କାରଣ ଯଦି ବୈବାହିକ ଜୀବନ ଠିକ୍ ରହେ ତେବେ ବ୍ୟକ୍ତି ଜୀବନର ପ୍ରତି କ୍ଷେତ୍ରରେ ଉନ୍ନତି ହୋଇଥାଏ । ବୈବାହିକ ଜୀବନକୁ ସୁଖମୟ କରିବା ପାଇଁ ବାସ୍ତୁ ଶାସ୍ତ୍ରରେ ଏମିତି କିଛି ଉପାୟ ଦିଆଯାଇଛି । ଆସନ୍ତୁ ଜାଣିବା କ'ଣ ସେହି ଉପାୟ । ବାସ୍ତୁ ଶାସ୍ତ୍ର ଅନୁଯାୟୀ ବେଡରୁମରେ ରଖାଯାଇଥିବା କିଛି ଜିନିଷ ଦାମ୍ପତ୍ୟ ଜୀବନକୁ ଖରାପ କରିଥାଏ । ଆସନ୍ତୁ ଜାଣିବା ବୈବାହିକ ଜୀବନର ଅସୁବିଧା ଦୂର କରିବା ପାଇଁ ଆପଣଙ୍କୁ କ'ଣ କରିବା ଉଚିତ୍ ।

ବୈବାହିକ ଜୀବନ ପାଇଁ ବାସ୍ତୁ ଟିପ୍ସ :

୧. ବେଡରୁମ ଘରର ସବୁଠୁ ଜରୁରୀ ଅଂଶ । ପତି-ପତ୍ନୀ ତାଙ୍କର ଅଧିକ ସମୟ ସେହିଠାରେ କାଟିଥାନ୍ତି । ତେଣୁ ଆପଣଙ୍କ ବେଡରୁମରେ ଝରକା ଜରୁର ରହିବା ଉଚିତ୍ । ଏହାଦ୍ୱାରା ଘରେ ସକରାତ୍ମକ ଶକ୍ତି ଆସିଥାଏ । ଯାହାର ପ୍ରଭାବ ପତି ପତ୍ନୀଙ୍କ ସମ୍ପର୍କ ଉପରେ ପଡିଥାଏ ।

୨. ବାସ୍ତୁ ଶାସ୍ତ୍ର ଅନୁଯାୟୀ, ବେଡରୁମରେ ସୁନ୍ଦର ଫୁଲ ବାଲା ଗମଲା ରଖିବା ଉଚିତ୍ । କାରଣ ଏହାକୁ ପ୍ରେର ପ୍ରତୀକ ମନାଯାଇଥାଏ । ଏହାଦ୍ୱାରା ଦାମ୍ପତ୍ୟ ଜୀବନରେ ପ୍ରେମ ବର୍ଷିଥାଏ । ଏଥିସହ କିଛି ସୁନ୍ଦର ପାତ୍ରରେ କ୍ରିଷ୍ଟଲ ଓ ଅକ୍ଷ ଚାଉଳ ରଖିବା ଦ୍ୱାରା ମଧ୍ୟ ପତି-ପତ୍ନୀଙ୍କ ମଧ୍ୟରେ ପ୍ରେମ ବଢ଼ିଥାଏ ।

୩. ଯଦି ପତି-ପତ୍ନୀଙ୍କ ମଧ୍ୟରେ ଦୂରତ୍ୱ ସୃଷ୍ଟି ହେଉଛି ତେବେ ବେଡରୁମରେ ଦୁଇଟି ଲାଲ ମହମବତୀ ଜଳାନ୍ତୁ । ଏଥିସହ ବେଡରୁମରେ ଏକ କାଚ ପାତ୍ର ରଖି ଏଥିରେ ଛୋଟ ଛୋଟ ପଥର ରଖନ୍ତୁ । ଫଳରେ ବେଡରୁମରେ ସକରାତ୍ମକ ଶକ୍ତି ବଢ଼ିଥାଏ ଓ ପତି-ପତ୍ନୀଙ୍କ ମଧ୍ୟରେ ପ୍ରେମ ସୃଷ୍ଟି ହୋଇଥାଏ ।

୪. ବେଡରୁମରେ ପାଣି ଥିବା କିଛି ଫଟୋ ଲଗାନ୍ତୁ ନାହିଁ । ଏହାଦ୍ୱାରା ପତି-ପତ୍ନୀଙ୍କ ମଧ୍ୟରେ ସମ୍ପର୍କ ଠିକ ରହେ ନାହିଁ । ଯୋଡି ପକ୍ଷୀର ଫଟୋ ଲଗାନ୍ତୁ, ପ୍ରେମ ବଢ଼ିବ ।





# ହଳଧରପୁର-କଣ୍ଟିବାଙ୍କ ରାସ୍ତା ଶୋଚନୀୟ ; ମରାମତି ଦାବି

**ନିଶ୍ଚିନ୍ତକୋଇଲି(ଅମୃତ ମିଡିଆ):** ସୁକରପଡ଼ା ଗ୍ରାମ ପଞ୍ଚାୟତ ହଳଧରପୁର ଗ୍ରାମରୁ କଣ୍ଟିବାଙ୍କ ପର୍ଯ୍ୟନ୍ତ ଗ୍ରାମ୍ୟ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି । ଗତ ୨୦୦୭ ମସିହାରେ ଉକ୍ତ କଚ୍ଚା ରାସ୍ତାକୁ ଢଳେଇ ରାସ୍ତାରେ ପରିଣତ କରାଯାଇଥିଲା । ଦୀର୍ଘ ୧୬ ବର୍ଷ ହେବ ଏହି ରାସ୍ତାକୁ ମରାମତି କରାନଯିବାରୁ ଏହା ବିଭିନ୍ନ ସ୍ଥାନରେ ଫାଟିଯିବା ସହିତ ରାସ୍ତା ମଝିରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି । ଟିକିଏ ବର୍ଷା ହେଲେ ଏହି ଗର୍ତ୍ତ ଗୁଡ଼ିକରେ ପାଣି ଭର୍ତ୍ତି ହୋଇ ରହିଥିବା ବେଳେ ଭାଙ୍ଗିତୁଟି ଯାଇଥିବା ଢଳେଇ ଉପରେ ଯାତାୟତ କରି ହେଉନାହିଁ । ଏହି ରାସ୍ତା ଉପରେ ସୁକରପଡ଼ା ପଞ୍ଚାୟତର ହଳଧରପୁର ଏବଂ ମାହାଙ୍ଗା ବ୍ଲକର ଗୋତରା, ଭଦ୍ରେଶ୍ୱର ପଞ୍ଚାୟତ ଲୋକମାନେ ଯାତାୟତ କରନ୍ତି । ଦୀର୍ଘ ବର୍ଷ ହେବ ଏହାର ମରାମତି ଅଭାବରୁ ଏହି ସଂଯୋଗକାରୀ ରାସ୍ତାଟି ଅତ୍ୟନ୍ତ ଦୟନୀୟ ହୋଇପଡ଼ିଛି । ତୁରନ୍ତ ଏହି ରାସ୍ତାକୁ ମରାମତି କରିବା ପାଇଁ ଦାବି ହେଉଛି ।



# ଯୌତୁକ ନିର୍ଯାତନା ନେଇ ଥାନାରେ ଅଭିଯୋଗ

**ସାଲେପୁର(ଅମୃତ ମିଡିଆ):** ଯୌତୁକ ନିର୍ଯାତନା ରୋକିବା ପାଇଁ ସରକାର ସଚେତନତା ମାଧ୍ୟମରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ କରୁଥିବାବେଳେ ତାହା ଅର୍ଥ ଲୋଭୀ ଲୋକମାନଙ୍କ ଉପରେ କୌଣସି ପ୍ରଭାବ ପଡୁନଥିବା ଜଣାଯାଇଛି । ୨ଟି ସନ୍ତାନର ଜନନୀକୁ ଅଧିକ ଯୌତୁକ ଦାବି କରି ତା'ର ସ୍ୱାମୀ ଓ ନଣନ୍ଦ ବଧୂକୁ ନିର୍ଯାତନା ଦେଉଥିବା ନେଇ ଜଣେ ବଧୂ ଜଣକ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି । ପୁଲିସ ସୂତ୍ରରୁ ପ୍ରକାଶ ଯେ, ସାଲେପୁର ଥାନା ଅନ୍ତର୍ଗତ ଧୂଆଁସାହି ଗ୍ରାମର ବାବୁ ଖାଁଙ୍କୁ ୧୦ବର୍ଷ ତଳେ ସାହିରା ବିବି ବିବାହ କରିଥିଲେ । ବିବାହର କିଛି ବର୍ଷ ବିତିଯିବା ପରେ ସାହିରାର ସ୍ୱାମୀ ବାବୁ ଖାଁ ଓ ନଣନ୍ଦ ସାହିରାକୁ ଅଧିକ ଯୌତୁକ ଦାବି କରି ବିଭିନ୍ନ ସମୟରେ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଆସୁଥିବା ନେଇ ସାହିରା ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏହା ନେଇ ସାଲେପୁର ପୁଲିସ ସାଲେପୁର ଥାନାରେ ୧୩୫/୨୦୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଜଣାଯାଇଛି ।

# ବାରଙ୍ଗ ହତ୍ୟାକାଣ୍ଡ ମାମଲାରେ ଅଭିଯୁକ୍ତ ଗିରଫ

## ଏକତରଫା ପ୍ରେମ ସମ୍ପର୍କକୁ ନେଇ ହତ୍ୟାକାଣ୍ଡ

**କଟକ(ବ୍ୟୁରୋ):** ବାରଙ୍ଗରେ ମହିଳାଙ୍କୁ ହତ୍ୟା ଘଟଣାରେ ଅଭିଯୁକ୍ତକୁ ଗିରଫ କରିଛି କଟକ କମିଶନରେଟ ପୋଲିସ । ଏକତରଫା ପ୍ରେମ ସମ୍ପର୍କକୁ କେନ୍ଦ୍ର କରି ଘଟିଛି ହତ୍ୟାକାଣ୍ଡ । କାଠ ଫାଳିଆ ଓ ପଥରରେ ଛେଚି ମହିଳାଙ୍କୁ ହତ୍ୟା କରାଯାଇଥିବା ପୋଲିସ ସୂଚନା ଦେଇଛି । ଅଭିଯୁକ୍ତ ଜଣକ ହେଉଛି ମନୋଜ ମହାରଣା । ମନୋଜ ମୃତ ମହିଳାଙ୍କ ପଡ଼ୋଶୀ ହୋଇଥିବା ଜଣାପଡ଼ିଛି । ଅଭିଯୁକ୍ତ ମନୋଜ ପେଶାରେ ଜଣେ ଶ୍ରମିକ ହୋଇଥିବାବେଳେ ସେ ଏକ କନଷ୍ଟ୍ରକସନ କମ୍ପାନୀରେ କାମ କରୁଥିବାବେଳେ ମହିଳା ଜଣଙ୍କୁ ଏକତରଫା ପ୍ରେମ କରୁଥିଲା । ମହିଳା ଜଣଙ୍କ ରାଜି ନ ହେବାରୁ ମନୋଜ ତାଙ୍କୁ ବିଭତ୍ସ ଭାବେ ହତ୍ୟା କରିଥିବା ଜଣାପଡ଼ିଛି । ସୂଚନା ଅନୁସାରେ, ଗତ ୧୦ ତାରିଖରେ ଘଟିଥିଲା ଏହି ହତ୍ୟାକାଣ୍ଡ । ବାରଙ୍ଗ ଥାନା ଅନ୍ତର୍ଗତ ବାରସିଂହ ଗ୍ରାମରେ ଏହି ଲୋମହର୍ଷଣକାରୀ ଘଟଣା ଘଟିଥିଲା । ବାରସିଂହ ଗାଁର ଜଣେ ମହିଳାଙ୍କ ସହ ପ୍ରେମ ସମ୍ପର୍କ ରଖିବା ପାଇଁ ଅଭିଯୁକ୍ତ ମନୋଜ ନିବେଦନ କରିଥିଲା । ଏପରିକି ତାଙ୍କୁ ବିବାହର ପ୍ରଲୋଭନ ମଧ୍ୟ ଦେଖାଇଥିଲା ଅଭିଯୁକ୍ତ ମନୋଜ । ହେଲେ ମହିଳା ଜଣକ ରାଜି ନ ହେବାରୁ ବଦନାମ ଭୟରେ କାଠଫାଳିଆ ଓ ପଥରରେ ଛେଚି ଆକ୍ରମଣ କରିବାରୁ ମହିଳାଙ୍କ ଜୀବନ ଯାଇଥିବା ନେଇ ସେ ପୋଲିସ ଆଗରେ ସ୍ୱୀକାର କରିଛି । ଅତିରିକ୍ତ ଡିସିପି କହିଛନ୍ତି, ଅଭିଯୁକ୍ତ ମନୋଜ ମହିଳା ଜଣଙ୍କୁ ଏକତରଫା ପ୍ରେମ କରୁଥିଲା । ମାତ୍ର ମହିଳା ଏଥିରେ ରାଜି ହୋଇନଥିଲେ । ହତ୍ୟାକାଣ୍ଡ ଦିନ ଅଭିଯୁକ୍ତ ଏକ ବାହାଘର କାର୍ଡ ବା ଲଫାପାରେ ସିନ୍ଦୁର ନେଇଥିଲା । ଯଦି ମହିଳା ଜଣକ ରାଜି ନ ହୁଅନ୍ତି ତେବେ ସିନ୍ଦୁର ଦେଇ ବିବାହ କରିବା ନେଇ ପ୍ରଲୋଭିତ କରିବାକୁ ଯୋଜନା କରିଥଲା । ହତ୍ୟା ଦିନ ମହିଳାଙ୍କୁ ପ୍ରେମ ନିବେଦନ କରିଥିଲା ଅଭିଯୁକ୍ତ । ମାତ୍ର ମହିଳା ଜଣକ ଚିତ୍କାର କରିବାରୁ ସେ ଧରାପଡ଼ିଯିବା ଭୟରେ ହତ୍ୟା କରିଥିଲା ଏବଂ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲା । ପୋଲିସ ଏହି ବାହାଘର କାର୍ଡର ଅଧା ଅଂଶକୁ ଅଭିଯୁକ୍ତ ଘରୁ ଜବତ କରିଛି । ଯାହାକି ଅଭିଯୁକ୍ତକୁ ଧରିବାରେ ସହାୟତା ହୋଇଥିଲା ବୋଲି ଅତିରିକ୍ତ ଡିସିପି କହିଛନ୍ତି । ହତ୍ୟାରେ ବ୍ୟବହୃତ ପଥର ଓ କାଠ ଫାଳିଆ ଜବତ କରିଛି ପୋଲିସ । ମହିଳାଙ୍କୁ ହତ୍ୟା କରିବା ନେଇ ପୋଲିସ ନିକଟରେ ଅଭିଯୁକ୍ତ ମନୋଜ ସ୍ୱୀକାର କରିଥିବା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଅତିରିକ୍ତ ଡିସିପି ଅନିଲ କୁମାର ମିଶ୍ର ।



# ୪୦ ଟଙ୍କା ପାଇଁ ଦୋକାନୀଙ୍କୁ ହତ୍ୟା

**ଭଦ୍ରକ(ଅମୃତ ମିଡିଆ):** ୪୦ ଟଙ୍କା ମାଗିବାରୁ ଦୋକାନୀଙ୍କୁ ହତ୍ୟା । ଏଭଳି ଏକ ଘଟଣା ଘଟିଛି ଭଦ୍ରକ ଜିଲ୍ଲାରେ । ମୃତକଙ୍କ ନାଁ ବିଜୟ ପଣ୍ଡା । ସେ ଭଦ୍ରକ ଟାଉନ୍ ଥାନା ପଥରଆଡ଼ି ଛକରେ ତେଜରାତି ଦୋକାନ କରିଥିଲେ । ବୁଧବାର ସକାଳେ ବିଜୟ ପଣ୍ଡାଙ୍କ ଦୋକାନକୁ ଆସିଥିଲେ ଚରମ୍ପା ଅଞ୍ଚଳର ଯୁବକ କାମେଶ ପରିଡ଼ା । ତାଙ୍କ ଦୋକାନରୁ ୧୮୦ ଟଙ୍କାର ଜିନିଷ କିଣିଥିଲେ ରମେଶ । ସେ ଫୋନ ପେ' ମାଧ୍ୟମରେ ୧୪୦ ଟଙ୍କା ଦେଇଥିଲେ । ବିଜୟ ପଣ୍ଡା ତାଙ୍କୁ ଆଉ ୪୦ ଟଙ୍କା ମାଗିଥିଲେ । ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା । ପରେ ପରେ କାମେଶ ତାଙ୍କୁ ଗାଳିଗୁଲଜ କରିବା ସହିତ ମାଡ଼ ମାରିଥିଲେ । ଶେଷରେ ବିଜୟ ପଣ୍ଡାଙ୍କୁ ସେ ଜୋରରେ ଧକ୍କା ଦେଇଥିଲେ । ଫଳରେ ବିଜୟ ତଳେ ପଡ଼ି ଅଚେତ ହୋଇ ଯାଇଥିଲେ । ସ୍ଥାନୀୟ ଲୋକ ବିଜୟଙ୍କୁ ଉଦ୍ଧାର କରି ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ବିଜୟ ପଣ୍ଡାଙ୍କୁ ମୃତ ଘୋଷଣା କରିଥିଲେ । ଘଟଣା ସଂପର୍କରେ ବିଜୟଙ୍କ ପରିବାର ଲୋକ ଟାଉନ ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ଘଟଣାର ତଦନ୍ତ କରୁଛି ।

# ନବନିର୍ମିତ ଫତେଗଡ ରାମ ମନ୍ଦିରରୁ ଚୋରି

**ନୟାଗଡ(ଅମୃତ ମିଡିଆ):** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଫତେଗଡ଼ ଗ୍ରାମ ନିକଟରେ ଥିବା ଗିରିଗୋବର୍ଦ୍ଧନ ପାହାଡ଼ ଶିଖରରେ ନବନିର୍ମିତ ଶ୍ରୀରାମ ମନ୍ଦିରରୁ ଗତ ରାତିରେ ଦୃର୍ବୃତ୍ତମାନେ ନଗଦ ୮ ଲକ୍ଷ ଟଙ୍କା ସହିତ ୧୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଠାକୁରଙ୍କ ସୁନା ଗହଣା ଲୁଟିନେଇଥିବା ଫତେଗଡ଼ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ପାଇଲା ପରେ ଫତେଗଡ଼ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଛି । ଏହି ଘଟଣାରେ ଫତେଗଡ଼ ଥାନା ପୁଲିସ ଦୁଇ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି । ଖବରରୁ ପ୍ରକାଶ ଯେ, ଗତକାଲି କାଳ ବୈଶାଖୀର ଲଗାଣ ତୁହାକୁ ତୁହା ବର୍ଷା ହେତୁ ରାତିରେ ମନ୍ଦିର ପୂଜକ ରାତ୍ରୀ ଆଳତି ପରେ ମନ୍ଦିର ପହଡ଼ ପକାଇ ଘରକୁ ଯାଇଥିଲେ । ବର୍ଷାର ସୁଯୋଗ ନେଇ ବିଳମ୍ବିତ ରାତିରେ ଦୃର୍ବୃତ୍ତମାନେ ମନ୍ଦିର ତାଲା ଭାଙ୍ଗି ନଗଦ ୮ ଲକ୍ଷ ଟଙ୍କା ସହିତ ଭକ୍ତମାନେ ଠାକୁରଙ୍କୁ ଦାନ କରିଥିବା ପ୍ରାୟ ୧୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ସୁନା ଗହଣା ଲୁଟି ନେଇଥିଲେ ।



# ମା' ବାଗେଶ୍ୱରୀ ପୀଠରେ ରାମଚରିତ ମାନସ ଓ ସମ୍ବର୍ଦ୍ଧନା

**ନିଶ୍ଚିନ୍ତକୋଇଲି (ଅମୃତ ମିଡିଆ):** କେଣ୍ଟାଳ ପଞ୍ଚାୟତ ଜୁଲୁକୀପଡ଼ା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ବାଗେଶ୍ୱରୀ ପୀଠରେ ୯ଦିନ ଧରି ରାମଚରିତ ମାନସ ଓ ପାରାୟଣ ଅନୁଷ୍ଠିତ ହୋଇଛି । ପ୍ରବଚକ ବିଭୂତି ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତ୍ୟେକ ଦିନ ହନୁମାନ ଚାଳିଶା ସହିତ ରାମାୟଣର ବିଭିନ୍ନ ଶୀର୍ଷକ ଆଲୋଚନା କରାଯାଇଥିଲା । ଏହାର ଉଦ୍‌ଯାପନୀ ଉତ୍ସବରେ ଓଏସି ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆଧାତ୍ମିକ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଅନୁଷ୍ଠାନ ପକ୍ଷରୁ ବିଶେଷ ଭାବରେ ପ୍ରବଚକ ଶ୍ରୀ ମହାରାଜଙ୍କୁ ମାନପତ୍ର, ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି । ଏହି ଅବସରରେ ଶିକ୍ଷାବିତ୍ ଡ଼ଃ ପ୍ରସନ୍ନ କୁମାର ଦାସ, ପ୍ରଭାତ ବାରିକ, ଶ୍ରୀଧର ମହାରଣା, ବିଜୟ କୁମାର ଲେଙ୍କା, ଅନାମ ବାରିକ, ଚିରଞ୍ଜିବୀ ବାରିକ, ନିରଞ୍ଜନ ଘଡ଼େଇଙ୍କୁ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ମୋ ଗାଁ ମୋ ସମ୍ମାନ ପ୍ରଦାନ କରାଯାଇଛି ।

# ମୃତକଙ୍କ ପରିବାରକୁ ସହାୟତାର ହାତ ବଢାଇଲେ ବିଧାୟକ



**ନିଶ୍ଚିନ୍ତକୋଇଲି (ଅମୃତ ମିଡିଆ):** କଟକ ସଦର ବିଧାୟକ ଚନ୍ଦ୍ରସାରଥୀ ବେହେରା ନିଶ୍ଚିନ୍ତକୋଇଲି ବ୍ଲକ ମାଣପୁର ଗ୍ରାମ ପଞ୍ଚାୟତ ବୋଦର ଗ୍ରାମର ଦୁଇ ମୃତକ ପରିବାରକୁ ସାକ୍ଷାତ କରି ସମବେଦନା ଜଣାଇବା ସହିତ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ଗତ ୧୭ ତାରିଖ ଦିନ ଏହି ଗ୍ରାମର ବସନ୍ତ ମଳିକଙ୍କ ପୁଅ ପ୍ରଶାନ୍ତ ମଳିକ(୨୦), ରବୀନ୍ଦ୍ର ମଳିକଙ୍କ ପୁଅ ବିଜୟ ମଳିକ(୨୧) ଏକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ । ବିଧାୟକଙ୍କ ସହିତ ସଦର ବ୍ଲକ ବିଜେଡ଼ି ସଭାପତି ପ୍ରମୋଦ କୁମାର ମହାପାତ୍ର, ପଞ୍ଚାୟତ ବିଜେଡ଼ି ସଭାପତି ରୁସ୍ତମ ମହମ୍ମଦ, ସରପଞ୍ଚପ୍ରତିନିଧି ଅକ୍ଷୟ କୁମାର ସେଠୀ, ସରପଞ୍ଚ ଅବଦୁଲ ୱାହିଦ୍ ଖାଁ, ସୁଶାନ୍ତ କୁମାର ସେଠୀ, ସମିତିସଭ୍ୟ ଲିୟାକତ୍ ଅଲ୍ଲୀ ଖାଁ, କୌସର ଅଲ୍ଲୀ, ସୋମନାଥ ମହାରଣା, କିଶୋର ମଳିକ, ପ୍ରଭାତ ବେହେରା, ସନ୍ତୋଷ ସ୍ୱାଇଁ, ଦେବେନ୍ଦ୍ର ପରିଡ଼ା ଉପସ୍ଥିତ ଥିଲେ ।

# ଚୋରି ଘଟଣାରେ ୬ ଗିରଫ

**ମାଲକାନଗିରି (ଅମୃତ ମିଡିଆ):** ପୁଲିସକୁ ମିଳିଛି ବଡ ସଫଳତା । ଲଗାତାର ଦୁଇଟି ଚୋରି ଘଟଣାର ପର୍ଦ୍ଦାଫାସ କରିଛି ମାଲକାନଗିରି ପୁଲିସ । ଦୁଇ ନାବାଳକ ସମେତ ୬ ଜଣ ଚୋରକୁ ଗିରଫ କରିବା ସହ ସୁନା, ଟଙ୍କା ଓ ମୋବାଇଲ ଫୋନ ଜବତ କରିଛି । ୧୧୯ କଲୋନିର କୁମୁଟି ଖରାଙ୍କ ଘରେ ଚଳିତ ମାସ ୧୦ ତାରିଖ ଦିନ ରାତିରେ ଘରେ ପଶି ୩ ଲକ୍ଷ ଟଙ୍କା ନଗଦ ସହ ସୁନା ଅଳଙ୍କାର ଚୋରି କରି ନେଇଥିଲେ । ସେହିପରି ଗତ ୨୦୨୩ ଡିସମ୍ବର ୯ ତାରିଖ ଦିନ ସ୍ଥାନୀୟ ସତ୍‌ସଙ୍ଗ ବିହାରରେ ନଗଦ ଟଙ୍କା ସହ ବିଭିନ୍ନ ଜିନିଷ ଚୋରି କରି ନେଇଥିଲେ । ପୁଲିସ ଏହି ଦୁଇଟି ଘଟଣାର ତଦନ୍ତ କରୁଥିଲା । ଚୋରଙ୍କ ସଂପର୍କରେ ପୁଲିସ ବିଶେଷ ସୂତ୍ରରୁ ଖବର ପାଇ ଚଢାଉ କରି ବସଷ୍ଟାଣ୍ଡ ନିକଟସ୍ଥ ରାଜା ସଗରିଆ(୧୯), ରିକ୍ଲାମେସନ କଲୋନିର ପବନ ନାଗ(୨୧), ୧୧୯ କଲୋନିର ସୁରୋଜ ପାଙ୍ଗି(୧୯), ବୁଟିଗୁଡାର ଆଲ୍ଲାଦିନ ହଂସାରୀ(୩୦) ଏବଂ ଦୁଇ ଜଣ ନାବାଳକକୁ ଗିରଫ କରାଯାଇଥିଲା । ଏମାନଙ୍କୁ ପଚରାଉଚରା କରିବା ପରେ ଏମାନଙ୍କ ଠାରୁ ନଗଦ ୭୫ ହଜାର ଟଙ୍କା, ସୁନାକାନ ଫୁଲ ୨ଟି, ସୁନା ହାର ଗୋଟିଏ, ଦୁଇଟି ମୋବାଇଲ ଫୋନ, ଇନଭେଟର ବ୍ୟାଟେରି, ୨ ଫ୍ୟାନ ଇତ୍ୟାଦି ଜବତ କରିଛି ପୁଲିସ । ମାଲକାନଗିରି ଥାନାରେ ପୂର୍ବରୁ ରାଜା ସଗରିଆ ଏବଂ ପବନ ନାଗଙ୍କ ନାମରେ ଅନେକ କେଶ ରହିଛି । ପୁଲିସ ଏମାନଙ୍କୁ ଦୀର୍ଘ ଦିନ ଧରି ଖୋଜୁଥିଲା । ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ନାବାଳିକମାନଙ୍କୁ ଜୁଭିନାଲ କୋର୍ଟ ପଠାଯାଇଥିବା ଜଣାପଡ଼ିଛି ।

# ନବବଧୂକୁ ଯୌତୁକ ନିର୍ଯାତନା, ଥାନାରେ ମାମଲା

**ସାଲେପୁର(ଅମୃତ ମିଡିଆ):** ବିବାହର ଦେଢ଼ବର୍ଷ ନ ପୂରୁଣୁ ଅଧିକ ୩ଲକ୍ଷ ଟଙ୍କା ଓ ବୁଲେଟ୍ ଗାଡ଼ି ଦାବି କରି ଜଣେ ନବବଧୂକୁ ତା'ର ସ୍ୱାମୀ ଓ ଶାଶୁଘର ଲୋକେ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଛନ୍ତି । ଏଥିସହିତ ଯୌତୁକ ଟଙ୍କା ନ ଆଣିଲେ ତୋତେ ଘରେ ରଖାଇଦେବୁ ନାହିଁ ବୋଲି କହି ମାରଧର କରିବା ନେଇ ନବବଧୂ ଜଣକ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି । ଅଭିଯୋଗରୁ ପ୍ରକାଶ ଯେ, ସାଲେପୁର ଥାନା ଅନ୍ତର୍ଗତ ଜପକୁଦ ଫାଣ୍ଡି ଅଧିନ କୁଅଁରପୁର ଗ୍ରାମର ନିରଞ୍ଜନ ପତିଙ୍କ ଝିଅ ସୋନାଲିନ ପତି ୨୦୨୨ମସିହା ଡିସେମ୍ବର ମାସ ୯ତାରିଖରେ ମାହାଙ୍ଗା ଥାନା ଅନ୍ତର୍ଗତ ବାଲିପଡିଆ ଗ୍ରାମର ପ୍ରସନ୍ନ ପଣ୍ଡାଙ୍କ ପୁଅ କ୍ଷିତିଶ କୁମାର ପଣ୍ଡାଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ । ବିବାହ ସମୟରେ ଶାଶୁଘରର ଦାବି ମୁତାବକ କନ୍ୟାଘର ପକ୍ଷରୁ ଯୌତୁକ ବାବଦକୁ ସୁନା ରୂପା ଅଳଙ୍କାର, ଆସବାବପତ୍ର ଓ ନଗଦ ଟଙ୍କା ଦିଆଯାଇଥିବାବେଳେ ଅଧିକ ୩ଲକ୍ଷ ଟଙ୍କା ଓ ବୁଲେଟ୍ ଗାଡ଼ି ପାଇଁ ନବବଧୂ ସୋନାଲିନ୍‌କୁ ତା'ର ସ୍ୱାମୀ, ଶାଶୁ, ଶ୍ୱଶୁର, ନଣନ୍ଦ, ନଣଦେଇ, ମଳାଶୁରମାନେ ଅଧିକାଂଶ ସମୟରେ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ସହ ଘରୁ ବାହାର କରିଦେଇଥିଲେ । ୩ଲକ୍ଷ ଟଙ୍କା ଓ ବୁଲେଟ୍ ଗାଡ଼ି ନଆଣିଲେ ତୋତେ ଘରେ ପୁରାଇ ଦେବୁ ନାହିଁ ବୋଲି ଧମକ ଦେଇଥିଲେ । ଏହା ନେଇ ସୋନାଲିନ୍ ସାଲେପୁର ଥାନାରେ ସ୍ୱାମୀ ଓ ଶାଶୁଘର ଲୋକଙ୍କ ବିରୁଦ୍ଧରେ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି । ସାଲେପୁର ପୁଲିସ ଅଭିଯୋଗକୁ ଗ୍ରହଣ କରି ସାଲେପୁର ଥାନା କେଶ୍ ନଂ୧୩୬/୨୦୨୪ରେ ଏକ ମାମଲା ରୁଜୁ କରିଥିବା ଜଣାଯାଇଛି ।

# ପୋଲ ମଝିରେ ଖାଲ, ପଡୁନି ପ୍ରଶାସନର ଦୃଷ୍ଟି

**ରେଙ୍ଗାଲି(ଅମୃତ ମିଡିଆ):** ଅତାବିରା ବସ୍ ଷ୍ଟାଣ୍ଡ ଛକରୁ ଝିଲିମିଣ୍ଡା ଆରଡ଼ି ରାସ୍ତାର ବୁଗବୁଗା ପଞ୍ଚାୟତ ବୁଗବୁଗା-ଖିରାପାଲି ମଝିରେ ରହିଛି କେଉଁଟି ନାଳା ପୋଲ । ଏହି ପୋଲ ମଝିରେ ଦୀର୍ଘ ଦିନ ହେବ ଏକ ବଡ ଗର୍ତ୍ତ ସୃଷ୍ଟି ହୋଇ ବିପଦକୁ ଆମନ୍ତ୍ରଣ କରୁଛି । ଅଞ୍ଚଳଟି କୃଷି ବହୁଳ ଅଞ୍ଚଳ ଭାବେ ବେଶ୍ ପରିଚିତ ଥିବାବେଳେ ଏହି ରାସ୍ତାରେ ପ୍ରତ୍ୟେକ ଦିନ ଛୋଟ ବଡ ଗାଡ଼ି ମଟର ସହ ଲୋକ ତଥା ସ୍କୁଲ କଲେଜ ପିଲା ଯାତାୟତ କରି ସୁରକ୍ଷିତ ମଣୁ ନାହାନ୍ତି । ପୋଲଟି ରାସ୍ତାରୁ ପାଖା ପାଖି ୮/୧୦ଫୁଟ ଖାଲୁଆ ହୋଇଥିବାବେଳେ ସାମାନ୍ୟ ବର୍ଷା ହେଲେ ପୋଲ ଉପରୁ ପାଣି ପ୍ରବାହିତ ହେବା ସହ ବର୍ଷା ଦିନେ ଯିବା ଆସିବା ଠପ୍ ହୋଇପଡେ । ଏଥିପ୍ରତି ତୁରନ୍ତ ବିଭାଗୀୟ ଉଚ୍ଚ ଅଧିକାରୀ ତଥା ବରଗଡ ଜିଲ୍ଲାପାଳ ଦୃଷ୍ଟି ଦେଇ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।



# ପୋଷ୍ଟର ଓ ପାମ୍ପଲେଟ୍ ମୁଦ୍ରଣ ଉପରେ କଟକଣା

**କଟକ (ବ୍ୟୁରୋ):** ରାଜ୍ୟରେ ଆଦର୍ଶ ନିର୍ବାଚନ ଆଚରଣ ସଂହିତା ଲାଗୁ ହେବା ପରେ ନିର୍ବାଚନୀ ପୋଷ୍ଟର ଓ ପାମ୍ପଲେଟ୍ ମୁଦ୍ରଣ ଉପରେ ଭାରତୀୟ ନିର୍ବାଚନ କମିଶନ୍ କେତେକ ନିୟମାବଳୀ ଜାରି କରିଛନ୍ତି । ନିର୍ବାଚନ ସମ୍ପର୍କିତ ସମସ୍ତ ପୋଷ୍ଟର କିମ୍ବା ପାମ୍ପଲେଟର ସମ୍ମୁଖ ଭାଗରେ ମୁଦ୍ରଣକାରୀ ସଂସ୍ଥାର ନାମ ଓ ଠିକଣା ମୁଦ୍ରିତ ରହିବା ବାଧ୍ୟତାମୂଳକ କରାଯାଇଛି । କୌଣସି ବ୍ୟକ୍ତି ନିର୍ବାଚନ ପୋଷ୍ଟର ବା ପାମ୍ପଲେଟ ମୁଦ୍ରଣ କରିବାକୁ ଚାହୁଁଥିଲେ ସେଥିରେ ମୁଦ୍ରଣକାରୀ ସଂସ୍ଥାର ପରିଚୟ ଥିବା ସତ୍ୟପାଠ, ତାଙ୍କର ଦସ୍ତଖତ ଏବଂ ସେହି ସତ୍ୟତାକୁ ସମର୍ଥନ କରୁଥିବା ଦୁଇ ଜଣ ବ୍ୟକ୍ତିଙ୍କ (ଯେଉଁମାନେ ତାଙ୍କୁ ବ୍ୟକ୍ତିଗତ ଭାବେ ଜାଣିଥିବେ) ପ୍ରତି ସ୍ୱାକ୍ଷର ରହିଥିବା ଆବଶ୍ୟକ । ଦସ୍ତାବିଜ୍‌ଟି ମୁଦ୍ରିତ ହେବା ପରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଏହି ସତ୍ୟପାଠର ନକଲ ସହିତ ଦସ୍ତାବିଜର ଏକକିତା ନକଲ ମୁଦ୍ରଣକାରୀ ସଂସ୍ଥା ନିକଟକୁ ପଠାଯିବା ସହ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟଙ୍କ ନିକଟକୁ ପଠାଯିବା ଆବଶ୍ୟକ । ଏହି ନିୟମାବଳୀର ଖିଲାପକାରୀଙ୍କୁ ଆଇନ୍ ଅନୁଯାୟୀ ଦଣ୍ଡବିଧାନ କରାଯିବ । ଏଥିସହ ଆଦର୍ଶ ଆଚରଣ ସଂହିତା ଲାଗୁ ହେବା ପରେ ଛାପା ଗଣମାଧ୍ୟମରେ କୌଣସି ରାଜନୈତିକ ଦଳ ଓ ନେତାଙ୍କ ସପକ୍ଷ ବା ବିପକ୍ଷରେ ପ୍ରକାଶ ପାଉଥିବା କୌଣସି ବିଜ୍ଞାପନ କିମ୍ବା ନିର୍ବାଚନ ସମ୍ପର୍କିତ ଘଟଣାରେ ସଂପୃକ୍ତ ସଂସ୍ଥାର ନାମ ଓ ଠିକଣା ରହିବା ବାଧ୍ୟତାମୂଳକ କରାଯାଇଛି ।

# ବର୍ଷା ଯୋଗୁଁ ଫିକାପଡିଲା ପଖାଳ ଦିବସ ପାଳନ

**କଟକ(ବ୍ୟୁରୋ):** ଆଜି ହେଉଛି ବିଶ୍ୱ ପଖାଳ ଦିବସ । ପ୍ରତିବର୍ଷ ମାର୍ଚ୍ଚ ମାସ ୨୦ ତାରିଖକୁ 'ବିଶ୍ୱ ପଖାଳ ଦିବସ' ଭାବେ ପାଳନ କରାଯାଇଥାଏ । ଏହି ଦିନଟିକୁ ଏକ ଉତ୍ସବ ଭଳି ପାଳନ କରିଥାନ୍ତି ରାଜ୍ୟବାସୀ । ବିଶେଷ କରି ଐତିହ୍ୟ ପରମ୍ପରାର ସହର କଟକରେ ଥିବା ସମସ୍ତ ହୋଟେଲ ଓ ବିଭିନ୍ନ ଅନୁଷ୍ଠାନରେ ସ୍ୱତନ୍ତ୍ର ଆୟୋଜନ କରାଯାଇଛି । ଚଳିତ ବର୍ଷ ବିଭିନ୍ନ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରି ଖୁବ୍ ଉତ୍ସାହର ସହ 'ବିଶ୍ୱ ପଖାଳ ଦିବସ' ପାଳନ କରାଯିବା ପାଇଁ ସମସ୍ତେ ଆଶାବାଦୀ ରହିଥିଲେ । ହେଲେ ବର୍ଷାପାଗ ଯୋଗୁ ସାମାନ୍ୟ ଫିକା ପଡ଼ିଛି 'ବିଶ୍ୱ ପଖାଳ ଦିବସ' । ଆଜି ବୁଧବାର ଥିବାରୁ ପଖାଳ ସହିତ ଆମିଷ ବ୍ୟଞ୍ଜନ ଚାହିଦା ଅଧିକ ରହିଛି । କିନ୍ତୁ କୋହଲା ପାଗ ପଖାଳ ଦିବସ ଉତ୍ସବ ପାଳନକୁ ଫିକା କରିଛି । ରାଜ୍ୟର ବିଭିନ୍ନ ସ୍ଥାନରେ ତୁହାକୁ ତୁହା ବର୍ଷା ହେଉଛି । ପାଗ ଥଣ୍ଡା ରହିଥିବାରୁ ଏହା ପଖାଳର ମଜାକୁ ଫିକା କରିଛି । ବର୍ଷାକୁ ନେଇ ବ୍ୟବସାୟୀ ମଧ୍ୟ ଚିନ୍ତା ପ୍ରକଟ କରିଛନ୍ତି । ପାଗ ଦୁଇ ଦିନ ଧରି ଖରାପ ରହିଥିବାରୁ ବର୍ଷା ପାଇଁ ଘରୁ ବାହାରି ପାରୁନାହାନ୍ତି ଲୋକେ । ଏହାରି ଭିତରେ ପଖାଳ ଦିବସକୁ କାଁ ଭାଁ ଲୋକେ ପାଳନ କରିଛନ୍ତି । ତେବେ ଆଜିର ଦିବସରେ ଦହି, ପୋଦିନା ପତ୍ର, ଭୃସଙ୍ଗ ପତ୍ର, ଅଦା, ଲଙ୍କା ଆଦିକୁ ଛୁଙ୍କ ଦିଆଯାଇ ପ୍ରସ୍ତୁତ କରାଯାଇଛି ଦହି ପଖାଳ । ଆଉ ତା ସାଙ୍ଗକୁ ପ୍ଲେଟରେ ସ୍ୱତନ୍ତ୍ର ଭାବେ ପରସା ଯାଇଛି ଓଡ଼ିଶାର ଘରେ ଘରେ ପରିଚିତ ପାରମ୍ପରିକ ଖାଦ୍ୟ । ଯେମିତିକି ବଡି ଚୁରା, ଆଳୁ ଭର୍ତ୍ତା, ଭଜା, କଲରା ଚିପ୍ସ, ବିଲାତି ଖଟା, ମାଛ ଭଜା , ଚିକେନ୍, ଚିଙ୍ଗୁଡ଼ି ଭଳି ଅନେକ ସୁସ୍ୱାଦୁ ଖାଦ୍ୟ ପରସା ଯାଇଛି । ପଖାଳ ଓଡ଼ିଆ ଘରର ଏକ ପ୍ରମୁଖ ଖାଦ୍ୟ ହୋଇଥିବାବେଳେ ଏହା ଦେହ ପାଇଁ ଢେର ଭଲ ବୋଲି କହିଛନ୍ତି ଗ୍ରାହକ । ତେବେ ଆଜିର ଯୁବପିଢ଼ି ଏହି ପଖାଳର ମଜା ନେବା ପାଇଁ ଛୋଟ ବଡ଼ ହୋଟେଲକୁ ଯାଇଥାନ୍ତି । ହେଲେ ବର୍ଷା କାରଣରୁ ଆଜି କଟକରେ ଏହି ମାହୋଲ ସାମାନ୍ୟ ଫିକା ପଡିଛି । ତଥାପି ଲୋକେ ଏହି ଦିବସ ପାଳନ କରିଥିବା ଦେଖିବାକୁ ମିଳିଛି । କେବଳ ହୋଟେଲ ନୁହେଁ, ଘରେ ଘରେ ମଧ୍ୟ ଏହି ଦିବସ ପାଳନ କରିଛନ୍ତି କଟକବାସୀ ।



# ଆଶାୟୀ ବିଜେଡି ପ୍ରାର୍ଥୀ ହିମାଂଶୁଙ୍କ ନାମରେ ଗୁଜବ

## ସାଇବର ଥାନାରେ ମାମଲା

**ସାଲେପୁର (ଅମୃତ ମିଡିଆ):** ସ୍ଥାନୀୟ ସାଲେପୁର ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳର ଯୁବ ସଂଗଠକ ତଥା ଲୋକସେବକ ଫାଉଣ୍ଡେସନ୍‌ର ଅଧ୍ୟକ୍ଷ ହିମାଂଶୁ କୁମାର ମହାନ୍ତିଙ୍କ ନାମରେ ସୋସିଆଲ୍ ମିଡିଆରେ ଏକ ମିଥ୍ୟା ତଥା ବିଭ୍ରାନ୍ତିକର ଗୁଜବ ପ୍ରକାଶ ପାଇଥିବାରୁ ଏହାକୁ ନେଇ ଶ୍ରୀ ମହାନ୍ତି ସାଇବର ଥାନାର ଦ୍ୱାରସ୍ଥ ହୋଇଛନ୍ତି । ଏ ସଂପର୍କରେ ସାଲେପୁର ବ୍ଲକ୍‌ର ପୀର ବଜାରଠାରେ ଥିବା ଶ୍ରୀ ମହାନ୍ତିଙ୍କ ବାସଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାନ୍ତି ଅଭିଯୋଗ କରିଛନ୍ତି ଯେ, ସୋସିଆଲ୍ ମିଡ଼ିଆରେ ତାଙ୍କ ନାମରେ ମିଥ୍ୟା ଅଭିଯୋଗ କରାଯିବା ଓ ତାଙ୍କ ଗାଡ଼ି ଗଞ୍ଜେଇ ଚୋରା ଚାଲାଣରେ କମିଶନରେଟ୍ ପୁଲିସ ଦ୍ୱାରା ଜବତ ହେବା ଭଳି ମିଥ୍ୟା ଖବର ପ୍ରକାଶ ପାଇଥିବାରୁ ସେ ଏହାର ତୀବ୍ର ନିନ୍ଦା କରିବା ସହ ତାଙ୍କର ରାଜନୈତିକ ଜୀବନରେ କଳାଦାଗ ଲଗାଇବାକୁ ତାଙ୍କ ବିରୋଧୀ ଏଭଳି ହୀନଉଦ୍ୟମ କରିଥିବା ସେ କହିଛନ୍ତି । ପ୍ରକାଶଥାଉକି, ହିମାଂଶୁ ମହାନ୍ତି ଚଳିତ ନିର୍ବାଚନରେ ସାଲେପୁର ନିର୍ବାଚନ ମଣ୍ଡଳୀରୁ ବିଜୁ ଜନତା ଦଳର ଆଶାୟୀ ପ୍ରାର୍ଥୀ ରୂପେ ବିଭିନ୍ନ ଅଞ୍ଚଳ ଗସ୍ତ କରି ଲୋକମାନଙ୍କ ସହ ସଂପର୍କ ରକ୍ଷା କରିଆସୁଛନ୍ତି । ଏପରିକି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫ଟି ସଚିବ ଭି.କେ ପାଣ୍ଡିଆନ୍‌ଙ୍କ ସହଯୋଗରେ ସେ ସାଲେପୁର ଲୋକମାନଙ୍କର ସେବା କରିବା ପାଇଁ ଆଗେଇ ଆସିଥିବାରୁ ତାଙ୍କୁ କିଛି ଚକ୍ରାନ୍ତକାରୀ ଲୋକ ଜନମାନସରେ ବଦନାମ କରିବାପାଇଁ ଏଭଳି ମିଥ୍ୟା ଖବର ପ୍ରକାଶ କରିଥିବାର ସେ ପ୍ରକାଶ କରିଛନ୍ତି । ସେ କହିଲେ ଯେ ତାଙ୍କର ଗାଡ଼ି ଏବେ ସୁଦ୍ଧା ତାଙ୍କ ଘରେ ରହିଥିବାବେଳେ ସେ ମଧ୍ୟ କେଉଁଠାରେ ଗିରଫ ହୋଇନାହାଁନ୍ତି । ଅପରପକ୍ଷରେ ତାଙ୍କର ଗାଡ଼ି ଜବତ ଓ ଗିରଫ କରାଯାଇଛି ବୋଲି ସୋସିଆଲ୍ ମିଡ଼ିଆରେ ମିଥ୍ୟା ପ୍ରଚାର କରାଯାଇଥିବାରୁ ସେ ଏହାକୁ ନେଇ ସାଇବର ଥାନାରେ ଆଶ୍ରୟ ନେଇଛନ୍ତି ବୋଲି ପ୍ରକାଶ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ବିଜେଡି ନେତା ଧ୍ରୁବଚରଣ ମହାନ୍ତି, ଦେବାଶିଷ ମଲ୍ଲିକ, ବିଶ୍ୱଜିତ୍ ଷଡ଼ଙ୍ଗୀଙ୍କ ସମେତ ବହୁ ନେତା ଉପସ୍ଥିତ ରହି ଏଭଳି ମିଥ୍ୟା ଗୁଜବକାରୀଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଥିଲେ ।



## ସମ୍ପାଦକୀୟ...

# ଶକ୍ତି ପ୍ରଦର୍ଶନ

ଦେଶର ମାହୋଲ୍ ଏବେ ସରଗରମ । ରାଜନୈତିକ ମାହୋଲ୍‌କୁ ନେଇ ଦେଶର ମାହୋଲ୍ ଏବେ ସେହିଭଳି ସ୍ଥିତିକୁ ଆସିଯାଇଛି, ଯାହାର ଫଳ ସ୍ୱରୂପ ସାରା ଦେଶର ମାହୋଲ୍ ଏବେ ଏକ ପରିବର୍ତ୍ତିତ ପରିସ୍ଥିତିର ସାମ୍ନା କରିବାକୁ ଯାଉଛି । ଭାରତରେ ଏବେ ନିର୍ବାଚନୀ ମାହୋଲ୍। କେନ୍ଦ୍ରସ୍ତରରେ ହେଉ କି ରାଜ୍ୟ ସ୍ତରରେ ହେଉ, ସବୁଠି ନିର୍ବାଚନୀ ମାହୋଲ୍। ଦିଲ୍ଲୀରୁ ପଲ୍ଲୀ ପର୍ଯ୍ୟନ୍ତ, ସବୁଆଡ଼େ ନିର୍ବାଚନ କଥା, ସବୁଆଡେ ନିର୍ବାଚନୀ ପରିବେଶ। ଗତ ୧୬ ତାରିଖ ଶନିବାର ଭାରତର ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ଉଭୟ କେନ୍ଦ୍ରରେ ଏବଂ ରାଜ୍ୟରେ ନିର୍ବାଚନ ତାରିଖ ଘୋଷଣା କରିଦେଇଛନ୍ତି। ତା' ସହିତ ସାରା ଦେଶରେ ଲାଗୁ ହୋଇଯାଇଛି ନିର୍ବାଚନ ଆଚରଣବିଧି। ଏବେ କେବଳ ନିର୍ବାଚନୀ ନାମାଙ୍କନ ପତ୍ର ଦାଖଲକୁ ଅପେକ୍ଷା। ଥରେ ନାମାଙ୍କନପତ୍ର ଦାଖଲ ହୋଇଗଲା ପରେ ଆରମ୍ଭ ହୋଇଯାଏ ପ୍ରଚାର ପ୍ରସାର। ଦେଶରେ ଏ କଥା ତ ସବୁବେଳେ ଚାଲିଛି ଏବଂ ଆଗକୁ ଚାଲିବ । ରାଜନୀତି ରହିଛି ମାନେ ପ୍ରଚାର ପ୍ରସାର ମଧ୍ୟ ରହିଛି। ବିନା ପ୍ରଚାର ପ୍ରସାରରେ କିମ୍ବା ବିନା ଭାଷଣବାଜିରେ ରାଜନୀତିର ପରିକଳ୍ପନା ବି କରାଯାଇନପାରେ । ଯାହା ଜଣେ ରାଜନେତାର ପ୍ରାଥମିକ ପରିଭାଷା, ଯାହା ଜଣେ ରାଜନେତାର ପ୍ରାରମ୍ଭିକ ପଦକ୍ଷେପ। ଜଣେ ରାଜନେତା ଅଥଚ ସେ ଭାଷଣବାଜି ଜାଣେନା, ଜଣେ ରାଜନେତା ଅଥଚ ସେ କଥା କହି ଜାଣେନା, ସେମିତି କେମିତି ସମ୍ଭବ ହୋଇପାରେ । କେବେ ନୁହେଁ, ସେଣୁ ଗୋଟାଏ କଥା ସ୍ପଷ୍ଟ ଯେ ଦୁନିଆରେ କେହି ବି ରାଜନେତା କଥା କହିବାରେ ମାଷ୍ଟର ନ ହେଲେ ବି, କଥା କହିବାରେ ତା'ର ସାମୟିକ ରାଜନୈତିକ ଜ୍ଞାନ ରହିବା ଦରକାର, କଥା କହିବାରେ ତା'ର ସାମୟିକ ରାଜନୈତିକ ଭାବଭଙ୍ଗୀ ରହିବା ଦରକାର ଯାହା ଆଗକୁ ପରିମାର୍ଜିତ ହୋଇଯିବ, ଯାହା ଆଗକୁ ପରିପକ୍ୱ ହୋଇଯିବ। ଏଣୁ କୌଣସି ବି ରାଜନେତାର ପ୍ରଥମ କାମ ହେଲା ପରିମାର୍ଜିତ ଶୈଳୀରେ କଥା କହିବାର ଅଭ୍ୟାସ କରିବା ଯାହା ସମ୍ପୂର୍ଣ୍ଣ ରାଜକୀୟ ନୁହେଁ, ବରଂ ସମ୍ପୂର୍ଣ୍ଣ ରାଜନୈତିକ ଶୈଳୀରେ ସମ୍ପନ୍ନ ହେବା ଦରକାର ଯେଉଁଥିରେ ସାମାଜିକ ମୂଲ୍ୟବୋଧ ଏବଂ ସାମାଜିକ ଦାୟିତ୍ୱବୋଧ ମଧ୍ୟ ରହିବା ଦରକାର। ଯଦି ଭାଷଣରେ ସେଭଳି ମୂଲ୍ୟବୋଧ ନାହିଁ, ତେବେ ସେଭଳି ଭାଷଣରେ ସମାଜର ସାଧାରଣ ଜନତାଙ୍କ ଉପରେ ସେମିତି ବିଶେଷ କିଛି ପ୍ରଭାବ ପଡ଼ିବାର ମଧ୍ୟ ସମ୍ଭାବନା ନାହିଁ। ଏଣୁ ଏଠାରେ ଗୋଟାଏ କଥାକୁ ସ୍ପଷ୍ଟ କରାଯାଇପାରେ ଯେ କେହି ବି ରାଜନେତା କୌଣସି ବି ସ୍ଥାନରେ କିଛି ବି ପ୍ରସଙ୍ଗ ଉପରେ ଭାଷଣ ଦେବା ପୂର୍ବରୁ , କେବଳ ନେତା ତାଙ୍କର ରାଜକୀୟ ଭାଷଣ ଶୈଳୀ ଉପରେ ଗୁରୁତ୍ୱ ନ ଦେଇ ଭାଷଣର ଗୁରୁତ୍ୱ ତଥା ଗୁଣବତ୍ତା ଉପରେ ମଧ୍ୟ ଗୁରୁତ୍ୱ ଦେବା ଦରକାର ଯାହାକୁ ସମାଜର ସାଧାରଣ ଜନତା ମଧ୍ୟ ଅତି ସହଜରେ ବୁଝିପାରିବେ । ଯାହା ଜଣେ ରାଜନେତାର ପ୍ରାଥମିକ ଲକ୍ଷଣ। ଯାହା ଜଣେ ରାଜନେତାର ପ୍ରାରମ୍ଭିକ ପଦକ୍ଷେପ। ଜଣେ ରାଜନେତା ଭାଷଣବାଜି ବିଷୟରେ ତାଙ୍କର ସାଧାରଣ ଜ୍ଞାନ ରହିବା ଦରକାର। କୌଣସି ବି ରାଜନେତାଙ୍କ ଭାଷଣ ଶୈଳୀ ବିଭିନ୍ନ ଦୃଷ୍ଟି କୋଣରୁ କେବଳ ସଠିକ୍ ନୁହେଁ ବରଂ ସଶକ୍ତ ଏବଂ ସଂଯତ ହେବା ଦରକାର। ଯାହାର ସୁପ୍ରଭାବ ସମାଜ ଉପରେ ଏବଂ ସମାଜର ସାଧାରଣ ଜନତାଙ୍କ ଉପରେ ପଡ଼ିବାର ଯଥେଷ୍ଟ ସମ୍ଭାବନା ରହିଛି । ନଚେତ୍ ନେତା କେବଳ କଥାକୁହା ନେତା ହୋଇ ରହିଯିବେ ଯେମିତି ଦେଶର ଦଳ ଦଳ ନେତା ଯେଉଁମାନେ ଅଳ୍ପ ବହୁତ ସବୁ ଦଳରେ ଅଛନ୍ତି। ସେ ରାହୁଲ୍ ହୁଅନ୍ତୁ କିମ୍ବା ମନମୋହନ୍ ଅବା ସୋନିଆ, ହେଲେ ବର୍ତ୍ତମାନ ପରିପ୍ରେକ୍ଷୀରେ ସର୍ବପ୍ରଥମେ କେବଳ ମୋଦିଜୀଙ୍କ ନାମ ନିଆଯାଇପାରେ । କାରଣ ସେ କେବଳ ଜଣେ ସାଧାରଣ ସୁବକ୍ତା ନୁହଁନ୍ତି, ସେ ଜଣେ ବିଶେଷ ଧରଣର ନେତା, ଜଣେ ପଲିଟିକାଲ୍ ମାଷ୍ଟର ମାଇଁଣ୍ଡ୍ ଯେ କି ବିଭିନ୍ନ ସମୟରେ ଭାଷଣସ୍ଥଳରେ ଭାଷଣ ପ୍ରଦାନ ସମୟରେ ତାଙ୍କର ବିଶେଷ ଶକ୍ତି ପ୍ରଦର୍ଶନ କରନ୍ତି ଯାହାକୁ ପରବର୍ତ୍ତୀ ସମୟରେ କାର୍ଯ୍ୟକ୍ଷେତ୍ରରେ ମଧ୍ୟ କରି ଦେଖାନ୍ତି । ତାହା ହିଁ ତାଙ୍କର ବିଶେଷ ଶକ୍ତି ପ୍ରଦର୍ଶନ ଯାହାକୁ ଏବେ ଜୋର୍‌ସୋର ବିରୋଧ କରିବା ଆରମ୍ଭ କରି ଦେଇଛନ୍ତି ବିରୋଧୀ ଦଳ ଯାହା ମଧ୍ୟରେ ସବୁଠାରୁ ଆଗରେ ରହିଛନ୍ତି କଂଗ୍ରେସ ନେତା ରାହୁଲ୍ ଗାନ୍ଧୀ । ରାହୁଲ୍ ଗାନ୍ଧୀ ମୋଦିଜୀଙ୍କ ଶକ୍ତି ପ୍ରଦର୍ଶନକୁ ବିରୋଧ କରି ସେ ଶକ୍ତିର ବିନାଶ କରିବା ପାଇଁ ପ୍ରସ୍ତୁତ ଅଛନ୍ତି ବୋଲି ଏଇ ନିକଟରେ ଦିଲ୍ଲୀର ଏକ ମଇଦାନରେ ଭାଷଣ ପ୍ରଦାନ ସମୟରେ ରାହୁଲ୍ ଗାନ୍ଧୀ ମତ ପ୍ରଦାନ କରିଛନ୍ତି। ହେଲେ ମୋଦିଜୀ କି ସହଜରେ ଛାଡ଼ିବା ନେତା । ସେ ତ ମାଷ୍ଟର ମାଇଁଣ୍ଡ। ସେ ବି ତା'ର ଉପଯୁକ୍ତ ଜବାବ ଦେଇଛନ୍ତି ଠିକ୍ ପରବର୍ତ୍ତୀ ସମୟରେ ତାମିଲ୍‌ନାଡୁର ଏକ ରାଲିକୁ ସମ୍ବୋଧନ କରିବା ସମୟରେ । ମୋଦିଙ୍କ ମତରେ ସେ ରାହୁଲ୍ ଗାନ୍ଧୀଙ୍କ ସମସ୍ତ ଚାଲେଞ୍ଜକୁ ସ୍ୱୀକାର କରିବା ପାଇଁ ପ୍ରସ୍ତୁତ ଅଛନ୍ତି। ହେଲେ ଦେଶର ଶକ୍ତିକୁ ନଷ୍ଟ କରିବା ନେଇ ରାହୁଲ୍ ଯେଉଁ ମନ୍ତବ୍ୟ ପ୍ରଦାନ କରିଛନ୍ତି, ତାହା ଖୋଦ୍ ରାହୁଲ୍ ଗାନ୍ଧୀଙ୍କ ପାଇଁ ଗୋଟାଏ ଚାଲେଞ୍ଜ ହୋଇ ରହିଯିବ । କାରଣ ଦେଶର ଶକ୍ତି ହିଁ ସବୁ କିଛି । ସେ ନିଜର ଜୀବନ ଦେଇ ବି ଶକ୍ତିର ରକ୍ଷା କରିବେ । କାରଣ ଶକ୍ତି ହିଁ ଦେଶର ଶକ୍ତି, ଶକ୍ତି ହିଁ ଦେଶର ଉତ୍ସ। ଶକ୍ତି ହିଁ ସବୁ କିଛି। ତେଣୁ ଆମ ସମସ୍ତଙ୍କୁ ଶକ୍ତିର ସୁରକ୍ଷା ଦିଗରେ, ଶକ୍ତିର ସମ୍ପନ୍ନତା ଦିଗରେ ଏବଂ ଶକ୍ତିର ପ୍ରଗତି ଦିଗରେ କାମ କରିବାକୁ ପଡ଼ିବ। ଆମେ ସମସ୍ତେ ମିଳିତ ଭାବେ ସେପରି ପଦକ୍ଷେପ ନେବାକୁ ପଡ଼ିବ । ଯଦି କଂଗ୍ରେସ ସେଥିରେ କିଛି ବ୍ୟତିକ୍ରମ,ତେବେ ତା'ର ମୁକାବିଲା ଜରୁରୀ।

## ଜ୍ଞାନାମୃତ

# ଆଚରଣବିଧି

ସମାଜରେ ଅନେକ ସମୟରେ ବିଭିନ୍ନ ପରିବର୍ତ୍ତନ ଆସିଥାଏ ଯାହା କେବଳ ସତ୍ ଉପାୟରେ ସମ୍ଭବ ହୋଇଥାଏ। ପରିବର୍ତ୍ତନ ଆସିବା ସୁନିଶ୍ଚିତ ହେଲେ କାହାଦ୍ୱାରା କିଭଳି ପରିବର୍ତ୍ତନ ଆସିବ ତାହା ଭିନ୍ନ କଥା, ସେହି ସାଧୁସନ୍ଥମାନଙ୍କ ସୁ'ଆଚରଣ ଏବଂ ସୁ'ଉଚ୍ଚାରଣରେ ସମାଜରେ ଅଧିକାଂଶ ଲୋକଙ୍କ ଜୀବନରେ କିଛି ନା କିଛି ପରିବର୍ତ୍ତନ ଆସିଥାଏ । ସେଥିପାଇଁ ତ ପୁରାଣ ଯୁଗରେ ମହାଭାରତର ଅନ୍ୟତମ ମୁଖ୍ୟନାୟକ ଶ୍ରୀକୃଷ୍ଣ ସେବେ ଏକ ଯୁଗାନ୍ତକାରୀ କଥା କହିଥିଲେ। ତାଙ୍କ ଭାଷାରେ ସମାଜରେ ଅଧର୍ମର ବିନାଶ କରି ଧର୍ମରକ୍ଷା କରିବା ପାଇଁ ପ୍ରଭୁ ନିଜେ ବିଭିନ୍ନ ଅବତାର ନେଇ ଜନ୍ମ ନିଅନ୍ତି । ଅନେକ ସମୟରେ ଅନେକ ସାଧୁସନ୍ଥ କିମ୍ବା ବୀର ପୁରୁଷଙ୍କ ଜରିଆରେ ପ୍ରଭୁ ତାଙ୍କର ସ୍ୱଭାବ ପ୍ରକଟ କରିବାରେ ସମର୍ଥ ହୁଅନ୍ତି। ଆଜିକୁ ଦୀର୍ଘବର୍ଷ ତଳେ ରାଜ୍ୟର ଉତ୍ତର ପ୍ରାନ୍ତରେ ଏକ ପାହାଡିଆ ଇଲାକାରେ ଛୋଟିଆ ଜଙ୍ଗଲରେ ରହୁଥିବା ଜଣେ ସାଧୁ ମହାଶୟ ସେହି ଜଙ୍ଗଲକୁ କେଉଁଠାରୁ ଆସିଲେ ଏବଂ କେବେ ଆସିଲେ, ତାହା କାହାକୁ ଜଣାନଥିଲା। ହେଲେ ସାଧୁଙ୍କ ଆଚରଣ ଏବଂ ଉଚ୍ଚାରଣ ଦ୍ୱାରା ସେ ବହୁ କମ୍ ସମୟରେ ନିକଟସ୍ଥ ଅଞ୍ଚଳରେ ଭଲଭାବରେ ପରିଚିତ ହୋଇପାରିଥିଲେ। ଧୀରେ ଧୀରେ ତାଙ୍କର ଖ୍ୟାତି ଆଖପାଖ ଅଞ୍ଚଳକୁ ବ୍ୟାପିବାରେ ଲାଗିଲା। ସାଧୁଙ୍କ ଦର୍ଶନ ସହ ତାଙ୍କର ସୁପରାମର୍ଶ ଉଦ୍ଦେଶ୍ୟରେ ପ୍ରାୟ ନିତିଦିନ ତାଙ୍କ ପାଖକୁ ଆସୁଥିଲେ ଲୋକେ। ହେଲେ ଥରେ ତାଙ୍କ ବିରୁଦ୍ଧରେ ହେବାକୁ ଲାଗିଲା ଅପପ୍ରଚାର। ଧୀରେ ଧୀରେ ତାହା ବାବାଙ୍କ ମନରେ ଆଘାତ ଦେଲା। ବାବା ସେଥିରେ ଦୁଃଖିତ ହୋଇ ସେହି ସ୍ଥାନ ଛାଡ଼ିଦେଲେ। ଜଣେ ଭଣ୍ଡବାବା ସେହି ବାବାଙ୍କ ସ୍ଥାନ ନେଇଗଲେ। ହେଲେ କିଛିଦିନ ପରେ ଭଣ୍ଡବାବାଙ୍କ ଭାଣ୍ଡାମି ଧରାପଡ଼ିଲା ଏବଂ ସେ ସେହି ସ୍ଥାନ ଛାଡ଼ି ଚାଲିଗଲେ। ଅବଶ୍ୟ ପରେ ପୁନର୍ବାର ସାଧୁବାବା ତାଙ୍କର ପୂର୍ବ ସ୍ଥାନକୁ ଫେରିଆସିଲେ ଏବଂ ଲୋକଙ୍କୁ ପୂର୍ବପରି ଉପଦେଶ ଦେଲେ। ପ୍ରକୃତରେ ଏହା ହିଁ ଥିଲା ବାବାଙ୍କ ମହାନତା ତଥା ସକ୍ଷମତା ଯାହାଙ୍କ ଜରିଆରେ ସେ ତାଙ୍କର ଅସଲ ଭାବ ପ୍ରକଟ କରିବାରେ ସମର୍ଥ ହୋଇଥିଲେ। ଏ ସବୁ କଥାରୁ ବାବାଙ୍କ ମହାନତା ପ୍ରମାଣିତ ହୁଏ ସ୍ପଷ୍ଟ ଭାବରେ। ଏଥିରୁ ବାବାଙ୍କ ସାଧୁବାଦକୁ ପ୍ରଶଂସା ନ କରି ରହିହେବନି। ସତରେ ବାବା ଥିଲେ ଜଣେ ମହାନ ସାଧୁ,ପରବର୍ତ୍ତୀ ସମୟରେ ଯାହାଙ୍କ ସତ୍ ଆଚରଣରେ **ଧୀରେ ଧୀରେ ପରିବର୍ତ୍ତନ ଆସିଲା।**

# କିଙ୍ଗ୍ କୋହଲିଙ୍କୁ ଭାରତ ରତ୍ନ କେବେ ?

**କାଳି ଦାସ**

ଭାରତ ହେଲା ୧୪୦ କୋଟି ଲୋକଙ୍କର ଦେଶ।ଖେଳର ଦୁନିଆ ରେ ଆଜି ମଧ୍ୟ ପଛ ରେ।ଅଲମ୍ପିକ ରେ ବ୍ରୋଞ୍ଜ ମେଡେଲ ମିଳିଗଲେ ବି ଆମେ ଖୁସି ହେଇଯାଉ।ଆମର ଜାତୀୟ ଖେଳ ହକି,ହକି ଠାରୁ ଆମେ ଅନେକ ଆଶା ରଖିଥାଉ କିନ୍ତୁ ଆଶା ଆଶା ରେ ହିଁ ରହିଯାଏ।କ୍ରିକେଟ ଖେଳ ରେ ହିଁ ଭାରତ ତାର ନା ରଖିପାରିଛି।୧୯୮୩ ରେ ଭାରତ ପ୍ରଥମ ଥର ପାଇଁ କ୍ରିକେଟ ବିଶ୍ୱ କପ ପାଇଥିଲା। କପିଳ ଦେବଙ୍କ କ୍ୟାପଟେନସିପ ରେ ଭାରତ ପ୍ରଥମ ଥର ପାଇଁ ବିଶ୍ୱ କପ ଜିତିଥିଲା। ତା ପର ଠାରୁ ଭାରତ ଆଉ ପଛ କୁ ଚାହିଁନାହିଁ।ଗୋଟିଏ ପରେ ଗୋଟିଏ ଶ୍ରେଷ୍ଠ କ୍ରିକେଟର ଏହି ମାଟି ରେ ଜନ୍ମ ନେଇ ଭାରତର ନା କୁ ସ୍ୱର୍ଣ୍ଣ ଅକ୍ଷର ରେ କ୍ରିକେଟ ର ଇତିହାସ ରେ ଲେଖି ଚାଲିଛନ୍ତି। ସଚିନ ତେନ୍ଦୁଲକରଙ୍କୁ କ୍ରିକେଟ ଜଗତ ରେ ଗଡ ଅଫ କ୍ରିକେଟ ଉପାଧି ଦିଆଯାଇଛି।ସଚିନ ତେନ୍ଦୁଲକର କ୍ରିକେଟ ଖେଳ ରୁ ବିଦାୟ ନେବା ପରେ ଏକ ନୂଆ ପ୍ରତିଭା ଆମ ଆଖି ଆଗ କୁ ଆସିଛି,ସିଏ ହେଲେ ବିରାଟ କୋହୋଲି। ବିରାଟ କୋହୋଲିଙ୍କ ଜନ୍ମ ୫ ନଭେମ୍ବର ୧୯୮୮ ଭାରତର ରାଜଧାନୀ ଦିଲ୍ଲୀ ସହର ରେ ହୋଇଥିଲା ବିରାଟ କୋହୋଲି ଭାରତର ଜାତୀୟ ଟିମର ପୂର୍ବତନ ଅଧିନାୟକ ଥିଲେ।ବିରାଟ କୋହୋଲି ଡାହାଣ ହାତ ଖେଳାଳି ବା ରାଇଟ ହେଣ୍ଡ ବ୍ୟାଟସମେନ ଏବଂ ରୋୟାଲ ଚ୍ୟାଲେଞ୍ଜର୍ଷ ଟିମର କ୍ୟାପଟେନ।ବିରାଟ କୋହୋଲି ଟେଷ୍ଟ ମ୍ୟାଚ କ୍ରିକେଟ ଖେଳ ରେ ୨୯ଟି ଶତକ, ୱାନଡେ ଇଣ୍ଟରନ୍ୟାସନାଲ ଖେଳ ରେ ୫୦ଟି ଶତକ,ଟି୨୦ରେ କେବଳ ଏକ ମାତ୍ର ଶତକ ଏବଂ ଆଇପିଏଲ ରେ ସାତଟି ଶତକ ମାରିଛନ୍ତି। ଆଇପିଏଲ ଖେଳ ରେ ସବୁଠୁ ଅଧିକ ଶତକ ମାରିବା ର ରେକଡ ବିରାଟ କୋହୋଲିଙ୍କ ଅଛି।ବିରାଟ କୋହୋଲିଙ୍କୁ ବିଶ୍ୱ କ୍ରିକେଟ ଇତିହାସ ରେ ଜଣେ ଉତ୍ତମ ଖେଳାଳି ବୋଲି ମାନ୍ୟତା ମିଳିଛି।ବିରାଟ କୋହୋଲି ଅଗଷ୍ଟ ୨୦୦୮ରେ ଶ୍ରୀଲଙ୍କା ବିରୋଧ ରେ ଡେବ୍ୟୁ କରିଥିଲେ। ବିରାଟଙ୍କ ଅଣ୍ଡର ୧୯ କ୍ରିକେଟ ବିଶ୍ୱ କପ ରେ ଉତ୍ତମ ଖେଳ ଖେଳିବା ଯୋଗୁ ତାଙ୍କୁ ଭାରତର ଜାତୀୟ ଟିମ ରେ ସ୍ଥାନ ମିଳିଥିଲା।ବିରାଟ ତାଙ୍କର ପ୍ରଥମ ଡ଼େବ୍ୟୁ ୱାନଡେ ଇଣ୍ଟେନ୍ୟାସନାଲ ଖେଳ ରେ ତାଙ୍କର ପ୍ରଥମ ଶତକ ମାରିଥିଲେ। ବିରାଟ କୋହଲି ଶ୍ରୀଲଙ୍କା ବିରୋଧ ରେ ୧୦୭ ରନ କରିଥିଲେ।ବିରାଟ କୋହଲି ୨୦୨୩ ବିଶ୍ୱ କପ କ୍ରିକେଟ ଖେଳ ରେ ତିନୋଟି ଅର୍ଦ୍ଧ ଶତକ ଏବଂ ତିନୋଟି ଶତକ ମଧ୍ୟ ମାରିଛନ୍ତି।୨୦୨୩ ବିଶ୍ୱ କପ କ୍ରିକେଟ ରେ ବିରାଟ କୋହୋଲି ଭାରତ ର ଲିଜେଣ୍ଡ ବ୍ୟାଟସମେନ, ଗଡ ଅଫ କ୍ରିକେଟ ସଚିନ ତେନ୍ଦୁଲକରଙ୍କୁ ପଛରେ ପକାଇ ୱାନଡ଼େ ଇଣ୍ଟରନ୍ୟାସନାଲ ଖେଳ ରେ ପଚାଶ ତମ ଶତକ ହାସିଲ କରିଥିଲେ।ବର୍ତ୍ତମାନ ୱାନଡ଼େ ଇଣ୍ଟରନ୍ୟାସନାଲ କ୍ରିକେଟ ଖେଳ ରେ ବିରାଟ କୋହୋଲିଙ୍କ ପାଖରେ ସବୁଠୁ ଅଧିକ ଶତକ ମାରିବାର ରେକଡ ଅଛି। ୨୦୨୩ ବିଶ୍ୱ କପ କ୍ରିକେଟ ଖେଳ ରେ ବିରାଟ କୋହଲି ସବୁଠୁ ଅଧିକ ରନ କରିଥିଲେ।ବିରାଟ କୋହୋଲି ୨୦୨୩ ବିଶ୍ୱ କପ ଖେଳ ରେ ୭୬୫ ରନ କରିଥିଲେ।ବିରାଟ କୋହୋଲିଙ୍କୁ ଆଇସିସି ପ୍ଲେୟାର ଅଫ ଦି ସିରିଜ ଘୋଷଣା କରାଯାଇଛି।ବିରାଟ କୋହୋଲି ବିଶ୍ୱ ରେ ସମସ୍ତ କ୍ରିକେଟ ଖେଳୁଥିବା ଖେଳାଳିଙ୍କୁ ପଛରେ ପକାଇ ନିଜ ସ୍ଥାନ କୁ ଶିର୍ଷ କୁ ଆଣିପାରିଛନ୍ତି। ବିରାଟ କୋହୋଲିଙ୍କ ଉତ୍ତମ ଖେଳର ପ୍ରଦର୍ଶନ ଯୋଗୁ ଭାରତ ଅନେକ ଥର କ୍ରିକେଟ ମ୍ୟାଚ ଓ ସିରିଜ ମଧ୍ୟ ଜିତିଛି। ୨୦୨୩ ଭାରତ ଏବଂପାକିସ୍ଥାନ ଭିତରେ ଟି ୨୦ ବିଶ୍ୱ କପ କ୍ରିକେଟ ମ୍ୟାଚ ରେ ଭାରତର ସ୍ଥିତି ବହୁତ ଖରାପ ଥିଲା ବେଳେ ବିରାଟ କୋହୋଲି ଏବଂ ହାର୍ଦିକ ପାଣ୍ଡିଆଙ୍କ ୧୨୦ ରନର ଭାଗୀଦାରୀ କରି ଭାରତୀୟ ଟିମ ପାଇଁ ଐତିହାସିକ ବିଜୟ ଆଣିଥିଲେ।ସେହି ଖେଳ ରେ ବିରାଟ କୋହୋଲି ଏବଂ ହାର୍ଦିକ ପାଣ୍ଡିଆ ଉଭୟେ ନିଜ ନିଜର ଅର୍ଦ୍ଧଶତକ ମାରିଥିଲେ।ଭାରତ କ୍ରିକେଟ ଟିମ ର ପ୍ରଥମ ଚାରି ୱିକେଟ ମାତ୍ର ୩୦ ରନ ଭିତରେ ପତନ ହୋଇଥିଲା,ସମସ୍ତ ଭାରତୀୟ କ୍ରିକେଟ ପ୍ରେମୀଙ୍କ ମନ ରେ ଉଦାସ ଭରିଦେଇ ଥିଲା। କିନ୍ତୁ ବିରାଟ ବୋଧ ହୁଏ ପଣ କରିଥିଲେ କି ସିଏ ନିଜ ୱିକେଟ ପକେଇବା କୁ ଦେବେ ନାହିଁ ଏବଂ ଭାରତ କୁ ପାକିସ୍ଥାନ ବିପକ୍ଷ ମ୍ୟାଚ ରେ ବିଜୟର ଶ୍ରୀ ଦେବେ। ବିରାଟ କୋହୋଲି ଯାହା ଚାହୁଁ ଥିଲେ ସେହା ହିଁ ହେଲା। ବିରାଟ କୋହୋଲିଙ୍କ ଶ୍ରେଷ୍ଠ ପ୍ରଦର୍ଶନ ଯୋଗୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇ ଥିଲା।ବର୍ତ୍ତମାନ କଥା ଉଠିଛି ଭାରତ ସରକାରଙ୍କ ତରଫ ରୁ ଭାରତୀୟ ଖେଳାଳି ଙ୍କୁ ଏତେ ଅଣଦେଖା କାହିଁକି କରାଯାଉଛି।ଭାରତ ସରକାର ଏବଂ ଭାରତ ଜନତା କେବେ ବୁଝିବେ ଯେ ଭାରତୀୟ ଖେଳାଳିଙ୍କ ମନବଳ ବଢାଇବା ପାଇଁ ଭାରତୀୟ ଖେଳାଳି ମାନଙ୍କୁ ଭାରତ ରତ୍ନ ମିଳିବା କଥା।ଯଦି ତାଙ୍କୁ ଭାରତ ରତ୍ନ ମିଳିବ ତାହେଲେ ଖେଳାଳି ମାନଙ୍କ ମନବଳ ବଢିବ। ଆମ ଦେଶର ରାଜନେତା ମାନଙ୍କୁ ଭାରତ ରତ୍ନ ରେ ସମ୍ମାନିତ କରାଯାଉଛି କିନ୍ତୁ ବିଦେଶ ମାଟି ରେ ତିରଙ୍ଗା ଓ ଭାରତ ପାଇଁ ଗୌରବ ଆଣୁଥିବା ଖେଳାଳି ମାନେ ଭାରତ ରତ୍ନ ସମ୍ମାନ ରୁ ବଞ୍ଚିତ ରହୁଛନ୍ତି।ବର୍ତ୍ତମାନ ସୁଦ୍ଧାକେବଳ ସଚିନ ତେନ୍ଦୁଲକରଙ୍କୁ ଏହି ସମ୍ମାନ ମିଳିଛି।ଆଗକୁ ଯଦି ଅନ୍ୟ ଖେଳାଳିଙ୍କୁ ଭାରତ ରତ୍ନ ରେ ସମ୍ମାନିତ କରାଯିବ ତାହେଲେ ଖେଳାଳିମାନେ ଖେଳ କୁ ନିଜ ଜୀବିକା କରିବା ପାଇଁ ଆଗେଇ ଆସିବେ।ରାଜନେତା କଣ କରିଛନ୍ତି ?ଅନେକ ରାଜନେତା ସାଧାରଣ ଜନତାଙ୍କ ଟିକସ ପଇସା କୁ ଲୁଟି ଛନ୍ତି କିନ୍ତୁ ଭାରତ ସରକାର କେବଳ ରାଜନେତାଙ୍କୁ ଭାରତ ରତ୍ନ ଦେବା ପାଇଁ ଆଗଭର। ତାଙ୍କୁ କୋ ଉଦ୍ଦେଶ୍ୟ ରେ ଭାରତ ରତ୍ନ ଦିଆ ଗଲା।ବିରାଟ କୋହୋଲି ଏଥିରେ ବଞ୍ଚିତ କାହିଁକି ହେଲେ।

**ବ୍ରହ୍ମପୁର,**
**ଖୋଡ଼ାସିଙ୍ଗ କଳିଙ୍ଗନଗର ,**
**ଫୋନ ନମ୍ବର - ୭୨୦**
**୫୧୦୦୮୩୯**

### ସତ୍ୟକୁ ଉଜାଗର କଲା ଭଳି କାହାଣୀ

# ବସ୍ତର ନକ୍ସଲ କାହାଣୀ

**ଗୋଲଖ ଚନ୍ଦ୍ର ଦାସ**

ହିନ୍ଦି ଚଳଚ୍ଚିତ୍ର 'ବସ୍ତର'ର ସ୍ୱତନ୍ତ୍ର ପ୍ରଦର୍ଶନ ଭୁବନେଶ୍ୱର ଏସପ୍ଲାନେଟ ମଲ୍‌ର ସିନେପଲିସ ପ୍ରେକ୍ଷାଳୟରେ ମାର୍ଚ୍ଚ ୧୪ ତାରିଖରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଗଣମାଧ୍ୟମ ଏବଂ ସାମାଜିକ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦାନ କରିଥିଲେ ।'ବସ୍ତର ଦି ନକ୍ସଲ ଷ୍ଟୋରୀ' ଚଳଚ୍ଚିତ୍ରର ଆରମ୍ଭରେ କୁହାଯାଇଛି ଯେ 'ଫିଲ୍ମର କିଛି ଦୃଶ୍ୟ ଆପଣଙ୍କୁ ବିବ୍ରତ କରିପାରେ'। କିନ୍ତୁ, ଯେତେବେଳେ ମୁଁ ସିନେମା ଦେଖୁଥିଲି ସେତେବେଳେ ଲାଗୁଥିଲା ମୁଁ ବସ୍ତରର ଜଙ୍ଗଲରେ କୌଣସି ସ୍ଥାନରେ ହଜି ଯାଇଥିଲି । ସୁଟିଂ ହୋଇଥିବା ସ୍ଥାନ ମଧ୍ୟ ଅବିକଳ ଜଙ୍ଗଲ ମଧ୍ୟରେ ଥିଲା ଭଳି ଅନୁଭୂତ ହେଉଥିଲା । ଚଳଚ୍ଚିତ୍ରର କାହାଣୀ ପ୍ରକୃତ ଘଟଣା ଦ୍ୱାରା ଅନୁପ୍ରାଣିତ । ଏହି ଚଳଚ୍ଚିତ୍ର ମାନବିକତାକୁ ହଲାଇବାରେ, ସାଧାରଣ ଜନତାଙ୍କୁ ନକ୍ସଲବାଦ ବିରୁଦ୍ଧରେ ଠିଆ କରିବାରେ ଏବଂ ବାମପନ୍ଥୀଙ୍କ ବିକୃତ ଚିନ୍ତାଧାରାକୁ ଲୋକଲୋଚନକୁ ଆଣିବାରେ ସକ୍ଷମ ଅଟେ। ମହିଳାମାନେ ବସ୍ତରରେ ନକ୍ସଲ ହିଂସାର ସବୁଠାରୁ ବଡ ଶିକାର ହୋଇଛନ୍ତି। ନକ୍ସଲ ଆତଙ୍କବାଦ, ଆଇଏସଆଇଏସ ଏବଂ ବୋକୋ ହରାମ ଭଳି ମହିଳାମାନଙ୍କ ପାଇଁ ବିପଦଜନକ । ଏହି ଚଳଚ୍ଚିତ୍ରଟି ବସ୍ତରରେ ୭୬ ସିଆରପିଏଫ୍ ଯବାନଙ୍କ ନିର୍ଦ୍ଦୟ ହତ୍ୟା ଏବଂ ଜେଏନୟୁ ପରି ବିଶ୍ୱବିଦ୍ୟାଳୟରେ ଏହାକୁ ନେଇ ବିଜୟ ଉତ୍ସବକ ପାଳନ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି ।ଏହି ଚଳଚ୍ଚିତ୍ର ଏବେ ପ୍ରମାଣିତ କରିଦେଉଛି ଯେ,ସିନେମା ଏବେ ସତ୍ୟରେ ପରିପୂର୍ଣ୍ଣ କାହାଣୀ କହିବାକୁ ପ୍ରସ୍ତୁତ । ଏ ଚଳଚିତ୍ରର ପୁରା କାହାଣୀ କ'ଣ? ଗତ କିଛି ଦଶନ୍ଧି ଧରି ଖବରକାଗଜରେ ଦୁଇ କିମ୍ବା ତିନୋଟି ସ୍ତମ୍ଭରେ ଏହାର ପୃଷ୍ଠଭୂମି କ'ଣ ଥିଲା ପ୍ରକାଶ ପାଉଛି । ତେବେ ସେହି ସମ୍ବାଦକୁ ସେହି ଲୋମଟୁଙ୍କୁରା କାହାଣୀକୁ ଚଳଚ୍ଚିତ୍ର ନିର୍ଦ୍ଦେଶକ ଜନସାଧାରଣଙ୍କୁ ଜଣାଇବାକୁ ପ୍ରସ୍ତୁତ । ସେହି ଲୋକମାନେ କିଏ ? ଯାହାର ସ୍ୱର ବର୍ଷ ବର୍ଷ ଧରି ଆମ ପାଖରେ ପହଁଚି ପାରୁନଥିଲା, କିମ୍ବା ବୋଧହୁଏ ଆମ ପାଖରେ ପହଁଚିବାକୁ ଅନୁମତି ଦିଆଯାଇନଥିଲା । ଏହା ନୁହେଁ ଯେ ନକ୍ସଲବାଦ ଏବଂ ନକ୍ସଲମାନଙ୍କ ଉପରେ ଚଳଚ୍ଚିତ୍ର ପୂର୍ବରୁ ନିର୍ମିତ ହୋଇନଥିଲା, କିନ୍ତୁ ସେ ସେମାନଙ୍କ ମଧ୍ୟରେ କେବଳ ଏକ ଚରିତ୍ର ରହିଥିଲେ । ଯେଉଁ ସମୟରେ ବସ୍ତରରେ ଏହି ଘଟଣା ଘଟିଥିଲା ସେହି ସମୟରେ ଗଣମାଧ୍ୟମ ଗୁଡିକ ମଧ୍ୟ କିଛି କିଛି ଖବର ପରିବେଷଣ କରିଥିଲେ। ଯେତେବେଳେ ବି ଆକ୍ରମଣ ହୋଇଥିଲା, ସେ ସମୟରେ ଗଣମାଧ୍ୟମ ଗୁଡ଼ିକରେ ସଂପୂର୍ଣ୍ଣ ଖବର ଆସି ପାରୁନଥିଲା ? ଏ ଘଟଣା ପାଇଁ କିଏ ଦାୟୀ, ସେ ବିଷୟରେ ବିସ୍ତାରିତ ଭାବରେ ପ୍ରକାଶିତ ହେଉନଥିଲା । ବର୍ତ୍ତମାନ ଗତ କିଛି ବର୍ଷ ହେଲା କାଶ୍ମୀର ଫାଇଲ, କେରଳ ଷ୍ଟୋରୀ କିମ୍ବା ବସ୍ତର ନକ୍ସଲ କାହାଣୀ, ସେମାନେ କେବଳ କହୁ ନାହାଁନ୍ତି, ସେମାନେ ପ୍ରଶ୍ନ ମଧ୍ୟ ପଚାରୁଛନ୍ତି। ଏହିପରି ଚଳଚ୍ଚିତ୍ରଗୁଡ଼ିକୁ ପ୍ରାୟତ ପ୍ରଚାରଧର୍ମୀ ବୋଲି କେହି କେହି କହିଥାନ୍ତି । ଏହାର କାହାଣୀ ଉପରେ ପ୍ରଶ୍ନ ଉଠିଛି କିନ୍ତୁ ଫିଲ୍ମର ନିର୍ମାତା ଭିପୁଲ ଶାହା ସାକ୍ଷାତକାରରେ କହିଛନ୍ତି ଯେ ଯିଏ ଫିଲ୍ମ କିଛି ସତ୍ୟ ଘଟଣା ଉପରେ ଆଧାରିତ ଅଟେ ଏବଂ ଏହି ଫିଲ୍ମ ପାଇଁ ସେ ଓ ତାଙ୍କର ଟିମ ବହୁତ ରିସର୍ଚ୍ଚ କରିଛନ୍ତି ।ପ୍ରାୟ ୧୨୪ ମିନିଟର ଏହି ଚଳଚ୍ଚିତ୍ରରେ ନକ୍ସଲାଇଟ୍ ହିଂସା ର ହୃଦୟ ବିଦାରକ ନିର୍ଦ୍ଦୟ ଦୃଶ୍ୟ ରହିଛି, ଯେଉଁଥିପାଇଁ ଫିଲ୍ମକୁ 'ଏ' ସାର୍ଟିଫିକେଟ୍ ଦିଆଯାଇଛି । ଆଇପିଏସ୍ ଅଧିକାରୀ ନୀରଜା ମାଧବନ୍ ଭାବରେ ଫିଲ୍ମର ନାୟୀକା ଅଦା ଶର୍ମା ବହୁତ ଶକ୍ତିଶାଳୀ ପ୍ରଦର୍ଶନ କରିଛନ୍ତି। ଯେଉଁମାନେ ଭାରତକୁ ସମସ୍ତ ପ୍ରକାର ନକ୍ସଲବାଦରୁ ମୁକ୍ତ କରିବାକୁ ସଂକଳ୍ପବଦ୍ଧ । ଚଳଚ୍ଚିତ୍ରର ଏହି ନାୟୀକା କେବଳ ଜଣେ 'ମା' କିମ୍ବା ପତ୍ନୀ ନୁହଁନ୍ତି, ସେ ଜଣେ ଯୋଦ୍ଧା, ଯାହାର ଯୁଦ୍ଧର ଅର୍ଥ ହେଉଛି ଅମାନୁଷିକ କ୍ରୁରତାର ସମ୍ମୁଖୀନ ହେବା । ଭିପୁଲ ଶାହାଙ୍କ ଫିଲ୍ମ ଦେଖିବା ପାଇଁ ସାହସ ଦରକାର। କାରଣ ନକ୍ସଲମାନେ ସେଠାରେ କିପରି ଅମାନୁଷିକ ନରସଂହାର କରିଛନ୍ତି ,ନିଜର ପୃଥକ ଶକ୍ତି ସୃଷ୍ଟି କରିଛନ୍ତି ତାହା ଫିଲ୍ମରେ ଦର୍ଶାଯାଇଛି । ଆଇପିଏସ୍ ଅଧିକାରୀ ନୀରଜା ମାଧବନ୍ (ଅଦା ଶର୍ମା) ନକ୍ସଲମାନଙ୍କୁ କିପରି ନିପାତ କରିଛନ୍ତି , ସେ କିପରି ଦେଶର ସିଷ୍ଟମ ସହିତ ଲଢିଛନ୍ତି, ତାହାର କାହାଣୀ ପରଦାରେ ଅତି ଭୟଙ୍କର ଭାବରେ ଉପସ୍ଥାପିତ ହୋଇଛି । ବର୍ତ୍ତମାନ ଏହିପରି ଚଳଚ୍ଚିତ୍ରଗୁଡ଼ିକ ଗୋଟିଏ ପରେ ଗୋଟିଏ ବକ୍ସ ଅଫିସରେ ଆସିବା ଆରମ୍ଭ କଲେଣି, ଅନେକ ଏହାକୁ ଏଜେଣ୍ଡା ଏବଂ ପ୍ରଚାର ବୋଲି କହୁଛନ୍ତି ।ନକ୍ସଲ ଆତଙ୍କବାଦର ଅତ୍ୟାଚାର ଏବଂ ବ୍ୟବସ୍ଥାରେ ଅସହାୟ ବନବାସୀମାନେ ଫସି ରହିଛନ୍ତି । ସେମାନଙ୍କର ପ୍ରକୃତ ଘଟଣା ପଦାକୁ ଆସି ପାରୁନାହିଁ । ଏହି ଚଳଚ୍ଚିତ୍ର ମାଧ୍ୟମରେ ଝାଡଖଣ୍ଡ, ଛତିଶଗଡ, କେରଳ, ପଶ୍ଚିମବଙ୍ଗ, ଓଡିଶା ପରି ଲାଲକରିଡରରେ ଥିବା ବନବାସୀମାନେ କିପରି ମାଓବାଦର ଶିକାର ହେଉଛନ୍ତି ତାହା ସମଗ୍ର ବିଶ୍ୱରେ ପହଁଚିବ ବୋଲି ଆଶା କରାଯାଉଛି । 'ବସ୍ତର: ଦି ନକ୍ସଲ ଷ୍ଟୋରି' ହେଉଛି ଛତିଶଗଡ଼ ରାଜ୍ୟର ବସ୍ତର ଓ ଏହାର ଆଖପାଖ ରାଜ୍ୟରେ ବ୍ୟାପିଥିବା ନକ୍ସଲବାଦର କାହାଣୀ । ବସ୍ତରରେ ହୋଇଥିବି ଭୟଙ୍କର ନକ୍ସଲ ଆକ୍ରମଣ ଏହି ଚଳଚ୍ଚିତ୍ରରେ ସ୍ଥାନ ପାଇଛି। ଛତିଶଗଡରେ ନକ୍ସଲ ହିଂସା ତଥା ବସ୍ତରର ବାସ୍ତବ ଜୀବନ ଘଟଣା ଉପରେ ଆଧାରିତ ଏକ ଚମତ୍କାର ଚଳଚ୍ଚିତ୍ର। ଏକ 'ମାତା'ର ଶକ୍ତି । ଚଳଚ୍ଚିତ୍ର ଆରମ୍ଭରେ, ଦେଶପ୍ରେମରେ ପରିପୂର୍ଣ୍ଣ ନକ୍ସଲ ପ୍ରଭାବିତ ଅଂଚଳର ଏକ ପରିବାର ୧୫ ଅଗଷ୍ଟରେ ଏକ ବିଦ୍ୟାଳୟରେ ଜାତୀୟ ପତାକା ଉତୋଳନ କରି 'ଜନ ଗଣ ମନ ଅଧିନାୟକ ଜୟ ହେ..' ଗୀତ ଗାଉଥିଲେ। ନକ୍ସଲମାନେ ଏହି ବିଷୟରେ ଜାଣିବା ପରେ ସେହି ପରିବାରକୁ ନିଜ କୋର୍ଟକୁ ନେଇଯାଆନ୍ତି । ଏହାପରେ ତ୍ରିରଙ୍ଗା ଉତୋଳନ କରୁଥିବା ବ୍ୟକ୍ତିଙ୍କ ଶରୀର ୩୨ ଖଣ୍ଡରେ କାଟି ଦିଆଯାଏ ।ହତ୍ୟା କରାଯାଇଥିବା ବ୍ୟକ୍ତିଙ୍କ ପତ୍ନୀ କୁହନ୍ତି, "ମୁଁ ରତ୍ନା କାଶ୍ୟପ, ମୋ ସ୍ୱାମୀ ମିଲନ କାଶ୍ୟପଙ୍କୁ ନକ୍ସଲମାନେ ହତ୍ୟା କରିଛନ୍ତି। ସେ ସମଗ୍ର ଗାମବାସୀଙ୍କ ସାମ୍ନାରେ ୩୨ ଖଣ୍ଡରେ କାଟି ତାଙ୍କ ଶହୀଦ ସ୍ତମ୍ଭକୁ ମୋ ସ୍ୱାମୀଙ୍କ ରକ୍ତରେ ମୋ ହାତରେ ରଙ୍ଗ ଦେଇ ଚିତ୍ରିତ କରିଛନ୍ତି । ମୋ ସ୍ୱାମୀଙ୍କର ଭୁଲ କ'ଣ ଥିଲା, କେବଳ ସେ ୧୫ ଅଗଷ୍ଟରେ ନିଜ ଗ୍ରାମ ବିଦ୍ୟାଳୟରେ ଭାରତୀୟ ପତାକା ଉତୋଳନ କରିଥିଲେ। ବସ୍ତରରେ ଭାରତର ଜାତୀୟ ପତାକା ଉତୋଳନ କରିବା କଣ ଭୁଲ ? ସେଥିପାଇଁ ମୋ ସ୍ୱାମୀଙ୍କୁ ମୋ ଆଖି ସାମନାରେ, ପରିବାର ସାମନାରେ, ଗ୍ରାମବାସୀଙ୍କ ସାମନାରେ ହତ୍ୟାକରାଗଲା । ସେମାନେ ମୋ ପୁଅକୁ ନେଇ ତାଙ୍କୁ ନକ୍ସଲ କରିଦେଲେ। ନକ୍ସଲମାନଙ୍କ ଘୋଷଣା ପ୍ରତ୍ୟେକ ପରିବାରର ଗୋଟିଏ ପିଲା ସେମାନଙ୍କୁ ଦେବାକୁ ପଡିବ । ଯଦି ସେମାନେ ନ ଦିଅନ୍ତି , ନକ୍ସଲମାନେ ତାଙ୍କର ସମଗ୍ର ପରିବାରକୁ ହତ୍ୟା କରନ୍ତି । ଆରେ, ବସ୍ତରର ମାତାମାନେ କ'ଣ କରିବା ଉଚିତ୍? ମୁଁ ମୋ ସ୍ୱାମୀଙ୍କ ହତ୍ୟାର ପ୍ରତିଶୋଧ ନେବାକୁ ଏବଂ ମୋ ପୁଅକୁ ଫେରାଇ ଆଣିବାକୁ ଜୀବିତ ଅଛି । ମୁଁ ଅସ୍ତ୍ର ଉଠାଇଛି ଏବଂ ବସ୍ତରରୁ ଏହି ନକ୍ସଲମାନଙ୍କୁ ହଟାଇବି। " ଏହା ହେଉଛି ଫିଲ୍ମର ପୃଷ୍ଠଭୂମି ।ମାଓବାଦୀମାନେ ଏଠାରେ ଥିବା ସିଆରପିଏଫ୍ କ୍ୟାମ୍ପ ଉପରେ ଆକ୍ରମଣ କରି ୭୬ ଜଣ ସିଆରପିଏଫ ସୈନିକମାନଙ୍କୁ କିପରି ନୃଶଂସ ଭାବେ ହତ୍ୟା କରିଥିଲେ ତାହା ଏହି ସିନେମାରେ ନିଖୁଣ ଭାବେ ବର୍ଣ୍ଣନା କରାଯାଇଛି । ନକ୍ସଲମାନେ ସେଠାରେ କିପରି ଅଲଗା ବ୍ୟବସ୍ଥା ଚଳାଇଛନ୍ତି,ସାଧାରଣ ଜନତାଙ୍କ ଜୀବନକୁ କିପରି ନଷ୍ଟଭ୍ରଷ୍ଟ କରୁଛନ୍ତି,ସରକାରଙ୍କ ବିକାଶ ଯୋଜନାକୁ କିପରି ଲୋକମାନଙ୍କ ଠାରୁ ଦୁରେଇ ରଖୁଛନ୍ତି, ଜାତୀୟ ସଂପତିକୁ ଧ୍ୱଂସ କରୁଛନ୍ତି ଏହି ସିନେମାରେ ଉଲ୍ଲେଖ ରହିଛି । ଯେଉଁମାନେ ତାଙ୍କ ବିରୋଧରେ ସ୍ୱର ଉତୋଳନ କରୁଛନ୍ତି, ସେମାନଙ୍କୁ ଅତି ନୃଶଂସ ଭାବରେ ହତ୍ୟା କରାଯାଉଛି । ଲୋକମାନଙ୍କ ମନରେ ଭୟ ସଂଚାର କରାଯାଉଛି। ଯାହାଦ୍ୱାରା ଭବିଷ୍ୟତରେ ଆଉ କେହି ତାଙ୍କ ବିରୁଦ୍ଧରେ ଯାଇ ପାରିବେନି କି ସ୍ୱର ଉତୋଳନ କରି ପାରିବେନି । ସଲୱା ଜୁଡମ ସଂଗଠନ ନକ୍ସଲର ପ୍ରତିରୋଧ ପାଇଁ ଛିଡା ହୋଇଥିବା ବେଳେ ପ୍ରଶାସନ ଠାରୁ ଆରମ୍ଭ କରି ନ୍ୟାୟିକ ବ୍ୟବସ୍ଥା ପର୍ଯ୍ୟନ୍ତ ସମସ୍ତେ କିପରି ନକ୍ସଲମାନଙ୍କ ସିଷ୍ଟମ ସହିତ ଅଛନ୍ତି ତାହା ଏହି ସିନେମାରେ ଦର୍ଶାଯାଇଛି । ଏହି ଚଳଚ୍ଚିତ୍ରଟିରେ ଦର୍ଶାଯାଇଛି ଯେ ନକ୍ସଲମାନେ କିପରି ଦେଶକୁ ଅତି କମରେ ୩୦ ଖଣ୍ଡରେ ବିଭକ୍ତ କରିବା ପାଇଁ ଏକ ବିପଜ୍ଜନକ ଷଡଯନ୍ତ୍ର କରୁଛନ୍ତି। ଭାରତ ବିରୋଧୀ ଅଭିଯାନ ପାଇଁ ଭାରତର ଶକ୍ତିଶାଳୀ ଗଣତନ୍ତ୍ରକୁ ଦୁର୍ବଳ କରିବା ପାଇଁ ତଥା ବିଦେଶୀ ପାଣ୍ଠି ପାଇବା ପାଇଁ ବାମପନ୍ଥୀ ଶକ୍ତିଗୁଡିକ କିପରି ସେମାନଙ୍କ ଚକ୍ରାନ୍ତ ଚଳାନ୍ତି । ବିଶ୍ୱବିଦ୍ୟାଳୟ, ନ୍ୟାୟପାଳିକା ଏବଂ ମିଡିଆ ଜଗତ ପରି ବିଭିନ୍ନ ଅନୁଷ୍ଠାନମାନଙ୍କରେ ସେମାନଙ୍କର ଅନୁପ୍ରବେଶ ଦେଶର ସାମାଜିକ ତଥା ରାଜନୈତିକ ବାତାବରଣକୁ ପ୍ରଦୂଷିତ କରିଥାଏ ।ଆଇପିଏସ୍ ଅଧିକାରୀ ନୀରଜା ମାଧବନ୍ (ଅଦା ଶର୍ମା) ନିଜେ ଗର୍ଭବତୀ ଥାଇ ନକ୍ସଲମାନଙ୍କ ସହ ଅତି ସାହସର ସହ ମୁକାବିଲା କରି ତାଙ୍କୁ କିପରି ସେଠାରୁ ତଡି ପାରିଛନ୍ତି ତାହାକୁ ଅଭିନେତ୍ରୀ ଅଦା ଶର୍ମା ଖୁବ ନିଖୁଣ ଭାବେ ନିଜ ଅଭିନୟ ଚତୁରୀରେ ଦେଖେଇ ପାରିଛନ୍ତି । ପ୍ରଶାସନଠୁ ଆରମ୍ଭ କରି ନ୍ୟାୟିକ ବ୍ୟବସ୍ଥା ପର୍ଯ୍ୟନ୍ତ ସମସ୍ତେ କିପରି ନକ୍ସଲମାନଙ୍କ ସିଷ୍ଟମ ସହିତ ଅଛନ୍ତି ତାହା ମଧ୍ୟ ଫିଲ୍ମରେ ଦର୍ଶାଯାଇଛି । ଚଳଚିତ୍ରରେ 'ସଲୱା ଜୁଡୁମ' ସଂଗଠନ ବିଷୟରେ ମଧ୍ୟ ଦେଖାଯାଇଛି । ନକ୍ସଲ ଶକ୍ତିକୁ ପ୍ରତିହତ କରିବାପାଇଁ ୨୦୦୫ରେ ଏହି ସଂସ୍ଥା ସୃଷ୍ଟି ହୋଇଥିଲା । ସରକାର ନିଜେ ଏହି ସଂଗଠନକୁ ପ୍ରୋତ୍ସାହନ ଦେଉଥିଲେ । ସେତେବେଳେ ପ୍ରାୟ ସମସ୍ତେ ମୁକ୍ତକଣ୍ଠରେ ସ୍ୱୀକାର କରିଥିଲେ ଯେ 'ସଲୱା ଜୁଡୁମ' ହିଁ ଏକମାତ୍ର ସଂଗଠନ ଯିଏ ନକ୍ସଲମାନଙ୍କୁ ଟକ୍କର ଦେଇପାରିବ ।

କିଛି ଲୋକ ସେମାନଙ୍କର ନ୍ୟସ୍ତ ସ୍ୱାର୍ଥ ପୂରଣ କରିବା ଏବଂ ଛତିଶଗଡର ବିପୁଳ ଧନକୁ କାବୁ କରିବା ପାଇଁ ନକ୍ସଲ ହିଂସାକୁ ପ୍ରୋତ୍ସାହିତ କରୁଥିଲେ ଏବଂ ବସ୍ତର ଗ୍ରାମରେ ବିକାଶ ଘଟୁ ନଥିଲା। ସରକାରୀ ଓକିଲମାନଙ୍କର ସମସ୍ତ ପ୍ରମାଣ ରହିବା ପରେ ମଧ୍ୟ କୋର୍ଟ ବାମପନ୍ଥୀ ଓକିଲଙ୍କ ସପକ୍ଷରେ ରାୟ ଦେଇଛନ୍ତି ଏବଂ ବିକୃତ ରାଜନୀତି ଏବଂ ମାନସିକତା କାରଣରୁ ନକ୍ସଲବାଦ ହିଂସା ଦ୍ୱାରା ପୀଡିତଙ୍କ ଉପରେ ଅତ୍ୟଧିକ ଭୟଙ୍କର ଅତ୍ୟାଚାର ଘଟଣାର ଅନୁସନ୍ଧାନ କରିବା ପରିବର୍ତ୍ତେ କୋର୍ଟ ଏହାର ରାୟ ନକ୍ସଲଙ୍କ ସପକ୍ଷରେ ଦେଇଛନ୍ତି। ଆଇପିଏସ୍ ଅଧିକାରୀ ନୀରଜା ମାଧବନ (ଅଦା ଶର୍ମା) ଙ୍କ ବିରୋଧରେ ଏକ ନ୍ୟାୟିକ ତଦନ୍ତ କମିଶନ ଗଠନ କରାଯାଇଛି ।କାହାଣୀର ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ଅତ୍ୟନ୍ତ ଉଚ୍ଚକୋଟୀର । ପ୍ରଯୋଜକ କହିବା କଥା ଫିଲ୍ମରେ ଯାହା ଦେଖାଯାଇଛି ପ୍ରକୃତ କାହାଣୀ ତାହାଠାରୁ ଢେର ଅଧିକ ଅଟେ । ଫିଲ୍ମର ଶେଷରେ ନୀରଜା ମାଧବନଙ୍କ ସଂଳାପ ଅତ୍ୟନ୍ତ ଶକ୍ତିଶାଳୀ ଏବଂ ଦେଶପ୍ରେମରେ ପରିପୂର୍ଣ୍ଣ । ଚଳଚ୍ଚିତ୍ରର ସମସ୍ତ ଚରିତ୍ର ଶସକ୍ତ ଅଭିନୟ କରିଛନ୍ତି । ନାୟୀକା ଅଦା ଶର୍ମାଙ୍କ ବ୍ୟତୀତ ବାମପନ୍ଥୀ ଓକିଲ ଭୂମିକାରେ ରାମିଆ ସେନ୍, ଅଙ୍ଗସା ବିଶ୍ୱାସ ଏବଂ ଇନ୍ଦିରା ତିୱାରୀଙ୍କ ଭୂମିକା ବହୁତ ଭଲ ହୋଇଛି । ନିର୍ଦ୍ଦେଶକ ସୁଦୀପ୍ତ ସେନ୍ କହିଛନ୍ତି ଯେ ଏହି ଚଳଚ୍ଚିତ୍ରଟି ଦଶ ବର୍ଷର ଗଭୀର ଅନୁସନ୍ଧାନର ଫଳାଫଳ । ସୁଦୀପ୍ତ ମାଓବାଦୀ ସଂଗ୍ରାମକୁ ଅତି ନିକଟରୁ ଦେଖିଛନ୍ତି। ୧୯୬୭ ମସିହାରେ ମାଓବାଦୀ ସଂଗ୍ରାମ ଆରମ୍ଭ ହୋଇଥିଲା ଏବଂ ବର୍ତମାନ ପର୍ଯ୍ୟନ୍ତ କେବଳ ବସ୍ତର ଜିଲ୍ଲାରେ ୧୭ ହଜାର ପୋଲିସ କର୍ମଚାରୀ ସହିଦ ହୋଇଛନ୍ତି। ଏହି ଚଳଚ୍ଚିତ୍ରଟି ଜନସାଧାରଣଙ୍କ ସାମ୍ନାରେ ବାମପନ୍ଥୀଙ୍କ ଉଗ୍ରବାଦୀ ଚିନ୍ତାଧାରାର ବାସ୍ତବତାକୁ ପ୍ରକାଶ କରୁଛି। ସିନେମା ଶେଷପରେ ପ୍ରେକ୍ଷାଳୟରୁ ବାହାରି ଅନେକ ବୁଦ୍ଧିଜୀବୀ ତାଙ୍କର ମତ ପ୍ରକାଶ କରିଛନ୍ତି । ଓଡିଶାର ବରିଷ୍ଠ ସ୍ତମ୍ଭଲେଖକ, ଆଲୋଚକ ଅଧ୍ୟାପକ ନିରଞ୍ଜନ ପାଢୀ ଙ୍କ ମତରେ ଏହା ଏକ ଭିନ୍ନ ସ୍ୱାଦର ଚଳଚିତ୍ର। ଆମେ ଯଦି ବ୍ୟବସାୟରୁ ଉର୍ଦ୍ଧ୍ୱକୁ ଉଠି ଏହି ଚଳଚିତ୍ର ଉପରେ ବିଚାର କରିବା ତେବେ ଏହା ଏକ ଜାତୀୟତାବୋଧ ସୃଷ୍ଟି କଲା ଭଳି ଚଳଚିତ୍ର। ଏଥିପାଇଁ ସେ ନିର୍ଦ୍ଦେଶକ, କଳାକାରମାନଙ୍କୁ ସାଧୁବାଦ ଜଣାଇଛନ୍ତି। ଭାରତରେ ଜାତୀୟ ଚେତନା ସୃଷ୍ଟି କରିବା ପାଇଁ ଏ ଚଳଚିତ୍ର ଏକ ମାଧ୍ୟମ ହେବ। ବାମବାଦର ଏହି କଳୁଷିତ ଉଗ୍ରବାଦ ଦ୍ୱାରା କିପରି ଦେଶର କ୍ଷତି ହେଉଛି, ମା ପୁଅକୁ ହରାଉଛି, ସ୍ତ୍ରୀ ସ୍ୱାମୀକୁ ହରାଉଛି, ସମଗ୍ର ଭାରତରେ ଯେଉଁ ବିଭିଷିକା ସୃଷ୍ଟି ହୋଇଛି ସେହି ବିଭିଷିକା ବିରୋଧରେ ଏହା ଏକ ଦୃଢ ଯବାବ । ବାମବାଦ ଯେତେବେଳେ ଉଗ୍ରବାଦ ରୂପ ନିଏ ବା ନକ୍ସଲଚିନ୍ତା ଧାରା ଦେଶର ବିକାଶ କରେ ନାହିଁ ବରଂ ଦେଶର ସ୍ଥିରତାକୁ ନଷ୍ଟ କରେ,ଅସ୍ଥିରତା ସୃଷ୍ଟିକରେ,ଜାତୀୟ ଜୀବନକୁ ପ୍ରଭାବିତ କରେ, ତେଣୁ ଏହାକୁ ଯେମିତି ହେଉ ଦମନ କରାଯାଉ । ସରକାର ଦମନ କରନ୍ତୁ କି ଲୋକମାନେ ଦମନ କରନ୍ତୁ,ଏହା ଦେଶ ପାଇଁ ହିତକର । ଏହି ବାର୍ତା ବସ୍ତର ଚଳଚିତ୍ରରୁ ଶିକ୍ଷା ମିଳୁଛି । ଦେଶ ପାଇଁ ସମାଜ ପାଇଁ ଏହିଭଳି ସୁନ୍ଦର ବାର୍ତା ଦେଉଥିବା ଚଳଚିତ୍ର କେବେ ଆଗରୁ ଆସିନଥିଲା । ଜେଏନୟୁ ସଂପର୍କରେ ସାମ୍ବାଦିକମାନଙ୍କ ପ୍ରଶ୍ନର ଉତରରେ ଅଧ୍ୟାପକ ପାଢୀ କହିଲେ ଯେ, ଜେଏନୟୁରେ ଯେଉଁ ବାମବାଦର ପ୍ରଚାର ଚାଲିଛି ସେମାନେ ଠିକ୍ ବାଟ ଦେଖାଉ ନାହାଁନ୍ତି । ଯଦି କୌଣସି ମାର୍ଗ ଦର୍ଶକ ଜେଏନୟୁର ଶୀକ୍ଷାର୍ଥୀଙ୍କୁ ଠିକ୍ ମାର୍ଗ ଦର୍ଶନ କରାନ୍ତେ ତାହା ହେଲେ ସେମାନେ ଭୁଲ ବୁଝିପାରନ୍ତେ ଓ ଫେରିଆସନ୍ତେ । ଦିନେ ସମୟ ଆସିବ ସେମାନେ ଠିକ୍ ବାଟରେ ଫେରି ଆସିବେ ।

**ଘିଗିଡିଆ, ବାରୁଅ, କେନ୍ଦ୍ରାପଡା**
**ମୋ-୯୮୬୧୦୬୯୫୫୩**





## ୫ ବାପା ଛେଉଣ୍ଡ ଝିଅଙ୍କ ପାଖକୁ ପହଞ୍ଚିଲା ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ



**କଳାହାଣ୍ଡି(ଅମୃତ ମିଡିଆ) :** ମଙ୍ଗଳବାର ଧର୍ମଗଡ ବ୍ଲକ ଛଞ୍ଚାଣବାହାଲୀ ପଂଚାୟତ ପଲସପାଣି ଗ୍ରାମର ୫ ବାପା ଛେଉଣ୍ଡ ଝିଅ ଙ୍କ ପାଖକୁ ପହଞ୍ଚିଲା ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ। ସୂଚନା ଥାଉକି ଗତ ୧୧/୨ ତାରିଖ ଦିନ ଗ୍ରାମର ରାଧେ ପୁଝାରୀ ନାମକ ଜଣେ ବ୍ୟକ୍ତି ମାନସିକ ସ୍ଥିତି ହରାଇ ଆତ୍ମହତ୍ୟା କରିଥିଲେ । ଫଳରେ ୫ଝିଅ ତୀରାସ ପୁଝାରୀ (୧୪) ଦୂର୍ମୀଳା ପୁଝାରୀ (୧୨) ନିଳାବତୀ (୧୦) ଗୋଲାପି (୮) ନିଲୁ ବାପା ଛେଉଣ୍ଡ ହୋଇଥିବା ବେଳେ ସ୍ତ୍ରୀ ଇନ୍ଦ୍ରା ପୁଝାରୀ ଓ ବୁଢ଼ୀ ମା ଅମ୍ବିକା ପୁଝାରୀ ଅସହାୟ ହୋଇ ପଡ଼ିଥିଲେ । ମଙ୍ଗଳବାର ଦିନ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଗୁରୁ ପ୍ରସାଦ ନାଏକ, ସୁଧାଂଶୁ ଶେଖର ମହାପାତ୍ର, ଚାଇଲ୍ଡ ଲାଇନ ସଦସ୍ୟ ଦୁଷ୍ମନ୍ତ କେତକୀ, ଜାଗେଶ୍ୱର ନିଆଲ, ସମାଜସେବୀ ଡଗମାଳିଆ ନାଏକ ଅସହାୟ ପରିବାରଙ୍କ ପାଖରେ ପହଞ୍ଚି ୫ଝିଅଙ୍କ ସମସ୍ତ ସୁବିଧା, ଅସୁବିଧା ବୁଝିବା ସହ ସେମାନଙ୍କୁ ସରକାରଙ୍କ ନିୟମ ଅନୁଯାୟୀ ସହଯୋଗ କରାଯିବ ବୋଲି କହିଥିଲେ । ଏପରିକି ପାଠ ପଢା ପାଇଁ ମା ଓ ଛୁଆଙ୍କ ଇଚ୍ଛା ଅନୁଯାୟୀ ଜୟନ୍ତପୁର କନ୍ୟାଶ୍ରମ ରେ ଥଇଥାନ କରାଯିବା ନେଇ ଉପରସ୍ଥ ଅଧିକାରୀଙ୍କୁ ଜଣାଇ ଦିଆଯିବ ବୋଲି କହିଛନ୍ତି ଶିଶୁ ସୁରକ୍ଷା ବିଭାଗ କର୍ମଚାରୀ ସୁଧାଂଶୁ ଶେଖର ମହାପାତ୍ର ।

## ବଜ୍ରାଘାତରେ ଜଣେ ମୃତ, ଜଣେ ଗୁରୁତର



**ନୂଆପଡ଼ା(ଅମୃତ ମିଡିଆ) :** ନୂଆପଡ଼ା ଥାନା ଅନ୍ତର୍ଗତ ଝାଞ୍ଜିମୁଣ୍ଡା ଗାଁରେ ବଜ୍ରାଘାତରେ ଜଣେ ଯୁବକଙ୍କ ଜୀବନ ଚାଲିଯାଇଛି । ମୃତକ ଯୁବକ ଝାଞ୍ଜିମୁଣ୍ଡା ଗାଁର ହେମସିଂ ମାଝୀ(୩୩) । ସୂଚନାମୁତାବକ, ଝାଞ୍ଜିମୁଣ୍ଡା ଗାଁର ହେମସିଂ ଲିମପଡାପୋଖରୀ ନିକଟରେ ଏକ ଇଟାଭାଟି କରିଛନ୍ତି । ଆଜି ଝଡ ତୋଫାନ ସହ ବର୍ଷା ହେବାରୁ ଇଟାଭାଟିକୁ ବର୍ଷାରୁ ରକ୍ଷା କରିବା ପାଇଁ ଜରି ଢ଼ାଙ୍କୁଥିଲେ । ଏହି ସମୟରେ ଅଚାନକ ବଜ୍ରଘାତ ହୋଇଥିଲା । ହେମସିଂଙ୍କ ଉପରେ ବଜ୍ରଘାତ ପଡ଼ିବାରୁ ଘଟଣା ସ୍ଥଳରେ ମୃତ୍ୟ ହୋଇଥିଲା। ଏନେଇ ପରିବାର ଲୋକେ ନୂଆପଡା ପୁଲିସ ଖବର ଦେଇଥିଲେ । ପରେ ନୂଆପଡା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଜବତ କରି ନୂଆପଡା ଜିଲ୍ଲା ମୂଖ୍ୟ ଚିକିସ୍ଥାଳୟକୁ ଅଣାଯାଇଥିଲା । ସନ୍ଧ୍ୟାରେ ଶବ ବ୍ୟବଚ୍ଛେଦ କରି ପରିବାରେ ଲୋକଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ନୂଆପଡା ପୁଲିସ କହିଛନ୍ତି। ଆଜି ଅପରାହ୍ନରେ ନୂଆପଡ଼ା ଥାନା ଟାନୱାଟ ଗାଁର ଲାଇବନ ଶବର ଗାଁ ନିକଟ ଜଙ୍ଗଲକୁ ଛେଳି ଚରାଇବାକୁ ଯାଇଥିଲେ । ଏହି ସମୟରେ ବଜ୍ରାଘାତ ହେବାରୁ ଲାଇବାନ ଗୁରୁତର ଆହତ ହୋଇଥିଲେ । ପରିବାର ଲୋକେ ଲାଇବାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିସ୍ଥାଳୟରେ ଭର୍ତ୍ତି କରିଛନ୍ତି । ତେବେ ଘଟଣା ସ୍ଥଳରେ ଦୁଇଟି ଛେଳିର ମୃତ୍ୟୁ ହୋଇଥିଲା ।

## ଟ୍ରାଫିକ ସମସ୍ୟା ସମାଧାନ କରାଯିବ - ଏସ୍‌ଡିପିଓ



**ଜୟପୁର(ଅମୃତ ମିଡିଆ) :** ଜୟପୁର ଏସଡିପିଓ ଭାବେ ଆଇପିଏସ ଅଙ୍କିତ କୁମାର ବର୍ମା ଦାୟିତ୍ୱ ନେଇଛନ୍ତି । ଦାୟତ୍ୱ ନେବା ପରେ ଆଜି ଏସଡିପିଓ ଙ୍କ କାଯ୍ୟାଳୟରେ ସାମ୍ବାଦିକ ଙ୍କ ସହ ଆଲୋଚନା କରିଛନ୍ତି । ଟ୍ରାଫିକ ସମସ୍ୟାର ସମାଧାନ କରାଯିବ, ଆଇନଶୃଙ୍ଖଳା ବ୍ୟବସ୍ଥା ସୁଧାର ଉପରେ ଗୁରତ୍ୱ ଦିଆଯିବ । ଆଗାକୁ ସାଧାରଣ ନିବାଚନ ଥିବାରୁ ଅପରାଧିକ ମାନଙ୍କ ଉପରେ ନଜର ରହିଛି । ଫେରାର ଅଭିଯୁକ୍ତ ମାନଙ୍କୁ ମଧ ଗିରଫ କରାଯାଇଛି । ଜନ ସାଧାରଣ ପୋଲିସ କୁ ସହ ଯୋଗକରନ୍ତୁ । ଯାହାବି ଅପରାଧିକ ଘଟଣା ଦେଖିଛନ୍ତି ତୁରନ୍ତ ପୋଲିସ ସୁଚନା ଦେବାକୁ ଅନୁରୋଧ କରାଯାଇଛି । ସହରରେ ସିସିଟିଭି ଅଧିକ ଲଗାଯିବ । ଅପରାଧିକ କାଯ୍ୟକଳାପ କରୁଥିବା ଅପରାଧି ଙ୍କ ଉପରେ ଦୃଢ କାଯ୍ୟନୁଷ୍ଠାନ ଗ୍ରହଣ କରାଯିବ । ସାଧାରଣ ନିବାଚନ ନେଇ ଗହଳି ରହୁଥିବା ଛକ ସ୍ଥାନରେ ଅଯଥା ଗହଳି ନକିରବା ସହିତ ଉପଖଣ୍ଡର ସମସ୍ତ ପ୍ରବେଶ ଦ୍ୱାର ଓ ମୁଖ୍ୟ ଛକରେ ଅତ୍ୟାଧୁନିକ ସିସି କ୍ୟାମେରା ସହିତ ଆବଶ୍ୟକତା ମୁତାବକ ପୋଲିସ ଫୋର୍ସ ସବୁସ୍ଥାନରେ ମୁତୟନ କରାଯାଇଛି । ସହରରେ ପେଟ୍ରୋଲିଂ କୁ କଡା କଡି କରାଯିବ । ସହରରେ ଗଳି କନ୍ଦିର ଦେଶି ମଦ ବିକ୍ରୟକୁ ରୋକ ଲଗାଇବା, ଠିପି ବନ୍ଦ ଦୋକାନରେ ଠିପି ଖୋଲା ବିକ୍ରୟ କୁ ବନ୍ଦ କରିବା ଓ ଗହଳି ନକରିବା, ଫାମ୍ପୁଣିରେ ଦେଶି ମଦ କାରବାର ଓ କାଠ ଚାଲାଣ ଗଞ୍ଜେଇ ଚାଲାଣ କୁ ରୋକ ଲଗାଇବା, ସହରେ ରଡ ରୋମିୟ ମାନଙ୍କ ଉପରେ ନଜର ରଖିବା ସହ ସ୍ପିଡ ବାଇକ ଚାଳକ ମାନଙ୍କ ଉପରେ ମଧ ପୋଲସ ନଜର ରଖିବ । ସହରେ ଚୋରି ଲୁଟ, ବଢୁଥିବାରୁ ତାହାକୁ ନିୟନ୍ତ୍ରଣ ଆଣିବାକୁ ପୋଲିସ ଉଦ୍ୟମ କରିବ ।

## ଚତୁର୍ଥ ହଂସ ଧ୍ୱନି କାର୍ଯ୍ୟ କର୍ମ ଅନୁଷ୍ଠିତ



**ବାସୁଦେବପୁର (ଅମୃତ ମିଡିଆ) :** ବାସୁଦେବପୁର ବ୍ଲକ ଅନ୍ତର୍ଗତ ଗୁଆ ଗଡ଼ିଆ ଗ୍ରାମ ପଞ୍ଚାୟତ ରେ ମିର୍ଜାପୁର ଠାରେ ସରସ୍ୱତୀ ସଙ୍ଗୀତ ମହାବିଦ୍ୟାଳୟ ର ଚତୁର୍ଥ ହଂସ ଧ୍ୱନି କାର୍ଯ୍ୟ କର୍ମ ଦୁଇ ଦିନ ଧରି ଅନୁଷ୍ଠିତ ହୋଇ ଯାଇଛି। ପ୍ରଥମ ଦିନ ରେ ସଭାପତି ମନ୍ମଥ ଅଗସ୍ତି ଙ୍କ ସଭାପତିତ୍ୱ ରେ ଶିକ୍ଷାବିତ୍ ସୁଦର୍ଶନ ଅଗସ୍ତି, ଶୁଭଶ୍ରୀ ମୁଖାର୍ଜୀ, ଦେବକୀ ନନ୍ଦନ ଚୌଧୁରୀ, କବି ବିକାଶ ଶତପଥୀ ଯୋଗ ଦେଇଥିଲେ। ଶ୍ରୀ ନିବାସ ଖଟୁଆରି, ମନିଶ ଅଗସ୍ତି ମଞ୍ଚ ସଂଯୋଜନା କରିଥିଲେ। ଏହି ଅବସର ରେ ନୃତ୍ୟ ଗୁରୁ ପଦ୍ମଶ୍ରୀ ଅରୁଣା ମହାନ୍ତି ଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେହିପରି ଦ୍ୱିତୀୟ ଦିନ ରେ ଗୁରୁ ବିଚିତ୍ର ନନ୍ଦ ସ୍ୱାଇଁ , ନଟବର ମହାରାଜ, ସଞ୍ଜୟ କୁମାର ପାଣିଗ୍ରାହୀ ଯୋଗ ଦେଇ ଥିଲେ। ଦୁଇ ଦିନ ର କାର୍ଯ୍ୟ କର୍ମ ରେ ସମ୍ପାଦକ ସମୀର ପାଣିଗ୍ରାହୀ ବିବରଣୀ ପ୍ରଦାନ କରିଥିବା ବେଳେ ଶ୍ରୀ ନିବାସ ଘଟୁଆରୀ ଓ ମନୀଷ ଅଗସ୍ତି ସଂଯୋଜନା କରିଥିଲେ। ଦୁଇ ଦିନ ରେ ଓଡ଼ିଶୀ ନୃତ୍ୟ, ସମ୍ବଲ୍ ପୁରୀ ନୃତ୍ୟ, ବଂଶୀ ବାଦନ, ଭଳି ଅନେକ ସାଂସ୍କୃତିକ କାର୍ଯ୍ୟ କର୍ମ ଅନୁଷ୍ଠିତ ହୋଇ ଯାଇଛି।

## ଭ୍ରାମ୍ୟମାଣ ଅତ୍ୟାଧୁନିକ ବସ୍ ଜରିଆରେ ରକ୍ତଦାନ ଶିବିର

**କଳାହାଣ୍ଡି(ଅମୃତ ମିଡିଆ) :** କଳାହାଣ୍ଡି ଜିଲ୍ଲା, ନର୍ଲା ସହରରେ ଆଜି ସକାଳ ୧୦ ଘଣ୍ଟା ସମୟରେ ଏକ ଭ୍ରାମ୍ୟମାଣ ଅତ୍ୟାଧୁନିକ ବହୁମୁଖି,ସେବା ଉପଲବ୍ଧ ବସ ଭିତରେ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଭ୍ରମଣ କାରୀ ବସ ଭିତରେ ନର୍ଲା ଓ ନାର୍ଲାରୋଡ ମଣ୍ଡେଲ ପ୍ରଭୃତି, ଅଞ୍ଚଳର ବହୁ ବଦାନ୍ୟ ବ୍ୟକ୍ତି ଓ ମହିଳାମାନେ ସ୍ୱଇଚ୍ଛାକୃତ ଭାବରେ ରକ୍ତ ଦାନ କରିଛନ୍ତି । ଏହି ଭ୍ରମଣ କାରୀ ରକ୍ତ ଦାନ ଶିବିର ଟିକୁ କଳାହାଣ୍ଡି ଜିଲ୍ଲାରେ ପ୍ରଥମ କରି ଏହି ସେବା ନର୍ଲା ଅଞ୍ଚଳର ଜଣେ ସମାଜ ସେବୀ ମହିଳା ଶାନ୍ତି ମାଝୀ ଓ, ଚାଳକ ସଂଘର ମିଳିତ ଉଦ୍ୟମ ରେ,ଆୟୋଜନ କରାଇ ଥିବା ଜଣାପଡିଛି । ଏହି ନୂତନ ସେବାକୁ ଲୋକେ ଆକୃଷ୍ଟ ହୋଇ ପଡିଥିବା ଦେଖିବାକୁ ମିଳିଛି। ଆଜିର ଏହି କ୍ୟାମ୍ପ ରେ ପାଖାପାଖି ୪୦, ୟୁନିଟରୁ ଅଧିକ ରକ୍ତ ସଂଗ୍ରହ ହୋଇଥିବା ସୂଚନା ରହିଛି ଏବଂ ଏଥିରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୃଷ୍ଣ ଚନ୍ଦ୍ର ସାହୁ,ସଞ୍ଜୀବ କୁମାର ମହାକୁଡ଼, ଗିରିଶ ନାୟକ ପ୍ରମୁଖ ଯୋଗ ଦେଇଥିଲେ ।



## ଶୁଖିଲା ପଡିଛି ମହାରାଣୀସାଗର
# ସ୍ଥାନୀୟ ଅଞ୍ଚଳରେ ଜଳସଂକଟ



**ବଲାଙ୍ଗୀର(ଅମୃତ ମିଡିଆ) :** ବଲାଙ୍ଗୀର ସହରରେ ରାଜୁଡା ଅମଳରୁ ଥିବା ବିଶାଳ ପୁଷ୍କରିଣୀ ମହାରାଣୀସାଗର ଚଳିତବର୍ଷ ଶୁଖିଲା ପଡିଛି। ବଲାଙ୍ଗୀର ପୌରପାଳିକା ପକ୍ଷରୁ ଏହାର ପୁନଃରୁଦ୍ଧାର କାମ କରାଯିବାକୁ ହିଡ କଟାଯାଇ ଜଳନିଷ୍କାସନ କରାଯାଇଛି । ତେବେ ଏହି ବିଶାଳ ପୁଷ୍କରିଣୀର ଜଳକୁ ସଂପୂର୍ଣ୍ଣ ଶୁଖାଇ ଦେବାରୁ ଆଖପାଖ ରୁଗୁଡିପଡା, ସାଗରପଡା, ତୁଳୀନଗର, ଇଚ୍ଛାପଡା ଅଞ୍ଚଳରେ ବ୍ୟାପକ ଜଳସଂକଟ ଦେଖାଦେଇଛି । ଏହି ଅଞ୍ଚଳର କୂଅଗୁଡିକର ମଧ ଜଳସ୍ତର କମିଯାଇଛି । ଅନେକ କୂଅ ଶୁଖିଗଲାଣି । ସେପଟେ ଯେଉଁ ଗରୀବ ଲୋକମାନେ ଏହି ପୁଷ୍କରିଣୀରେ ଗାଧୋଇବା ପାଇଁ ନିର୍ଭର କରୁଥିଲେ ସେମାନେ ସମସ୍ତେ ଅସୁବିଧାରେ ରହିଛନ୍ତି। ଗତ ଦୁଇମାସ ହେଲା ମହାରାଣୀ ସାଗରର ଜଳନିଷ୍କାସନ ହୋଇଛି । କିନ୍ତୁ ପଙ୍କ ଶୁଖିପାରୁନଥିବାରୁ ମେସିନ ଲଗାଇ କାମ କରାଯାଇ ପାରୁନାହିଁ। ସହରାଞ୍ଚଳ ବିକାଶ ଅମୃତ ୨.୦ ଯୋଜନାରେ ପ୍ରାୟ ୧୨କୋଟି ଟଙ୍କା ମଞ୍ଜୁର ହୋଇଛି । ସ୍ଥାନୀୟ ସ୍ୱୟଂସହାୟୀକା ଗୋଷ୍ଠୀମାନଙ୍କୁ ଏହିକାମ କରିବାକୁ ଦାୟିତ୍ୱ ଦିଆଯାଇଛି । ଏସଏଚଜି ମହିଳାମାନେ ଗତ ଏକମାସ ତଳେ କାର୍ଯ୍ୟାଦେଶ ପାଇଲେଣି । କିନ୍ତୁ କାମ ଆରମ୍ଭ କରିନାହାଁନ୍ତି । ଯାହା ଫଳରେ ସ୍ଥାନୀୟ ଲୋକଙ୍କ ମଧ ଅସନ୍ତୋଷ ଦେଖାଦେଇଛି । ସ୍ଥାନୀୟ ମହିଳାମାନେ କହିଛନ୍ତି ଯେ,ଗରୀବଲୋକମାନେ ଗାଧୋଇବାକୁ ଏହି ମହାରାଣୀସାଗର ପାଣି ଉପରେ ନିର୍ଭର କରିଆସୁଥିଲେ । ଯଦିଓ ଏହାର ପୁନଃରୁଦ୍ଧାର କର୍‌ାଯାଉଛି ସେହି ସମୟରେ ସାଗରର କିଛି ଅଂଶରେ ଖୋଳି ଗାତ କରିଦେଲେ ସେଠାରେ ପାଣି ଜମିଯାଆନ୍ତା । ଯାହାକି ଲୋକଙ୍କ ଗାଧୋଇବା କାମରେ ଲାଗିପାରନ୍ତା । କିନ୍ତୁ ପୌରପାଳିକା ତାହା କରାଉନାହିଁ। ସେଥିପାଇଁ ଲୋକଙ୍କର ନାହିଁ ନଥିବା ଅସୁବିଧା ହେଉଛି। ଲୋକଙ୍କର ଏହି ଦାବିକୁ ନେଇ ପୌରାଧକ୍ଷା ଲିକା ସାହୁଙ୍କୁ ପଚାରିବାରୁ ଲୋକଙ୍କ ସୁବିଧା କରାଇବାକୁ ନିର୍ବାହୀଅଧିକାରୀଙ୍କୁ କୁହାଯାଇଛି ବୋଲି କହିଛନ୍ତି । ସେପଟେ ପୌରପାଳିକାର ଯନ୍ତ୍ରୀ ଦାୟୀତ୍ୱରେ ଥିବା ଇଂ.ପ୍ରଶାନ୍ତ ନାଏକଙ୍କୁ ପଚାରିବାରୁ ପୋଖରୀର ପଙ୍କ ଓଦା ରହିଛି ତେଣୁ ମେସିନ ଲଗାଇ କାମ କରାଯାଇ ପାରୁନାହିଁ । ଇଚ୍ଛାପଡା ପଟେ କାମ ଆରମ୍ଭ ହୋଇଛି । ଖୁବ ଶୀଘ୍ର ଲୋକଙ୍କୁ ଦାବିକୁ ଗ୍ରହଣ କରି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି । ପ୍ରକାଶ ଯେ,ବଲାଙ୍ଗୀର ସହରର ୧୨୫ ଏକର ପରିମିତ ମହାରାଣୀସାଗର ଅନେକବର୍ଷ ପର୍ଯ୍ୟନ୍ତ ଅବହେଳିତ ହୋଇପଡିରହିଥିଲା । ପୂର୍ବରୁ କ୍ଷୁଦ୍ରଜଳସେଚନ ବିଭାଗ କିଛମାତ୍ରାରେ କାମ କରାଇଥିଲା । କିନ୍ତୁ କେତେକ ଅଞ୍ଚଳ ଜବରଦଖଲକୁ ଚାଲିଯାଇଥିବା ବେଳେ ଏବେ ପ୍ରାୟ ୭୫ଏକର ଜମିରେ ପୋଖରୀଟି ରହିଛି । ରାଜ୍ୟ ହାଉସିଂବୋର୍ଡ ଅଧକ୍ଷ ଥିବା କଳିକେଶନାରାୟଣ ସିଂଦେଓଙ୍କ ଉଦ୍ୟମରେ ରାଜ୍ୟସରକାର ୧୨କୋଟି ଟଙ୍କାର ଅନୁଦାନ ଦେଇ ପୁନଃରୁଦ୍ଧାର ପାଇଁ ପଦକ୍ଷେପ ନେଇଛନ୍ତି । ପୌରପାଳିକାର ତୁରନ୍ତ ଏନେଇ ପଦକ୍ଷେପ ନେଇ ଲୋକଙ୍କର ସୁବିଧା କରାଇବାକୁ ଜନସାଧାରଣରେ ଦାବି ହେଉଛି ।

## ଶ୍ରମିକ କର୍ମଚାରୀ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦାବିପତ୍ର



**ଜୟପୁର(ଅମୃତ ମିଡିଆ) :** ଶ୍ରମିକ କର୍ମଚାରି ମିଳିତ କ୍ରିୟାନୁଷ୍ଠାନ କମିଟି ଜୟପୁର ତରଫରୁ ରାଜ୍ୟପାଳ ଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ପ୍ରଦାନ କରାଯାଇଛି । ଜିଲା ଶ୍ରମ ଅଧିକାରି ବୃନ୍ଦାବନ ସେଠୀଙ୍କ ଜରିଆରେ ୫ଦଫା ଦାବି ପତ୍ର ପ୍ରଦାନ କରାଯାଇଛି । ସେବା କାଗଜ କଳ, କେସିସି ବ୍ୟାଙ୍କ, ପରିବହନ କର୍ମଚାରି ଙ୍କୁ ନେଇ ମିଳିତ କ୍ରିୟାନୁଷ୍ଠାନ ତରଫରୁ ଦାବି ପତ୍ର ପ୍ରଦାନ କରାଯାଇଛି । ଉକ୍ତ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି ଯେ ସେବା କାଗଜ କଳ ଶ୍ରମିକ ମାନଙ୍କୁ ମାସ ମାସ ଧରି ଦରମା ଦେଉ ନାହିଁ । ଅବସର ପ୍ରାପ୍ତ ମୃତ ଶ୍ରମିକଙ୍କ ପରିବାରକୁ ପି.ଏଫ ଗ୍ରାଚ୍ୟୁଇଟି ବକେୟା ପାଉଣା କିଛି ମିଳୁ ନାହିଁ । ତେଣୁ କାଗଜ କଳର ଚାରୋଟି ୟୁନିୟନ ଓ ମ୍ୟାନେଜମେଣ୍ଟର ମିଳିତ ବୈଠକ ଡକାଇବା ସହ ମ୍ୟାନେଜମେଣ୍ଟକୁ ଆସିବାରୁ ବାଧ କରାଯାଉ, କାଗଜ କଳ, କେସିସି ବ୍ୟାଙ୍କ, ପରିବହନ ବିଭାଗର ଅବସର ପ୍ରାପ୍ତ ଓ ମୃତ ଶ୍ରମିକ କର୍ମଚାରି ମାନଙ୍କ ଗ୍ରାଚ୍ୟୁଇଟି କେସ୍ ତ୍ୱରାନ୍ୱିତ କରାଯାଉ, ବିଭିନ୍ନ ଆଳରେ ତାରିଖ ଘୁଞ୍ଚାଇ ବୃଦ୍ଧାବସ୍ଥାରେ ଶ୍ରମିକ ମାନଙ୍କୁ ହୈରାଣ ହରକତ କରାନଯାଉ, ସବନିମ୍ନ ମଜୁରୀ ଆଇନକୁ କଡାକଡି ଭାବରେ ଲାଗୁ କରିବା ପାଇଁ ଜୟପୁର ଓ କୋରାପୁଟ ଜିଲାର ସମସ୍ତ ଶିଳ୍ପ ଓ ବ୍ୟବସାୟିକ ପ୍ରତିଷ୍ଠାନରେ ଆଇନ ଅନ୍ତର୍ଗତ ତନଖି କରି ଶ୍ରମିକ ମାନଙ୍କୁ ନ୍ୟାୟ ଦିଆଯାଉ । ଇପିଏଫ ପେନସନର୍ସ ମାନଙ୍କୁ ସବନିମ୍ନ ୯ ହଜାର ଟଙ୍କା ପେନସନ ସହ ମହଙ୍ଗା ଭତ୍ତା ଦେବା ସହ ସମସ୍ତଙ୍କୁ ବିଜୁ ସ୍ୱାସ୍ଥ୍ୟ ସେବା ସୁବିଧାରେ ଅନ୍ତଭୁକ୍ତ କରାଯାଉ ଆଦି ଦାବି ରହିଛି । ଏହି ଦାବି ପତ୍ର ପ୍ରଦାନ ସମୟରେ ଯୁଧିଷ୍ଠିର ରାଉଳ, ପ୍ରମୋଦ ମହାନ୍ତି, ଉମା କାନ୍ତ ରଥ, ପ୍ରଦୀପ ପାଞ୍ଜିଆ ପ୍ରମୁଖ ଉପସ୍ଥିତ ଥିଲେ ।

## ତାଲପାଲିପଡ଼ା ରାମଜୀମନ୍ଦିର ରତ୍ନମୁଦ ସ୍ଥାପିତ



**ବଲାଙ୍ଗୀର(ଅମୃତ ମିଡିଆ) :** ବଲାଙ୍ଗୀର ସହରର ୪ନମ୍ବରୱାର୍ଡର ତାଲପାଲିପଡାରେ ବହୁବର୍ଷ ଅବହେଳିତ ହୋଇପଡିରହିଥିବା ମନ୍ଦିରର ପୁନଃନିର୍ମାଣ ଚାଲିଛି । ସ୍ଥାନୀୟ ପଡାବାସୀଙ୍କ ଉଦ୍ୟମରେ ଆରମ୍ଭ ହୋଇଥିବା ଏହି ମନ୍ଦିରକାମ ଶେଷପର୍ଯ୍ୟାୟରେ ପହଞ୍ଚିଛି । ଆଜି ଏହାର ରତ୍ନମଦ ସ୍ଥାପିତ ହୋଇଛି । ସ୍ଥାନୀୟ ପଡାବାସୀଙ୍କ ଉଦ୍ୟମରେ ଆଜି ସୁନ୍ଦରାକାଣ୍ଡ ସହ ରତ୍ନମୁଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ହୋମଯଜ୍ଞ କରାଯାଇ ମନ୍ଦିରର ପବିତ୍ରତାସ କରାଯାଇଛି । ଗତକାଲି ସଂଧାରେ ପଡାର ମହିଳାମାନେ କଳସ ଶୋଭାଯାତ୍ରା କରି ପଡାପରିକ୍ରମା କରିଥିଲେ । ନିକଟସ୍ଥ ପୋଖରୀରୁ ଶୁଦ୍ଧଜଳ କଳସୀରେ ଆଣି ମନ୍ଦିରରେ ରଖାଯାଇଥିଲା । ତାଲପାଲିପଡାର ଦେବାନନ୍ଦ ପଟେଲ ଓ ଜୟନ୍ତି ପଟେଲ କର୍ତ୍ତାଦାୟୀତ୍ୱ ତୁଲାଇଥିଲେ । କଅଗାଁର ସୁଶାନ୍ତ ମିଶ୍ର ପୂଜକ ରହିଥିବା ବେଳେ ଦୀପକ ମିଶ୍ର ସୁନ୍ଦରାକାଣ୍ଡ ପାଠ କରିଥିଲେ । ଦୀପକଙ୍କ ସମଧୁରକଣ୍ଠରେ ଉପସ୍ଥିତ ଭକ୍ତ ବିଭୋର ହୋଇଯାଇଥିଲା । ରତ୍ନମୁଦ କାର୍ଯ୍ୟକ୍ରମରେ ବଲାଙ୍ଗୀର ରାଜପରିବାରର ସଦସ୍ୟ ତଥା ପୂର୍ବତନସାଂସଦ କଳିକେଶନାରାୟଣ ସିଂଦେଓ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ । ସେହିପରି ପୌରାଧକ୍ଷା ଲିକା ସାହୁ,ବିଜେଡିର ରାଜ୍ୟ ସଂପାଦକ ପ୍ରଦ୍ୟୁତ ମିଶ୍ର ମଧ ଯୋଗଦେଇଥିଲେ । ପୂର୍ବତନ କାଉନସିଲର ଅଶ୍ୱିନୀ ପୁଟେଲ,ଯୁବନେତା ଚନ୍ଦ୍ରମଣୀ ତ୍ରୀପାଠୀ,ରାଜକିଶୋର ପୁଟେଲ,ନରେନ୍ଦ୍ର ପଟେଲ, ରାଜ୍ୟସରକାର ଗତ କିଛିଦିନ ମଧରେ ମନ୍ଦିରଗୁଡିକର ରୂପାନ୍ତରଣ କରାଉଛନ୍ତି । ସେହିକ୍ରମରେ ତାଲପାଲିପଡାବାସୀଙ୍କ ଅନୁରୋଧ କ୍ରମେ ଏହି ରାମଜୀମନ୍ଦିର ପାଇଁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ଉନ୍ନୟନପାଣ୍ଠିରୁ ୬ଲକ୍ଷ ଟଙ୍କାର ଅନୁଦାନ ମଞ୍ଜୁର ହୋଇ କାମ ଚାଲିଛି । ପୌରପାଳିକା ପକ୍ଷରୁ ରାମଜୀ ସ୍ୱୟଂସହାୟିକା ଗୋଷ୍ଠୀ ଏହାର କାମ କରାଉଛନ୍ତି । ଆଜି ଏହାର ରତ୍ନମୁଦ ସ୍ଥାପନ କରାଯାଇଛି । ରତ୍ନମୁଦ ପାଇଁ ସହରର ଶ୍ରଦ୍ଧାଳୁମାନେ ଧାନ,ଅଷ୍ଟଧାତୁ ଓ ସୁବର୍ଣ୍ଣାଦି ପ୍ରଦାନ କରିଥିଲେ । ହଜାର ହଜାର ଶ୍ରଦ୍ଧାଳୁ ମନ୍ଦିରଉପରକୁ ଚଢି ରତ୍ନମୁଦ ପକାଇଥିଲେ ।

## କରଞ୍ଜିଆ ଓକିଲ ସଂଘ ନିର୍ବାଚନ
# ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ



**ବାରିପଦା /କରଞ୍ଜିଆ(ଅମୃତ ମିଡିଆ) :** ଓଡ଼ିଶା ବାର ଆସୋସିଏସନ୍ ନିର୍ଦ୍ଦେଶ ମତେ ଚଳିତ ବର୍ଷ କରଞ୍ଜିଆ ଓକିଲ ସଂଘ ନିର୍ବାଚନ ମାର୍ଚ୍ଚ ୩୦ ତାରିଖରେ ହେବାକୁ ଯାଉଥିବାବେଳେ ନାମାଙ୍କନପତ୍ର ଯାଞ୍ଚ ପ୍ରତ୍ୟାହାର ପ୍ରକ୍ରିୟା ପରେ ଆଜି ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପ୍ରକାଶ ପାଇଛି । ସଭାପତି ପଦ ପାଇଁ ବାଞ୍ଛାନିଧି ପୃଷ୍ଟି ଓ ମଦନମୋହନ ମହାନ୍ତ, ଉପସଭାପତି ପଦ ପାଇଁ ପଙ୍କଜବାସିନୀ ମହାନ୍ତି ଓ ଗୌରାଙ୍ଗ ବାରିକ୍, ସମ୍ପାଦକ ପଦ ପାଇଁ ଦିବ୍ୟ ପ୍ରସାଦ ସାହୁ ଓ ଓ୍ୱିନ୍ଦ୍ର ମହାନ୍ତ, ଯୁଗ୍ମ ସମ୍ପାଦକ ପଦ ପାଇଁ ସରୋଜ କୁମାର ରାଉଳ ଓ ସପନ କୁମାର ଶତପଥୀ,କୋଷାଧକ୍ଷ ପଦ ପାଇଁ ବାବୁରାମ ବେଶ୍ରା ଓ ସୁବ୍ରତ କୁମାର ମହାନ୍ତି, କାର୍ଯ୍ୟକାରୀ ସଦସ୍ୟ ପଦ ପାଇଁ ପିପୁନ କୁମାର ସାହୁ,ସନ୍ତୋଷ କୁମାର ପ୍ରଧାନ,ଦୀପକ କୁମାର ପାତ୍ର,ମନୋଜ କୁମାର ମହାନ୍ତି, ଜିତେନ୍ଦ୍ର ବାରିକ ଏଂ ଦୁଇଟି ମହିଳା ସଦସ୍ୟା ପଦ ପାଇଁ ସୁବର୍ଣ୍ଣ ଧୁଙ୍ଗିଆ, ସରସ୍ୱତୀ ପାତ୍ରଙ୍କ ନାମାଙ୍କନ କାଏମ ରହିଥିବା ନିର୍ବାଚନ ଅଧିକାରୀ କାହ୍ନୁଚରଣ ଗିରି,ସହକାରୀ ନିର୍ବାଚନ ଅଧିକାରୀ ଅନୁପମା କର ଓ ସୁଧିର କୁମାର ସେଠୀ ସୂଚନା ଦେଇଛନ୍ତି । ୩୦ ତାରିଖରେ ନିର୍ବାଚନ ପରେ ସେହିଦିନ ଫଳାଫଳ ମଧ ଘୋଷଣା କରାଯିବ ବୋଲି ମଧ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ସୂଚନା ଦିଆଯାଇଛି ।

## ଜୟପୁର ଅବକାରୀ ବିଭାଗର ଚଢ଼ଉ , ୩ ଗିରଫ

**ଜୟପୁର(ଅମୃତ ମିଡିଆ) :** ଜୟପୁର ଅବକାରି ନିରିକ୍ଷକ କାଯ୍ୟାଳୟ ତରଫରୁ ଚଢାଉ କରି ୩ ଅଭିଯୁକ୍ତ କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ମୁଳାସର ଗ୍ରାମର ସୁନାଦେଇ ହରିଜନ, ସୁନା ଧର ହରଜନ ଓ ମଞ୍ଜୁ ହରିଜନ । ଅବକାରି ବିଭାଗ ସୁଚନା ଅନୁଯାଇ ଦେଶି ମଦ ଚାଲାଣ ପାଇ ପ୍ରସ୍ତୁତ ହେଉଥିବା ବେଳେ ମୁଳାସର ଗ୍ରାମ ନିକଟ କ୍ଷେତରେ ଚଢାଉ କରାଯାଇଛି । ଚଢାଉ କରି ୩ ଅଭିଯୁକ୍ତ କୁ ଗିରଫ କରି ସେ ମାନଙ୍କ ଠାରୁ ୧୨୦ ଲିଟର ଦେଶି ମଦ ଜବତ କରାଯାଇଛି । ଚଢାଉରେ ଡିଏସଇ ସ୍ୱାଗତିକା ମହାନ୍ତି ଙ୍କ ନେତୃତ୍ୱରେ ଅବକାରି ନିରିକ୍ଷକ ଶଶି କାନ୍ତ ଦତ୍ତ ଚଢାଉ କରିଥିଲେ ।

## ଉତ୍କଳ ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

**ଜୟପୁର(ଅମୃତ ମିଡିଆ) :** ଜୟପୁର ଯାଦବ ଭବନ ଠାରେ ଉତ୍କଳ ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ସଭାପତି ମଦନ ମୋହନ ନାୟକଙ୍କ ସଭାପତିତ୍ୱରେ ସଗଂଠନ ସମ୍ପାଦକ ପରମେଶ୍ୱର ପାତ୍ର ଓ ନବିନ ମାଦଳାଙ୍କ ଆହ୍ୱାନ କ୍ରମେ ଏହି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଓଡିଆ ଭାଷାର ପ୍ରଚାର ପ୍ରସାର ବିକାଶ ସହ କୁଇଜ ପ୍ରତିଯୋଗିତା ଓ ସମ୍ବଦ୍ଧନା କାଯ୍ୟକ୍ରମ କରାଯିବା ପାଇ ନିଷ୍ପତ୍ତି ହୋଇଛି । ଏହି ବୈଠକରେ ସମ୍ପାଦକ ରାଜେନ୍ଦ୍ର ଗୌଡ, ଉପଦେଷ୍ଟା ଚନ୍ଦ୍ରକାନ୍ତ ସୁତାର, ସତ୍ୟ ନାରାୟଣ ପରିଚ୍ଛା,ଶ୍ରୀନିବାସ ନାୟର, ଚନ୍ଦନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଖଗି ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ ।

# ଓଡ଼ିଆଙ୍କ ପାଇଁ ପଖାଳ ଅମୃତ ସଦୃଶ



**ବ୍ରହ୍ମପୁର (ଅମୃତ ମିଡିଆ):** ବୁଧବାର ବିଶ୍ୱ ପଖାଳ ଦିବସ। ଏହି ଦିବସ ଆସିଲେ ଓଡ଼ିଆଙ୍କ ପଖାଳ କଂସାର କଥା ମନକୁ ଆସେ। ବିଶେଷ କରି ଖରାଦିନେ ପଖାଳ ଓଡ଼ିଆଙ୍କ ଅତି ଆବଶ୍ୟକ ହେଉଥିବାରୁ ସମସ୍ତେ ଏହି ଦିବସକୁ ସ୍ୱାଗତ କରିଥାନ୍ତି।

ସାଧାରଣତଃ ଧନୀଠାରୁ ଗରିବ ପର୍ଯ୍ୟନ୍ତ ସଭିଏଁ ପଖାଳକୁ ପ୍ରାଥମିକତା ଦେଇଥାନ୍ତି। ଏହା ଖରାଦିନରେ ଶରୀରରେ ଜଳୀୟ ଅଂଶ ବୃଦ୍ଧି କରାଇ ସତେଜ ରଖିଥାଏ। ପଖାଳ ସହିତ ଲୋକେ ବଡ଼ି ଚୁରା, ଶୁଖୁଆ, ଶାଗ ଭଜା, ଆଳୁ ଭର୍ତ୍ତା, ଜହ୍ନିପୋଡ଼ା ଆଦି ମିଶାଇ ଖାଇଥାନ୍ତି। ୨୦୧୫ରୁ ମାର୍ଚ୍ଚ ୨୦ ତାରିଖକୁ ପଖାଳ ଦିବସ ଭାବେ ପାଳନ କରାଯାଉଛି। ଓଡ଼ିଶା ସମେତ ବାହାରେ ରହୁଥିବା ଓଡ଼ିଆମାନେ ଏହି ଦିବସର ମହତ୍ୱକୁ ବୁଝୁଛନ୍ତି। ପଖାଳର ଲୋକପ୍ରିୟତା ବୃଦ୍ଧି ନିମନ୍ତେ ଲୋକେ ହ୍ୱାଟସଅପ, ଫେସବୁକ, ଇନଷ୍ଟାଗ୍ରାମରେ ବର୍ଣ୍ଣନା କରି ଏହି ପାରମ୍ପରିକ ଖାଦ୍ୟ ସହ ବ୍ୟଞ୍ଜନର ଫଟୋ ସେୟାର କରୁଥିବା ଦେଖିବାକୁ ମିଳୁଛି।

ଯେବେଠାରୁ ପଖାଳ ଦିବସ ଆରମ୍ଭ ହୋଇଛି ସେବେଠାରୁ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ହୋଟେଲଗୁଡିକରେ ମଧ ପଖାଳର ଚାହିଦା ବୃଦ୍ଧି ପାଇଛି। ତେଣୁ ହୋଟେଲଗୁଡ଼ିକରେ ପଖାଳ ସହିତ ଅନ୍ୟାନ୍ୟ ବଞ୍ଜନ ପରଷାଯାଉଛି। ଦହି ପଖାଳ, ଗରମ ପଖାଳ, ତୋରାଣୀ ପଖାଳ ଆଦି ବିଭିନ୍ନ ହୋଟେଲରେ ମିଳୁଛି। ରେଶମ ସହର ବ୍ରହ୍ମପୁରରେ ଖରାଦିନେ ଆସିଲେ ନନ୍ଦନ ହୋଟେଲରୁ ଆରମ୍ଭ କରି ଡ଼ାଲମା, ସତ୍ୟସାଇ, ଭୁବନେଶ୍ୱରୀ ପ୍ରତ୍ୟେକ ହୋଟେଲରେ ପଖାଳ ମିଳୁଛି। ୮ ବର୍ଷ ପୂର୍ବେ ମାତ୍ର ୩୫ ରୁ ୪୦ ଟଙ୍କା ମଧରେ ଆରମ୍ଭ ହୋଇଥିବା ପଖାଳ କଂସା ଏବେ ସହରରେ ୧୦୦ରୁ ୧୫୦ ଟଙ୍କାରେ ବିକ୍ରି ହେଉଛି।

ପଖାଳ ଖାଇବାକୁ ଲୋକଙ୍କ ଭିଡ ମଧ ହେଉଛି। ଏଥିରୁ ପଖାଳର ଚାହିଦା କେତେ ଅଧିକା ତାହା ଏଥିରୁ ବୁଝି ହେଉଛି।

ଖରାଦିନେ ଗ୍ରାହକଙ୍କ ପ୍ରଥମ ପସନ୍ଦ ପଖାଳ। ୮ ବର୍ଷ ହେଲା ଏହି ହୋଟେଲରେ ପଖାଳ ବ୍ୟବସ୍ଥା କରାଯାଇଛି। ପ୍ରାୟ ସବୁ ସମୟରେ ପଖାଳ ମିଳୁଥିବାବେଳେ ଦିବସ ଆସିଲେ ଚାହିଦା ଅଧିକ ରହୁଛି। ଓଡ଼ିଆଙ୍କ ପାଇଁ ପଖାଳ ଅମୃତ ସଦୃଶ ହୋଇଥିବାରୁ ନିୟମିତ ଅପେକ୍ଷା ୩୦ ପ୍ରତିଶତ ଅଧିକ ଗ୍ରାହକ ପଖାଳ ବରାଦ କରିଥାନ୍ତି। ପୂର୍ବରୁ ୪୦ ଟଙ୍କା ଥିବାବେଳେ ଏବେ ପଖାଳ ଥାଳି ୧୧୦ ଟଙ୍କା ରହିଛି। ପଖାଳ ସହ ଆଳୁଭର୍ତ୍ତା, ବଡ଼ିଚୁରା, ଘାଣ୍ଟ ତରକାରୀ, ଶାଗ, ଆଚାର ନିୟମିତ ରହିଥାଏ। ପଖାଳ ଦିବସ ପାଇଁ ସ୍ୱତନ୍ତ୍ର ଭାବେ ଆମିଷର ବି ବ୍ୟବସ୍ଥା ରହିଛି।

*-କେ.ସତୀଶ*

ପଖାଳ ଓଡ଼ିଆଙ୍କ ପାରମ୍ପାରିକ ଖାଦ୍ୟ। ଗୃହିଣୀଙ୍କ ପାଇଁ ପଖାଳ ଦିବସ ନିତଦିନିଆ। ଗୃହିଣୀ ମାନେ ଅଧିକାଂଶ ଦିନ ବଳକା ଖାଦ୍ୟ ନଷ୍ଟ କରିବା ପରିବର୍ତ୍ତେ ଏହାକୁ ପଖାଳ ପ୍ରସ୍ତୁତ କରି ଖାଇବାକୁ ଭଲପାଆନ୍ତି। ବର୍ତ୍ତମାନ ଯୁଗରେ ପିଲାମାନେ ପିଜା ବର୍ଗର ଫାଷ୍ଟଫୁଡ଼ ପରିବର୍ତ୍ତେ ପଖାଳକୁ ଆଦରି ନେବା ଜରୁରୀ।

*-ସୁପ୍ରଭା ସାମଲ, ଗୃହିଣୀ*

ପିଲାଦିନରୁ ପଖାଳ ପ୍ରତି ଦୁର୍ବଳତା ରହିଛି। ବାହାରେ ସାଙ୍ଗସାଥୀ ମେଳରେ ସବୁବେଳେ ଯେତେ ଫାଷ୍ଟଫୁଡ଼, ବିରିୟାନୀ ଅବା ଅନ୍ୟ ପଶ୍ଚାତ୍ୟ ଖାଦ୍ୟ ଖାଇଲେ ସୁଦ୍ଧା ଆମ ଓଡ଼ିଆ ପଖାଳ କଂସାର ଶାନ୍ତି କେଉଁଥିରେ ମଧ ନାହିଁ। ଜାଣି ଶୁଣି ଫାଷ୍ଟଫୁଡ଼ ଖାଇ ଦେହ ଖରାପ କରୁ। କିନ୍ତୁ ପ୍ରତିଦିନ ଘରୁ ବାହାରକୁ ଯିବା ପୂର୍ବରୁ ହେଉ ସକାଳୁ ଘରେ ପଖାଳ କଂସା ସହ ମାଆ ହାତ ତିଆରି ତରକାରୀର ସ୍ୱାଦ ନିଆରା ହୋଇଥାଏ।

*-ଅନିଲ ରେଡ୍ଡୀ*

# ଶତ୍ରୁକୁ ସଂହାର କରିବାକୁ ନୌସେନାର ମିଳିତ ସମରାଭ୍ୟାସ 'ସାଗର କବଚ'




**ଅସ୍ତରଙ୍ଗ (ଅମୃତ ମିଡିଆ):** ଶତ୍ରୁ ସଂହାର କରିବା ସହ ଆତଙ୍କବାଦୀ ଙ୍କୁ ପ୍ରବେଶ ନ କରାଇବା ପାଇଁ ନୌସେନା ଅଭିନବ ଉପାୟ। ପୁରୀ ଜିଲ୍ଲା ଅସ୍ତରଙ୍ଗ ଉପକୂଳରେ ଦୁଇ ଦିନିଆଁ ମିଳିତ ସମରାଭ୍ୟାସ 'ସାଗର କବଚ' ଅନୁଷ୍ଠିତ ହୋଇଯାଇଛି। ଉପକୂଳ ସୁରକ୍ଷା ବ୍ୟବସ୍ଥା କୁ ତଦାରଖ କରିବାକୁ ବୁଧବାର ସକାଳ ଠାରୁ ଆରମ୍ଭ ହୋଇଥିବା ଦୁଇ ଦିନିଆଁ ସମରାଭ୍ୟାସ 'ସାଗର କବଚ'। ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ରେ ସମଗ୍ର ଭାରତ ଦୋହଲି ଯିବା ପରେ ଉପକୂଳ ସୁରକ୍ଷାବ୍ୟବସ୍ଥା କୁ ତଦାରଖ କରିବାକୁ ଉଭୟ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାର ତରଫରୁ ପ୍ରତ୍ୟେକ ବର୍ଷ ଭଳି ଆୟୋଜିତ ହୋଇଛି ମିଳିତ ସମରାଭ୍ୟାସ 'ସାଗର କବଚ'। ଉପକୂଳ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳର ନୂଆଗଡ, କାଳିଆକଣ, ସହନ ସୁଦିକେଶର, ଗୁଣ୍ଡଳବା ସମେତ ନୌସେନା ଓ ପୋଲିସ ର ରଣକୌଶଳ ପଦର୍ଶନ କରାଯାଇଛି। ସାମୁଦ୍ରିକ ସୀମାରେ ଅନୁପ୍ରବେଶ ରୋକିବା ଲକ୍ଷ୍ୟରେ ବୁଧବାର ଆରମ୍ଭ ହୋଇଛି ଦୁଇଦିନିଆଁ ସମରାଭ୍ୟାସ। ଏହି ସମରାଭ୍ୟାସ ରେ ଭାରତୀୟ ତଟରକ୍ଷୀ ବାହିନୀ, ମେରାଇନି ପୋଲିସ, ଅସ୍ତରଙ୍ଗ ପୋଲିସ ସହ ବିଭିନ୍ନ ଥାନା ପୋଲିସ ଏଥିରେ ସାମିଲ ହୋଇଛନ୍ତି। ବ୍ଲୁ ଓ ରେଡ ୨ଟି ଟିମ୍ ହୋଇ ଏହି ସମରାଭ୍ୟାସ ଚାଲିଛି। ଉପକୂଳ କୁ ବ୍ଲୁ ବାହିନୀ ଜଗିଥିବା ବେଳେ ରେଡ ବାହିନୀ ଶତ୍ରୁ ପକ୍ଷ ହୋଇ ଦୂରସମୁଦ୍ର କୁ ଯାତ୍ରା କରି ପୁଣି ଉପକୂଳ ମୁହାଁ ହୋଇ ଆକ୍ରମଣ କରିବା ପାଇଁ ଶତ୍ରୁ ପକ୍ଷକୁ କଡା ଜବାବ ଦେବା ପାଇଁ ପ୍ରସ୍ତୁତ ଅଛନ୍ତି। ବାହ୍ୟ ଶତ୍ରୁ ଠାରୁ ଉପକୂଳ କୁ ରକ୍ଷା କରିବା ପାଇଁ ଏହି ସମରାଭ୍ୟାସ ପ୍ରତିବର୍ଷ କରାଯାଇଥାଏ। କିଭଳି ଭାବେ ଜଳପଥ ଦେଇ ଉପକୂଳ କୁ ଶତ୍ରୁ ପଶିନଯିବେ ସେ ନେଇ ସମସ୍ତ ବିଭାଗ କୁ ସଚେତନ କରିବା ଏହି ସମରାଭ୍ୟାସ ର ମୂଳଲକ୍ଷ୍ୟ। ଏହି ସମରାଭ୍ୟାସ କାର୍ଯ୍ୟକ୍ରମ ରେ ନୂଆଗଡ ସାମୁଦ୍ରିକ ଥାନାଧିକାରୀ ଅଚ୍ୟୁତାନନ୍ଦ ବେହେରା, ଅତିରିକ୍ତ ଥାନାଧିକାରୀ ସନ୍ତୋଷ କୁମାର ଜେନା, ମାଷ୍ଟର ପ୍ରକାଶ ଦାସ, ମାଷ୍ଟର ବିପ୍ରଚରଣ ସ୍ୱାଇଁ,ପି. କେ. ସେଠି, ଏମ. ଆର. ପରିଡା ଙ୍କ ସହ ଅନେକ ଅଧିକାରୀ ମାନେ ଉପସ୍ଥିତ ରହିବା ସହ ଦୁଇ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି।

## ଶୀତକାଳୀନ ସ୍ୱତନ୍ତ୍ର ସେବା ଶିବିର ଉଦ୍‌ଘାଟିତ

**ଭଞ୍ଜନଗର (ଅମୃତ ମିଡିଆ):** ସବିତ୍ରୀ ମହାବିଦ୍ୟାଳୟ ରେ ସ୍ୱତନ୍ତ୍ର ସେବା ଶିବିର ର ଉଦଘାଟନ ଆଜି ତା- ୨୦/୦୩/୨୦୨୪ ରେ ହୋଇଯାଇଛି । ସାତ ଦିନ ଧରି ଏହି ଶିବିରରେ ବିଭିନ୍ନ କାର୍ଯ୍ୟକ୍ରମ ଶିକ୍ଷା, ସ୍ୱାସ୍ଥ୍ୟ ରକ୍ଷା, ଭୋଟର ସଚେତନତା, ସ୍ୱଚ୍ଛତା, ଓ ପରିମଳ ଇତ୍ୟାଦି ମଧାମରେ ସ୍ୱେଚ୍ଛାସେବୀ ମାନଙ୍କୁ ସଚେତନ କରିଯିବା । ଏହି ଉତ୍ସବ ରେ ଅଧକ୍ଷ



ଡ଼. ସୁଶାନ୍ତ କୁମାର ମଲ୍ଲିକ ସଭା ସଂଚାଳନ ସହ ଦିଗଦର୍ଶନ କରିଥିଲେ । ମୁଖ୍ୟ ବକ୍ତା ଡ଼. ଶୁଭେନ୍ଦୁ ରଞ୍ଜନ ରାୟ ଆଞ୍ଚଳିକ ପରିବହନ ଅଧିକାରୀ, ତାଙ୍କ ବକ୍ତବ୍ୟରେ ଚରିତ୍ର ନିର୍ମାଣ ଏବଂ ସଡ଼କ ସୁରକ୍ଷା ସମ୍ପର୍କରେ ଜଣାଇଥିଲେ । ସମ୍ମାନିତ ଅତିଥି ସୁଶ୍ରୀ ଶର୍ମିଳା ମହାରଣା ପରିବହନ ଅଧିକାରୀ ସ୍ୱେଚ୍ଛାସେବିନୀ ମନଙ୍କୁ ପ୍ରେରଣା ଦେଇଥିଲେ । କାର୍ଯକ୍ରମ ଅଧିକାରୀଣୀ ଶ୍ରୀମତୀ ଜୟଲକ୍ଷ୍ମୀ ରଥ ଜାତୀୟ ସେବା ଯୋଜନା ର ଲକ୍ଷ ଓ ଉଦ୍ଦେଶ୍ୟ ଗୁଡ଼ିକୁ ଆଲୋଚନା କରିଥିଲେ । ସ୍ୱେଚ୍ଛାସେବିନୀ ସୁଶ୍ରୀ ପ୍ରଜ୍ଞା ମହାନ୍ତି ପ୍ରାରମ୍ଭିକ ସଂଗୀତଗାନ କରିଥିଲେ । ଅନ୍ୟତମ ଯୋଜନା ଅଧିକାରୀ ଶ୍ରୀ ପ୍ରେମଚାନ୍ଦ ମଲ୍ଲିକ୍ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀମନେ ଓ ଅଧାପକ ଅଧାପିକାଗଣ ଓ କର୍ମଚାରୀ ଉପସ୍ଥିତଥିଲେ ।

## ବିଭିନ୍ନ ରାଜନୈତିକ ଦଳର ସାଂଗଠନିକ ବୈଠକ
## ବିଜ୍ଞପ୍ତି ପ୍ରକାଶ ପରେ ଉଠାଗଲା ହୋଡିଂ

**ହରଭଙ୍ଗା (ଅମୃତ ମିଡିଆ):** ଦେଶେର ସାଧାରଣ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେକ ବୌଦ୍ଧ ଜିଲ୍ଲାରେ ମେ ୨୦ ତାରିଖେର ସାଧାରଣ ନିର୍ବାର୍ଚନ ପାଇଁ ଭୋଟଗ୍ରହଣ ହେବ । ଜିଲ୍ଲାରେ ପ୍ରଶାସନ ପକ୍ଷରୁ ନିର୍ବାଚନକୁ ଶାନ୍ତି ଶୃଙ୍ଖଳା ସହ ଅବାଧ ଓ ସ୍ୱଚ୍ଛ ଏବଂ ନିରପେକ୍ଷ କରିବା ପାଇଁ ସମସ୍ତ ପଦେକ୍ଷପ ଗ୍ରହଣ କରାଯାଉଛି । ବର୍ତ୍ତମାନ ପ୍ରଶାସନ ପକ୍ଷରୁ ନିବାର୍ଚନ ନିମୟ ଅନୁଯାୟୀ ଜିଲ୍ଲାରେ ଥିବା ୩ ଗୋଟି ବ୍ଲକ ଓ ବିଜ୍ଞାପିତ ଅଂଚଳ ପରିଷଦ ଅଞ୍ଚଳରେ ଲାଗିଥିବା ସରକାରୀ ହୋଡିଂ, ବ୍ୟାନର ଆଦି ଯୁଦ୍ଧକାଳୀନ ଭିତରେ ହଟାଯାଉଥିବା ଦେଖିବାକୁ ମିଳିଛି । ଯେଉଁ ହୋଡିଂ ଗୁଡିକୁ ବାହାର କରାଯାଇପାରୁ ନାହଁ ସେଗୁଡିକ ଜରି ଓ କପଡା ଲଗାଯାଇ ଘୋଡାଯାଉଥିବା ଦେଖିବାକୁ ମିଳିଛି । ପ୍ରଶାସନ ପକ୍ଷରୁ ଗତ ରବିବାର ଦିନ ନିବାର୍ଚନ ନେଇ ରାଜେନିତିକ ଦଳ ଗୁଡିକ ମଧ୍ୟରେ ଏକ ବୈଠକ ହୋଇଥିଲା । ବୈଠକେର ଜିଲ୍ଲାପାଳ ଜେ. ସୋନାଲ ନିବାର୍ଚନ କମିଶନଙ୍କ ନିୟମ ଅନୁଯାୟୀ ନିବାର୍ଚନ ପରିଚାଳନା କରାଯାଉଥିବା କହିବା ସହ ଜିଲ୍ଲାରେ ଯେପରି ଅବାଧ ଓ ମୁକ୍ତ ନିବାର୍ଚନ ହୋଇପାରିବ ସେ ନେଇ ଗୁରୁତ୍ୱ ଦିଆଯାଉଥିବା କହିଥିଲେ । ବୈଠକରେ ବିଜେପି ଦଳର ଜିଲ୍ଲା ସଭାପତି ବିପ୍ରଚରଣ ମହାନ୍ତି ସରକାରୀ ବିଜ୍ଞାପନ ଥିବା ହୋଡିଂ ଉଠାଇବାକୁ ଦାବି କରିଥିଲେ ।

# କ୍ଷମତାଠାରୁ ଅଧିକ ପରିବହନ : ଫେରିଘାଟରେ ଅସୁରକ୍ଷିତ ଯାତ୍ରା

**ଚାନ୍ଦବାଲି (ଅମୃତ ମିଡିଆ):** ନଦୀ ନାଳ ଭରା ଚାନ୍ଦବାଲି ବ୍ଲକ ଅଞ୍ଚଳରେ ଗମନାଗମନରେ ବାଧକ ସାଜିଛି ୩ ନଦୀ। ଏହି ୩ ନଦୀର ୬ ଫେରିଘାଟରେ ପ୍ରତିଦିନ ବହୁ ସଂଖ୍ୟକ ଯାତ୍ରୀ ଜୀବନ ସହ ବାଜି ଲଗାଇ ବିପଦପୂର୍ଣ୍ଣ ଭାବେ ନଦୀପାର ହେଉଛନ୍ତି। ମନ୍ତେଇ ନଦୀରେ ହବାଳୀ, ଚୌଧୁରୀ, ବାଲିଆପାଳ, ପଞ୍ଚୁଟିକ୍ରୀ, ବୈତରଣୀ ନଦୀର ତିନିତର ଏବଂ ସାଳନ୍ଦୀ ନଦୀର ଧାନଖଣିଆ ଫେରିଘାଟରେ ପ୍ରତିଦିନ ହଜାର ହଜାର ଯାତ୍ରୀ ପାର ହେଉଛନ୍ତି। ବ୍ଲକରେ ବାଂଶଡ଼ା ନଦୀରେ ପୋଲ ବ୍ୟତୀତ ଅନ୍ୟ କୌଣସି ଗୋଟିଏ ନଦୀ ଉପରେ ଆଜିଯାଏ ପୋଲଟିଏ ନିର୍ମାଣ ହୋଇପାରି ନାହିଁ। ତିନିତର ଫେରିଘାଟରେ ପୋଲ କାର୍ଯ୍ୟ ଏବେ ଆରମ୍ଭ କରାଯାଇଥିବା ବେଳେ ବାକି ୫ଟି ପୋଲ ପାଇଁ ସରକାରଙ୍କ ପକ୍ଷରୁ ଆନ୍ତରିକତା ଦେଖାଦେଉ ନାହିଁ।

ପୋର୍ଟ ପାଇଁ ଓ ଶୈବପୀଠ ଆରଡ଼ିକୁ ଯିବା ଲାଗି ଚୌଧୁରୀ ଓ ତିନିତର ଫେରୀଘାଟ, ବାସୁଦେବପୁରକୁ ଯାତାୟାତ ନିମନ୍ତେ ବାଳିଆପାଳ ଓ ପଞ୍ଚୁଟିକ୍ରୀ ଫେରିଘାଟରେ ଅତ୍ୟଧିକ ଭିଡ଼ ଯୋଗୁ



ଯାତ୍ରୀମାନେ ବିପଦପୂର୍ଣ୍ଣ ଭାବେ ନଦୀରେ ଯାତ୍ରା କରୁଛନ୍ତି। ୩ ନଦୀରେ ଏବେ ମାଳମାଳ କୁମ୍ଭୀର, ଫେରିଘାଟଗୁଡ଼ିକରେ ନିଲାମଧାରୀମାନେ ମନଇଚ୍ଛା ଭୁଟୁଭୁଟିରେ ଗାଡ଼ି ମୋଟର ଲୋଡ୍ କରି ଅସୁରକ୍ଷିତ ଭାବେ ଯାତ୍ରୀ ପରିବହନ କରୁଛନ୍ତି। ପ୍ରଶାସନ ପକ୍ଷରୁ କୌଣସି ଅଙ୍କୁଶ ନାହିଁ। ଲୋକଙ୍କ ଧନଜୀବନ ସୁରକ୍ଷା ଲାଗି କୌଣସି ଫେରିଘାଟରେ ସୁରକ୍ଷା ବ୍ୟବସ୍ଥା ପ୍ରତି ଧ୍ୟାନ ଦିଆଯାଉ ନାହିଁ। ସରକାରଙ୍କ ପକ୍ଷରୁ ପ୍ରତି ବୋଟ୍‌ରେ କ୍ଷମତାଠାରୁ କମ୍ ଯାତ୍ରୀ ପରିବହନ ସହ ପ୍ରତି ବୋଟ୍‌ରେ ପ୍ରତ୍ୟେକ ଯାତ୍ରୀଙ୍କ ପାଇଁ ଲାଇଫ୍ ଜ୍ୟାକେଟ ବ୍ୟବହାର ପାଇଁ ବାଧ୍ୟତାମୂଳକ କରାଯାଇଛି ହେଲେ, ଏହାର ତଦାରଖ କରାଯାଉ ନାହିଁ। ଫଳରେ ଫେରିଘାଟଗୁଡ଼ିକରେ ଏହି ନିୟମର ଉଲ୍ଲଂଘନ କରାଯାଉଛି। ଫଳରେ ଯେକୌଣସି ମୁହୂର୍ତ୍ତରେ ଅଘଟଣ ଘଟିବାର ଆଶଙ୍କା ରହିଛି। ଅନ୍ୟପକ୍ଷେ ଫେରୀଘାଟଗୁଡ଼ିକରେ ପୋଲ ହେବା ତ ଦୂର କଥା ସମସ୍ତ ଫେରିଘାଟକୁ ନା ଭଲ ରାସ୍ତାଟିଏ କିମ୍ବା ଭଲ ଜେଟିଟିଏ ହୋଇପାରି ନାହିଁ। ଏନେଇ ବିଡିଓ ଅସିତ କୁମାର ମହାନ୍ତି କହିଛନ୍ତି, ଭୁଟୁଭୁଟିରେ କ୍ଷମତାଠାରୁ ଅଧିକ ପରିବହନ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାର ଉଲ୍ଲଂଘନ ନେଇ ନଜରକୁ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ନିଷିଦ୍ଧାଞ୍ଚଳରେ ମତ୍ସ୍ୟଜୀବୀଙ୍କ ଅବାଧ ପ୍ରବେଶ

**କେନ୍ଦ୍ରାପଡା (ଅମୃତ ମିଡିଆ):** ବିଶ୍ୱପ୍ରସିଦ୍ଧ ଗହୀରମଥା ଅଣ୍ଡିରାଳରେ ସାମୁଦ୍ରିକ କଇଁଛ ଅଲିଭ ରିଡ୍‌ଲେ ସୁରକ୍ଷିତ ନାହାନ୍ତି। ସୁରକ୍ଷା ପାଇଁ ନିକଟରେ ଗହୀରମଥା ସାମୁଦ୍ରିକ ଅଞ୍ଚଳରେ ପର୍ଯ୍ୟଟକଙ୍କ ଅନୁମତିକୁ ବାରଣ ହୋଇଛି। ୨୦୨୩ ନଭେମ୍ବର ପହିଲାରୁ ସାମୁଦ୍ରିକ ଅଞ୍ଚଳକୁ ମତ୍ସ୍ୟଜୀବୀଙ୍କୁ ନିଷିଦ୍ଧ କରାଯାଇଛି। ଏହାସତ୍ତ୍ୱେ ନିଷିଦ୍ଧାଞ୍ଚଳକୁ ବୋଟ୍?, ଟ୍ରଲର ଅବାଧରେ ପଶି ଆସୁଛନ୍ତି। ବନ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ହେଲେ ବେଆଇନ ଭାବେ ମତ୍ସ୍ୟଜୀବୀମାନେ ପାଟ୍ରୋଲିଂ ଟିମ୍‌କୁ ସମୁଦ୍ର ମଧରେ ଘେରିଯାଉଛନ୍ତି। ସୋମବାର ଏପରି ଘଟଣା ୨ଟି ସ୍ଥାନରେ ଦେଖିବାକୁ ମିଳିଛି। ମାଦଳି ଅଞ୍ଚଳରେ ଗୋଟିଏ ପାଟ୍ରୋଲିଂ ଟିମ୍‌କୁ ମତ୍ସ୍ୟଜୀବୀ ବୋଟ୍, ଟ୍ରଲର ମାଧମରେ ଘେରିଯାଇଥିବା ବେଳେ ବାବୁବାଲି ଅଞ୍ଚଳରେ ପାଟ୍ରୋଲିଂ କରୁଥିବା କନିକା-୩ ବୋଟ୍‌କୁ ମତ୍ସ୍ୟଜୀବୀ ଘେରିଥିଲେ। ତେବେ କନିକା-୩ର ଟିମ୍ ୨ ରାଉଣ୍ଡ ବ୍ଲାଙ୍କ ଫାୟାରିଂ କରିବାରୁ ଅବାଧ ପ୍ରବେଶ ହୋଇପାରିନାହିଁ। ଏ ସମ୍ପର୍କରେ ଧାମରା ଥାନାରେ ଏକ ଅଭିଯୋଗ ବନ ବିଭାଗ ପକ୍ଷରୁ ହୋଇଛି। ଅପରପକ୍ଷରେ ନିଷିଦ୍ଧ କଟକଣାର ସାଢ଼େ ୪ ମାସରେ ମୋଟ୍ ୩୬ ବୋଟ୍, ଟ୍ରଲର



ଜବତ ହୋଇଛି। ୩୫୯ ମତ୍ସ୍ୟଜୀବୀ ଗିରଫ ହୋଇଛନ୍ତି। ଗିରଫ ମତ୍ସ୍ୟଜୀବୀଙ୍କୁ ତୁରନ୍ତ ଜାମିନ ମିଳିଯାଉଥିବାରୁ କଟକଣାର ସୁଫଳ ମିଳୁନାହିଁ। ଗହୀରମଥା ସାମୁଦ୍ରିକ ଅଞ୍ଚଳ ଏକପ୍ରକାର ଅସୁରକ୍ଷିତ ହୋଇପଡ଼ିଛି ବୋଲି ସ୍ଥାନୀୟ ପରିବେଶବିତ୍‌ମାନେ ମତ ଦେଇଛନ୍ତି।

ଏ ସମ୍ପର୍କରେ ପ୍ରକୃତିପ୍ରେମୀ ଲକ୍ଷ୍ମୀଧର ସ୍ୱାଇଁ କହିଛନ୍ତି, ୨୦୨୩ ନଭେମ୍ବରରୁ ୨୦୨୪ ମେ' ପର୍ଯ୍ୟନ୍ତ ଗହୀରମଥାର ସାମୁଦ୍ରିକ ଅଞ୍ଚଳରେ ବିରଳ ଅଲିଭ ରିଡ୍‌ଲେଙ୍କ ଅଣ୍ଡାଦାନ ପାଇଁ କଟକଣା ହୋଇଛି। ଏହି ସମୟରେ ବନ ବିଭାଗ, ସାମୁଦ୍ରିକ ଥାନା ଓ ତଟରକ୍ଷୀ ବାହିନୀ ପକ୍ଷରୁ ସମୁଦ୍ର ମଧରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା କଥା। ତେବେ ଏହି ୩ ସୁରକ୍ଷା ବାହିନୀଙ୍କ ମଧରେ ସମନ୍ୱୟ ଆଦୌ ନାହିଁ। ଅବାଧ ଭାବେ ବୋଟ୍, ଟ୍ରଲର ଚଳାଚଳ ଫଳରେ ଜାଲରେ ପଡ଼ି କଇଁଛଙ୍କ ମୃତ୍ୟୁ ହେଉଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ବୋଟ୍, ଟ୍ରଲରରେ ଟିଇଡି (ଟର୍ଟେଲ ଏକ୍ସକ୍ଲୁଡର ଡିଭାଇସ) ବ୍ୟବହାର ହେଉନାହିଁ ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି। ସାମୁଦ୍ରିକ ଜୀବ ସୁରକ୍ଷା ସମିତିର ସଭାପତି ପ୍ରକାଶ ଚନ୍ଦ୍ର ଦାସ କହିଛନ୍ତି, କଇଁଛଙ୍କ ଅଣ୍ଡାଦେବା ସ୍ଥାନ ଏବେ ସଙ୍କଟରେ। ବାବୁବାଲି, ମାଦଳି, ଏକକୁଳା ଆଦିରେ ତଟକ୍ଷୟ ଜାରି ରହିଛି। ସମ୍ପ୍ରତି କଇଁଛଗୁଡ଼ିକ ଅଣ୍ଡାଦେବା ପାଇଁ ତଟାଞ୍ଚଳରେ ଠୁଳ ହେଲେଣି। ଆସନ୍ତା ସପ୍ତାହ ମଧରେ ସାମୂହିକ ଅଣ୍ଡାଦେବା ସମ୍ଭାବନା ରହିଛି। ଏହି ସମୟରେ ମତ୍ସ୍ୟଜୀବୀ ନିଷିଦ୍ଧାଞ୍ଚଳରେ ପ୍ରବେଶ କରିବା ଏହି ବିରଳ ଜୀବ ପ୍ରତି ବିପଦ ହୋଇଛି। ଏ ସମ୍ପର୍କରେ ଗହୀରମଥା ରେଞ୍ଜ୍ ଅଫିସର ପ୍ରଦୋଷ ମହାରଣାଙ୍କୁ ପଚାରିବାରେ କଇଁଛଙ୍କ ସୁରକ୍ଷା ପାଇଁ ସମୁଦ୍ର ମଧରେ ୩ଟି ପାଟ୍ରୋଲିଂ ବୋଟ୍ ନିୟୋଜିତ ହୋଇଛି। ୧୪୩୫ ବର୍ଗ କିଲୋମିଟର ମଧରେ ଏହି ବୋଟ୍ ଘୂରୁଥିବା ବେଳେ କେତେକ ସ୍ଥାନରେ ମତ୍ସ୍ୟଜୀବୀ ପଶି ଆସୁଛନ୍ତି। ପାଟ୍ରୋଲିଂ ଟିମ୍ ନଜରକୁ ଆସିଲେ ସେହି ମତ୍ସ୍ୟଜୀବୀ ନିଷିଦ୍ଧାଞ୍ଚଳର ବାହାରକୁ ଯାଇ ଭିଏଚ୍‌ଏଫ୍ ମାଧମରେ ଅନ୍ୟ ସାଥୀ ମତ୍ସ୍ୟଜୀବୀଙ୍କୁ ଏକାଠି କରୁଛନ୍ତି। ପାଟ୍ରୋଲିଂ ଟିମ୍ ଓ ଅବାଧ ପ୍ରବେଶକାରୀଙ୍କ ମଧରେ ପ୍ରତ୍ୟହ ଏପରି ଘଟଣା ଦେଖିବାକୁ ମିଳୁଛି। ତଟରକ୍ଷୀ ବାହିନୀ ଓ ସାମୁଦ୍ରିକ ଥାନାରୁ ସହଯୋଗ ମିଳୁନାହିଁ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ତାଳଚୁଆ ସାମୁଦ୍ରିକ ଥାନା ଅଧିକାରିଣୀ ସସ୍ମିତା ସାହୁଙ୍କୁ ପଚାରିବାରେ ସାମୁଦ୍ରିକ ଅଞ୍ଚଳରେ ଅବାଧ ପ୍ରବେଶ ରୋକିବା ପାଇଁ ବୋଟ୍, ଡ୍ରାଇଭର ଅଛନ୍ତି। ତେବେ ବୋଟ୍ ଚଳାଇବା ପାଇଁ ଆବଶ୍ୟକ ଇନ୍ଧନ ମିଳୁନାହିଁ ବୋଲି ସେ କହିଛନ୍ତି।

## ଆଞ୍ଚଳିକ ବିକାଶ ପରିଷଦ ତରଫରୁ ବିଶ୍ୱ ଘରଚଟିଆ ଦିବସ ପାଳିତ

**ବ୍ରହ୍ମପୁର (ଅମୃତ ମିଡିଆ):** ପ୍ରତିବର୍ଷ ମାର୍ଚ୍ଚ ମାସ କୋଡିଏ ତାରିଖରେ ବିଶ୍ୱ ଘର ଚଟିଆ ଦିବସ ରୂପେ ପାଳିତ ହୋଇଆସୁଛି । କୁନି ପକ୍ଷୀ ଘର ଚଟିଆ ବଂଶର ସୁରକ୍ଷା ପାଇଁ ବିଭିନ୍ନ ଅନୁଷ୍ଠାନ ବର୍ଷ ବ୍ୟାପି ଅହରହ ଉଦ୍ୟମ ଚଳାଇଛନ୍ତି କ୍ଷ ଗଞ୍ଜାମ ଜିଲ୍ଲା କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ଗୁଣ୍ଠବନ୍ଧ ଗ୍ରାମର ଆଞ୍ଚଳିକ ବିକାଶ ପରିଷଦ ଦୀର୍ଘ ବାର ବର୍ଷ ଧରି ଘର ଚଟିଆ ସୁରକ୍ଷା ପାଇଁ ଗଞ୍ଜାମ,ଗଜପତି ସମେତ ଜଗତସିଂହପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ସୁରକ୍ଷା ଓ ସଂରକ୍ଷଣ ଦିଗରେ କାର୍ଯ୍ୟକ୍ରମ କରିଆସୁଛି, ସଂରକ୍ଷଣ ଦ୍ୱାରା ସେମାନଙ୍କ ବଂଶ ବୃଦ୍ଧି ଘଟିଛି । ଆଜି ବିଶ୍ୱ ଘର ଚଟିଆ ଦିବସ ଉପଲକ୍ଷେ ଆଞ୍ଚଳିକ ବିକାଶ ପରିଷଦ ତରଫରୁ ଗୁଣ୍ଠବନ୍ଧ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ବିଶ୍ୱ ଘର ଚଟିଆ ଦିବସ ପାଳିତ ହୋଇଯାଇଛି । ପରିଷଦର ସଭାପତି ସାଗର କୁମାର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟତ୍ରୀ ସୁଜାତା କୁମାରୀ ସାହୁ ଯୋଗଦେଇ ଛାତ୍ର ଛାତ୍ରୀ ମାନଙ୍କୁ ଘର ଚଟିଆ ସହ ପ୍ରକୃତିର ସମ୍ପର୍କ ବିଷୟରେ ବୁଝାଇ ଥିଲେ କ୍ଷ ଘରଚଟିଆର ବଂଶ ବୃଦ୍ଧି ଓ ସୁରକ୍ଷା ନିମନ୍ତେ ଛାତ୍ରଛାତ୍ରୀ ମାନଙ୍କୁ କୃତିମ ବାସ, ଖାଦ୍ୟ ସ୍ଥଳୀ ଓ ପକ୍ଷୀ ପଶୁ ଙ୍କ ତୃଷ୍ଣା ନିବାରଣ ନିମନ୍ତେ ପାଣି ପାତ୍ର ବଣ୍ଟନ କରାଯାଇଥିଲା କ୍ଷ ଏହି କାର୍ଯ୍ୟକ୍ରମରେ ଆଞ୍ଚଳିକ ବିକାଶ ପରିଷଦର

# ଗଙ୍ଗାଧର ସାରସ୍ୱତ ସମିତିର ପଖାଳ ଓ ଘରଚଟିଆ ଦିବସ ପାଳିତ




**ସିନାପାଲି (ଅମୃତ ମିଡିଆ):** ନୂଆପଡ଼ା ଜିଲ୍ଲା ସିନାପାଲି ଗଙ୍ଗାଧର ସାରସ୍ୱତ ସମିତି ତରଫରୁ ପଖାଳ ଦିବସ ସ୍ଥାନୀୟ ହାଇସ୍କୁଲ ପରିସରସ୍ଥ ଏନସିସି ଭବନରେ ଅନୁଷ୍ଠିତ ହୋଇଯାଇଛି । ସମିତିର ସଭାପତି ବୈଷ୍ଣବ ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ପରେଶନାଥ ପାଣିଗ୍ରାହୀ, ଲଳିତ କୁମାର ସୁନାରୀ, ଗୌତମ ମେହେର, ଶିବ ପ୍ରସାଦ ମେହେର, ଚୂଡ଼ାମଣି ମେହେର, ହରେକୃଷ୍ଣ ମେହେର, ସୁବାସ ସାହୁ, ପ୍ରେମାନନ୍ଦ ମେହେର, ରଶ୍ମିରଞ୍ଜନ ସା, ପରମେଶ୍ୱର ମେହେର, ବଂଶୀଧର ଜଗତ ପ୍ରମୁଖ ଯୋଗଦେଇ ପଖାଳ ଦିବସ ମହତ୍ୱ ବିଷୟରେ ନିଜସ୍ୱ ମତ ରଖିଥିଲେ। ସ୍ୱାସ୍ଥ୍ୟ ଓ ସ୍ୱାଦ ପାଇଁ ପଖାଳର ଗୁରୁତ୍ୱ ଯେତିକି ରହିଛି ପାରିବାରିକ ସଂପର୍କକୁ ସୁଦୃଢ଼ କରିବାରେ ମଧ୍ଯ ଏହାର ମହତ୍ୱପୂର୍ଣ୍ଣ ଭୂମୀକା ରହୁଥିବା ଅଲୋଚକ ମାନେ ଏ ଅବସରରେ ମତ ପ୍ରକାଶ କରିଥିଲେ । ଏଥିସହ ଘରଚଟିଆ ଦିବସ ଉପଲକ୍ଷେ ଏହି ଟିକି ପକ୍ଷୀର ସୁରକ୍ଷା ବିଷୟରେ ଆଲୋଚନା ହୋଇଥିଲା । ଶେଷରେ ରଶ୍ମୀରଞ୍ଜନ ସା ଧନ୍ୟବାଦ ଦେଇଥିଲେ ।

# ଭୂତକୋଠି ପାଲଟିଛି ରାଜୀବ ଗାନ୍ଧୀ ସେବାକେନ୍ଦ୍ର

**ରଘୁନାଥପୁର (ଅମୃତ ମିଡିଆ):** ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ ଠାରୁ ମାତ୍ର ୪ଶହ ମିଟର ଦୂର କଟକ-ପାରାଦୀପ ରାସ୍ତାର ବଜାର ପଛପାର୍ଶ୍ୱରେ ରହିଛି ରଘୁନାଥପୁର ପଞ୍ଚାୟତ ରାଜୀବ ଗାନ୍ଧୀ ସେବାକେନ୍ଦ୍ର। ଏହା ଏବେ ଭୂତକୋଠି ପାଲଟିଛି। ନିର୍ମାଣ କାର୍ଯ୍ୟ ଶେଷ ହେବା ପରଠୁ ଦିନକ ପାଇଁ ଏହାକୁ ବ୍ୟବହାର କରାଯାଇନାହିଁ। ଅପରପକ୍ଷେ ମରାମତି ପାଇଁ ଆସିଥିବା ଅନୁଦାନ ଟଙ୍କାକୁ ଲୁଟ୍ କରାଯାଇଥିବା ନେଇ ପଞ୍ଚାୟତବାସୀଙ୍କ ପକ୍ଷରୁ ଅଭିଯୋଗ ହେଉଛି। ଏହାଛଡ଼ା ସମ୍ମୁଖରେ କୁଡ଼କଡ଼ ଅଳିଆ ପଡ଼ିରହିଛି। ଏନେଇ ସ୍ଥାନୀୟ ଲୋକେ ଅସନ୍ତୋଷବ୍ୟକ୍ତ କରିଛନ୍ତି। ଗତ ଦଶବର୍ଷ ତଳେ ବଜାର ପଛ ପାର୍ଶ୍ୱ ଏକ ପରିତ୍ୟକ୍ତ ସ୍ଥାନରେ ଅଟକଳ ମୂଲ୍ୟ ୧୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ବରାଦରେ ଉକ୍ତ ସେବାକେନ୍ଦ୍ରର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରେ ରାସ୍ତା ଓ ବାଲି ଫିଲିଂ



ପାଇଁ ୨୪ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା। ଗତ ୨୦୧୭ରେ ତତ୍କାଳୀନ ସରପଞ୍ଚ ପ୍ରମୋଦ କୁମାର ଜେନା କୌଣସି କାରଣରୁ ଉକ୍ତ ସେବାକେନ୍ଦ୍ରକୁ ପଞ୍ଚାୟତ ଅଧୀନକୁ ଆଣିବା ପାଇଁ ମନା କରିଦେଇଥିଲେ। ଏହାପରେ ଦିନଟିଏ ଜନସାଧାରଣଙ୍କ ସେବାରେ ଏହା ଲାଗିପାରି ନାହିଁ। ଏହାପରେ ସେବାକେନ୍ଦ୍ରର ମରାମତି ପାଇଁ ଆସିଥିବା ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଅନୁଦାନକୁ ଠିକାଦାର ଓ ଯନ୍ତ୍ରୀ ଚଳୁ କରିଦେଇଥିବା ନେଇ ସ୍ଥାନୀୟ ଅଧିବାସୀ ଅଭିଯୋଗ କରିଛନ୍ତି। ଅପରପକ୍ଷେ ସରକାରଙ୍କ ଯୋଜନା ଏଠି ଫେଲ ମାରିଥିବା ଏବଂ ଲକ୍ଷାଧିକ ଟଙ୍କା ପାଣିରେ ପଡିଥିବା କହି ସ୍ଥାନୀୟ ବୁଦ୍ଧିଜୀବୀମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଏହି ସେବାକେନ୍ଦ୍ର ସମ୍ମୁଖରେ ଜଳଖିଆ ଓ ପାନ ଦୋକାନ ରହିଛି। ଉକ୍ତ ଦୋକାନୀମାନେ ଦୋକାନରୁ ବାହାରୁଥିବା ଅଇଁଠା ପତ୍ରଠୋଲା, ପଲିଥିନ ଓ ପ୍ଲାଷ୍ଟିକ ବୋତଲ ସେଠାରେ ପକେଇ ଦେଉଛନ୍ତି। ଫଳରେ ପରିବେଶ ଦୂଷିତ ହୋଇଯାଇଛି। ନିକଟରେ ଏକ ଡ୍ରେନ ଥିବାରୁ ଏହାର ଚର୍ତୁଃପାର୍ଶ୍ୱ ଲୋକଙ୍କ ଶୌଚ ସ୍ଥାନ ପାଲଟିଯାଇଛି। ବର୍ଷାଦିନେ ଉକ୍ତ ସ୍ଥାନର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଯାଉଛି। ଏଭଳି ପରିତ୍ୟକ୍ତ ସ୍ଥାନରେ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ନିର୍ମାଣ ନେଇ ଜାଗା ଚିହ୍ନଟ ଓ ଅନୁମତି ଦେଲା କିଏ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯଦି ଏଠାରେ କେନ୍ଦ୍ର ନିର୍ମାଣ ହେଲା ତା'ହାଲେ ଏହାକୁ ଲୋକଙ୍କ ସେବାରେ ଉପଲବ୍ଧ ପାଇଁ କାହିଁକି ଆବଶ୍ୟକ ପଦକ୍ଷେପ ନିଆଗଲା ନାହଁ ବୋଲି ଲୋକେ ପ୍ରଶ୍ନ ଉଠାଇଛନ୍ତି। ତୁରନ୍ତ ଜିଲାପାଳ ଏଥିପ୍ରତି ଦୃଷ୍ଟିଦେଇ ଉକ୍ତ ସେବାକେନ୍ଦ୍ରକୁ ଜନତାଙ୍କ ସେବାରେ ଲଗାଇବା ସହ ଏହାର ଟିକିନିଖି ଖର୍ଚ୍ଚର ହିସାବକୁ ତଦନ୍ତ କରିବା ପାଇଁ ଦାବି ହେଉଛି। ଏ ସମ୍ପର୍କରେ ବିଡିଓଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ ସେ ମୋବାଇଲ ଫୋନ ଉଠାଇ ନ ଥିଲେ। ଏ ପ୍ରସଙ୍ଗରେ ଏବିଡିଓ ଜ୍ଞାନଦା ନାୟକଙ୍କୁ ପଚାରିବାରୁ ସ୍ଥିତି କ'ଣ ଅଛି ସେ ସମ୍ପର୍କରେ ସେ ଅନୁଧାନ କରିବେ ବୋଲି କହିଛନ୍ତି।



# ମୁଖ୍ୟମନ୍ତ୍ରୀ ଦେଇଛନ୍ତି ସବୁଜ ସଙ୍କେତ-ପ୍ରତାପ କରିବେ କି ବାଜିମାତ ?



**ମାହାଙ୍ଗା(ଅମୃତ ମିଡ଼ିଆ):** ଆଗାମୀ ନିର୍ବାଚନ ପାଇଁ ବିଗୁଲ୍ ବାଜିଲାଣି ।ମାହାଙ୍ଗା ନିର୍ବାଚନ ମଣ୍ଡଳୀରେ ଜୁନ ୧ ତାରିଖରେ ମତଦାନ ।ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାହାଙ୍ଗା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଙ୍କୁ ଟିକେଟ ପ୍ରଦାନର ସବୁଜ ସଂକେତ ପ୍ରଦାନ କରିଥିବାର ଚର୍ଚ୍ଚା ହେଉଛି ।ମାହାଙ୍ଗା ନିର୍ବାଚନ ମଣ୍ଡଳୀ ନିଶ୍ଚନ୍ତ କୋଇଲି ୨୭ ଟି ଓ ମାହାଙ୍ଗା ର ୩୭ ଟି ପଞ୍ଚାୟତ କୁ ନେଇ ଗଠିତ ।ପ୍ରତି ନିର୍ବାଚନରେ ଯେଉଁ ଦଳ କ୍ଷମତାକୁ ଆସିଥାଏ ସେହି ଦଳର ପ୍ରାର୍ଥୀ ହିଁ ମାହାଙ୍ଗା ରୁ ନିର୍ବାଚିତ ହୋଇଥାନ୍ତି ।ଦୁଇ କିମ୍ବଦନ୍ତୀ ପୁରୁଷ ସେଲ ମତଲୁଁ ଅଲ୍ଲୀ ଓ ବାଚସ୍ପତି ଶରତ କୁମାର କର ଙ୍କ ଶଶୁର ଗୋଟିଏ ପାଳି ଓ ବୋହୂର ଗୋଟିଏ ପାଳି ର ଅବସାନ ଘଟିଛି ।୨୦୦୯ ରେ ପ୍ରାକ୍ତନ ମନ୍ତ୍ରୀ ପ୍ରତାପ ଜେନା ମାହାଙ୍ଗା ର ପ୍ରାକ୍ତନ ମନ୍ତ୍ରୀ ସେକ ମତଲୁଦ୍ଧ ଅଲ୍ଲୀ ଙ୍କୁ ହରାଇ ପ୍ରଥମ ଥର ପାଇଁ ଲୋକ ପ୍ରତିନିଧି ଭାବେ ବିଧାନ ସଭାକୁ ନିର୍ବାଚିତ ହୋଇ ଥିଲେ ।୨୦୧୪ ମସିହା ବିଧାନ ସଭା ନିର୍ବାଚନ ରେ ସ୍ୱାଧୀନ ପ୍ରାର୍ଥୀ ମାହାଙ୍ଗା ବିକାଶ ପରିଷଦ ସଭାପତି ଶାରଦା ପ୍ରସାଦ ପ୍ରଧାନ ଙ୍କୁ ବିପୁଳ ଭୋଟ ବ୍ୟବଧାନରେ ପରାଜିତ କରି ବିଜୟୀ ହୋଇ ଥିଲେ ।ସେହିପରି ଗତ । ୨୦୧୯ ନିର୍ବାଚନରେ ବିଜେପି ପ୍ରାର୍ଥୀ ଶାରଦା ପ୍ରସାଦ ପ୍ରଧାନଙ୍କୁ ମଧ୍ୟ ପରାଜିତ କରିଥିଲେ ।ବର୍ତ୍ତମାନ ୨୦୨୪ ବିଧାନ ସଭା ନିର୍ବାଚନ ପାଇଁ ।ମାନ୍ୟବର ମୁଖ୍ୟ ମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେଡି ପ୍ରାର୍ଥୀ ରୂପେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ସବୁଜ ସଂକେତ ପ୍ରଦାନ କରିଥିବା ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି ।ଆସନ୍ତା ନିର୍ବାଚନରେ ପ୍ରତାପ ଜେନା ବିଜୟୀ ହୋଇ ବାଜିମାତ କରିବେ ବୋଲି ରାଜନୈତିକ ମହଲରେ ମୁଖ୍ୟ ପ୍ରସଙ୍ଗ ହୋଇ ଉଠିଛି ।ପ୍ରତାପ ଜେନାଙ୍କ ବ୍ୟାପକ ବିକାଶ ଧାରା ଓ ଉନ୍ନୟନ କାର୍ଯ୍ୟ ତଥା ସଫଳ ରାଜନୈତିକ ଗୋଟି ଚାଳନା ବିଜେଡି କର୍ମୀ ମହଲରେ ମହା ଆନନ୍ଦ ସୃଷ୍ଟି ହୋଇଛି ।ମାହାଙ୍ଗା ର ଦୃତ ବିକାଶ ,ଉନ୍ନୟନ କାର୍ଯ୍ୟ ଓ ଜନସଂପର୍କ ପାଇଁ ମାହାଙ୍ଗା ର ଜନସାଧାରଣ ଶ୍ରୀ ଜେନାଙ୍କ ପ୍ରତି ଆକୃଷ୍ଟ ହୋଇ ଆଶୀର୍ବାଦ କରିବା ସହ ଏକ ପ୍ରକାର ମାହାଙ୍ଗା ର ବିଜୟ ମୁକୁଟ ତଥା ବାଜିମାତ ହାସଲ କରିବାର ସମ୍ଭାବନା ରହିଛି ।

# କଂଗ୍ରେସ ପକ୍ଷରୁ ଚର୍ଚ୍ଚାରେ ଯୁବନେତା ପ୍ରଦୀପ୍ତ ଦାସ



**ମାହାଙ୍ଗା(ଅମୃତ ମିଡ଼ିଆ):** କଟକ ଜିଲ୍ଲା ମାହାଙ୍ଗା ନିର୍ବାଚନ ମଣ୍ଡଳୀ କେନ୍ଦ୍ରାପଡ଼ା ଲୋକ ସଭା ଅଧିନର ଅନ୍ତର୍ଭୁକ୍ତ ଅଟେ ।ମାହାଙ୍ଗା ବିଧାନ ସଭା ନିର୍ବାଚନ ମଣ୍ଡଳୀ ରେ ଆଗାମୀ ନିର୍ବାଚନ ପାଇଁ କଂଗ୍ରେସ ଦଳ ପକ୍ଷରୁ ପ୍ରାର୍ଥୀ ଚୟନ ପାଇଁ ରାଜନୀତି ଜୋର୍ ଧରୁଛି ।ମାହାଙ୍ଗା ନିର୍ବାଚନ ମଣ୍ଡଳୀ ବିଗତ ଦିନରେ କଂଗ୍ରେସ ର ଗଡ ଥିଲା ।କିନ୍ତୁ ୨୦୦୦ ମସିହା ଠାରୁ ମାହାଙ୍ଗା ରେ ତିନୋଟି ଦଳ ମଧ୍ୟରୁ ବିଜେଡି ବାଜିମାତ ମାରି ଆସୁଛି ।ବିଜେପି ରେ ମଧ୍ୟ ଅନେକ ଆଶାୟୀଙ୍କ ନାମ ଶୁଣିବାକୁ ମିଳୁଛି ।କିନ୍ତୁ କଂଗ୍ରେସ ଦଳ ଯୁବ ନେତୃତ୍ୱ ପ୍ରତି ଆସ୍ଥା ବାନ୍ ଥାଇ ଲୋକପ୍ରିୟ ଯୁବ ନେତା ,ସୁଖ ଦୁଃଖର ସାଥୀ ପ୍ରଦୀପ୍ତ କୁମାର ଦାସଙ୍କ ନାମ ଚର୍ଚ୍ଚାରେ ଜୋର୍ ଦାର ଧରିଛି ।ମାହାଙ୍ଗା ର ବିକାଶ ଓ ଉନ୍ନତି କୁ ଆଗକୁ ବଢ଼ାଇବା ରେ ଯୁବ ନେତୃତ୍ୱ ରେ ଅଞ୍ଚଳ ବାସି ଆ ସ୍ଥାବାନ୍ ଅଛନ୍ତି ।ନିଷ୍ପାପର ,ନମ୍ର ସରଳ ବ୍ୟକ୍ତିତ୍ୱ ଯୁବନେତା ଶ୍ରୀ ଦାସ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକ ଙ୍କ ପଟଶିଷ୍ୟ ଭାବେ ଅଞ୍ଚଳରେ ପରିଚିତ ଅଟନ୍ତି ।ଏକମାତ୍ର କଂଗ୍ରେସ ଯୁବନେତା ପ୍ରଦୀପ୍ତ କୁମାର ଦାସ (ବୁଲୁ ଭାଇ) ଆଗାମୀ ନିର୍ବାଚନରେ କଂଗ୍ରେସ ଦଳର ଟିକେଟ ପାଇବା ପ୍ରାୟ ଏକପ୍ରକାର ସ୍ଥିର ହୋଇଥିବା ଅଞ୍ଚଳ ବାସି ଚର୍ଚ୍ଚାରେ ଅଛନ୍ତି ।ଜଣେ ଦରଦୀ ବନ୍ଧୁ ,ଗରିବ ନିରୀହ ଜନସାଧାରଣଙ୍କ ମନରେ ଆଶାର ସଂଚାର କରୁଥିବା ପ୍ରଦୀପ୍ତ ଦାସ ମଧ୍ୟ କରୋନା ସମୟରେ ସାହାଯ୍ୟର ହାତ ବଢ଼ାଇ ଏକ ଉଦାହରଣ ପାଲଟି ଛନ୍ତି ।ଯୁବ ନେତା ହିସାବରେ ଆଗାମୀ ନିର୍ବାଚନରେ କଂଗ୍ରେସ ବାଜିମାତ ମାରିବ ବୋଲି ବୁଦ୍ଧିଜୀବୀ ମାନେ ଆଶା ବ୍ୟକ୍ତ କରିଛନ୍ତି ।ଅନ୍ୟ ପକ୍ଷରେ ମାହାଙ୍ଗା ରେ ବିଜେଡି ର ପତିଆରା ବୃଦ୍ଧି ପାଉଥିବା ଓ ପ୍ରତାପ ଜେନାଙ୍କୁ ଦଳ ପୁଣି ଟିକେଟ ଦେଉଥିବା ସାଧାରଣରେ ଚର୍ଚ୍ଚା ହେଉଛି ।ଆଗାମୀ ନିର୍ବାଚନରେ ଜନସାଧାରଣ ନୂଆ ମୁହଁ ଯୁବନେତା ଭାବରେ ପ୍ରଦୀପ୍ତ କୁମାର ଦାସ ଙ୍କୁ ଭୋଟର ଭାଇ ମାନେ ଅପେକ୍ଷା କରିଥିବା ଚର୍ଚ୍ଚା ଜୋର୍ ଦରିଛି ।

# ଛେନା ଗୁଡ଼ଖିଆ ଗୋପୀନାଥଙ୍କ ବାର୍ଷିକ ଉତ୍ସବ



**ବଡ଼ଚଣା (ଅମୃତ ମିଡ଼ିଆ):** ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ଛତିଆ ନିକଟସ୍ଥ ଗୋଠମୁହଁ ଗ୍ରାମରେ ରହିଛନ୍ତି ପ୍ରସିଦ୍ଧ ଛେନାଗୁଡ ଖିଆ ଗୋପିନାଥ. । ପ୍ରଭୁ ଗୋପୀନାଥଙ୍କ ବିଶେଷତ୍ୱ ହେଉଛି କି କାହାରି କୌଣସି ଜିନିଷ ହଜିଗଲେ ଗୋପୀନାଥଙ୍କୁ ଛେନାଗୁଡ ଭୋଗ ଯାଚିଦେଲେ ଭକ୍ତ ତାଙ୍କର ହଜି ଯାଇଥିବା ଜିନିଷ ପାଇଥାଏ. ,ତେଣୁ ପ୍ରଭୁ ଗୋପୀନାଥଙ୍କ ନିକଟରେ ପ୍ରତିଦିନ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଭକ୍ତ ଆସି ଛେନାଗୁଡ ଭୋଗ ଲଗେଇ ଥାଆନ୍ତି ଏହି ପ୍ରତ୍ୟକ୍ଷ ଦେବତା ପ୍ରଭୁ ଗୋପୀନାଥଙ୍କର ବାର୍ଷିକୋତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି. ପ୍ରଥମ ଦିନରେ ସୋମବାର ସ୍ଥାନୀୟ ଜଶରାଜପୁର ଶୈବ ପୀଠ ଘାଟରୁ ଗୋପିନାଥ ମନ୍ଦିର ପର୍ଯ୍ୟନ୍ତ ଏକ ବିରାଟ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା. କଟକ ଜିଲ୍ଲା ଟାଙ୍ଗୀ ବ୍ଲକର ଟାଙ୍ଗୀ, ଗୋବିନ୍ଦପୁର, ଅଡମ୍ବରୁ, ନହରା, ମାହାଙ୍ଗା ବ୍ଲକର କଇଥା, ସମସରପୁର, ଯାଜପୁର ଜିଲ୍ଲାର ଛତିଆ, ନେଳିଆ ସୋଲର ଆଦି ପଞ୍ଚାୟତର ୩ଶହରୁ ଉର୍ଦ୍ଧ୍ୱ ମହିଳା ପୁରୁଷ ଶ୍ରଦ୍ଧାଳୁଙ୍କ ଏହି କଳସ ଶୋଭାଯାତ୍ରା ବିଭିନ୍ନ ଗାଁ ପରିକ୍ରମା କରି ପ୍ରଭୁ ଗୋପୀନାଥଙ୍କ ମନ୍ଦିରରେ ପହଞ୍ଚିଥିଲେ. ।ଏହା ପରେ ପଣ୍ଡିତ ମାନଙ୍କ ମନ୍ତ୍ର ଧ୍ୱନୀରେ ସମଗ୍ର ଅଞ୍ଚଳ କମ୍ପି ଉଠିଥିଲା. ।ଦ୍ୱିତୀୟ ଦିନରେ ଯଜ୍ଞ ଆରମ୍ଭ ହୋଇ ସନ୍ଧ୍ୟାରେ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା । ଦୁଇ ଦିନ ଧରି ସନ୍ଧ୍ୟାରେ ପ୍ରତିଷ୍ଠିତ କଳାକାର ଙ୍କ ଦ୍ୱାରା ଭଜନ ପରିବେଷଣ ହୋଇଥିଲା. ।ଦୁଇଦିନରେ ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ ଯୋଗ ଦେଉଥିବା ସମସ୍ତ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା. ।ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ ଗୋଠମୁହଁ ଗାଁର ସଭାପତି ଭଗବାନ ପାଲ, ସମ୍ପାଦକ ଗୋପାଳ ନାଥଙ୍କ ପରିଚାଳନାରେ ଦିଲ୍ଲୀପ କୁମାର ଦାସ, ଶୁସାନ୍ତ କୁମାର ସାହୁ, ସାମ୍ବାଦିକ କମଳାକାନ୍ତ ପାଲ, ଅଜୟ କୁମାର ନାଥ, ଲକ୍ଷ୍ମୀଧର ନାୟକ, ଦିପକ କୁମାର ଷେଣ୍ଠେ, ଉପେନ୍ଦ୍ର ସାହୁ, କପିଳ ଚରଣ ପାଲଙ୍କ ସମେତ ଗୋଠମୁହଁ ଗ୍ରାମବାସୀ ଓ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ସହଯୋଗ କରିଥିଲେ । ଅଞ୍ଚଳଟି ଆଧାତ୍ମିକ ପରିବେଶ ରେ ଖୁବ୍ ଉତ୍ସବ ମୁଖର ହୋଇଥିଲା ।

# ସର୍ଟ ସର୍କିଟରୁ ଜଳିଗଲା ଆଇରନ ବୋଝେଇ ଟ୍ରକ



**ମାର୍ଶାଘାଇ (ଅମୃ ମିଡିଆ ):** ମଙ୍ଗଳ ବାର ରାତି ପ୍ରାୟ ୮ ଟା ସମୟରେ ୫୩ ନଂ ଜାତୀୟ ରାଜପଥର ତାରିଣୀ ମନ୍ଦିର ନିକଟରେ ଆଇରନ ବୋଝେଇ ଟ୍ରକ ଜଳିଗଲା କ୍ଷ ସୂଚନା ଥାଉକି ଓଆର୦୯ପି ୫୦୧୩ ୧୦ ଚକିଆ ଟ୍ରକ ଆଇରନ ବୋଝେଇକରି କେନ୍ଦୁଝରରୁ ପାରାଦ୍ୱୀପ ଅଭିମୁଖେ ବାହାରିଥିଲା କ୍ଷ ଅପରାହ୍ନ ଠାରୁ ଗାଡି ବ୍ରେକ ଡାଉନ ପାଇଁ ତାରିଣୀ ମନ୍ଦିର ନିକଟ ରାସ୍ତା କଡରେ ଛିଡା ହୋଇଥିବା ବେଳେ ସର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିଲା କ୍ଷ ଡ୍ରାଇଭର ସୁରକ୍ଷିତ ଭାବେ ଗାଡିରୁ ବାହାରି ଆସିଥିଲେ କ୍ଷ ଖବର ପାଇ ମାର୍ଶାଘାଇ ଅଗ୍ନିଶମ ବିଭାଗ ପହଂଚି ନିଆଁକୁ ଆୟତ କରିଥିଲା କ୍ଷ ତେବେ ଟ୍ରକର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଜଳିଯାଇଛି କ୍ଷ ଏହି ଟ୍ରକଟି ଚାନ୍ଦୋଳ ଅଂଚଳର ବୋଲି ଜଣାପଡିଛି କ୍ଷ ଗାଡି ମାଲିକ ପହଂଚି ଥିବା ବେଳେ ମାର୍ଶାଘାଇ ପୋଲିସ ତଦନ୍ତ ଜାରି ରଖିଛି ।

# ବାରଡାଙ୍ଗ ଗ୍ରାମରେ ଗ୍ରାମୀଣ ଡାକ କର୍ମଶାଳା ଅନୁଷ୍ଠିତ




**ମାର୍ଶାଘାଇ (ଅମୃତ ମିଡିଆ ):** ମହାକାଳପଡ଼ା ଥାନା ଅନ୍ତର୍ଗତ ବାରଡାଙ୍ଗ ପଂଚାୟତ ସଭାଗୃହରେ ବୁଧବାର ଗ୍ରାମୀଣ ଡାକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି କ୍ଷ କେନ୍ଦ୍ରାପଡା ଉତ୍ତର ଡାକ ମଣ୍ଡଳ ର ଅଧିକ୍ଷକ ଦେବରାଜ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସୁକନ୍ୟା ସମୃଦ୍ଧି ଯୋଜନା, ମହିଳା ସମ୍ମାନ ଡାକ ସଂଚୟ ଯୋଜନା,ଗ୍ରାମୀଣ ଡାକ ମାସିକ ସଂଚୟ ଯୋଜନା, ଗ୍ରାମୀଣ ଡାକ ଜୀବନ ବୀମା ଯୋଜନା,ଦୈନିକ ଡାକ ସଂଚୟ ଖାତା, ଏକ ବର୍ଷିଆ , ଦୁଇ ବର୍ଷିଆ , ପାଞ୍ଚ ବର୍ଷିଆ ଫିକ୍ସ ଯୋଜନା ଏବଂ ଇଣ୍ଡିଆ ପୋଷ୍ଟ ପେମେଣ୍ଟ ଯୋଜନା ସମେତ ବିଭିନ୍ନ ପ୍ରକାରର ଡାକ ଜୀବନ ବୀମା ଯୋଜନାର ଲାଭଦାୟକ ସ୍କିମ ସମ୍ପର୍କରେ ଉପସ୍ଥିତ ଜନସାଧାରଣ ଙ୍କୁ ଅବଗତ କରାଇଥିଲେ କ୍ଷ ଡାକ ବିଭଗର ଉପ ଅଧିକ୍ଷକ ବିଜୟ ପ୍ରଧାନ, ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ପରିଚାଳକ ଦୁର୍ଗା ପ୍ରସାଦ ମାଧବ ପରିଡା,ସେକ ମନୁଆର, ସେକ ସାନୁଆର ପ୍ରମୁଖ ଉପସ୍ଥିତ ଥିଲେ କ୍ଷ ସ୍ଥାନୀୟ ନନ୍ତାର ବାରଡାଙ୍ଗ ଗ୍ରାମୀଣ ଶାଖା ସେବକ ପ୍ରଭାତ ବେହେରା,ଅମୀୟ ରଞ୍ଜନ ଜେନା, ଶ୍ୟାମସୁନ୍ଦର ଦାସ ପ୍ରମୁଖ କର୍ମଶାଳା ପରିଚାଳନାରେ ସହଯୋଗ କରିଥିବା ବେଳେ ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ୧୭ ଗ୍ରାମୀଣ ଡାକ ସେବକ, ଡାକ ବିଭାଗର ହିତାଧିକାରୀ ଏବଂ ଶତାଧିକ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ । ପୋତାରୀରେ ବିଶ୍ୱ ପଖାଳ ଦିବସ ପାଳିତ ।

# ଦରବଛା ମହାବୀର ଯଜ୍ଞ ଉଦ୍ୟାପିତ



**ମାର୍ଶାଘାଇ (ଅମୃତ ମିଡିଆ ):** ମାର୍ଶାଘାଇ ବ୍ଲକ ମଣିକୁଣ୍ଡା ପଞ୍ଚାୟତ ଦରବଛା ଗ୍ରାମ ରେ ଅନୁଷ୍ଠିତ ହେଉଥିବା ବାଞ୍ଛାସିଦ୍ଧି ମହାବୀର ଙ୍କ ଚତୁର୍ଥ ବାର୍ଷିକ ଜନ୍ମଉତ୍ସବ ଯଜ୍ଞ ସୋମବାର ରାତିରେ ଉଦଯାପିତ ହୋଇଯାଇଛି କ୍ଷ ଶନିବାର ଲୁଣା ନଦୀ ଘାଟରୁ ଶହ ଶହ ମହିଳା ପୁରୁଷ ଶ୍ରଦ୍ଧାଳୁ ବିଶାଳ କଳସ ଶୋଭାଯାତ୍ରା ରେ କଳସିରେ ଜଳ ଆଣି ଯଜ୍ଞ ମଣ୍ଡପ ରେ ସ୍ଥାପନ କରିଥିଲେ କ୍ଷ ଗୋ ପୂଜା, ସୂର୍ଯ୍ୟ ପୂଜା, ଗୀତ ଆହୁତି କରାଯାଇ ଘଟ ପୂଜା ପରେ ହୋମ ଯଜ୍ଞ ଆରମ୍ଭ ହୋଇଥିଲା କ୍ଷ ଏକ ହଜାର ଆଠ ଆହୁତି ଦିଆଯିବା ପରେ ସୋମବାର ରାତିରେ ପୂର୍ଣ୍ଣାହୁତି ଦିଆଯାଇ ଯଜ୍ଞ ଉଦଯାପିତ ହୋଇଥିଲା କ୍ଷ ମାଳିକା ବିଶାରଦ ପ୍ରମୋଦ କୁମାର, ପ୍ରବଚକ ମନୋଜ ପ୍ରଧାନ,କଟକ ର ଶ୍ରୀକ୍ଷେତ୍ର ଭଜନ ମଞ୍ଚ ର କଳାକାର ମାନେ ଭଜନ ପରିବେଷଣ କରିଥିଲେ । ଦରବଛା ବାରାପାଟ ଗ୍ରାମର ବାଞ୍ଛାସିଦ୍ଧି ମହାବୀର ପୂଜା କମିଟିର ସମସ୍ତ ସଦସ୍ୟ ଙ୍କ ସହିତ ଗ୍ରାମବାସୀ ମାନେ ସକ୍ରିୟ ସହଯୋଗ କରିଥିଲେ ।

# ପୋତାରୀରେ ବିଶ୍ୱ ପଖାଳ ଦିବସ ପାଳିତ



**ମାର୍ଶାଘାଇ(ଅମୃତ ମିଡିଆ):** ମାର୍ଶାଘାଇ ବ୍ଲକ ମଙ୍ଗରାଜପୁର ପଞ୍ଚାୟତ ପୋତାରୀ ଠାରେ ବୁଧବାର ବିଶ୍ୱ ପଖାଳ ଦିବସ ଉତ୍ସବ ପାଳିତ ହୋଇଯାଇଛି କ୍ଷ ସ୍ଥାନିୟ ଫ୍ରେଣ୍ଡସ କ୍ଲବ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ କ୍ଲବ ସଭାପତି ତଥା ଜିଲ୍ଲାପରିଷଦ ସଦସ୍ୟ ପ୍ରତାପ କୁମାର ମଲିକ ସଭାପତିତ୍ୱ ରେ ମାର୍ଶାଘାଇ ପଞ୍ଚାୟତ ସମିତି ଅଧକ୍ଷା ମଧୁସ୍ମିତା ସାମଲ, ପୂର୍ବତନ ଅଧକ୍ଷ ସଞ୍ଜୟ କୁମାର ଲେଙ୍କା, ବ୍ଲକ ମହିଳା ସଙ୍ଘ ସଭାନେତ୍ରୀ ଶର୍ମିଷ୍ଠା ନାୟକ, ସମ୍ପାଦିକା ଭାରତୀ ଦଳାଇ, ସମ୍ପାଦିକା ତଥା ବଟିରା ପଞ୍ଚାୟତ ସମିତି ସଭ୍ୟା ସୁନତି ସାହୁ, ଗରଜଙ୍ଗା ସମିତି ସଭ୍ୟ ଶରତ ଚନ୍ଦ୍ର ପ୍ରଧାନ, ପରକୁଳା ସମିତି ସଭ୍ୟ ସଞ୍ଜୟ ପାତ୍ର, ମଙ୍ଗରାଜପୁର ସମିତି ସଭ୍ୟା ସୋନାଲି ମଲିକ, ଖବରଦାତା ଶୁଭେନ୍ଦୁ ଚୌଧୁରୀ, ବିଚିତ୍ରାନନ୍ଦ ବେହେରା,ପ୍ରଦୀପ ସ୍ୱାଇଁ, ସରୋଜକାନ୍ତ ପରିଡା, ବିବେକ ଜେନା, ବିଦ୍ୟାଧର ଦାସ ପ୍ରମୁଖ ଯୋଗ ଦେଇ ଗ୍ରାମାଞ୍ଚଳରେ ଏହିଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବାରୁ ଫ୍ରେଣ୍ଡ୍ସ କ୍ଲବ ର ସଦସ୍ୟ ମାନଙ୍କୁ ସାଧୁବାଦ ଜଣାଇଥିଲେ । ସର୍ବେଶ୍ୱର ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ସୂର୍ଯ୍ୟକାନ୍ତ ନାଥ,ବିଚିତ୍ର ମଲିକ, ଜିତେନ୍ଦ୍ର ସେଠୀ, ବିକାଶ ଦାସ, ସଂଗ୍ରାମ ମଲିକ, ହେମନ୍ତ ଦାସ, ରଂଜନ ପଟ୍ଟନାୟକ, କୁନମୁନ ପଟ୍ଟନାୟକ, ରବୀନ୍ଦ୍ର ନାୟକ, ତନୁଜ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ କ୍ଷ ୫ଶହରୁ ଉର୍ଦ୍ଧ୍ୱ ସ୍ଥାନୀୟ ଜନସାଧାରଣ ଯୋଗ ଦେଇ ପଖାଳ, ଦହି, ଚୁନା ମାଛ, ମାଛ ଖଣ୍ଡ, ଭଜା, ଆଳୁ ଭର୍ତ୍ତା, ବିଭିନ୍ନ ପ୍ରକାର ଶାଗଭଜା, ବଡ଼ି ଚୁରା, ବାଦାମ ଚୁରା, ଆଚାର, ଚଟଣି ଆଦି ଖାଇ ପଖାଳ ଦିବସ ପାଳନ କରିଥିଲେ ।

# କାଳବୈଶାଖୀ ପ୍ରଭାବରେ ଭାଙ୍ଗିଲା ଟେଣ୍ଟ



**ମାର୍ଶାଘାଇ( ଅମୃତ ମିଡିଆ):** କାଳବୈଶାଖୀ ପ୍ରଭାବରେ ମାର୍ଶାଘାଇ ଅଂଚଳରେ ବର୍ଷା ପବନ ଲାଗି ରହିଛି କ୍ଷ ସୋମବାର ରାତି ପ୍ରାୟ ୩ଟା ସମୟରେ ଜୋରରେ ପବନ ବହିବା ସହିତ ଘଡଘଡି ଓ ବର୍ଷା ହୋଇଥିଲା କ୍ଷ ପବନ ମାଡ଼ରେ ଅଙ୍ଗୁଳାଇ ଛକ ନିକଟରେ ଜିଲ୍ଲାପରିଷଦ ସଦସ୍ୟକ୍ଷଙ୍କ କାର୍ଯ୍ୟାଳୟ ପରିସରରେ ହୋଇଥିବା ଟେଣ୍ଟ ଉଡେଇ ଭାଙ୍ଗି ଯାଇଛି କ୍ଷ ଟେଣ୍ଟ ଭାଙ୍ଗିଯାଇ କେନ୍ଦ୍ରାପଡା ମାର୍ଶାଘାଇ ମୁଖ୍ୟ ରାସ୍ତାକୁ ଅର୍ଦ୍ଧାଧିକ ଅବରୋଧ କରି ପଡ଼ି ରହିଥିଲା କ୍ଷ ସକାଳୁ କର୍ମଚାରୀମାନେ ପହଂଚି ଭାଙ୍ଗି ଯାଇଥିବା ଟେଣ୍ଟ ର ବାଉଁଶ, କପଡା, ପାଲ କୁ ଖୋଲି ରାସ୍ତାକୁ ପରିଷ୍କାର କରିଥିଲେ କ୍ଷ ଘଡଘଡି ଏବଂ ବର୍ଷା ଯୋଗୁଁ ରାତିରୁ ବିଦ୍ୟୁତ ଯୋଗାଣ ୮/୧୦ ଘଣ୍ଟା ପର୍ଯ୍ୟନ୍ତ ବ୍ୟାହତ ହୋଇଥିଲା ।

# ଭାରସାମ୍ୟ ହରାଇ ଦୋକାନ ଭିତରେ ପଶିଗଲା ଯାତ୍ରୀବାହୀ ବସ୍, ଅଳ୍ପକେ ବର୍ତ୍ତିଲେ ଯାତ୍ରୀ



**ବାରିପଦା(ଅମୃତ ମିଡିଆ):** କରଞ୍ଜିଆରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ ଯାତ୍ରୀବାହୀ ବସ ଭାରସାମ୍ୟ ହରାଇ କରଞ୍ଜିଆ - ଠାକୁରମୁଣ୍ଡା ରାସ୍ତାର କେନ୍ଦୁମୁଣ୍ଡି ଠାରେ ଥିବା ରାସ୍ତା କଡ଼ ଦୋକାନ ଭିତରକୁ ପଶି ଯିବାରୁ ଦୁର୍ଘଟଣା ରେ ବସ ଯାତ୍ରୀ ଙ୍କ ସମେତ ଦୋକାନ ରେ ଥିବା ଲୋକ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ସୂଚନା ଅନୁଯାୟୀ ପଥସାରଥୀ ନାମକ ଯାତ୍ରୀବାହୀ ବସ କରଞ୍ଜିଆ ରୁ ପ୍ରାୟ ୩୦ ରୁ ଉର୍ଦ୍ଧ୍ୱ ଯାତ୍ରୀ ଙ୍କୁ ନେଇ ଭୁବନେଶ୍ୱର ଯାଉଥିବା ସମୟରେ ଅପରାହ୍ନ ୨ ଟା ସମୟରେ ବସଟି ଭାରସାମ୍ୟ ହରାଇ ରାସ୍ତା କଡ଼ ଦୋକାନ ଭିତରକୁ ପଶି ଯାଇଥିଲା ।ଦୁର୍ଘଟଣା ପରେ କରଞ୍ଜିଆ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଥିବାର ପ୍ରକାଶ ।

# ନିର୍ବାଚନ ପାଇଁ କପ୍ତିପଦା ଉପଖଣ୍ଡ ଚଳଚଞ୍ଚଳ

**ବାରିପଦା/ ଉଦଳା(ଅମୃତ ମିଡିଆ):** ସାଧାରଣ ନିର୍ବାଚନ - ୨୦୨୪ ପାଇଁ ସମଗ୍ର କପ୍ତିପଦା ଉପଖଣ୍ଡ ଚଳଚଂଚଳ ହୋଇ ଉଠିଛି । ଇତି ମଧ୍ୟରେ ଚଳିତ ମାର୍ଚ୍ଚ ୧୪ ତାରିଖ ଠାରୁ ୧୭ ତାରିଖ ପର୍ଯ୍ୟ' ଉଦଳା ମହାବିଦ୍ୟାଳୟ, ଉଦଳା ଉଚ୍ଚ ବିଦ୍ୟାଳୟ, ଉଦଳା ବାଳିକା ଉଚ୍ଚ ବିଦ୍ୟାଳୟ, କପ୍ତିପଦା ଉଚ୍ଚ ବିଦ୍ୟାଳୟ ଓ ଖୁଂଟା ଉଚ୍ଚ ବିଦ୍ୟାଳୟ, ମୋଟ ୫ଟି ତାଲିମ କେନ୍ଦ୍ରରେ ସମୁଦାୟ ୨୫୦୦ ଜଣ ପ୍ରିଜାଇଡ଼ିଂ ଓ ପୋଲିଂ ଅଫିସରଙ୍କ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ସେହିପରି ନୋଡ଼ାଲ ଅଫିସର ଓ ବିଭାଗୀୟ କର୍ମଚାରୀ ମାନଙ୍କର ଏକ ତାଲିମ ଚଳିତ ମାର୍ଚ୍ଚ ୧୯ ତାରିଖ ଦିନ ସ୍ଥାନୀୟ ଉପଜିଲ୍ଲାପାଳଙ୍କ ସମ୍ମିଳନି କକ୍ଷରେ ଅନୁଷ୍ଠିତ ହୋଇ ଯାଇଛି । ଉପଜିଲ୍ଲାପାଳ ସୁଶା' କୁମାର ବାରିକ , ଆଇଟିଡ଼ିଏର ପ୍ରକଳ୍ପ ପ୍ରଶାସକ ନରେନ୍ଦ୍ର ଖମାରି ଓ ଡ଼େପୁଟି କଲେକ୍ଟର ପ୍ରତୀକ ପଣ୍ଡାଙ୍କ ନେତୃତ୍ୱରେ ତାଲିମ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିବାର ପ୍ରକାଶ ।

# ଭଞ୍ଜନଗର ବିଜେଡିର ମିଶ୍ରଣପର୍ବ

## ୩ ବିଜେପି ସମର୍ଥିତ ସରପଞ୍ଚଙ୍କ ସମେତ ୬ଟି ପଞ୍ଚାୟତର ୫ ଶହରୁ ଉର୍ଦ୍ଧ୍ୱ ସମର୍ଥକ ବିଜେଡିରେ ସାମିଲ

## ଶଙ୍ଖ ଧରିଲେ ପୂର୍ବତନ ଜିଲ୍ଲା କଂଗ୍ରେସ ସଂପାଦକ ଶେଖର ଦାଶ



**ଭଞ୍ଜନଗର (ଅମୃତ ମିଡିଆ):** ନିର୍ବାଚନୀ ବିଗୁଲ୍ ବାଜିବା ସହ ଭଞ୍ଜନଗର ନିର୍ବାଚନ ମଣ୍ଡଳୀରେ ରାଜନୈତିକ ଗତିବିଧି ଚଳ ଚଞ୍ଚଳ ହୋଇ ଉଠିଛି। ସ୍ଥାନୀୟ ଟାଉନ୍ ହଲ୍ ପରିସରରେ ବିଜେଡି ପକ୍ଷରୁ ଏକ ବଡଧରଣର ମିଶ୍ରଣ ପର୍ବ ଆୟୋଜିତ ହୋଇଯାଇଛି। ଏଥିରେ ଏହି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଜଗନ୍ନାଥ ପ୍ରସାଦ ବ୍ଲକ ର ଜଗନ୍ନାଥ ପ୍ରସାଦ, ଛାମୁଣ୍ଡା ଓ ଅଲାଡି ପଞ୍ଚାୟତ ର ବିଜେପି ସମର୍ଥିତ ସରପଞ୍ଚ ମାନେ ସେମାନଙ୍କ ସମର୍ଥକଙ୍କ ସହ ବିଜେଡିରେ ସାମିଲ ହୋଇଛନ୍ତି। ସେହିପରି ଜଗନ୍ନାଥ ପ୍ରସାଦ ବ୍ଲକ ରଢାପଦର ପଞ୍ଚାୟତ ର ୨ ଜଣ ଆଦିବାସୀ ନେତାଙ୍କ ସହ ସେମାନଙ୍କ ସମର୍ଥକ ଏବଂ ଭଞ୍ଜନଗର ବ୍ଲକ ର ମୁଜାଗଡ ଓ ହରିଗଡ ପଞ୍ଚାୟତ ର କିଛି ଛାମୁଆଁ ବିଜେପି କର୍ମୀ ସେମାନଙ୍କ ଶହ ଶହ ସମର୍ଥକଙ୍କ ସହ ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଙ୍କ ଆଦର୍ଶ ରେ ଅନୁପ୍ରାଣିତ ହୋଇ ବିଜେଡି ରେ ସାମିଲ ହୋଇଛନ୍ତି। ଅନ୍ୟପକ୍ଷରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଂପାଦକ ଖରାସ୍ୱଶୁ ଶେଖର ଦାଶ ମଧ୍ୟ କଂଗ୍ରେସ ଛାଡି ଆଜି ବିଧିବଦ୍ଧ ଭାବେ ବିଜେଡି ରେ ସାମିଲ ହୋଇଛନ୍ତି।

ଏଥିପାଇଁ ସ୍ଥାନୀୟ ଟାଉନ୍ ହଲ୍ ପରିସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ରେ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଜିଲ୍ଲା ବିଜେଡି ସଭାପତି ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଓଡିଶା କାଜୁ ଉନ୍ନୟନ ନିଗମର ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା, ଜିଲ୍ଲା ଉପସଭାପତି ରାଜ କୁମାର ସାହୁ, ନଗରପାଳ ଗୋପବନ୍ଧୁ ମହାପାତ୍ରଙ୍କ ସମେତ ଭଞ୍ଜନଗର ଓ ଜଗନ୍ନାଥ ପ୍ରସାଦ ବ୍ଲକ ର ବ୍ଲକ ବିଜେଡି ସଭାପତି, ବ୍ଲକ ଅଧ୍ୟକ୍ଷ ଅଧ୍ୟକ୍ଷା, ସାଂସଦ ପ୍ରତିନିଧି ମାନଙ୍କ ସହ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ମଞ୍ଚାସୀନ ରହିଥିଲେ।

ଆୟୋଜିତ ମିଶ୍ରଣ ପର୍ବ ରେ ମଞ୍ଚାସୀନ ନେତାମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ଲୋକପ୍ରିୟତା ଏବେ ସାରା ଭାରତବର୍ଷ ରେ ସର୍ବୋଚ୍ଚ ସ୍ଥାନରେ ରହିଥିବା ଉଲ୍ଲେଖ କରି ବିଜୁ ଜନତାଦଳର ସରକାର ଓଡ଼ିଶାବାସୀଙ୍କ ପାଇଁ ଯେଉଁ ସବୁ ଯୋଜନା କାର୍ଯ୍ୟକାରୀ କରିଛନ୍ତି ସାରା ଭାରତରେ କୌଣସି ରାଜ୍ୟର ମୁଖ୍ୟମନ୍ତ୍ରୀ ଏଭଳି ଯୋଜନା ଆଜିଯାଏଁ ପ୍ରଣୟନ କରିପାରିନାହାନ୍ତି ବୋଲି ଉଲ୍ଲେଖ କରିଥିଲେ। ନିଃସ୍ୱାର୍ଥପର ସେବା ହିଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କୁ ଆଜି ଲୋକପ୍ରିୟତା ର ଶୀର୍ଷରେ ପହଞ୍ଚାଇ ପାରିଛି। ସେହିପରି ଭଞ୍ଜନଗର ର ବିକାଶ ର ସାରଥି ବିକ୍ରମ କେଶରୀ ଆରୁଖ ଙ୍କ ଲୋକପ୍ରିୟତା ମଧ୍ୟ ଶିଖର ଛୁଇଁଛି। ଏହି ନିର୍ବାଚନ ମଣ୍ଡଳୀ କୁ ବିକାଶର ମଡେଲ ଭାବେ ପରିଣତ କରିଥିବା ଅର୍ଥମନ୍ତ୍ରୀ ଆରୁଖ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ଦୃଢ ନେତୃତ୍ୱ ପଛରେ ଠିଆ ହେବା ସହ ନିଜ ଅଞ୍ଚଳର ଲୋକଙ୍କୁ ଉଚିତ ସେବା ଯୋଗାଇଦେବା ଲକ୍ଷ୍ୟରେ ଏହି ସରପଞ୍ଚ ମାନେ ବିଜୁ ଜନତାଦଳ ରେ ଯୋଗ ଦେଇଥିବା ନିଜ ନିଜର ପ୍ରତିକ୍ରିୟା ରେ ଉଲ୍ଲେଖ କରିଛନ୍ତି।

ଆଜି ବିଜେଡି ରେ ସାମିଲ ହୋଇଥିବା ନେତାମାନଙ୍କ ମଧ୍ୟରେ ଛାମୁଣ୍ଡା ସରପଞ୍ଚ ଶର୍ମିଷ୍ଠା ମଲିକ, ଅଲାଡି ପଞ୍ଚାୟତ ସରପଞ୍ଚ ବାବାଜୀ ପଲେଇ, ଜଗନ୍ନାଥ ପ୍ରସାଦ ସରପଞ୍ଚ ରଶ୍ମିତା ସେଠୀ, ବାପି ପଣ୍ଡା, ରଢାପଦର ପଞ୍ଚାୟତ ର ଆଦିବାସୀ ନେତା ନକୁଳ ଜାନୀ ଓ ଅର୍ଜୁନ ମଲିକ, ମୁଜାଗଡ ପଞ୍ଚାୟତ ର ପିତବାସ ଗୌଡ, ବେଳାଳସେନ ଦଳ ବେହେରା, ହରିଗଡ ପଞ୍ଚାୟତର ସନ୍ତୋଷ ମିଶ୍ର ଓ ପୂର୍ଣ୍ଣଚନ୍ଦ୍ର ବେହେରା ତଥା ପୂର୍ବତନ ଜିଲ୍ଲା କଂଗ୍ରେସ ସଂପାଦକ ଖରାସ୍ୱଶୁ ଶେଖର ଦାଶ ପ୍ରମୁଖ ରହିଛନ୍ତି। ଏମାନେ ସେମାନଙ୍କ ଶତାଧିକ ସମର୍ଥକଙ୍କ ସହ ଆଜି ବିଧିବଦ୍ଧ ଭାବେ ବିଜେଡି ରେ ସାମିଲ ହୋଇଛନ୍ତି। ଏହା ଆଗାମୀ ଦିନରେ ବିଜେଡି କୁ ଆହୁରି ଅଧିକ ଶକ୍ତିଶାଳୀ କରିବ ବୋଲି ଏହି ଅବସରରେ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଉଲ୍ଲେଖ କରିଛନ୍ତି।

ଏହି ମିଶ୍ରଣ ପର୍ବ କାର୍ଯ୍ୟକ୍ରମ କୁ ଯୁବ ଟାଉନ୍ ବିଜେଡି ସଭାପତି ସୁଧୀର ରଞ୍ଜନ ବେହେରା ଓ ଦିବାକର ନାୟକ ସଂଯୋଜନା କରିଥିଲେ।

# ପାନୀୟଜଳରେ ପଙ୍କମିଶ୍ରିତ ନାଳ ନର୍ଦ୍ଦମା ପାଣି ବାହାରୁଥିବା ଅଭିଯୋଗ

**ଛତ୍ରପୁର (ଅମୃତ ମିଡିଆ):** ଗଞ୍ଜାମ ଜିଲ୍ଲା ଛତ୍ରପୁର ସହରରେ ପାନୀୟଜଳଯୋଗାଣରେ ଦୂଷିତ, ଗୋଳିଆ, ପଙ୍କ ମିଶ୍ରିତ ନର୍ଦ୍ଧମା ପାଣି ବାହାରୁଛି । ଏନେଇ ଲୋକେ ଅତିଷ୍ଠ ହୋଇ କ୍ଷୋଭ ପ୍ରକାଶ କରିଛନ୍ତି । ପ୍ରକାଶ ଥାଉକି, ଗଞ୍ଜାମ ଜିଲ୍ଲାର ସଦରମହକୁମା ଛତ୍ରପୁର ସହରାଞ୍ଚଳରେ ପାନୀୟ ଜଳରେ ଦୂଷିତ ଗୋଳିଆ ପାଣି ବାହାରୁଥିବା ନେଇ ଏକ ସଙ୍ଗୀନ ଅଭିଯୋଗ ଆସିଛି । ବିଭିନ୍ନ ୱାର୍ଡ୍, ସାହି ବସ୍ତି ଅଞ୍ଚଳର ଲୋକମାନେ ଅତ୍ୟନ୍ତ କ୍ଷୋଭ ର ସହ ବାରମ୍ବାର ଅଭିଯୋଗ ଆଣିଛନ୍ତି । ଏହି ଅନୁରୂପ ଘଟଣା ସହରାଞ୍ଚଳରେ ବାରମ୍ବାର ଅଭିଯୋଗ ଆସିଥିଲେ ମଧ୍ୟ ଏବେ ଗତ ୪୮ ଘଣ୍ଟା ବିତିଯାଇଥିଲେ ମଧ୍ୟ ବିଭାଗୀୟ ଜନସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷ ଧ୍ୟାନ ଦେଇ ଏହାର ପ୍ରତିକାର କରୁନାହାନ୍ତି ବୋଲି ଲୋକମାନେ ମତ ପ୍ରକାଶ କରୁଛନ୍ତି । ମଙ୍ଗଳବାର ରିକାପଲ୍ଲୀ, ରାମନଗର, ବିଦ୍ୟାଧର ନଗର ଆଦି ଅଞ୍ଚଳର ଘରୋଇ ସଂଯୋଗ ପାଣିକଳରେ ଗୋଳିଆ, ଦୁର୍ଗନ୍ଧ ନାଳ ପାଣି ବାହାରିଥିବା ର ସାହି ବାସିନ୍ଦା ର ଲୋକେ ଅଭିଯୋଗ କରିଥିଲେ । ଏହି ପାଣିର ସାମ୍ପଲ୍ ଓ ଭିଡ଼ିଓ ଆମପ୍ରତିନିଧିଙ୍କ ଦୃଷ୍ଟି ଗୋଚର କୁ ଅଣାଯାଇଥିବା ପରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଶ୍ରୀମତୀ ମୃଦୁ ପାଣିଗ୍ରାହୀ ଙ୍କ ୱାଟସ୍-ଆପ୍ ଯୋଗେ ଦୃଷ୍ଟିକୁ ଅଣାଯାଇଥିବା ସତ୍ତ୍ୱେ ମ୍ୟାଡମ୍ କଣ ପଦକ୍ଷେପ ନେଲେ ଜଣାପଡିନି । ହେଲେ ଆଜି ଦିନ ପାଣି ନ ପାଇ ସହରଞ୍ଚଳ ର ହଜାର ହଜାର ଲୋକ ହନ୍ତସନ୍ତ ହୋଇଛନ୍ତି । ଏଭଳି ବହୁବାର ପାନୀୟ ଜଳରେ ଦୂଷିତ, ଗୋଳିଆ, ପଙ୍କ ମିଶ୍ରିତ ନାଳ ନର୍ଦ୍ଦମା ପାଣି ବାହାରୁଥିବାର ଅଭିଯୋଗ କଲେ ମଧ୍ୟ କର୍ତ୍ତୃପକ୍ଷ କୌଣସି ପ୍ରତିକାର ବ୍ୟବସ୍ଥା କରୁନାହାଁନ୍ତି । ଏଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତଥା ଗଞ୍ଜାମ ଜିଲ୍ଲାପାଳ ଏଥି ପ୍ରତି ଧ୍ୟାନ ଦେଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଜନସାଧାରଣଙ୍କ ତରଫରୁ ଦୃଢ଼ ଦାବୀ ହେଉଅଛି ।

# ସାଇ ଗୁରୁକୁଳ ଆବାସିକ ବିଦ୍ୟାଳୟରେ ବିଶ୍ୱ ଘରଚଟିଆ ଦିବସ

**ଭଞ୍ଜନଗର (ଅମୃତ ମିଡିଆ):** ସାଇ ଗୁରୁକୁଳ ଆବାସିକ ବିଦ୍ୟଳୟ, ଶ୍ରୀରାମନଗର, ଭଞ୍ଜନଗରଠାରେ ବିଶ୍ୱ ଘରଚଟିଆ ଦିବସ ପାଳିତ ହୋଇଯାଇଛି । ସାଇଗୁରୁକୁଳ ଆବାସିକ ବିଦ୍ୟାଳୟରେ ପ୍ରତି ବର୍ଷ ପରି ଏହି ବର୍ଷ ମଧ୍ୟ ବିଶ୍ୱ ଘରଚଟିଆ ଦିବସ ଅନୁଷ୍ଠାନର ଅଧ୍ୟକ୍ଷ ଅଜିତ କୁମାର ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଅବୈତନିକ ବନ୍ୟ ପ୍ରାଣୀ ତତ୍ତ୍ୱାବଧାରକ ସୁଲପାଣି ଶତପଥୀ, ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମାର୍ଚ୍ଚ କୋଡ଼ିଏ ତାରିଖ ବିଶ୍ୱ ଘରଚଟିଆ ଦିବସ ପାଳନର ଆବଶ୍ୟକତା ଏବଂ ପରିବେଶ ସୁରକ୍ଷା ବାବଦରେ ଆଲୋଚନା କରିଥିଲେ । ଅନୁଷ୍ଠାନର ପ୍ରଧାନ ଗୁରୁଜୀ ପଞ୍ଚାନନ ସାହୁ ସ୍ୱାଗତ ଭାଷଣ ପରିପ୍ରାଦନ କରି ଏହି ପକ୍ଷୀ ଟିର ସୁରକ୍ଷା ଏବଂ ସେମାନଙ୍କ ବଂଶ ବୃଦ୍ଧି ସକାଶେ ମତ ରଖିଥିବା ବେଳେ ଅଜିତ ଶତପଥୀ, ଅଗାମୀ ଦିନରେ କୃତିମ ବାସଗୃହ ତିଆରି କରି ଏମାନଙ୍କୁ ଅଧିକରୁ ଅଧିକ ସଂଖ୍ୟାରେ ବଂଚିବା ସକାଶେ ଜନ ସଚେତନତା ସୃଷ୍ଟି କରିବା ପାଇଁ ମତବ୍ୟକ୍ତ କରିଥିଲେ । ଘରଚଟିଆଙ୍କୁ ସୁରକ୍ଷା ଦେବା ସକାଶେ ବିଭିନ୍ନ ବିଦ୍ୟାଳୟର ଇକୋ କ୍ଲବ, ପ୍ରତି ଅଞ୍ଚଳର ବନ ସୁରକ୍ଷା ସମିତି ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୁଡିକ ଧ୍ୟାନ ଦେଲେ ଏମାନଙ୍କ ବଂଶ ବୃଦ୍ଧି ହୋଇ ପାରିବ ବୋଲି ଆଲୋଚନା ରେ ସମସ୍ତ ଗୁରୁଜୀ, ଗୁରୁମା ଏବଂ ଅତିଥି ମନ୍ତବ୍ୟ ରଖିଥିଲେ । କୃତ୍ରିମ ବାସଗୃହରେ ଏହି ପକ୍ଷୀ ମାନଙ୍କୁ କିପରି ଶିକ୍ଷା ଅନୁଷ୍ଠାନ ଓ ମନ୍ଦିରରେ ରଖାଯାଇ ପାରିବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଗଲେ ବିଲୁପ୍ତ ପାଉଥିବା ଏହି ଘରଚଟିଆ ବଂଶର ପୁନରୁଦ୍ଧାର ହୋଇପାରିବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ ।

# କଂଗ୍ରେସର ୩୪ ନଂ. ଜୋନ୍‌ସ୍ତରୀୟ କର୍ମୀ ସମ୍ମିଳନୀ



**ହାଟଡିହି (ଅମୃତ ମିଡିଆ):** କେନ୍ଦୁଝର ଜିଲ୍ଲା ସୋସୋ ଥାନା ଅଧୀନ ବାଙ୍ଗର ପଞ୍ଚାୟତ ଲକ୍ଷ୍ମୀ ପଡିଆ ଠାରେ ବୁଧବାର ପୂର୍ବାହ୍ନରେ କଂଗ୍ରେସର ୩୪ ନଂ. ଜୋନସ୍ତରୀୟ କର୍ମୀ ଏକ ସମ୍ମିଳନୀ ବୈଠକ ଅନୁଷ୍ଠିତ ହେଇଯାଇଛି । ଏଥିରେ ଆନନ୍ଦପୁରର କଂଗ୍ରେସ ନେତା ତଥା ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ଏହି ଜୋନର ୭ ଗୋଟି ପଞ୍ଚାୟତର ହଜାର ହଜାର କଂଗ୍ରସ ପ୍ରେମୀ ଏଥିରେ ସାମିଲ ହେଇଥିଲେ । ଓଡ଼ିଶାରେ କିପରି ବିଜେପି ଓ ବିଜେଡି ଜନସାଧାରଣଙ୍କୁ ମିଛ ପ୍ରତିଶୃତି ଦେଇ ଭୋଟ ହାତେଇବା ପରି ବିଭିନ୍ନ ଉନୟନ୍ନ ମୂଳକ ବାର୍ତ୍ତାକୁ ନେଇ ବର୍ଷି ଥିଲେ ପୂର୍ବତନ ମନ୍ତ୍ରୀ ଜୟଦେବ ଜେନା । ବାଙ୍ଗର ଅଞ୍ଚଳର ୫୦୦ରୁ ଉର୍ଦ୍ଧ୍ୱ କର୍ମୀ ବିଜେପି ଓ ବିଜେଡି ଦଳକୁ ଛାଡି ରାହୁଲ ରାନ୍ଧି ଓ ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କଂଗ୍ରେସ ଦଳରେ ସାମିଲ ହେବା ସହ ଆଗାମୀ ସାଧାରଣ ନିର୍ବାଚନରେ କଂଗ୍ରେସକୁ ଜିତାଇ ଆନନ୍ଦପୁର ମାଟିକୁ ଦୁର୍ନୀତି ମୁକ୍ତ କରିବାକୁ ଶପଥ ନେଇଥିଲେ । ଏଥିରେ ଓଡିଶା ପ୍ରଦେଶ କଂଗ୍ରେସ ସାଧାରଣ ସମ୍ପାଦକ ମନଜ ଜେନା, ହାଟଡିହି ବ୍ଲକ କଂଗ୍ରେସ ସଭାପତି ସୁବ୍ରତ କୁମାର ମହାପାତ୍ର, ଅନୁସୂଚିତ ଜାତି ସଭାପତି ପ୍ରବୀର ଜେନା, ଆନନ୍ଦପୁର ନିର୍ବାଚନ ମଣ୍ଡଳୀ ସଭାପତି ମାନସ ଜେନା, ବାଲିବରେଇ ଗ୍ରାମପଞ୍ଚାୟତର ବରିଷ୍ଠ କଂଗ୍ରେସ ନେତା ହରିଶ୍ଚନ୍ଦ୍ର ଜେନା, ବଙ୍ଗୋର ଗ୍ରାମପଞ୍ଚାୟତ କଂଗ୍ରେସ ସଭାପତି ଶିଶିର ରାଉତ, ବାଲିବରେଇ ପଞ୍ଚାୟତର କଂଗ୍ରେସ ସଭାପତି ହଳଧର ଦିଅ, ପଢିଆରପଲ୍ଲୀ ଗ୍ରାମପଞ୍ଚାୟତ କଂଗ୍ରେସ ସଭାପତି ପୂର୍ଣଚନ୍ଦ୍ର ପାତ୍ର, ହଦଗଡ଼ ଗ୍ରାମପଞ୍ଚାୟତ କଂଗ୍ରେସ ସଭାପତି ବିଦ୍ୟାଧର ନାୟକ, କେ ବାଲିପାଳ ଗ୍ରାମପଞ୍ଚାୟତ କଂଗ୍ରେସ ସଭାପତି ଗୁଣାକର ପଦୁରିଆ , ସୋସ ଗ୍ରାମପଞ୍ଚାୟତ କଂଗ୍ରେସ ସଭାପତି ମୁଷ୍ଟିକ ଅଲ୍ଲୀ, ଧନୁର୍ଜ୍ୟୟପୁର ଗ୍ରାମପଞ୍ଚାୟତ କଂଗ୍ରେସ ସଭାପତି ବାଣ୍ଟୁ ମଲିକ ପ୍ରମୁଖ ଯୋଗଦେଇ ଏହି ବିରାଟ କର୍ମୀ ସମାବେଶ କୁ ସଫଳ କରେଇଥିଲେ ।

# ୨୨ ବର୍ଷ ତଳର ବୋମାମାଡ ଘଟଣାରେ ୭ ଜଣଙ୍କୁ ୫ ବର୍ଷ କାରାଦଣ୍ଡାଦେଶ

**ଭଞ୍ଜନଗର (ଅମୃତ ମିଡିଆ):** ଦୀର୍ଘ ୨୨ ବର୍ଷ ତଳର ଏକ ସିରିଏଲ୍ ବୋମାମାଡ ଘଟଣାରେ ସ୍ଥାନୀୟ ଅତିରିକ୍ତ ସେସନ୍ସ ଜର୍ଜ ସମସ୍ତ ୯ ଜଣ ଅଭିଯୁକ୍ତ ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୫ ବର୍ଷ ଲେଖାଏଁ ସଜା ଶୁଣାଇଛନ୍ତି। ଆଉ ଦଣ୍ଡାଦେଶ ପାଇବା ପରେ କୋର୍ଟ ରେ ଉପସ୍ଥିତ ଥିବା ୭ ଜଣ ଅଭିଯୁକ୍ତ ଙ୍କୁ ପୋଲିସ ତତକ୍ଷଣାତ୍ ଧରିନେଇ ଜେଲରେ ଛାଡିଥିବା ବେଳେ ଏମାନଙ୍କ ମଧ୍ୟରୁ ଜଣେ ଫେରାର ରହିଥିବା ବେଳେ ଅନ୍ୟ ଜଣଙ୍କର ମୃତ୍ୟୁ ଘଟି ସାରିଛି।

ମିଳିଥିବା ସୂଚନା ପ୍ରକାରେ ଭଞ୍ଜନଗର ଥାନା ଅନ୍ତର୍ଗତ ବଡକୋଦଣ୍ଡା ଗ୍ରାମରେ ଗତ ୨୦୦୨ ମସିହା ଫେବୃଆରୀ ୨୩ ତାରିଖ ରାତିରେ କିଛି ବ୍ୟକ୍ତିବିଶେଷ ସଂଗଠିତ ଭାବେ ଗ୍ରାମରେ ଭୟ ସୃଷ୍ଟି କରିବାକୁ ସିରିଏଲ୍ ବୋମାମାଡ କରିଥିଲେ। ଆଉ ସେତେବେଳେ ଏହି ବୋମାମାଡ଼ ରେ କିଛି ଲୋକ ଗୁରୁତର ଆହତ ହୋଇଥିଲେ। ଏତଲାକାରୀ କିଶୋର ଚନ୍ଦ୍ର ପୃଷ୍ଟି ଙ୍କ ଏତଲା କୁ ଭିତ୍ତି କରି ସେତେବେଳେ ଥାନା କେଶ ନମ୍ବର ୪୬/୨୦୦୨ ରେ ଏକ ମାମଲା ରୁଜୁ କରି ବିଭିନ୍ନ ଦଫାରେ ମାମଲା ରୁଜୁ କରିଥିଲେ। ୨୦୦୬ ରେ ଅତିରିକ୍ତ ସେସନ୍ସ ଜର୍ଜ ଙ୍କ କୋର୍ଟ କୁ ଆସିବା ପରେ ଏସଟି ୩୮/୦୬ ପ୍ରକାରେ ଏହି ମାମଲାର ଶୁଣାଣି ଆରମ୍ଭ ହୋଇଥିଲା। ୯ ଜଣ ସାକ୍ଷୀଙ୍କ ବୟାନ ଓ ଘଟଣାର ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ କରି ଅଦାଲତ ଏହି ଘଟଣାରେ ସଂପୃକ୍ତ ସମସ୍ତ ୯ ଜଣ ଅଭିଯୁକ୍ତ ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଏମାନଙ୍କୁ ୫ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ସେହିପରି ପ୍ରତ୍ୟେକ ଙ୍କୁ ୫ ହଜାର ଟଙ୍କା ଜୋରିମାନା ଓ ଜୋରିମାନା ଅନାଦେୟ ଅତିରିକ୍ତ ୨ ମାସ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି।

ଏହି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ବସନ୍ତ କୁମାର ପାଢ଼ୀ, ଜେ. ବିଶ୍ୱଜିତ ପୃଷ୍ଟି, ବାବୁଲା ବେହେରା, ଦଣ୍ଡାସୀ ବିଶୋୟୀ, ପର୍ଶୁରାମ ପ୍ରଧାନ, ଅଶୋକ କୁମାର ସାହୁ ଓ ଗୋରୀ ସ୍ୱାଇଁ ଙ୍କୁ ତୁରନ୍ତ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ସେହିପରି ଫେରାର ଥିବା ସୁଶାନ୍ତ ପାଣିଗ୍ରାହୀ ଙ୍କୁ ଧରି ତୁରନ୍ତ ଜେଲ୍ ହାଜତରେ ଭର୍ତ୍ତି କରିବାକୁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି। ଅପରପକ୍ଷରେ ଏହି ମାମଲାର ରାୟ ପ୍ରକାଶ ପାଇବା ପୂର୍ବରୁ ଜଣେ ଅଭିଯୁକ୍ତ ଟୁନା ବିଶୋୟୀ ଙ୍କ ମୃତ୍ୟୁ ଘଟି ସାରିଛି।

ଅତିରିକ୍ତ ସେସନ୍ସ ଜର୍ଜ ସୋମାଲିନା ମିଶ୍ର ଏହି ମାମଲାର ଶୁଣାଣି କରି ଦଣ୍ଡାଦେଶ ଶୁଣାଇଥିବା ବେଳେ ସରକାରୀ ଓକିଲ ଦିବାକର ନାୟକ ମାମଲା ପରିଚାଳନା କରିଥିଲେ।

# ଅଙ୍ଗନବାଡି ସମ୍ମୁଖରେ ନୂତନ ଡ୍ରେନ ନିର୍ମାଣ ଦାବି




**ହାଟଡିହି (ଅମୃତ ମିଡିଆ):** କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଅକରୁଆ ପଞ୍ଚାୟତ ୫୩ ନଂ. ରାଜ୍ୟ ରାଜପଥ କଡରେ ଆମ୍ବଗଡିଆ ଅଙ୍ଗନବାଡି କେନ୍ଦ୍ର ଅବସ୍ଥିତ । ଏହି ଅଙ୍ଗନବାଡି କେନ୍ଦ୍ର ସମ୍ମୁଖରେ ନୂତନ ଡ୍ରେନ ନିର୍ମାଣ ପାଇଁ ଦାବି ବହୁ ଦିନରୁ ଦାବି ହୋଇ ଆସୁଥିଲେ ମଧ୍ୟ ପ୍ରଶାସନିକ ଅବହେଳାରୁ ଏହା ବର୍ତ୍ତମାନ ପର୍ଯ୍ୟନ୍ତ ନିର୍ମାଣ ହୋଇ ନ ଥିବା ଜାଣିବାକୁ ମିଳିଛି । ଖବର ଅନୁସାରେ ଆମ୍ବଗଡ଼ିଆ ଅଙ୍ଗନବାଡି କେନ୍ଦ୍ରଟି ୫୩ ନଂ. ରାଜ୍ୟ ରାଜପଥ କଡରେ ଅବସ୍ଥିତ । ଏଠାରେ ବହୁ କୁନିକୁନି ପିଲା ପ୍ରତିଦିନ ଆସିଥାନ୍ତି । ସେମାନଙ୍କୁ ଛାଡିବା ପାଇଁ ମଧ୍ୟ ଅଭିଭାବକମାନେ ଉକ୍ତ ରାସ୍ତା ଦେଇ ଯାଆସ କରିଥାନ୍ତି । କିନ୍ତୁ କେନ୍ଦ୍ର ସମ୍ମୁଖରେ ଥିବା ଏକ ନାଳ ଯୋଗୁ ପ୍ରତିଦିନ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା ପିଲାମାନେ ଛୋଟ ବଡ଼ ଦୁର୍ଘଟଣାର ଶିକାର ହେଉଛନ୍ତି ।

ପ୍ରକାଶ ଥାଉ କି ଉକ୍ତ କେନ୍ଦ୍ରକୁ ଲାଗି ରହିଛି ଆମ୍ବଗଡିଆ ପ୍ରାଥମିକ ବିଦ୍ୟାଳୟର ନଳକୂପ । ପୂର୍ବରୁ ଏହି ନଳକୂପଟିକୁ ବିଦ୍ୟାଳୟ ପିଲାମାନେ ବ୍ୟବହାର କରୁଥିବା ବେଳେ ବର୍ତ୍ତମାନ ବିଦ୍ୟାଳୟ ପରିସରରେ ଥିବା ନଳକୂପ ପାଣିକୁ ବ୍ୟବହାର କରୁଛନ୍ତି । ଅଙ୍ଗନବାଡି କେନ୍ଦ୍ର ପାଖରେ ଥିବା ନଳକୂପଟିରେ କେବଳ ଅଙ୍ଗନବାଡି ପିଲାମାନେ ବ୍ୟବହାର କରୁଥିବା ବେଳେ କିଛି ମୁଷ୍ଟିମେୟ ଲୋକ ମଧ୍ୟ ଏହାକୁ ବ୍ୟବହାର କରୁଛନ୍ତି । କେନ୍ଦ୍ର ପାଖକୁ ଲାଗି ରହୁଥିବା ଘର ଗୁଡିକର ଲୋକ ମନେ ଏହି ନଳକୂଅରେ ଲୁଗା ସଫା କରିବା, ଚାଉଳ ଧୋଇଁବା, ମାସ ମାଂସ କଣ୍ଠା ପାଇବାସହ ବିଭିନ୍ନ ଅପରିଷ୍କାର କରୁଛନ୍ତି । ଯାହା ଫଳରେ ସେହି ଅପରିଷ୍କାର ନାଳରୁ ବିଭିନ୍ନ ପୋକ ଜୋକ ସୃଷ୍ଟି ହୋଇ ଅଙ୍ଗନବାଡି କେନ୍ଦ୍ରକୁ ମଧ୍ୟ ପୋକ ଜୋକ ପ୍ରବେଶ କରୁଛନ୍ତି । ନୁଳକୂପଟିକୁ ୨୪ ଘଣ୍ଟା ବ୍ୟବହାର କରିବା ଦ୍ୱାରା ସେଠାରୁ ଯାଉଥିବା ଅପରିଷ୍କାର ପାଣି ନାଳରେ ଯାଇ ନାଳକୁ ଓସାରିୟା କରୁଛି । ଯାହା ଫଳରେ ସେହି ଓସାରିଆ ନାଳକୁ ଡେଇଁ ନ ପାରି କୁନିକୁନି ପିଲାମାନେ ନାଳରେ ପଡ଼ି ଲହୁ ଲୁହାଣ ହେଉଛନ୍ତି । ଏ ସମ୍ପର୍କରେ ସ୍ଥାନୀୟ ଅଙ୍ଗନବାଡି କର୍ମୀ ଉଚ୍ଚ କର୍ତ୍ତୃପକ୍ଷ ବାରମ୍ବାର ଅଭିଯୋଗ କରିଆସୁଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ କୌଣସି ଫଳପ୍ରଦ ହେଇନାହିଁ । ଅଙ୍ଗନବାଡି କେନ୍ଦ୍ରକୁ ଲାଗି ରହିଥିବା ନଳକୂପ ଚାରି ପାର୍ଶ୍ୱରେ ସୁରକ୍ଷା ବାଡ ସହ କେନ୍ଦ୍ର ସମ୍ମୁଖରେ ଥିବା ନାଳ ଉପରେ ଏକ ପକ୍କା ଡ୍ରେନ ନିର୍ମାଣ କରିଲେ କୁନିକୁନି ପିଲାମାନେ ସୁରକ୍ଷିତରେ ଯାତାୟାତ କରିବା ନେଇ ଅଙ୍ଗନବାଡି ସୁପରଭାଇଜର ନିରୁପମା ରାଉତ, ଅଙ୍ଗନବାଡି କର୍ମୀ ରାଧାମଣୀ ଯେନା , ଅଙ୍ଗନବାଡି ସହାୟିକା କାନ୍ତିଲତା ବେହେରା, ଅଭିଭାବକ ନିରଞ୍ଜନ ଯେନା, ବିଜୟ ଯେନା, ଅଭିମନ୍ୟୁ ଯେନା, ଉମାକାନ୍ତ ଖଟୁଆ, ନରେନ୍ଦ୍ର କୁମାର ଦାସ, ରବୀନ୍ଦ୍ର ଖଟୁଆ, ରଞ୍ଜନ ଦେହୁରୀ ,ମନୁ ଦେହୁରୀ, ନିରଞ୍ଜନ ଦେହୁରୀ, ରମେଶ ଦେହୁରୀ ପ୍ରମୁଖ ଜିଲ୍ଲା ପ୍ରଶାସନକୁ ନୂତନ ଡ୍ରେନ ନିର୍ମାଣ କରିବାକୁ ଅନୁରୋଧ କରିଛନ୍ତି । ଏ ସମ୍ପର୍କରେ ହାଟଡିହି ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀଙ୍କୁ ପଚାରିବାରୁ ମୁଁ ନୂତନ ଭାବେ ହାଟଡିହିରେ ଯୋଗ ଦେଇଥିବାରୁ ମୁଁ ଏହି ଅଭିଯୋଗ ସମ୍ପର୍କରେ ଜାଣି ନାହିଁ । ବର୍ତ୍ତମାନ ଏହି ସମସ୍ୟା ମୋ ଦୃଷ୍ଟି ଗୋଚରକୁ ଆସିଥିବାରୁ ଏହାର ତଦନ୍ତ ଅନୁଯାଇ ସମସ୍ୟା ଯଥାଶୀଘ୍ର ସମାଧାନ କରିବାକୁ ସେ କହିଛନ୍ତି ।

# ଅପମିଶ୍ରିତ କାରଖାନା ଠାବ, ମାଲିକ ଅଟକ

**ବ୍ରହ୍ମପୁର (ଅମୃତ ମିଡିଆ):** ବ୍ରହ୍ମପୁର ବଡ଼ବଜାର ଥାନା ପୋଲିସ ପକ୍ଷରୁ ଆଜି ଏକ ଅପମିଶ୍ରିତ କାରଖାନା ଠାବ କରାଯାଇଛି ଏବଂ ମାଲିକଙ୍କୁ ମଧ୍ୟ ଅଟକ ରଖାଯାଇଛି । ଖବର ଅନୁଯାୟୀ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ବ୍ରଜରାଜନଗର ୪ର୍ଥ ଲାଇନରେ ଥିବା ଏକ ଘରେ ନକଲି ଲଙ୍କା ଗୁଣ୍ଡ ଓ ହଳଦୀ ଗୁଣ୍ଡ ଭଳି ଅପମିଶ୍ରିତ ମସଲା ପ୍ରସ୍ତୁତ ହେଉଥିବା ଏବଂ ଉକ୍ତ କାରଖାନାର ମାଲିକ ବିନା ଲାଇସେନ୍ସରେ ବଡ଼ବଜାର ସମତେ ସ୍ଥାନୀୟ ବଜାରକୁ ଏହି ସାମଗ୍ରୀ ଯୋଗାଉଥିବା ବଡ଼ବଜାର ପୋଲିସକୁ ମିଳିଥିଲା । ସୂଚନା ଅନୁଯାୟୀ ବଡ଼ବଜାର ପୋଲିସ ଆଜି ଅଚାନକ ଚଢ଼ାଉ କରି ବିପୁଳ ପରିମାଣର ମସଲା ଏବଂ କଞ୍ଚାମାଲ ଜବତ କରିଥିଲା । ସମସ୍ତ ସାମଗ୍ରୀକୁ ଜବତ କରି ତୁରନ୍ତ ଖାଦ୍ୟ ସୁରକ୍ଷା ଅଧିକାରିଙ୍କୁ ଡକାଯାଇ ଲ୍ୟାବ ପରୀକ୍ଷା ନିମନ୍ତେ ନମୁନା ସଂଗ୍ରହ କରାଯାଇଛି । ଏହି ଅପମିଶ୍ରିତ କାରଖାନାର ମାଲିକ ଶିବ ଶଙ୍କର ସାହୁ ଫୁଡ ଲାଇସେନ୍ସ କିମ୍ବା ବ୍ରହ୍ମପୁର ମହାନଗର ନିଗମ ଲାଇସେନ୍ସ ନଥିବା କାରଣରୁ ପୋଲିସ ଶିବ ଶଙ୍କର ସାହୁଙ୍କୁ ଗିରଫ କରିଥିବା ବେଳେ ଏହି ଘଟଣାର ଅତ୍ୟଧିକ ତଦନ୍ତ ଜାରି ରହିଥିବା ବଡ଼ବଜାର ପୋଲିସ ପକ୍ଷରୁ ସୂଚନା ମିଳିଛି ।



# ଆସିକାରେ କଂଗ୍ରେସ ମୁରବୀ ବିହୀନ

## ଏ ପର୍ଯ୍ୟନ୍ତ ଶୁଭିନି ବିରୋଧୀଙ୍କ ସ୍ୱର

**ଆସିକା (ଅମୃତ ମିଡିଆ):** ନିର୍ବାଚନ ପାଇଁ ଏବେ ବିଗୁଲ ବାଜି ସାରିଲାଣି । ରାଜନୈତିକ ଦଳ ମାନେ ଦୁନ୍ଦୁଭି ବଜାଇ ସାରିଥିବା ବେଳେ ଆସିକା ନିର୍ବାଚନ ମଣ୍ଡଳୀରେ ମୁରବିହୀନ ହୋଇଥିବା କଂଗ୍ରେସର ସ୍ୱରଶବ୍ଦ ଶୁଭୁନାହିଁ । କହିବାକୁ ଗଲେ ଏଠାରେ ଏବେ କଂଗ୍ରେସ ଶୁପ୍ତ ପ୍ରାୟ ରହିଛି । ଯଦିଓ ନିର୍ବାଚନ ପୂର୍ବରୁ ସାଂଗଠନିକ ସ୍ଥିତି ପାଇଁ ଦଳୀୟ ନେତୃତ୍ୱ ଚୟନ କରାଯାଇଛି, ତଥାପି ସେମାନଙ୍କ ଉପସ୍ଥିତି ଏବେ ଜଣାପଡୁନାହିଁ । ବିରୋଧୀଙ୍କ ଅନୁପସ୍ଥିତିରେ ଏବେ ଅନ୍ୟ ଦଳ ବଳିୟାନ ହେବାରେ ସହଜସାଧ ହୋଇଛି ।

ନିର୍ବାଚନ ପୂର୍ବରୁ କଂଗ୍ରେସ ନିଜ ସ୍ଥିତି ସୁଧାରିବାକୁ ସାଂଗଠନିକ ନେତୃତ୍ୱ ପରିବର୍ତ୍ତନ କରିଥିଲା । ଏପରିକି ଗଞ୍ଜାମରେ ଲଗାତର ବିଜୟର ସ୍ୱାଦ ଚାଖୁଥିବା ବିଜେଡିକୁ ଟକ୍କର ଦେବା ପାଇଁ ଗଞ୍ଜାମକୁ ଦୁଇଟି ସାଂଗଠନିକ ଜିଲ୍ଲାରେ ବିଭକ୍ତି କରି ନେତୃବୃନ୍ଦ ପରିବର୍ତ୍ତନ କରିଥିଲା । ବ୍ରହ୍ମପୁରରେ ଗଞ୍ଜାମ ଜିଲ୍ଲା ପୂର୍ବ ଭାଗ ସଭାପତି ଦିପକ ପଟ୍ଟନାୟକଙ୍କୁ ଦାୟିତ୍ୱ ଦେଇଥିବା ବେଳେ ଭଞ୍ଜନଗର ଉପଖଣ୍ଡକୁ ଦଳର ଘୁମୁସର ଜିଲ୍ଲା ଭାବେ ପରିଣତ କରି ଗଞ୍ଜାମ ଜିଲ୍ଲା ପଶ୍ଚିମ ଭାଗ ଜିଲ୍ଲା ସଭାପତି ରବିନ୍ଦ୍ର ନାଥ ଶର୍ମାଙ୍କୁ ସଭାପତି ଭାବେ ଦାୟିତ୍ୱ ଦେଇଛି । ଆସିକାରେ ରବିନ୍ଦ୍ର ନାଥ ଶର୍ମା ଦାୟିତ୍ୱ ନେବା ପରେ ସେମିତି କିଛି ଦଳୀୟ କାର୍ଯ୍ୟମାନ ଦେଖିବାକୁ ମିଳିନି । ଏବେ ନିର୍ବାଚନ ହାତ ପାଆନ୍ତାରେ ଆସିଯାଇଥିବା ବେଳେ ଦୁଇ ପ୍ରମୁଖ ରାଜନୈତିକ ଦଳ ବିଜେଡି ଓ ବିଜେପି ନିଜ ନିଜର ସାଂଗଠନିକ କାର୍ଯ୍ୟମାନ ଚଳାଇଛନ୍ତି । ନିର୍ବାଚନରେ ନିଜର ପରାକାଷ୍ଠ ଦେଖାଇ ଯତକିଂଚିଂନ୍ତ ଉଦ୍ୟମ ଚଳାଇଥିବା ବେଳେ କଂଗ୍ରେସର ନିର୍ବାଚନ ସମୟରେଏଭଳି ନିଦ୍ରା ଦଳୀୟ ଅନୁପସ୍ଥିତିକୁ ପଦାରେ ପକାଇଛି ।

ଯଦିଓ ନିର୍ବାଚନ ନେଇ ଦଳ ପକ୍ଷରୁ ପ୍ରାର୍ଥୀ ଘୋଷଣା କରାଯାଇ ନାହିଁ ଓ ଦଳ କାହାକୁ ପ୍ରାର୍ଥୀ କରାଉଛି, ସେନେଇ କିଛି ସ୍ପଷ୍ଟ ହୋଇନାହିଁ । ତଥାପି ନିର୍ବାଚନ ପୂର୍ବରୁ ଯେତିକି ଦଳୀୟ କାର୍ଯ୍ୟକ୍ରମ ହେବା କଥା ସେତିକି ଦେଖିବାକୁ ମିଳୁନାହିଁ । ଏପରିକି ଜିଲ୍ଲା ସଭାପତି ରବିନ୍ଦ୍ର ନାଥ ଶର୍ମାଙ୍କ ଗତିଶୀଳତା ମଧ୍ୟ ଦେଖିବାକୁ ମିଳୁନାହିଁ । ଆସିକାରେ ଥିବା କଂଗ୍ରେସ କାର୍ଯ୍ୟାଳୟରେ ଚଳଚଂଚଳ ଶୁଭୁ ନଥିବା ବେଳେ କାଆଁଭାଁ କେତେବେଳ କେମିତି ନେତା ଆସି କାର୍ଯ୍ୟାଳୟକୁ ଘେରାଉ ମାରି ଯାଉଛନ୍ତି । କିନ୍ତୁ ସାଂଗଠନିକ , କିମ୍ବା ଦଳୀୟ କାର୍ଯ୍ୟକ୍ରମ କିମ୍ବା ନିଜ ନିଜ ଭିତରେ ଆଲୋଚନା ହେଉଥିବା ଭଳି କୌଣସି ବୈଠକ ଦୃଷ୍ଟିଗୋଚର ହେଉନଥିବା ବେଳେ ଦଳର ହାବଭାବ ମଧ୍ୟ କିଛି ଜଣାପଡୁନାହିଁ । ତେଣୁ କହିବାକୁ ଗଲେ ଏଠାରେ ଶାସକ ବିଜେଡି ଓ ବିଜେପି ହିଁ ନିର୍ବାଚନ ପାଇଁ କ୍ଷେତ୍ର ପ୍ରସ୍ତୁତ କରୁଥିବା ବେଳେ କଂଗ୍ରେସର ଏଭଳି ଶୁପ୍ତ ପ୍ରାୟ ନିତି ସେମାନଙ୍କୁ ସୁଆଇବ ବୋଲି କୁହାଯାଇଛି । ଅନ୍ୟପଟେ ଅଶିଦଶକରେ ବିଜୟର ନେତ ଉଡାଉଥିବା କଂଗ୍ରେସର ଏବେ ଖାସ ଅନୁଗତ ରହିଥିବା ବେଳେ ଦଳର ଏଭଳି କାର୍ଯ୍ୟଧାରାକୁ ଦେଖି ସେମାନେ ଏକରକମ ନିରୁସାହିତ ହୋଇଛନ୍ତି ।

# ପଖାଳପ୍ରିୟ ମହାପ୍ରଭୁ

**ପୁରୀ (ବ୍ୟୁରୋ):** 'ଆସ ଜୀବନ ଧନ ମୋର ପଖାଳ କଂସା, ସଜନୀରେ ତୋ ବିହୁନେ ବୁଡ଼ିଲା ହଂସା। ଅଠା ମାରି ଗଲା ତୁଣ୍ଡୁ ଯାଏଁ ଜୀବନ, ତୋରାଣି ସହ ମିଶି ହର ମୋ ତୃଷା' । ପଖାଳର ମହତ୍ତ୍ୱ ବଖାଣିବା ପାଇଁ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ରଚିତ ଓ ବାଳକୃଷ୍ଣ ଦାଶଙ୍କ କଣ୍ଠ ନିସୃତ ଗୀତଟି ହିଁ ଯଥେଷ୍ଟ । କିଛି ବର୍ଷ ହେଲା ପଖାଳକୁ ବିଶ୍ୱ ମାନସପଟରେ ପହଞ୍ଚାଇବା ପାଇଁ ଓଡ଼ିଆମାନେ ପଖାଳ ଦିବସ ପାଳନ କରୁଛନ୍ତି। ତେବେ ଏହି ପଖାଳ ଖାଲି ଓଡ଼ିଆଙ୍କର ପ୍ରିୟ ନୁହେଁ ବରଂ ମହାପ୍ରଭୁ ମଧ୍ୟ ନିତ୍ୟ ପଖାଳ ଖାଆନ୍ତି। ଓଡ଼ିଆଙ୍କ ଆରାଧ୍ୟ ମହାପ୍ରଭୁ ମଧ୍ୟ ପ୍ରତିଦିନ ତିନିବେଳା ପଖାଳ ଖାଆନ୍ତି । ବରିଷ୍ଠ ତୁଣସୁଆର ସେବକ ଭୁବନେଶ୍ୱର ପଣ୍ଡାଙ୍କ କହିବା ମୁତାବକ, ଦ୍ୱିପ୍ରହର ଧୂପରେ ୯ ଓଳି ସୁବାସିତ ପଖାଳ ଭୋଗ ହୁଏ । ମଲ୍ଲୀ ଓ ଜୁଇ ଭଳି ଫୁଲକୁ ପାଣିରେ ପକାଇ ରଖାଯାଏ। ଉକ୍ତ ପାଣିରୁ ଫୁଲକୁ ଛାଣି ସେଥିରେ ପଖାଳ ପ୍ରସ୍ତୁତ କରାଯାଏ । ସନ୍ଧ୍ୟା ଧୂପରେ ଦହି ପଖାଳ ଭୋଗ ହୁଏ । ଦହି, ଜିରା, ଅଦା, ଲୁଣ ଆଦିରେ ପ୍ରସ୍ତୁତ ୩୦ ଓଳି ଦହି ପଖାଳ ଅର୍ଥାତ ମହାପ୍ରଭୁ ଶୟନ ପୂର୍ବରୁ ମିଠା ପଖାଳ ଖାଆନ୍ତି। ଦହି, ଚିନି, ଅଧାଳ, ଲୁଣ ଓ ଜିରାରେ ମିଠା ୧୦ ଓଳି ମିଠା ପଖାଳ ପ୍ରସ୍ତୁତ କରି ଭୋଗ କରାଯାଏ ବୋଲି ସେ କହିଛନ୍ତି। ଏହାବ୍ୟତୀତ ଅକ୍ଷୟ ତୃତୀୟା ପରଦିନଠାରୁ ସ୍ନାନ ପୂର୍ଣ୍ଣିମା ପୂର୍ବଦିନ ପର୍ଯ୍ୟନ୍ତ ପ୍ରାୟ ଦେଢ଼ ମାସ ଯାତ ଭୋଗରେ ପିଠା ପଣା ସହ ପଖାଳ ଭୋଗ ହୁଏ । ମକର ସଂକ୍ରାନ୍ତିରେ ମଧ୍ୟ ସ୍ୱତନ୍ତ୍ର ପଖାଳ ଭୋଗ ହୁଏ । ମହାପ୍ରଭୁ ରଥରେ ଆସି ଗୁଣ୍ଡିଚା ଘର ଆଡ଼ପ ମଣ୍ଡପରେ ରହିବା ବେଳେ ମଧ୍ୟ ଅଧିକ ପଖାଳ ଭୋଗ କରାଯାଏ ବୋଲି ସେ କହିଛନ୍ତି। ମହାପ୍ରଭୁ ହେଉଛନ୍ତି ବଡ଼ଖିଆ ସାଆନ୍ତ । ଏନେଇ ପୁରୀ ବୋଲିରେ ଏକ ଲୋକପ୍ରିୟ ଢଗ ହେଉଛି 'ପଖାଳ ଭିତରେ ଘି.. ତୋ ବୋପା ଖାଇଥିଲେ କି ଯଦିଓ କୌଣସି ଖାଦ୍ୟକୁ ବାରୁଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଏଭଳି ତାଚ୍ଛଲ୍ୟ ଭରା ଢଗ



କୁହାଯାଏ, କିନ୍ତୁ ମହାପ୍ରଭୁ ଶ୍ରୀଜଗନ୍ନାଥ ଏକମାତ୍ର ଦେବତା ଯିଏ ମିଠା ପଖାଳ ଖାଇଲେ ନିଦ୍ରା ଯାଆନ୍ତି। ପଖାଳ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସହ ସମ୍ପୃକ୍ତ। ପ୍ରଭୁଙ୍କ ପାଇଁ ସୂପକାର ସେବକମାନେ ପବିତ୍ର ଭାବେ ରୋଷଶାଳାରେ ଏହାକୁ ପ୍ରସ୍ତୁତ କରିଥାଆନ୍ତି । ବେଳେବେଳେ ପଖାଳ ଭୋଗ କରାଯାଏ । ସେହିଭଳି ବଡ଼ସିଂହାର ପୂର୍ବରୁ ଆଜି ଦିବସ ଭକ୍ତମାନେ ମହାପ୍ରଭୁଙ୍କ ଏହି ସୁସ୍ୱାଦୁ ପଖାଳ ଅବଢ଼ାକୁ ହଜାର ହଜାର ଟଙ୍କା ଦେଇ କିଣି ନିଅନ୍ତି । ପଖାଳ ଓଳିରେ ଏହା ମହାପ୍ରଭୁଙ୍କୁ ନିବେଦନ କରାଯାଇଥାଏ । ରତ୍ନ ସିଂହାସନ ନିକଟରେ ଛାମୁରେ ବଢ଼ାଯାଇଥାଏ । ଏହାକୁ ଖାଇବା ପରେ ମହାପ୍ରଭୁ ସୁଖନିଦ୍ରା ଯାଇଥାଆନ୍ତି ବୋଲି ବିଶ୍ୱାସ ରହିଛି ।କେବଳ ଶ୍ରୀମନ୍ଦିରରେ ନୁହେଁ ଗ୍ରୀଷ୍ମ ପ୍ରବାହ ବହିଲେ, ପ୍ରତିଟି ଓଡ଼ିଆଙ୍କ ଘରେ ପଖାଳ ମୁଖ୍ୟ ଖାଦ୍ୟ ପାଲଟିଯାଏ। ଶରୀରରୁ ଜଳୀୟ ଅଂଶ କମିଯାଉଥିବା ବେଳେ ପଖାଳ ଅମୃତ ତୁଲ କାମ ଦେଖାଇଥାଏ । ଭୃଶଙ୍ଗ ପତ୍ର, ଆମ୍ବନସି, ଦହି ଆଦି ପଖାଳରେ ସେବନ କରିବା ଦ୍ୱାରା ଏହା ବେଶ ଉପାଦେୟ ସାବ୍ୟସ୍ତ ହୁଏ । ବାସି ପଖାଳର ଥିବା ଏକ ବ୍ୟାକ୍ଟେରିଆ ଶରୀର ପାଇଁ ବହୁ ଉପାଦେୟ ବୋଲି ବୈଦ୍ୟମାନେ ମତ ଦିଅନ୍ତି ।

# ୧୪ତମ ଜାତୀୟ ସ୍ତରୀୟ ନାଟକ ମହୋତ୍ସବ

## ସାମ୍ବାଦିକ ସମ୍ମିଳନୀ

**ପୁରୀ (ବ୍ୟୁରୋ):** ଆସନ୍ତା ମାର୍ଚ୍ଚ ୨୧ ତାରିଖ ରୁ ରଙ୍ଗଶାଳା ନାଟ୍ୟ ଅନୁଷ୍ଠାନ ପକ୍ଷରୁ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଅନୁଷ୍ଠିତ ହେବ ୧୪ତମ ଜାତୀୟ ସ୍ତରୀୟ ନାଟକ ମହୋତ୍ସବ । ଏହି ମହୋତ୍ସବ ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ଦିନ ରଙ୍ଗଶାଳା ର ନିଜସ୍ୱ ନାଟକ 'ସବବାହକ ମାନେ' ପରିବେଷଣ ହେବ । ଏହି ନାଟକ ର ଲେଖକ ଡ଼. ବିଜୟ ମିଶ୍ର, ଓ ନାଟକ ର ନିର୍ଦ୍ଦେଶକ ଶ୍ରୀଯୁକ୍ତ ବିକ୍ରମ କୁମାର୍ ସାହୁ ରହିଥିବା ବେଳେ ୨୨ ତାରିଖ ରେ ଜୀବନ ରେଖା ଅନୁଷ୍ଠାନ ଭୁବନେଶ୍ୱ ପକ୍ଷରୁ ପରିବେଷଣ ହେବ ନାଟକ 'ଏମିତି କୁହାଯାଏ' ଯେଉଁ ନାଟକ ର ଲେଖକ ରହିଛନ୍ତି ମାନବ କୌଲ ଓ ନିର୍ଦ୍ଦେଶକ ରହିଛନ୍ତି ରୋହନ ଯାଦବ। ଏହାପରେ ୨୩ ତାରିଖ ରେ ଶ୍ରୀ ନାଟ୍ୟମ୍ ଏବଂ ଶ୍ରୀ ସଦାଶିବମ୍ ରଙ୍ଗ ଦଳମ୍ ଅନୁଷ୍ଠାନ ପୁରୀ ପକ୍ଷରୁ ମଞ୍ଚସ୍ଥ ହେବ ସଂସ୍କୃତ ନାଟକ 'କୃଷ୍ଣ କୌତୁହଳମ୍' ଏହାର ଲେଖକ ରହିଛନ୍ତି ମଧୁସୂଦନ




ସରସ୍ୱତୀ, ଓ ନିର୍ଦ୍ଦେଶକ ରହିଛନ୍ତି ପ୍ରଫେସର ଧର୍ମେନ୍ଦ୍ର କୁମାର୍ ସିଂଦେଓ। ଅନ୍ତିମ ତଥା ଶେଷଦିନ ୨୪ ତାରିଖ ରେ ଭିବଜିୟର ଥିଏଟର ଭୁବନେଶ୍ୱର ପକ୍ଷରୁ ପରିବେଷଣ ହେବ ନାଟକ 'କାନ୍ଦ ମାଷ୍ଟ୍ରେ' । ଏହି ନାଟକର ଲେଖକ ରହିଛନ୍ତି ଜାକିର୍ ଖାନ୍ ଓ ନାଟକର ନିର୍ଦ୍ଦେଶକ ରହିଛନ୍ତି ହିମାଂଶୁ ଶେଖର ମହାନ୍ତି। ଏଥିରେ ନାଟ୍ୟ ସଂଜୀବନୀ ବ୍ୟମୋକେଶ୍ ସମ୍ମାନରେ ସମ୍ମାନିତ ହେବେ ଚଳଚିତ୍ରର ହାସ୍ୟ ଅଭିନେତା ହରିହର ମହାପାତ୍ର, ରଙ୍ଗଶାଳା ସମ୍ମାନ ରେ ସମ୍ମାନିତ ହେବେ ବିଜୟ କୁମାର ଆପଟ, ଅଜୟ ରଥ , ଦିଲ୍ଲୀପ କୁମାର ଚୌଧୁରୀ ଓ ବିଦ୍ୟାଧର ମହାରଣା । ଦୀର୍ଘ ୧୪ ବର୍ଷ ଧରି ରଙ୍ଗଶାଳା ଏହିପରି ନାଟକ ମହୋତ୍ସବ ଆୟୋଜନ କରିଆସୁଛି ବୋଲି ଏହାର ନିର୍ଦ୍ଦେଶକ ବିକ୍ରମ କୁମାର୍ ସାହୁ ଏକ ସାମ୍ବାଦିକ ସମ୍ମିଳନୀ ରେ ପ୍ରକାଶ କରିଛନ୍ତି ।

# ବିଶ୍ୱ ପଖାଳ ଦିବସ ପାଳିତ

**ପୁରୀ (ବ୍ୟୁରୋ):** ଆଜି ହେଉଛି ମାର୍ଚ୍ଚ ମାସ ୨୦ ତାରିଖ ଯାହାକୁ ବିଶ୍ୱ ପଖାଳ ଦିବସ ରୂପେ ପାଳନ କରାଯାଇଛି । ଏହି ପରିପ୍ରେକ୍ଷୀରେ ଆଖଣ୍ଡଳମଣୀ ଯୋଗ ଓ ଆଧ୍ୟାତ୍ମିକ ଶିକ୍ଷାକେନ୍ଦ୍ର ପକ୍ଷରୁ ପାଳନ କରାଯାଇଛି ଏହି ପଖାଳ ଦିବସ । ଏହି ଅନୁଷ୍ଠାନ ର ସମସ୍ତ ସଦସ୍ୟ ସଦସ୍ୟା ନିଜ ନିଜ ଘରୁ ପଖାଳ ସହିତ ବିଭିନ୍ନ ପ୍ରକାର ଖାଦ୍ୟ ଆଣିଥିଲେ ଏବଂ ସମସ୍ତେ ଏକାଠି ବସି ଏହାକୁ ଖାଇଥିଲେ । ସମସ୍ତ ଖାଦ୍ୟ ନିରାମିଷ ରୂପେ ଭୋଜନ କରା ଯାଇଥିଲା । ଯୋଗ ଗୁରୁ ମନୋଜ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଯୋଗକେନ୍ଦ୍ର ର ସମସ୍ତ



ସଦସ୍ୟ ଓ ସଦସ୍ୟା ମାନଙ୍କ ସହଯୋଗ ରେ ଏହି ପଖାଳ ଦିବସ ପାଳନ ସାଫଲ୍ୟ ହୋଇଥିଲା । ପଖାଳ ସାଙ୍ଗକୁ ସଜନା ଛୁଇଁ ଭଜା,ଆଳୁ ଭଜା,ପଣସ ପିଠଉ, ବଡ଼ିଚୁରା, ଆଳୁଭର୍ତ୍ତା, ଶାଗ, ବୁଟ, କୋବି ଭଜା, ବାଇଗଣ ଭଜା,କାଞ୍ଜି,କଦଳୀ ପିଠଉ ଭଳି ୩୫ ପ୍ରକାର ସୁସ୍ୱାଦୁ ଖାଦ୍ୟ କରାଯାଇଥିଲା ।

# ପୁରୀ ଜିଲ୍ଲାର ୧୪,୦୫,୬୫୪ ଭୋଟରଙ୍କ ପାଇଁ ୧୫୯୮ ବୁଥ୍

## ୧୫୦୦ ରୁ ଅଧିକ ଭୋଟରଙ୍କ ପାଇଁ ସହାୟକ ୬ ବୁଥ୍

ପୁରୀ (ବ୍ୟୁରୋ): **ପୁରୀ** ଜିଲ୍ଲା ପାଇଁ ଆଗାମୀ ସାଧାରଣ ନିର୍ବାଚନର ତାରିଖ ଭାରତର ନିର୍ବାଚନ କମିଶନର ଘୋଷଣା କରିଛନ୍ତି। ୧୭-ପୁରୀ ଲୋକସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୪ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ଯଥା ୧୦୭- ପୁରୀ, ୧୦୮- ବ୍ରହ୍ମଗିରି ,୧୦୯-ସତ୍ୟବାଦୀ ଓ ୧୧୦-ପିପିଲି ବିଧାନସଭା ନିର୍ବାଚନ ମଣ୍ଡଳୀ ରେ ମଇ ୨୫ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ। ସେହିପରି ୧୬- ଜଗତସିଂହପୁର ଲୋକସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୨ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ଯଥା ୧୦୫- କାକଟପୁର ଓ ୧୦୬- ନିମାପଡା ବିଧାନସଭା ନିର୍ବାଚନ ମଣ୍ଡଳୀ ରେ ଜୁନ ୧ ତାରିଖରେ ମତଦାନ ଅନୁଷ୍ଠିତ ହେବ। ମୋଟ ୧୫୯୮ ଟି ବୁଥ ସହ ୧୫୦୦ ରୁ ଅଧିକ ଭୋଟର ଥିବା ୬ ଟି ସହାୟକ ବୁଥରେ ୧୪,୦୫,୬୫୪ ଜଣ ଭୋଟର ମତଦାନ କରିବେ। କାକଟପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୮୦ ବୁଥରେ ୨୪୦୬୩୧ ଜଣ ଭୋଟର ମତଦାନ କରିବେ। ସେହିପରି ନିମାପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୮୦ ମୁଖ୍ୟ ଓ ୧ ସହାୟକ ବୁଥ ମାଧ୍ୟମରେ ୨୪୪୫୦୩, ପୁରୀ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୩୯ ମୁଖ୍ୟ ଓ ୪ ସହାୟକ ବୁଥ ମାଧ୍ୟମରେ ୨୩୫୩୧୫, ବ୍ରହ୍ମଗିରି ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୭୧ ମୁଖ୍ୟ ଓ ୧ ସହାୟକ ବୁଥ ମାଧ୍ୟମରେ ୨୨୬୪୭୬, ସତ୍ୟବାଦୀ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୫୪ ବୁଥରେ ୨୧୨୦୪୩ ଓ ପିପିଲି ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୭୩ ମୁଖ୍ୟ ବୁଥ ସହ ଗୋଟିଏ ସହାୟକ ବୁଥ ମାଧ୍ୟମରେ ୨୩୪୬୨୩ ଜଣ ମତଦାତା ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ ବୋଲି ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ, ପୁରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ଯେହେତୁ ଭୋଟର ତାଲିକାର ସଂଶୋଧନ ପ୍ରକ୍ରିୟା ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶ ଅନୁଯାୟୀ ଦୈନିକ ଭିତ୍ତିରେ ଜାରି ରହିଛି ତେଣୁ ଦୈନିକ ଭୋଟର ତାଲିକା ଓ ୧୫୦୦ ରୁ ଅଧିକ ହେଉଥିବା ବୁଥର ସଂଖ୍ୟାରେ ମଧ୍ୟ ପରିବର୍ତ୍ତନ ଘଟୁଛି ବୋଲି ଜିଲ୍ଲା ନିର୍ବାଚନ ଅଧିକାରୀ ଅବଗତ କରାଇଛନ୍ତି।

## ବଡ଼ଦାଣ୍ଡରେ ମାଳ ମାଳ ଭିକାରୀ

# ଶ୍ରୀକ୍ଷେତ୍ରରେ ଚାଲିଛି ଭିକାରୀମୁକ୍ତ ଅଭିଯାନ

**ପୁରୀ (ବ୍ୟୁରୋ):** ଭିକ୍ଷାବୃତ୍ତଜନିତ ସାମାଜିକ ବ୍ୟାଧି ପୁଣି ଶାଖା ମେଲାଇଲାଣି। ଏଣେ ବାବୁମାନେ ଭିକାରିମାନଙ୍କୁ ସହରର ଗଳିକନ୍ଦି ଖୋଜିଖୋଜି ଝାଳ ବୁହାଉଛରି, ସେପଟେ ପର୍ଯ୍ୟଟନ ସ୍ଥଳରେ ଯାତାୟାତ ରାସ୍ତା ଉପରେ ଭିକାରିମାନେ ପସରା ମେଲାଇ ଚାଲିଛନ୍ତି। ସାମାଜିକ ସୁରକ୍ଷା ଓ ସଶକ୍ତିକରଣ ବିଭାଗ ଭିକାରିମୁକ୍ତ ଶ୍ରୀକ୍ଷେତ୍ର ପାଇଁ ଉଦ୍ଧାର କାର୍ଯ୍ୟ ଜାରି ରଖିଛି, ହେଲେ ମାଳମାଳ ଭିକାରି ଜୋର ଜବରଦସ୍ତ ଭିକ୍ଷା ଥାଳ ଧରି ରାସ୍ତା ଉପରେ ବସି ରହୁଥିଲେ ହେଁ ଅଧିକାରୀମାନେ ମୁହଁ ଖୋଲି ପାରୁନାହାନ୍ତି ହାନ୍ତି ଓଡ଼ିଶାର ଆଧ୍ୟାତ୍ମିକ ରାଜଧାନୀରେ ଏ ବ୍ୟାଧି ଯେମିତି ଅସ୍ଥି ମଜାଗତ ହୋଇଗଲାଣି। ଅଧିକାରୀମାନେ ତାଳ କାଟିବାରେ ଲାଗିଛନ୍ତି, ଏଣେ ଢେର ପୁଣି ସଶକ୍ତ ହୋଇ ଶାଖା ମେଲାଇବାରେ ବ୍ୟସ୍ତ ଭିକାରିମାନଙ୍କୁ ଥଇଥାନ କରାଯାଇଥିବା ଆଶ୍ରୟସ୍ଥଳୀର ମାତ୍ର କେଇ ହାତ ଦୂରରେ ଶ୍ରୀଲୋକନାଥଙ୍କ ପୀଠ ସମ୍ମୁଖରେ ଏବେ ବି ମାଳମାଳ ଭିକାରି ଭିକ୍ଷାବୃତ୍ତି କରୁଛନ୍ତି। ଶ୍ରୀକ୍ଷେତ୍ରକୁ ବିଶ୍ୱସ୍ତରୀୟ ଐତିହ୍ୟ ସ୍ଥଳରେ ପରିଣତ କରିବା ପାଇଁ ସହରକୁ ନୂଆ ରୂପରେଖ ଦିଆଯାଉଛି ! ବଡ଼ାରୁ ନେଇ ହୃଦୟ ଭଳି ଯୋଜନାରେ ଶହଶହ ଟଙ୍କା ବ୍ୟୟ ହୋଇଛି ଅଥଚ ଦିନେ ଭିକାରିମୁକ୍ତ ହୋଇଥିବା ସହରରେ ଏବେ ପୁଣି ଭିକାରିଙ୍କ ଭିଡ଼ ଜମିବା ଆରମ୍ଭ ହେଲାଣି ପର୍ଯ୍ୟଟକମାନେ ମଧୁର ଅନୁଭବ ନେଇ ଫେରିବା ଲକ୍ଷ୍ୟରେ ଗତ ୪ ବର୍ଷ ତଳେ ଭିକାରୀ ମୁକ୍ତ ସହର ଅଭିଯାନ ଆରମ୍ଭ ହୋଇଥିଲା ।ପର୍ଯ୍ୟଟକଙ୍କ ନଜରରୁ ସେମାନଙ୍କୁ ଦୂରେଇ ରଖାଯିବା ପାଇଁ ପରିକଳ୍ପନା ହୋଇଥିଲା। କିନ୍ତୁ ଏବେ ସେମାନେ ପର୍ଯ୍ୟଟକମାନଙ୍କୁ ହିଁ ଟାର୍ଗେଟ କରୁଛନ୍ତି ୨୦୨୦ ମସିହାରୁ ବିଶ୍ୱସ୍ତରୀୟ ଐତିହ୍ୟ ସହରର ପରିକଳ୍ପନା କରାଯାଇଥିଲା ଟାର୍ଗେଟ୍ ଥିଲା, ନୋ



ପାର୍କିଂ ଜୋନ୍ ଓ ନୋ ଭେଣ୍ଡିଂ ଜୋନ୍ ସହ ପୁରୀକୁ ନୋ ବେଜିଂ ଜୋନ୍‌ରେ ପରିଣତ କରିବା ଏନେଇ ସେହିବର୍ଷ ପ୍ରାରମ୍ଭରେ ପ୍ରଥମେ ଶ୍ରୀମନ୍ଦିର ନିକଟରେ ବସୁଥିବା ଭିକାରିମାନଙ୍କୁ ହଟାଯାଇଥିଲା । ଏଥିପାଇଁ ବହୁ ଅର୍ଥ ଖର୍ଚ୍ଚ କରିବାକୁ ପଡ଼ିଥିଲା। ପୁରୀରେ ସେମାନଙ୍କୁ ଥଇଥାନ କରିବା ଉଦ୍ଦେଶ୍ୟ ନେଇ ସହର ମଧ୍ୟରେ ଦୁଇଟି ଓ ସମଗ୍ର ଜିଲ୍ଲାରେ ୭ଟି ନୀଳାଦ୍ରି ନିଳୟ କରାଯାଇଛି। ଏହି ସ୍ଥାନରେ ଭିକାରିମାନଙ୍କୁ ଖାଦ୍ୟପେୟ ସହ ରହିବାକୁ ନିରାଶ୍ରିତ ଆଶ୍ରୟସ୍ଥଳୀ, ଔଷଧ ବ୍ୟବସ୍ଥା କରାଯାଇଛି ।ଭିକାରି ପୁନର୍ବାସ ଗୃହରେ ୫୦ ଜଣ ଲେଖାଏଁ ରହିବାର ବନ୍ଦୋବସ୍ତ ରହିଛି। ମାତ୍ର ଏବେ ବି ଶ୍ରୀଲୋକନାଥଙ୍କ ପୀଠରେ ବହୁ ବ୍ୟକ୍ତି ଭିକ୍ଷାବୃତ୍ତି କରୁଛନ୍ତି। ଭିକ୍ଷାବୃତ୍ତିରୁ ଟଙ୍କା ରୋଜଗାରର ନିଶା ଏମିତି ଘାରିଛି ଯେ ସେମାନଙ୍କୁ ପୁନର୍ବାସ ଗୃହକୁ ନେଇ ସମସ୍ତ ସୁବିଧା ସୁଯୋଗ ଯୋଗାଇଲେ ବି ସେମାନେ ବେଶିଦିନ ରହୁନାହାନ୍ତି । ୪ ବର୍ଷ ତଳେ ହୋଇଥିବା ଏହି ମହତ୍ତ୍ୱାକାଂକ୍ଷୀ ପରିକଳ୍ପନା ସହ ପ୍ରଥମ ପର୍ଯ୍ୟାୟରେ ୧୯୫ ଜଣ ଭିକାରିଙ୍କୁ ବଡ଼ଦାଣ୍ଡରୁ ଦୂରେଇ ରଖାଯାଇଥିଲା ।ସେମାନଙ୍କ ମଧ୍ୟରୁ ୧୫୦ରୁ ଉର୍ଦ୍ଧ ଭିକାରିଙ୍କୁ କାଉନ୍‌ସେଲିଂ କରି ସେମାନଙ୍କ ପରିବାରବର୍ଗଙ୍କ ନିକଟକୁ ଫେରିଯିବା ପାଇଁ ମାର୍ଗ ପ୍ରସ୍ତୁତ ହୋଇଥିଲା। ସେବେଠାରୁ ବଡ଼ଦାଣ୍ଡରେ ସିଂହଦ୍ୱାର ସମ୍ମୁଖ ଭିକାରିମୁକ୍ତ ରହିଛି। କିନ୍ତୁ ଏହାର ପ୍ରଭାବରେ ଭିକାରିମାନେ ଶ୍ରୀଲୋକନାଥ ମନ୍ଦିରକୁ ଟାର୍ଗେଟ୍ କରିଛନ୍ତି। ଶ୍ରୀମନ୍ଦିରକୁ ଆସୁଥିବା ବହୁ ଭକ୍ତ ଶ୍ରୀଲୋକନାଥଙ୍କ



ପୀଠକୁ ଦର୍ଶନ ପାଇଁ ଯାଉଥିବା ବେଳେ ସେଠାରେ ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ ଅନେକ ଭିକ୍ଷାବୃତ୍ତି କରୁଛନ୍ତି ଅଥଚ ସିଂହଦ୍ୱାର ସମ୍ମୁଖରେ ପ୍ରଶାସନ ପକ୍ଷରୁ ଯେପରି କଟକଣା କଡ଼ାକଡ଼ି କରାଯାଇଛି ତାହା ଶ୍ରୀଲୋକନାଥ ପୀଠରେ କାର୍ଯ୍ୟକାରୀ ହୋଇନାହିଁ। ଜଣେ ସ୍ୱେଚ୍ଛା ସେବୀଙ୍କ କହିବା ମୁତାବକ, ଭିକ୍ଷାବୃତ୍ତିରେ ସାମିଲ ଥିବା ବହୁ ବ୍ୟକ୍ତି ଏହି ଘୃଣ୍ୟ ବୃତ୍ତି ଛାଡ଼ିବାକୁ ପ୍ରସ୍ତୁତ ନୁହନ୍ତି। ସେମାନଙ୍କୁ ନୀଳାଦ୍ରି ନିଳୟରେ ସମସ୍ତ ସୁବିଧା ଯୋଗାଇ ଦିଆଯାଉଥିବା ସତ୍ତ୍ୱେ ଟଙ୍କା ରୋଜଗାରର ସୁବିଧା ବାଟ ତାଙ୍କୁ ରାସ୍ତା ଉପରକୁ ଥାଳ ଧରି ଟାଣିଆଣୁଛି । ଯଦି ଲୋକେ ଭାବପ୍ରବଣ ହୋଇ ସେମାନଙ୍କ ଥାଳରେ ଟଙ୍କା ନଦେବେ ତେବେ ଭିକ୍ଷାବୃତ୍ତିରୁ ସେମାନେ ମୁହଁ ଫେରାଇବା ଆରମ୍ଭ କରିବେ । ଦ୍ୱିତୀୟତଃ ଯଦି ପ୍ରଶାସନ ଏଦିଗରେ କଟକଣାକୁ କଡ଼ାକଡ଼ି କରିବା ସହ ଶ୍ରୀମନ୍ଦିର ସିଂହଦ୍ୱାର ଭଳି ଅନ୍ୟତ୍ର ସେଭଳି କଟକଣା ଜାରି କରିବେ ତେବେ ଏଥିରେ ରୋକ ଲାଗିପାରିବ ବୋଲି ବାସିନ୍ଦା ରମାକାନ୍ତ ପ୍ରଧାନ କହିଛନ୍ତି।

# ନିର୍ବାଚନ ଆଚରଣବିଧି ନିୟମକୁ ଉଲଙ୍ଘନ

**ପୁରୀ (ବ୍ୟୁରୋ):** ସାଧାରଣ ନିର୍ବାଚନ ନେଇ ତାରିଖ ଘୋଷଣା ଓ ଆଚରଣବିଧି ଲାଗୁ ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଫଳକ, ହୋଡିଂ ଘୋଡ଼ାଇବା କାମ ଆରମ୍ଭ ହୋଇଛି ।ହୋର୍ଡିଂ ଉପରେ ସବୁଜ ରଙ୍ଗର ପରଦା ଢଙ୍କାଯାଉଛି କିନ୍ତୁ ପୁରୀ ପୌରପାଳିକା ଠାରୁ ଆରମ୍ଭ କରି ଜିଲ୍ଲାର ବିଭିନ୍ନ ସହର ଓ ଗ୍ରାମାଞ୍ଚଳରେ ଏବେ ବି ମାଳ ମାଳ ହୋଡିଂ ସେହିଭଳି ଖୋଲାମେଲାରେ ରହିଛି। ସେପଟେ ଅଧିକାଂଶ ହୋଡିଂ ପୂର୍ଣ୍ଣ ଭାବେ ନ ଢ଼ାଙ୍କି କେବଳ ରାଜନେତାଙ୍କ ଫଟୋ ଉପରେ ପରଦା ଢାଙ୍କି କାମ ସାରିଦେଇଛି ପ୍ରଶାସନ । ଏହାକୁ ନେଇ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ଜିଲ୍ଲା ନିର୍ବାଚନ ଅଧିକାରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ତୁରନ୍ତ ସବୁସ୍ଥାନରେ ହୋର୍ଡିଂ, ପୋଷ୍ଟର୍ ଆଦିରେ ପରଦା ଢାଙ୍କିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଗତ ୧୬ ତାରିଖରେ ସାଧାରଣ ନିର୍ବାଚନ ନେଇ ତାରିଖ ଘୋଷଣା ହୋଇଛି। ପୁରୀ ଜିଲ୍ଲାରେ ମେ ୨୫ ଓ ଜୁନ ୧, ଏଭଳି ଦୁଇଟି ପର୍ଯ୍ୟାୟରେ ମତଦାନ ହେବ ।ଏଣୁ ଆଚରଣ ବିଧି ଲାଗୁ ଦିନଠାରୁ ଦଳୀୟ ପ୍ରଚାରଭିତ୍ତିକ ଅବା ରାଜନେତାଙ୍କ ହୋଡିଂ, ପୋଷ୍ଟରକୁ ହଟାଇବାକୁ ନିର୍ବାଚନ କମିସନ ନିର୍ଦ୍ଦେଶ ଦେଇଛନ୍ତି । ଏହି ଆଧାରରେ ଗାଁ ଠାରୁ ସହର ପର୍ଯ୍ୟନ୍ତ, ଜିଲ୍ଲାରେ ଯେଉଁଠି ବି ପ୍ରଚାରଧର୍ମୀ ପୋଷ୍ଟର, ହୋର୍ଡିଂ ଆଦି ରହିଛି, ତାକୁ ପରଦାରେ ଘୋଡ଼ାଇବାକୁ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ତଥାପି ବହୁସ୍ଥାନରେ ଏହି ଆଦେଶ ଅନୁପାଳନ ହୋଇନଥିବା ଦେଖିବାକୁ ମିଳିଛି । ପୁରୀ ପୌରପାଳିକାର ପୌରସଦନ ଛକ ବିଦ୍ୟୁତ କାର୍ଯ୍ୟାଳୟ, ରମାବଲ୍ଲଭ ରୋଡ୍, ରିଜର୍ଭ ପୁଲିସ କାର୍ଯ୍ୟାଳୟ ପ୍ରବେଶ ପଥ,ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପ୍ରବେଶ ପଥ, ଜଟିଆ ବାବାଜି ଛକ, ଖରାଖାଇ ସମ୍ମୁଖ, ଗୋଖାସାହି ଛକ, ମଶାଣିଚଣ୍ଡୀ ଛକ, ହାଡ଼ିସାହି ଛକରେ ବହୁ ସଂଖ୍ୟାରେ ବଡ଼ ବଡ଼ ହୋଡିଂ ରହିଥିବା ଦେଖିବାକୁ ମିଳିଛି। ସେହିଭଳି ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ମିଳିଥିବା ଆର୍ଥିକ ଅନୁଦାନର ଫଳକ ବି ଏବେ ବହୁ ଜାଗାରେ ସେହିଭଳି ରହିଛି। ଯାହା ନିର୍ବାଚନ ଆଚରଣ ବିଧିକୁ ଉଲଂଘନ କରୁଛି ବୋଲି ଅଭିଯୋଗ ହୋଇଛି। ଅନ୍ୟପଟେ ପୂର୍ବବର୍ଷ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ବାଚନ ବିଜ୍ଞପ୍ତି ଜାରି ପରେ ସବୁ ହୋର୍ଡିଂରେ ପୂର୍ଣ୍ଣ ପରଦା ଢ଼ଙ୍କା ଯାଇଥିଲା । କିନ୍ତୁ ଚଳିତବର୍ଷ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। କେବଳ ରାଜନେତାଙ୍କ ଫଟୋରେ ପରଦା ଢାଙ୍କି ଛାଡ଼ି ଦିଆଯାଇଛି । ଯାହାକୁ କଂଗ୍ରେସ, ଆମ୍ ଆଦମୀ ପାର୍ଟି ଭଳି ବିଭିନ୍ନ ରାଜନୈତିକ ଦଳର ନେତାମାନେ ବିରୋଧ କରିଛନ୍ତି ।ଏ ସମ୍ପର୍କରେ ଜିଲ୍ଲାପାଳ ଶ୍ରୀ ସ୍ୱାଇଁ କହିଛନ୍ତି, ନିର୍ବାଚନ ଆୟୋଗଙ୍କ ଆଦେଶ ପୂର୍ଣ୍ଣ ଅନୁପାଳନ ହେବା କୌଣସି ଜାଗାରେ ଅବହେଳା କରାଯିବନି। ନିୟନ୍ତ୍ରଣ କକ୍ଷ ଓ ସି- ଭିଜିଲରେ ଯାହା ବି ଅଭିଯୋଗ ଆସିବ, ସେ ଉପରେ ପଦକ୍ଷେପ ନିଆଯିବ ଅଭିଯୋଗ ପରେ ଯେଉଁଠି ବି ଯାହା ପୋଷ୍ଟର, ହୋଡିଂ ଆଦି ରହିଛି, ତୁରନ୍ତ ହଟାଇବାକୁ ଉପଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି ।

# ଏକାଦଶୀ ବ୍ରତ ମାହାତ୍ମ୍ୟ ବାର୍ଷିକ ଆଲୋଚନାଚକ୍ର ଅନୁଷ୍ଠିତ

**ପୁରୀ (ବ୍ୟୁରୋ):** କପିଳେଶ୍ୱର ପୁର ସ୍ଥିତ ମଠ କାଙ୍କୁଡ଼ା ଗ୍ରାମରେ ଅତିବଡ଼ି ଜଗନ୍ନାଥ ଦାସଙ୍କ ପବିତ୍ର ପାଦୁକା ପୀଠ ଏବଂ ପ୍ରୀୟପତ୍ର ର ମିଳିତ ଆୟୋଜନରେ ଏକାଦଶୀ ବ୍ରତ ମାହାତ୍ମ୍ୟ ବାର୍ଷିକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇ ଯାଇଛି । ପ୍ରିୟପତ୍ର ର ସମ୍ପାଦକ ବିପିନ ଦଳେଇ ଙ୍କ ସଭାପତିତ୍ୱ ରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା ପ୍ରତିଷ୍ଠାନ ର ପୂର୍ବତନ ନିର୍ଦ୍ଦେଶକ କୈଳାଶ ଚନ୍ଦ୍ର ଟିକାୟତରାୟ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ କବି ସୁରେଶ କୁମାର ପଟ୍ଟନାୟକ,ଜାନକୀ ବଲ୍ଲଭ ଦାସ ଏବଂ ଅନନ୍ତ ପ୍ରଧାନ ଯୋଗଦାନ କରିଥିବା ବେଳେ ମୁଖ୍ୟ ବକ୍ତା ଭାବେ କବି ବିଜୟ ଲକ୍ଷ୍ମୀ ଦାସ ଯୋଗଦାନ କରିଥିଲେ ।ପ୍ରଶାନ୍ତ କୁମାର ତ୍ରିପାଠୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।




କାର୍ଯ୍ୟକ୍ରମର ପ୍ରାରମ୍ଭରେ ପ୍ରଭାକର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅନୁଷ୍ଠାନର ସଭାପତି ବାଳକୃଷ୍ଣ ରାଉତ ଧନ୍ୟବାଦ୍ ଅର୍ପଣ କରିଥିଲେ । ଏହି ଅବସରରେ ଗ୍ରାମର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ରାଧା ଗୋବିନ୍ଦ ଙ୍କ ଆଳତି ,ହୋମ ଏବଂ ପାରାୟଣ କରାଯାଇଥିଲା।



ବର୍ଷାପାଗ ଯୋଗୁ ବେଳାଭୂମିରେ ନାହାନ୍ତି ପର୍ଯ୍ୟଟକ, ଅପେକ୍ଷାରେ ଓଟପାଳକ



ପୁରୀ କ୍ଲବର ୯୬ତମ ପ୍ରତିଷ୍ଠା ଦିବସ ସଂପନ୍ନ



ବିଶ୍ୱ ପଖାଳ ଦିବସ







# ଶିରିଡ଼ି ଧାମ ଓ ସାଇବାବା

ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ

ପବିତ୍ର ତୀର୍ଥ ଶିରିଡ଼ି ମହାରାଷ୍ଟ୍ରର ଅହମ୍ମଦନଗର ଜିଲ୍ଲାର କୋପରଗାଓଁ ତାଲୁକାରେ ଅବସ୍ଥିତ। ମୁମ୍ବାଇ ଠାରୁ ୩୦୦ କିମି, ଅହମ୍ମଦ ନଗରରୁ ୮୩ କିମି ଓ କୋପରଗାଓଁ ଠାରୁ ୧୫ କିମି ଦୂରରେ ଅବସ୍ଥିତ ଶିରିଡ଼ି ଏକ ଅତ୍ୟନ୍ତ ପୂଣ୍ୟ କ୍ଷେତ୍ର। ପବିତ୍ର ଗୋଦାବରୀ ନଦୀ ଅତିକ୍ରମ କରିବାର ଆଠ କିମି ପରେ ନିମଗାଓଁ ଠାରୁ ଶିରିଡ଼ି ଦୃଷ୍ଟିଗୋଚର ହୁଏ। କୃଷ୍ଣାନଦୀ ତଟରେ ଅବସ୍ଥିତ ଶିରିଡ଼ି ଗ୍ରାମ ସଦ୍‌ଗୁରୁ ସାଇବାବାଙ୍କ ଚରଣ ସ୍ପର୍ଶକରି ଆଜି ସମଗ୍ର ବିଶ୍ୱରେ ପ୍ରସିଦ୍ଧ ତୀର୍ଥକ୍ଷେତ୍ରର ମାନ୍ୟତା ଅର୍ଜନ କରିଛି। ଶ୍ରୀ ସାଇନାଥ ମହାରାଜ ଶିରିଡ଼ିରେ ଆବିର୍ଭାବ ହୋଇ ସ ଲୀଳା ଖେଳା କରି ଏହାକୁ ପବିତ୍ର ଧାମରେ ପରିଣତ କରିଛନ୍ତି। ରେଳ ଯୋଗେ ଭୁବନେଶ୍ୱରରୁ ସାଇନଗରର ଶିରିଡ଼ି ଏକ୍ସପ୍ରେସ୍ ଯୋଗେ ସିଧାସଳଖ ଶିରିଡ଼ିରେ ପହଞ୍ଚିହେବ। ଏଥିପାଇଁ ଅତିକମ୍‌ରେ ୩୨ଘଣ୍ଟା ସମୟ ଲାଗେ। ଭୁବନେଶ୍ୱରରୁ ମନ୍‌ମଡ଼ ପର୍ଯ୍ୟନ୍ତ ରେଳଯାତ୍ରା କରି ସେଠାରୁ ଟାକ୍ସି, ବସ କିମ୍ବା ଅଟୋରିକ୍ସା ଯୋଗେ ଶିରିଡ଼ି ଯାତ୍ରା କରିହେବ। ଭୁବନେଶ୍ୱରରୁ ଶିରିଡ଼ିକୁ ଉଡ଼ାଜାହାଜ ଯାତ୍ରୀ ଉପଲବ୍ଧ। ନଚେତ ଉଡାଜାହାଜରେ ମୁମ୍ବାଇ ପର୍ଯ୍ୟନ୍ତ ଯାତ୍ରା କରି ସେଠାରୁ ଅନ୍ୟ ରେଳ, ବସ କିମ୍ବା ଟାକ୍ସିରେ ଶିରିଡ଼ି ଯାତ୍ରା କରିହେବ। ଏବେ ଭୁବନେଶ୍ୱରରୁ ବସ ଯୋଗେ ସିଧା ଶିରିଡ଼ି ଯିବାକୁ ବ୍ୟବସ୍ଥା କରାଯାଇଛି। ଏହାଛଡ଼ା ମୁମ୍ବାଇ, ପୁନେ, ଅହମ୍ମଦନଗର ଓ ନାସିକ୍‌ରୁ ମଧ୍ୟ ସରକାରୀ ଓ ଘରୋଇ ବସ ସବୁ ସମୟରେ ଶିରିଡ଼ିକୁ ଯାତାୟାତ କରନ୍ତି। ଶିରିଡ଼ିରେ ରହିବା ପାଇଁ ଅନେକ ହୋଟେଲ ଓ ଧର୍ମଶାଳା ରହିଛି। ୧୧୦ରୁ ଉର୍ଦ୍ଧ୍ୱ ହୋଟେଲ ଭକ୍ତମାନେ ନିଜର ସୁବିଧା ଅନୁଯାୟୀ ରହିପାରିବେ। ଏଥିପାଇଁ ବହୁ ଆଗରୁ ଅନଲାଇନ ରିଜର୍ଭ କରିପାରିବେ। ଶ୍ରୀ ସାଇବାବା ସଂସ୍ଥାନ ତରଫରୁ ଭକ୍ତମାନଙ୍କ ପାଇଁ ରହିବା ଓ ଖାଇବାର ସମସ୍ତ ବନ୍ଦୋବସ୍ତ କରାଯାଇଥାଏ। ସାଇ ଆଶ୍ରମ ଫେଜ-୧ରେ ୧୫୩୬ଟି ରୁମ୍‌ରେ ୯୦୦୦ ଯାତ୍ରୀ ରହିବାର ସୁବିଧା ଉପଲବ୍ଧ। ଏଥିରୁ ୩୮୪ଟି ରୁମ ଶୀତତାପ ନିୟନ୍ତ୍ରିତ। ଭକ୍ତମାନଙ୍କ ପାଇଁ ଏକ ବିରାଟ ଭୋଜନାଳୟ ଓ ଭଜନ କୀର୍ତ୍ତନ ପାଇଁ ଏକ ମୁକ୍ତବାୟୁ ପ୍ରେକ୍ଷାଳୟ ରହିଛି। ଏହାଛଡ଼ା ଶ୍ରୀ ସାଇବାବା ସଂସ୍ଥାନ ତରଫରୁ ବସଷ୍ଟାଣ୍ଡ ନିକଟରେ ୨୦୦୮ ମସିହାରେ ଦ୍ୱାରାବତୀ ଆବାସ ନିର୍ମାଣ କରାଯାଇଛି। ଏଥିରେ ୮୦ଟି ଶୀତତାପ ନିୟନ୍ତ୍ରିତ ରୁମ ଗ୍ରୁପରେ ରହିବା ପାଇଁ ସମସ୍ତ ପ୍ରକାର ସୁବନ୍ଦୋବସ୍ତ କରାଯାଇଛି। ଶ୍ରୀ ସାଇବାବା ସଂସ୍ଥାନ ତରଫରୁ ସାଇବାବା ଭକ୍ତ ନିବାସ ସ୍ଥାନରେ ବିଭିନ୍ନ ଶ୍ରେଣୀର ୫୪୨ ରୁମ ରହିଅଛି। ମନ୍ଦିର ଠାରୁ ୧କିମି ଦୂରରେ ଅବସ୍ଥିତ ଏହି ଭକ୍ତ ନିବାସରୁ ଯାତ୍ରୀ ମାନଙ୍କ ସୁବିଧା ପାଇଁ ଦିନଯାକ ମନ୍ଦିରକୁ ବସ ଚଳାଚଳ କରେ। ଅତ୍ୟାଧୁନିକ ରନ୍ଧନଶାଳା ଓ ପରିବେଷଣ ପଦ୍ଧତିରେ ଏକକାଳୀନ ବହୁଭକ୍ତ ଏଠାରେ ଭୋଜନ କରିପାରନ୍ତି। ଶ୍ରୀ ସାଇବାବାଙ୍କ ମାତା, ପିତା, ତାଙ୍କର ଜନ୍ମ ସମୟ ଓ ଜନ୍ମ ସ୍ଥାନ ସମ୍ପର୍କରେ କାହା ପାଖରେ ସଠିକ ଉତ୍ତର ନାହିଁ।

ଅନେକ ସ୍ଥାନ ମହାପୁରୁଷ ମାନଙ୍କ ପଦ ସ୍ପର୍ଶରେ ଧନ୍ୟ ହୋଇଅଛି। ଅଯୋଧ୍ୟା ଶ୍ରୀରାମଙ୍କ ପାଇଁ, ଦ୍ୱାରିକା ଶ୍ରୀକୃଷ୍ଣଙ୍କ ପାଇଁ, ନଦିଆ ଶ୍ରୀ ଚୈତନ୍ୟଙ୍କ ପାଇଁ ଯେପରି ପବିତ୍ର, ଶିରିଡ଼ିରେ ଶ୍ରୀ ସାଇନାଥ ମହାରାଜଙ୍କ ଆବିର୍ଭାବ ସେ ସ୍ଥାନକୁ ଏକ ପବିତ୍ର ତୀର୍ଥସ୍ଥାନରେ ପରିଣତ କରିଛି। ସାକ୍ଷାତ ଭଗବାନ ହିଁ ମାନବ ରୂପରେ ସେଠାରେ ବାସ କରୁଥିଲେ। ସେ ଲୋକଙ୍କର ସାଂସାରିକ ଛୋଟବଡ଼ ସମସ୍ୟା ଅନାୟାସରେ ଦୂର କରିବା ସହ ସମକାଳୀନ ଭାଗ୍ୟବାନ ଲୋକମାନଙ୍କୁ ସାଂସାରିତକ ମୋହରୁ ମୁକ୍ତ କରି ଆଧ୍ୟାତ୍ମିକ ମାର୍ଗ ଦର୍ଶନ କରାଉଥିଲେ। ଶିରିଡ଼ିରେ ସାରା ଜୀବନ ବିତାଇଥିଲେ ମଧ୍ୟ ସେ କେବେ କାହା ଘରେ ରହି ନଥିଲେ। ସେ ସର୍ବଦା ଦ୍ୱାରକାମାୟୀ ମସଜିଦ୍‌ରେ ରହୁଥିଲେ ଓ ନିକଟ ଗ୍ରାମରେ ଭିକ୍ଷାମାଗି ଚଳୁଥିଲେ। ଅଧିକ ଭିକ୍ଷା ହେଲେ ବାଣ୍ଟି ଦେଉଥିଲେ। ଗରିବଙ୍କ ସେବା କରିବା ତଥା ସେମାନଙ୍କୁ ଅନୁଦାନ ଦେବା ତାଙ୍କ ଜୀବନର ଲକ୍ଷ୍ୟ ଥିଲା। ବାବା ହିନ୍ଦୁ କିମ୍ବା ମୁସଲିମ୍ ତାର କୌଣସି ପ୍ରମାଣ ନାହିଁ। ସେ ଜାତି, ଧର୍ମରେ ବିଶ୍ୱାସ କରୁ ନଥିଲେ। ସେ କାହାକୁ ଜାତି କିମ୍ବା ଧର୍ମ ପରିବର୍ତ୍ତନ କରିବାକୁ କହୁ ନଥିଲେ। ଜଣେ ହିନ୍ଦୁ ଭଲ ହିନ୍ଦୁ ହେଉ ଏବଂ ଜଣେ ମୁସଲିମ ଭଲ ମୁସଲିମଟିଏ ହେଉ। ଏହା ଥିଲା ବାବାଙ୍କର ଉପଦେଶ। ଶିରିଡ଼ିରେ ସେ ଯେଉଁ ମସଜିଦ୍‌ରେ ବାସ କରୁଥିଲେ ତାର ନାମ ଦେଇଥିଲେ ଦ୍ୱାରକାମାୟୀ। ସେ ସବୁବେଳେ କହୁଥିଲେ ଆଲ୍ଲା ମାଲିକ ଅର୍ଥାତ୍ ଭଗବାନ ହେଉଛନ୍ତି ଏହି ବିଶ୍ୱ ବ୍ରହ୍ମାଣ୍ଡର ସମ୍ରାଟ ଏବଂ ସବ୍‌କା ମାଲିକ ଏକ। ଅର୍ଥାତ୍ ଏ ବିଶ୍ୱରେ କେବଳ ଭଗବାନ ହେଉଛନ୍ତି ସମସ୍ତ ପ୍ରାଣୀଙ୍କର ମାଲିକ। ଏହି ଦୁଇଟି କଥା ଉଭୟ ହିନ୍ଦୁ ଓ ମୁସଲିମ ଧର୍ମର ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। ତାଙ୍କର ମୁଖ୍ୟ ଉପଦେଶ ଥିଲା ଶ୍ରଦ୍ଧା ସବୁରୀ। ଅର୍ଥାତ୍ ସବୁ ପ୍ରାଣୀଙ୍କ ଠାରୁ ଭଗବାନ ଅଛନ୍ତି ବୋଲି ହୃଦୟଙ୍ଗମ କରି ସମସ୍ତଙ୍କୁ ଶ୍ରଦ୍ଧା କର ଓ ଧୈର୍ଯ୍ୟର ସହିତ ସବୁ କିଛି ସହନ କର। ସେ ମୁସଲମାନ ମାନଙ୍କୁ କୋରାନ ପଢ଼ିବାକୁ ଓ ହିନ୍ଦୁ ମାନଙ୍କୁ ରାମାୟଣ, ମହାଭାରତ, ଭଗବତଗୀତା ଓ ଯୋଗ ବିଶିଷ୍ଟ ଆଜି ପଢ଼ି ତାର ଅନ୍ତର୍ନିହିତ ଭାବାର୍ଥ ବୁଝି ଜୀବନରେ ଉପଯୋଗ କରିବା ପାଇଁ ଉପଦେଶ ଦେଉଥିଲେ। ଶ୍ରୀ ସାଇନାଥଙ୍କ ଅନନ୍ତ ମହିମା, ଭକ୍ତମାନଙ୍କ ଅନୁଭୂତି ତଥା ବାବାଙ୍କର ମୁଖନିଃସୃତ ଅମୃତମୟ ବାଣୀ ବିଷୟରେ ଅଧିକ ଜାଣିବା ପାଇଁ ଆମେ ବାବାଙ୍କ ଅତ୍ୟନ୍ତ ଅନୁଗତ୍ୟ ଭକ୍ତ ଗୋବିନ୍ଦ ରାଓ ରଘୁନାଥ ଦାଭୋଲକର ଓରଫ ହିମଜପନ୍ଥଙ୍କ ରଚିତ 'ଶ୍ରୀ ସାଇ ସତ୍‌ଚରିତ' ପାଠ କରି ପାରିବା। ଏହା ଏକ ପାରାୟଣ ଗ୍ରନ୍ଥ। ଶ୍ରୀ ସାଇବାବାଙ୍କ ଯୋଗୁଁ ଶିରିଡ଼ି ସାରା ବିଶ୍ୱରେ ଏକ ବିଖ୍ୟାତ ତୀର୍ଥକ୍ଷେତ୍ର ହୋଇପାରିଛି। ବର୍ତ୍ତମାନ ପ୍ରତିଦିନ ପ୍ରାୟ ୨୫୦୦୦ ତୀର୍ଥଯାତ୍ରୀ ଶିରିଡ଼ି ଆସି ବାବାଙ୍କୁ ଦର୍ଶନ କରନ୍ତି। ପର୍ବପର୍ବାଣୀ ମାନଙ୍କରେ ଲକ୍ଷାଧିକ ଲୋକ ଆଗମନ କରନ୍ତି। ଏଠାରେ ମନ୍ଦିରର ସମସ୍ତ କାର୍ଯ୍ୟ ଶ୍ରୀ ସାଇବାବା ସଂସ୍ଥାନ ଟ୍ରଷ୍ଟ ଦ୍ୱାରା ପରିଚାଳିତ ହୁଏ। ମନ୍ଦିର ମଧ୍ୟରେ ଥିବା ବାବାଙ୍କ ମାର୍ବଲ ମୂର୍ତ୍ତି ଅତ୍ୟନ୍ତ ସୁନ୍ଦର ଓ କମନୀୟ। ସୁନାର ମୁକୁଟ ପାଟବସ୍ତ୍ର ଓ ସୁନ୍ଦର ସତେଜ ପୁଷ୍ପମାଲ୍ୟ ପରିଧାନ କରି ବାବା ଜୀବନ୍ତ ପ୍ରତୀୟମାନ ହୁଅନ୍ତି। ମନ୍ଦିରର କାନ୍ଥ ଓ ଚଟାଣ ମାର୍ବଲ ଆଚ୍ଛାଦିତ। ମାତ୍ର ମନ୍ଦିରର କୋଣାର୍କର ଅଗ୍ରଭାଗ ପର୍ଯ୍ୟନ୍ତ ବାହାର ଓ ଭିତର ସୁବର୍ଣ୍ଣ ଆଚ୍ଛାଦିତ। ମନ୍ଦିରର ପୂଜା ପଦ୍ଧତି ବାବାଙ୍କ ଜୀବିତାବସ୍ଥାରୁ ଯାହାଥିଲା ତାହା ହିଁ ଅନୁସରଣ ହୋଇ ଆସୁଅଛି। ପ୍ରତିଦିନ ବାବାଙ୍କୁ ଦିନର ବିଭିନ୍ନ ସମୟରେ ଚାରିଗୋଟି ଆରତୀ ପ୍ରଦାନ କରାଯାଏ। ତାହାହେଲା ପ୍ରାତଃ ୪ଟା ୩୦ ମିନିଟରେ କାକଡ଼ ଆରତୀ, ଦିନ ୧୨.୦୦ଟାରେ ମଧ୍ୟାହ୍ନ ଆରତୀ, ସନ୍ଧ୍ୟା ୬ଟା୩୦ମିନିଟରେ ଧୂପ ଆରତୀ ଓ ରାତି ୧୦ଟା ୩୦ ମିନିଟରେ ଶେଷ ଆରତୀ।

ଶିରିଡ଼ିରେ ତିନୋଟି ମୁଖ୍ୟ ପାଳନ କରାଯାଏ। ତାହାହେଲା ରାମନବମୀ, ଗୁରୁପୂର୍ଣ୍ଣିମା ଓ ବିଜୟାଦଶମୀ। ଏହି ପର୍ବ ମାନଙ୍କରେ ସାରା ବିଶ୍ୱରୁ ହଜାର ହଜାର ଭକ୍ତ ଶିରିଡ଼ି ଆସନ୍ତି। ୧୮୯୭ ମସିହାରେ କୋପରମାଓଁର ଗୋପାଳରାଓ ଗୁଣ୍ଡ ବହୁଦିନ ପରେ ଏକ ସନ୍ତାନପ୍ରାପ୍ତି ହୋଇଥିବାରୁ ରାମନବମୀ ଦିନ ଉର୍ସ ପର୍ବ ପାଳନ କରିବାକୁ ବାବାଙ୍କ ଅନୁମତି ଭିକ୍ଷା କଲେ। ବାବା ଏଥିରେ ସହମତି ପ୍ରଦାନ କରିଥିଲେ। କାରଣ ଉର୍ସ ଓ ରାମନବମୀ ଉତ୍ସବ ଗୋଟିଏ ଦିନରେ ପାଳନ କରିବା ଅର୍ଥ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ଏକତା ପ୍ରତିଷ୍ଠା କରିବା। ଏହିଦିନ ଦ୍ୱାରକାମାୟୀରେ ପୁରୁଣା ବସ୍ତାରେ ଥିବା ଗହମରେ ପ୍ରସାଦ ରନ୍ଧାଯାଏ ଓ ନୂଆ ଗହମ ରଖାଯାଏ। ଦ୍ୱିତୀୟରେ ଦ୍ୱାରକାମାୟୀରେ ନୂତନ ପତାକା ସ୍ଥାପନ କରାଯାଏ। ଶ୍ରାବଣ ପୂର୍ଣ୍ଣିମା ଦିନ ଗୁରୁବ୍ୟାସଦେବଙ୍କ ଜନ୍ମତିଥିରେ ଏଠାରେ ଗୁରୁପୂର୍ଣ୍ଣିମା ପାଳନ କରାଯାଏ। ଭାରତୀୟ ଗୁରୁ ପରମ୍ପରା ଅନୁସାରେ ଏହିଦିନ ଗୁରୁଙ୍କୁ ପୂଜନ କରିବା ପାଇଁ ସାଇବାବା ନିଜେ ଏହି ପର୍ବ ପାଳନ କରିବା ପାଇଁ ଆଦେଶ ଦେଇଥିଲେ। ବିଜୟା ଦଶମୀ ବାବାଙ୍କର ସମାଧି ଦିବସ। ଭକ୍ତମାନେ ବହୁ ସଂଖ୍ୟାରେ ଏହି ଦିନ ଶିରିଡ଼ିରେ ଏକତ୍ରିତ ହୋଇଥାଆନ୍ତି। ଏକକ ଭାରତର ଅଧିକାଂଶ ରାଜ୍ୟରେ ବିଶେଷତଃ ମହାରାଷ୍ଟ୍ର, ଓଡ଼ିଶା, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ତାମିଲନାଡୁ, ଗୁଜୁରାଟରେ ସାଇବାବାଙ୍କ ମନ୍ଦିର ପ୍ରତିଷ୍ଠା ହୋଇ ବାବା ପୂଜା ପାଉଛନ୍ତି। ଏହାଛଡ଼ା ବିଦେଶରେ ମଧ୍ୟ ବାବାଙ୍କ ଭକ୍ତମାନେ ମନ୍ଦିର ପ୍ରତିଷ୍ଠା କରି ପୂଜା ବିଧାନ ସମ୍ପନ୍ନ କରୁଛନ୍ତି। କାନାଡ଼ା, ନେପାଳ, ଯୁକ୍ତରାଷ୍ଟ୍ର ଆମେରିକା, ଅଷ୍ଟ୍ରେଲିଆ, ସଂଯୁକ୍ତ ଆରବ ରାଷ୍ଟ୍ର, ମାଲେସିଆ, ଇଂଲଣ୍ଡ, ଜର୍ମାନୀ, ଫ୍ରାନ୍ସ ଓ ସିଙ୍ଗାପୁରରେ ଭକ୍ତମାନଙ୍କ ଦ୍ୱାରା ମନ୍ଦିର ପ୍ରତିଷ୍ଠା କରାଯାଇଛି। ଶିରିଡ଼ି ସାଇ ବାବାଙ୍କ ଉପରେ ଭାରତୀୟ ଚଳଚ୍ଚିତ୍ର ନିଗମ ହିନ୍ଦୀ ସମେତ ଅନ୍ୟ ବହୁତ ଭାଷାରେ ସିନେମା ନିର୍ମାଣ କରିସାରିଛି। ଓଡ଼ିଆ ତଥା ବିଭିନ୍ନ ପ୍ରାଦେଶିକ ଭାଷାରେ ଧାରାବାହିକ ନିମର୍କାଣ କରାଯାଇ ବାବାଙ୍କ ବିଷୟରେ ଟେଲିଭିଜନରେ ପ୍ରଦର୍ଶିତ ହେଉଛି। ଏହାଦ୍ୱାରା ଭକ୍ତମାନେ ସବିଶେଷ ବିବରଣୀ ପାଇ ପାରୁଛନ୍ତି। ଯାତ୍ରୀମାନେ ଶିରିଡ଼ି ଦର୍ଶନ କରିସାରି ନିକଟବର୍ତ୍ତୀ କେତେକ ବିଶିଷ୍ଟ ସ୍ଥାନ ପରିଦର୍ଶନ କରିପାରିବେ, ନିଜେ ଟାକ୍ସି କରି କିମ୍ବା ଟ୍ରାଭେଲ ଏଜେଣ୍ଟଙ୍କ ଜରିଆରେ ନାସିକ୍ ତ୍ରେମ୍ବକେଶ୍ୱର ଜ୍ୟୋତିର୍ଲିଙ୍ଗ, ପଞ୍ଚବଟୀ, ଶନି, ଅଷ୍ଟବିନାୟକ, ଘୃଷ୍ଣେଶ୍ୱର ଜ୍ୟୋତିର୍ଲିଙ୍ଗ, ଏଲୋରା ଗୁମ୍ଫା ଇତ୍ୟାଦି ପ୍ରସିଦ୍ଧ ସ୍ଥାନମାନ ସମୟ ଓ ସୁବିଧା ଅନୁସାରେ ଯାତ୍ରା କରିପାରିବେ। ବାବା ସବୁବେଳେ ଭକ୍ତମାନଙ୍କ ହିତ ଚିନ୍ତା କରୁଥିଲେ। ସେ କୌଣସି ଭକ୍ତକୁ କୌଣସି ମନ୍ତ୍ର ଦେବା, ଆସନପ୍ରାଣାୟାମ କରାଇବା, ପଞ୍ଚାଗ୍ନି, ତପ, ତ୍ୟାଗ, ଅଷ୍ଟାଙ୍ଗ ଯୋଗ ଆଦି କରିବାକୁ ଉପଦେଶ ଦେଉନଥିଲେ। ସେ କହୁଥିଲେ ଚତୁରତା ତ୍ୟାଗ କରି ସର୍ବଦା ସାଇ ସାଇ ସ୍ମରଣ କର। ଏହିପରି ଆଚରଣ କରିବା ଦ୍ୱାରା ସମସ୍ତ ବନ୍ଧନ ତୁଟିଯିବ ଏବଂ ତୁମର ମୁକ୍ତି ହୋଇଯିବ। ମନ୍‌କେ ହାରେ ହାର୍‌ହେ ମନକେ ଜିତେଜିତ୍। କରମ ପ୍ରଧାନ ବିଶ୍ୱ ରଚି ରଖା, ଯୋ ଯଶ କରେ ସେ ତସ୍‌ଫଲ ଗୁଖା। (ବାବା)

*'କୁଞ୍ଜ ବିହାରୀ ନିବାସ', ୧୦୮୨/ଡି, ସେକ୍ଟର-୬, ସିଡିଏ, କଟକ, ଦୂରଭାଷ : ୯୮୬୧୩୫୫୬୨୮*

ଭୁବନେଶ୍ୱରରୁ ମନ୍‌ମଡ଼ ପର୍ଯ୍ୟନ୍ତ ରେଳଯାତ୍ରା କରି ସେଠାରୁ ଟ୍ୟାକ୍ସି, ବସ କିମ୍ବା ଅଟୋରିକ୍ସା ଯୋଗେ ଶିରିଡ଼ି ଯାତ୍ରା କରିହେବ। ଭୁବନେଶ୍ୱରରୁ ଶିରିଡ଼ିକୁ ଉଡ଼ାଜାହାଜ ଯାତ୍ରୀ ଉପଲବ୍ଧ। ନଚେତ ଉଡାଜାହାଜରେ ମୁମ୍ବାଇ ପର୍ଯ୍ୟନ୍ତ ଯାତ୍ରା କରି ସେଠାରୁ ଅନ୍ୟ ରେଳ, ବସ କିମ୍ବା ଟ୍ୟାକ୍ସିରେ ଶିରିଡ଼ି ଯାତ୍ରା କରିହେବ। ଏବେ ଭୁବନେଶ୍ୱରରୁ ବସ ଯୋଗେ ସିଧା ଶିରିଡ଼ି ଯିବାକୁ ବ୍ୟବସ୍ଥା କରାଯାଇଛି। ଏହାଛଡ଼ା ମୁମ୍ବାଇ, ପୁନେ, ଅହମ୍ମଦନଗର ଓ ନାସିକ୍‌ରୁ ମଧ୍ୟ ସରକାରୀ ଓ ଘରୋଇ ବସ ସବୁ ସମୟରେ ଶିରିଡ଼ିକୁ ଯାତାୟାତ କରିହେବ। ଶିରିଡ଼ିରେ ରହିବା ପାଇଁ ଅନେକ ହୋଟେଲ ଓ ଧର୍ମଶାଳା ରହିଛି।



# ଶ୍ରୀରାମ, ସୀତା ଓ ହନୁମାନ

ଡକ୍ଟର ସୁରେନ୍ଦ୍ରନାଥ ଦାସ

ତ୍ରେତୟା ଯୁଗର ଅବସାନ ସମୟ ପାଖେଇ ଆସିଲାଣି। ଲଙ୍କାରେ ରାବଣକୁ ମାରି ସୀତାଙ୍କୁ ଉଦ୍ଧାର କରି ମର୍ଯ୍ୟାଦା ପୁରୁଷୋତ୍ତମ ରଘୁକୁଳ ତିଳକ ଅବତାର ପୁରୁଷ ରାମ ଚନ୍ଦ୍ର ଅଯୋଧ୍ୟାର ରାଜ ସିଂହାସନରେ ବସି ପ୍ରଜାଙ୍କୁ ସୁଶାସନ ଅନେକ ଦିନ ଦେଇ ସାରିଲେଣି। ତାଙ୍କ ଶାସନରେ ପ୍ରଜା ମଣ୍ଡଳି ମହା ଆନନ୍ଦରେ କାଳ କଟାଉଛନ୍ତି। ରାଜ୍ୟରେ ଅକାଳ ମୃତ୍ୟୁ ଚୌର୍ଯ୍ୟଭୟ ଅଗ୍ନି ବିପ୍ଲାତ ସଂପୂର୍ଣ୍ଣ ଦୁର ହୋଇଛି। ସବୁଆଡେ ରାମ ରାଜ୍ୟର ପ୍ରଶଂସା। ତାଙ୍କ ଶାସନରେ ଧୂଳିର ଧରଣି ସ୍ୱର୍ଗ ପାଲଟି ଯାଇଛି।

ଏହା ମଧ୍ୟରେ କିନ୍ତୁ ରାମଙ୍କ ଜୀବନରେ ଘଟି ଯାଇଛି ଅନେକ ବିପର୍ଯ୍ୟୟ। ପ୍ରଜାଙ୍କ କଟୁକ୍ତିକୁ ସହ୍ୟ କରି ନପାରି ପ୍ରାଣ ପ୍ରିୟା ପତ୍ନି ଜନକ ନନ୍ଦିନୀ ସୀତାଙ୍କୁ ଅନୁଜ ଲକ୍ଷ୍ମଣ ହାତରେ ନିର୍ବାସନ ଦଣ୍ଡ ଦେଇ ତମସା ନଦୀ କୂଳର ଅରଣ୍ୟ ରାଜ୍ୟକୁ ପଠାଇ ଦେଇଛନ୍ତି। ସେତେବେଳକୁ ସୀତା ଗର୍ଭବତୀ। ସୀତାଙ୍କ ବିନା ରାମଙ୍କ ଜୀବନ ହୋଇ ଯାଇଛି ନିସ୍ୱ ଓ ହାହାକାର। ପ୍ରତି ମୁହୂର୍ତ୍ତରେ ସୀତା କଥା ଭାବି ତାଙ୍କର ବକ୍ଷ ବିଦିର୍ଣ୍ଣ ହୋଇଯାଏ। ବିଚାରି ଜିବନରେ ସୁଖ କଣ ଜାଣିଲା ନାହିଁ। ରାଜ ରାଣୀ ହେବାର ସ୍ୱପ୍ନ ଦେଖୁ ଦେଖୁ ସ୍ୱାମୀଙ୍କ ସହ ୧୪ ବର୍ଷ ପାଇଁ ବନବାସିନୀ ହେଲା। ବଣ ପାହାଡ ଓ ଜଙ୍ଗଲ ଭିତରେ ସେମାନଙ୍କର ଯୁଗଳ ଜୀବନକୁ ଦୈବ ମଧ୍ୟ ସହିଲା ନାହିଁ। ଅହଂକାରୀ ମହାପ୍ରତାପି ଲଙ୍କା ର ରାଜା ଦଶାନନ ରାବଣ ଦ୍ୱାରା ସେ ହେଲେ ଅପହୃତା। ଭୟଙ୍କର ରାକ୍ଷାସ ମାନଙ୍କ ମେଳରେ ୧୩ ମାସ ବନ୍ଦୀ ଜୀବନ କଟିଲା। ତାକୁ ଉଦ୍ଧାର କରିବାପାଇଁ ଅଥଳ ସମୁଦ୍ରରେ ବନ୍ଧ ବାନ୍ଧିଲେ। ଭୟଙ୍କର ଯୁଦ୍ଧରେ ରାବଣ କୁ ସବଂଶ ନିହତ କଲେ।

ସୀତାଙ୍କ ଉଦ୍ଧାର ପରେ ନିଜର ସତିତ୍ୱ ପାଇଁ ତାଙ୍କୁ ଅଗ୍ନି ପରିକ୍ଷା ପାଇଁ ରାମ ଆଦେଶ ଦେଲେ। ସ୍ୱାମୀଙ୍କ ଆଜ୍ଞାରେ ସୀତା ଅଗ୍ନିରେ ପଶି ଶୁଦ୍ଧ ସୁବର୍ଣ୍ଣ ଭଳି ବାହାରି ଅସିଲେ। ଅଯୋଧ୍ୟାକୁ ଫେରି ରାଜ୍ୟ ଅଭିଷେକ ହୋଇ ଅଳ୍ପ ଦିନ ଶାନ୍ତି ରେ ରହିଲା ପରେ ପୁଣି ଦୁର୍ଯୋଗର କଳା ବଉଦ ମାଡି ଆସିଲା। ଇତର ପ୍ରଜା ମାନେ ସୀତାଙ୍କ ଚରିତ୍ରକୁ ନେଇ ଗୁଜବ କରିବାକୁ ଲାଗିଲେ। ପ୍ରଜା ରଂଜକ ରାମ ଏଥରେ ଦୁଃଖିତ ହୋଇ ସୀତାଙ୍କୁ ବିସର୍ଜନ କରିବାକୁ ସ୍ଥିର କଲେ।

ନିର୍ବାସିତା ସୀତା ତାଙ୍କ ପିତାଙ୍କ ବାଲ୍ୟ ବନ୍ଧୁ ମହର୍ଷି ବାଲ୍ମିକିଙ୍କ ଆଶ୍ରମରେ ଆଶ୍ରୟ ନେଇଛନ୍ତି। ରତ୍ନ ପଲଙ୍କ ବଦଳରେ ଭୂମି ଶଯ୍ୟା କରିଛନ୍ତି। ମୁକ୍ତା ହାର ବଦଳରେ ବଣମଲ୍ଲୀର ହାର ପିନ୍ଧିଛନ୍ତି। ଦାସୀମାନଙ୍କ ବଦଳରେ ମୁନି କୁମାରୀଙ୍କୁ ସାଥୀ ରୁପେ ପାଇଛନ୍ତି। ସମୟ ଗଡି ଚାଲିଛି। ଅରଣ୍ୟରେ ଥିବା ବେଳେ ସୀତାଙ୍କର ଯାଆଁଳା ପୁଅ ଲବ ଓ କୁଶ ଜନ୍ମ ହୋଇଛନ୍ତି। ଅଯୋଧ୍ୟାର ରାଜ କୁମାର ହୋଇ ମଧ୍ୟ ବଣରେ ବଢିଛନ୍ତି। ଫଳ ମୂଳ ଖାଇଛନ୍ତି। ମାତ୍ର ରଘୁ ବଂଶର କଳା ତାଙ୍କ ଠାରେ ପ୍ରସ୍ଫୁଟିତ ହୋଇପଡିଛି। ବାଳକ ହେଲେ ମଧ୍ୟ ଅସ୍ତ୍ର ବିଦ୍ୟାରେ ଅସାଧାରଣ ପାରଦର୍ଶିତା ଲାଭ କରିଛନ୍ତି ଓ ଅଯୋଧ୍ୟାର ରାଜ ଅଶ୍ୱକୁ ବନ୍ଧନ କରି ବିଶାଳ ସୈନ୍ୟ ବାହିନିକୁ ଅନାୟସରେ ପରାସ୍ତ କରିଛନ୍ତି। ଆଉ ବନ୍ଧନ କରିଛନ୍ତି ଲଙ୍କା ଦହନକାରୀ ମହାବୀର ହନୁମାନଙ୍କୁ। ରାଜା ରାମ ଜାଣି ପାରିଛନ୍ତି ଲବ ଓ କୁଶ ତାଙ୍କର ସନ୍ତାନ। ସେମାନଙ୍କୁ ସେ କୋଳେଇ ନେଇଛନ୍ତି। ସେମାନେ ଅଯୋଧ୍ୟାର ରାଜ ମୁକୁଟ ପିନ୍ଧିବେ ଓ ରଘୁ ବଂଶର ପରମ୍ପରା, 'ପ୍ରାଣ ଯାଉ ପଛେ ବଚନ ନଯାଉ ରକ୍ଷା କରିବେ'। ଅରଣ୍ୟ ବାସିନୀ ସିତାଙ୍କୁ ଅଯୋଧ୍ୟାକୁ ନେବା ପାଇଁ ରାଜ ସବାରୀ ପଠା ଯାଇଛି। ଅତିତର ଦୁଃଖ ଓ ଅଭିମାନକୁ ଭୁଲିଯାଇ ନିଜର ମନ ମଣିଷ ପାଖକୁ ଫେରି ଆସିଛନ୍ତି ମା ସୀତା। ରାଜ ଦରବାରରେ ସାମନ୍ତ ଓ ଅମାତ୍ୟ ମାନଙ୍କ ମେଳରେ ସିଂହାସନରେ ବସିଥାନ୍ତି ରାଜା ରାମଚନ୍ଦ୍ର। ମା'ସୀତା ପହଂଚି ଯାଇ ବହୁ ଦିନ ପରେ ସେଇ ଶ୍ୟାମଳ ଦୁର୍ବାଦଳ ମୂର୍ତ୍ତିକୁ ଦେଖି ଆନନ୍ଦରେ ବିହ୍ୱଳ ହୋଇ ପଡିଲେ। ମାତ୍ର ସେ ସୁଃଖ ଥିଲା କ୍ଷଣିକ। ସୀତାଙ୍କୁ ଦେଖି ରାମଙ୍କ ଚକ୍ଷୁରୁ ଧାର ଧାର ଲୁହ ବହି ପଡିଲା। ତାଙ୍କ ସହ ମିଳିତ ହେବାକୁ ଅସ୍ଥିର ହୋଇ ପଡିଲେ। କେତେକେଳେ ସେ ନିଜର ପ୍ରାଣ ପ୍ରିୟାଙ୍କୁ ବାହୁ ପାଶରେ ବାନ୍ଧି କେଳି ଭବନକୁ ନେଇ ଯିବେ ତାହା ହିଁ ଭାବିବାକୁ ଲାଗିଲେ। ମାତ୍ର ନିଷ୍ଠୁର ନିୟତି ଯେପରି ଅଦୃଷ୍ଟରେ ତାର ମାୟା ଜାଲ ବିସ୍ତାରି ଦେଇଥିଲା। ହଠାତ୍ ରାମଙ୍କ ମୁହଁରୁ ବାହାରି ପଡିଲା, 'ହେ ପ୍ରାଣ ପ୍ରିୟା ସୀତା, ଲଙ୍କାରେ ଅଗ୍ନି ପରିକ୍ଷା ଦେଇ ତୁମେ ରଘୁ କୂଳକୁ ଉଜ୍ଜ୍ୱଳ କରିଛି। ମାତ୍ର ଆଜି ଆଉଥରେ ଅଗ୍ନି ପରିକ୍ଷା ଦେଇ ଅଯୋଧ୍ୟାର ପ୍ରଜା ମାନଙ୍କ ମନରେ ଥିବା ସଂଶୟକୁ ଦୂର କରିଦିଅ।

ସ୍ତବ୍ଧ ହୋଇଗଲେ ମା'ସୀତା। ଅଗ୍ନିପରିକ୍ଷା କଣ ପିଲା ଖେଳ ନା ଭୋଜ ବାଜି ବିଦ୍ୟା। ତାହାକୁ ସେ ଲୋକଙ୍କୁ ବାରମ୍ବାର ଦେଖାଇବେ। ଯଦି ସ୍ୱାମୀର ସ୍ତ୍ରୀ ପ୍ରତି ବିଶ୍ୱାସ ନାହିଁ ସେଭଳି ଦାମ୍ପତ୍ୟ ଜୀବନର ମୂଲ୍ୟ କଣ ? ସେ ଆଜି ଏଭଳି ପରୀକ୍ଷା ଦେବେ ଯାହା ଦେଖି ସାରା ସଂସାର ଥରି ଉଠିବ। ସ୍ୱର୍ଗରେ ଥିବା ରଘୁ ବଂଶର ପୂର୍ବ ପୁରୁଷ ମାନେ ମଧ୍ୟ କାନ୍ଦି ଉଠିବେ। ସମୁଦ୍ର କୂଳ ଲଙ୍ଘିବ, ଦେବତାଙ୍କ ଆସ୍ଥାନ ଚହଲି ଯିବ, ନିଜର ପ୍ରାଣ ପ୍ରିୟ ସ୍ୱାମୀ ଓ ସଭାର ଉପସ୍ଥିତ ବ୍ୟକ୍ତି ମାନଙ୍କୁ ଶେଷ ପ୍ରଣାମ ଜଣାଇ ସୀତା ଉଚ୍ଚ ସ୍ୱରରେ କହି ଉଠିଲେ, 'ହେ ମା ସର୍ବଂସହା ଧରିତ୍ରୀ ରାଣୀ. ଲୋକେ କୁହନ୍ତି ମୁଁ କୁଆଡେ ଭୁମି ସୂତା। ଆଜି ମୋର ସମ୍ମାନ ରକ୍ଷା କର। ମୁଁ ଯଦି ସତୀ ହୋଇଥିବି, କାୟ ମନ ଓ ବାକ୍ୟରେ ପ୍ରଭୁ ରାମଙ୍କୁ ଭଲ ପାଉଥାଏ, ତାହେଲେ ତୋ ଗର୍ଭରେ ମୋତେ ଆଶ୍ରୟ ଦେ'। ଚାହୁଁ ଚାହୁଁ ପୃଥିବୀ ଥରି ଉଠିଲା। ସବୁଆଡେ ଅଂଧାର ହୋଇଗଲା। ଅଣଚାଶ ମୂର୍ତ୍ତି ଧରି ପବନ ବହିବାକୁ ଲାଗିଲା। ଏକ ଭୀଷଣ ଶବ୍ଦ କରି ଅଯୋଧ୍ୟାର ମାଟି ଫାଟି ଗଲା ଓ ତା' ଭିତରୁ ବାହାରି ଆସିଲା ଏକ ରତ୍ନ ସିଂହାସନ। ଯାହାକୁ ଧରି ଥାନ୍ତି ନାଗ କନ୍ୟା ମାନେ। ଏ ଜନ୍ମ ପାଇଁ ବିଦାୟ ପ୍ରଭୁ କହି ରାମ ଙ୍କ ଆଖିରେ ଶେଷ ଥର ପାଇଁ ଆଖି ମିଳାଇ ଦେଲେ ମା' ସୀତା। ସମସ୍ତଙ୍କୁ ପ୍ରଣାମ ଜଣାଇ ସିଂସାସନରେ ବସିଗଲେ ଓ ଗୋଟାଏ ମୁହୂର୍ତ୍ତରେ ସିଂହାସନ ସହ ସୀତା ଅଦୃଶ୍ୟ ହୋଇଗଲେ ଓ ପ୍ରକୃତି ଶାନ୍ତ ହୋଇଗଲା, ସ୍ୱର୍ଗରୁ ପୁଷ୍ପ ଝରିବାକୁ ଲାଗିଲା। ସମସ୍ତେ ଯେପରି ସ୍ୱପ୍ନ ଦେଖିବାକୁ ଲାଗିଲେ।

ସୀତାଙ୍କ ମହାପ୍ରୟାଣ ଠାରୁ ଅଯୋଧ୍ୟା ହୋଇଗଲା ସଂପୂର୍ଣ୍ଣ ଶ୍ରୀ ହୀନ। ରାମ ଙ୍କ ମୁହଁରୁ ହସ ଲିଭିଗଲା। କେବଳ ପାଷାଣ ଭଳି ସେ ବଂଚିବାକୁ ଲାଗିଲେ। ମନେହେଲା ମର୍ତ୍ତ୍ୟରେ ତାଙ୍କ ଲୀଳା ସରି ଆସିଲାଣି। ଏଣିକି ବୈକୁଣ୍ଠ ଫେରିବାର ବେଳ ! ସେଥିପାଇଁ ପ୍ରସ୍ତୁତି ଆରମ୍ଭ ପାଇଁ ବ୍ରହ୍ମା ଙ୍କୁ ନିବେଦନ କଲେ। ଏଣେ ଲକ୍ଷ୍ମଣ ତାଙ୍କ ପାଖରେ ଛାଇ ଭଳି ରହିଛନ୍ତି। ତାଙ୍କୁ ଆଗେ ବିଦାୟ ଦେବାକୁ ହେବ ସେଥିପାଇଁ ମାୟା କରି ସ୍ନେହର ଲକ୍ଷ୍ମଣ କୁ କଠୋର ହୃଦୟରେ ନିର୍ବାସନ ଦଣ୍ଡ ଦେଲେ। ଦୁଃଖ ଜର୍ଜରିତ ଲକ୍ଷ୍ମଣ ସରଜୁ ନଦୀକୁ ଡେଇଁ ଆତ୍ମହତ୍ୟା କଲେ। ଅଯୋଧ୍ୟାର ସୁଖର ଦିନ ସରିଆସିଲା। ଯୁଗ ସରି ଆସିଲାଣି। ସେଥିପାଇଁ ପ୍ରଭୁ ଯମକୁ ସ୍ମରଣ କଲେ। ତାଙ୍କର ଫେରିବା ଆୟୋଜନ କରିବାକୁ। ମାତ୍ର ଯମ ନିଜର ଅସହାୟତା ପ୍ରକାଶ କଲେ। ପ୍ରଭୁଙ୍କୁ ଜଗି ବସିଛି ମହାବଳୀ ହନୁମାନ। ସେ ଥାଉ ଥାଉ ଯମ ପ୍ରଭୁଙ୍କୁ ସ୍ପର୍ଶ କରି ପାରିବ ନାହିଁ। ହନୁମାନ ନଥିବା ବେଳେ ସେ ଯାହା କରି ପାରିବ। ପ୍ରଭୁ ମାୟା ଆରମ୍ଭ କଲେ। ଦିନେ ବିଶ୍ରାମ କରୁଥାନ୍ତି। ହନୁମାନ ତଳେ ବସି ପାଦ ମଡାଳୁ ଥାଏ। ପ୍ରଭୁ ହାତରେ ସୀତା ତାଙ୍କୁ ଦେଇଥିବା ରତ୍ନ ମୁଦିଟି ଧରିଥାନ୍ତି। ପଛ କଥା ଭାବୁଥାନ୍ତି ଓ ହନୁ କୁ କହୁଥାନ୍ତି। ଆଖିରୁ ଧାର ଧାର ଲୁହ ବହି ଯାଉଥାଏ। ହଠାତ ମୁଦିଟି ହାତରୁ ଖସି ତଳେ ଥିବା ଏକ ଫାଟରେ ଅଦୃଶ୍ୟ ହୋଇଗଲା। ସୀତାଙ୍କର ମୁଦ୍ରିକା ଅଦୃଶ୍ୟ ହେବାର ଦେଖି ଭାଙ୍ଗି ପଡିଲେ ପ୍ରଭୁ। ହନୁମାନଙ୍କୁ ଆଦେଶ ଦେଲେ ତୁମେ ଯାଇ ଫାଟରୁ ମୁଦି ଉଦ୍ଧାର କରିଆଣ। ସୂକ୍ଷ୍ମ ରୂପ ଧାରଣ କରି ହନୁମାନ ଫାଟରେ ପ୍ରବେଶ କଲେ। ଯୋଜନ ପରେ ଯୋଜନ ତଳକୁ ଗଲେ ମଧ୍ୟ ଫାଟ ସରିଲା ନାହିଁ। ସମୟ ଗଡି ଚାଲିଲା। କେତେ ବର୍ଷ କେତେ ଦିନ ଚାଲିଗଲା ହନୁ ଜାଣି ପାରିଲେ ନାହିଁ। ଶେଷକୁ ସେ ଯାଇ ଏକ ଉଜ୍ଜ୍ୱଳ ରାଜ୍ୟରେ ପ୍ରବେଶ କଲେ। ରତ୍ନ ସିଂହାସନରେ ସହସ୍ର ଫଣା ଯୁକ୍ତ ଏକ ମହାନାଗ ବସିଥାନ୍ତି। ତାଙ୍କର ମସ୍ତକରେ ଯେପରି ବିଶ୍ୱ ବ୍ରହ୍ମାଣ୍ଡ ଆଶ୍ରୟ ନେଇଛି। ସେହି ବିଶାଳ ନାଗକୁ ହନୁ ପ୍ରଣାମ ଜଣାଇ ନିଜର ଅଭିପ୍ରାୟ କହିବାକୁ ଲାଗିଲେ।

ସେହି ମହାନାଗ ସ୍ମିତ ହସି ହନୁମାନଙ୍କୁ କହିଲେ, 'ଏଇ ଆଗକୁ ଚାହଁ। ଗୋଟିଏ ମୁଦିର ପାହାଡ ଅଛି। ପ୍ରତି ଥର ଜଣେ ରାମ ଜନ୍ମ ନିଅନ୍ତି। ସୀତାଙ୍କର ମୁଦି ଫାଟ ଦେଇ ଏହି ବିଲରେ ଖସିପଡେ ଓ ଗୋଟିଏ ମାଙ୍କଡ ସେହି ମୁଦି ଖୋଜିବାକୁ ମୋ ପାଖକୁ ଆସେ। ଏହି ଲୀଳା ଯୁଗ ପରେ ଯୁଗ ଚାଲିଛି। ମୁଦି ପଡି ପଡି ପାହାଡ ହୋଇ ଗଲାଣି। ତମେ ଯଦି ମୁଦି ନବ ଖୋଜି ନେଇଯାଅ। ଏଭଳି ଅଦ୍ଭୁତ କଥା ଶୁଣି ହନୁର ମୁଣ୍ଡ ବୁଲାଇ ଦେଲା। ସେ ମହାନାଗଙ୍କ ପାଦରେ ପଡି କାତର ସ୍ୱରରେ କହିଲେ, 'ହେ ନାଗରାଜ, ମୋତେ ବାଟ ଦେଖାଅ। ମୁଁ ମାୟାରେ ଭ୍ରମି ହେଉଛି !' ନାଗରାଜ କହିଲେ, 'ତୁମର ଆଉ ମୁଦି ନେବାର ଦରକାର ନାହିଁ। ଏହା ମଧ୍ୟରେ ତ୍ରେତୟା ଯୁଗ ସରିଗଲାଣି। ରାମ କେବେଠାରୁ ବୈକୁଣ୍ଠକୁ ଚାଲି ଗଲେଣି। ସେ ଅଯୋଧ୍ୟା ଆଉ ନାହିଁ। ତୁମେ ସେଠିକୁ ଯାଇ କଣ କରିବ ? କିଏ ତୁମକୁ ସେଠି ଚିହ୍ନିବ ?' ନିଜକୁ ସର୍ବ ଶକ୍ତିମାନ ମନେ କରୁଥିବା ହନୁମାନ କାଳର ଏହି ମହା ମାୟାରେ ନିଜକୁ କିଂକର ବୋଲି ମନେକଲେ। ତାଙ୍କୁ ଆହୁରି ଦ୍ୱାପର ଓ କଳିଯୁଗ ବଂଚିବାକୁ ପଡିବ। ସେଥିପାଇଁ ପାତାଳରୁ ବାହାରି ସେ ସିଧା ହିମାଳୟର କଦଳୀ ବନକୁ ଚାଲିଗଲେ ଓ ସେଠାରେ ପ୍ରଭୁ ରାମଙ୍କର ନାମ କୀର୍ତ୍ତନ କରି ମହା ପ୍ରଳୟକୁ ଅପେକ୍ଷା କରି ରହିଲେ।

*ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ନବରଙ୍ଗପୁର, ମୋ-୯୪୩୭୨୩୫୩୮୬*



# ଭାରତବ୍ୟାପୀ ଉପଲବ୍ଧ ହେଲା ପିଭିଆର୍ ଆଇନକ୍ସର ପକେଟ-ଫ୍ରେଣ୍ଡ୍ଲି ପାସ୍‌ପୋର୍ଟ

ଭୁବନେଶ୍ୱର, (ବ୍ୟୁରୋ): ଭାରତର ସର୍ବବୃହତ ମଲ୍ଟିପ୍ଲେକ୍ସ ଚେନ୍ ପିଭିଆର୍ ଆଇନକ୍ସ ଲିମିଟେଡ ପକ୍ଷରୁ ଏହାର ମାସିକ ସିନେମା ସବ୍‌ସ୍କ୍ରିପ୍‌ଶନ ସେବା, ପାସ୍‌ପୋର୍ଟର ୨ୟ ସଂସ୍କରଣ ଉନ୍ମୋଚନ କରାଯାଇଛି। ଏହି ନୂତନ ପାର୍ସପୋର୍ଟ ଦକ୍ଷିଣ ଭାରତୀୟ ରାଜ୍ୟଗୁଡିକ ସମେତ ଏବେ ଦେଶବ୍ୟାପୀ ଉପଲବ୍ଧ ହେଉଛି। ଏହା ଏବେ ଅଧିକ ଉପଭୋକ୍ତା ଅନୁକୂଳ ହେବା ସହ ଉତ୍ସାହଜନକ ନୂତନ ଫିଚର ଓ ସ୍ୱଚ୍ଛ କିଛି ସର୍ତଗୁଡିକ ସହ ସୁସଜ୍ଜିତ ରହିଛି। ମାର୍ଚ୍ଚ ୧୮ ତାରିଖରୁ ଆରମ୍ଭ ହେଉଥିବା ଏହି ସେବା ମାଧ୍ୟମରେ ସବ୍‌ସ୍କ୍ରାଇବରମାନେ ସୁଲଭ ମୂଲ୍ୟରେ ଚଳଚିତ୍ର ଦେଖିପାରିବେ। ସୋମବାରରୁ ଗୁରୁବାର ପର୍ଯ୍ୟନ୍ତ ସବ୍‌ସ୍କ୍ରାଇବରମାନେ କେବଳ ୩୪୯ ଟଙ୍କାରେ ୪ଟି ମୁଭି ଦେଖିପାରିବେ। ସବ୍‌ସ୍କ୍ରାଇବର୍‌ମାନଙ୍କ ନିକଟରେ ପାସ୍‌ପୋର୍ଟ ମାଧ୍ୟମରେ ଅନ୍ୟ ଜଣେ ବ୍ୟକ୍ତିଙ୍କ ପାଇଁ ଟିକେଟ କିଣିବା ଓ ରିଡିମ୍ କରିବାର ବିକଳ୍ପ ରହିବ। ଯଦି ସବ୍‌ସ୍କ୍ରାଇବର ରିକ୍ଲାଇନର କିମ୍ବା ପ୍ରିମିୟମ ଓ ଏକ୍ସପେରିଏନ୍ସିଆଲ ଫର୍ମାଟ୍ ଯେପରିକି ଆଇମ୍ୟାକ୍ସ, ପି(ଏକ୍ସଏଲ୍), ଆଇସିଇ, ସ୍କ୍ରିନ୍‌ଏକ୍ସ, ଏମ୍‌ଏକ୍ସ୪ଡି କିମ୍ବା ୪ଡିଏକ୍ସର ମୁଭି ଦେଖିବାକୁ ଚାହିଁବେ ତେବେ ସେମାନେ ପାସ୍‌ପୋର୍ଟ କୁପନ ଉପରେ ଅତିରିକ୍ତ ୧୫୦ ଟଙ୍କାର ଫି' ପଇଠ କରିପାରିବେ। ତେବେ ଏହି ଫିଚର ଦକ୍ଷିଣ ଭାରତୀୟ ବଜାରଗୁଡିକରେ ଉପଲବ୍ଧ ହେବ ନାହିଁ। ଚଳଚିତ୍ର ପ୍ରେମୀମାନେ ପିଭିଆର୍ ଓ ଆଇନକ୍ସ ଆପ୍ କିମ୍ବା ୱେବ୍‌ସାଇଟ୍ ଏବଂ ପେଟିଏମ୍ ମାଧ୍ୟମରେ ନିଜର ପିଭିଆର୍ ଆଇନକ୍ସ ପାସ୍‌ପୋର୍ଟ ୨.୦କୁ ହାସଲ କରିପାରିବେ। ସବ୍‌ସ୍କ୍ରାଇବରଙ୍କ ନିକଟରେ ମୋଟ ୧୦୪୭ ଟଙ୍କା ପଇଠ କରି ୩ ମାସର ସବ୍‌ସ୍କ୍ରିପ୍‌ଶନ କ୍ରୟ କରିବାର ବିକଳ୍ପ ରହିଛି ଯାହା ସେମାନଙ୍କୁ ୩୫୦ ଟଙ୍କାର ଖାଦ୍ୟ ଭାଉଚର ପ୍ରଦାନ କରିବ। ଚଳିତ ଥର ଉପଭୋକ୍ତାମାନେ କେବଳ ୫୦,୦୦୦ ଟଙ୍କାରେ ପିଭିଆର୍ ଆଇନକ୍ସ ପାସ୍‌ପୋର୍ଟ କ୍ରୟ କରିପାରିବେ ଯାହାର ବୁକିଙ୍ଗ୍ କେବଳ ୩ ସପ୍ତାହ ପାଇଁ ଖୋଲା ରହିବ। ପିଭିଆର୍ ଆଇନକ୍ସ ପାସ୍‌ପୋର୍ଟ ୨.୦ର ଉନ୍ମୋଚନ ଅବସରରେ ପିଭିଆର୍ ଆଇନକ୍ସ ଲିମିଟେଡର କୋ-ସିଇଓ ଗୌତମ ଦତ କହିଛନ୍ତି, 'ଆମର ପିଭିଆର ଆଇନକ୍ସ ପାସପୋର୍ଟର ୧ମ ସଂସ୍କରଣକୁ ଅନେକ ପ୍ରଶଂସା ଓ ଭଲ ପାଇବା ମିଳିଥିଲା।

# କ୍ରମାଗତ ବିଦ୍ୟୁତ କାଟ ଓ ଲୋ ଭୋଲଟେଜ୍‌ରେ ଅଂଚଳବାସୀ ହନ୍ତସନ୍ତ

ଭୁବନେଶ୍ୱର, (ବ୍ୟୁରୋ): ଭୁବନେଶ୍ୱର ଏକାମ୍ର ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ଲିଙ୍ଗିପୁର ଗ୍ରାମ ପଂଚାୟତର ଗାଙ୍ଗୋତ୍ରୀ ନଗରରେ କ୍ରମାଗତ ଭାବେ ବିଦ୍ୟୁତ କାଟ୍ ଚାଲୁରହିଛି ଏବଂ ତା ସହିତ ଲୋ ଭୋଲଟେଜ୍ ସାଧାରଣ ଜନତାଙ୍କ ପରିସ୍ଥିତିକୁ ଆହୁରି ଜଟିଳ କରିଦେଉଛି। ପରିସ୍ଥିତି ଏଭଳିଆ ହେଉଛି ଯେ ପ୍ରତି ଦିନେ ଛାଡି ଦିନେ ବିଦ୍ୟୁତ ସରବରାହ ୪ରୁ ୫ଘଂଟା ବନ୍ଦ ରହୁଛି । ସାଧାରଣ ଲୋକମାନେ ଗରମରେ ଆଉଟ ପାଉଟ ହେଉଛନ୍ତି। ୪୦-୪୨ଡିଗ୍ରୀ ଖରାରେ ଘରେ ତାତିଯାଉଥିବା ବେଳେ କ୍ରମାଗତ ବିଦ୍ୟୁତ୍ କାଟ୍ ଦ୍ୱାରା ବରିଷ୍ଠ ନାଗରିକ, ଛାତ୍ରଛାତ୍ରୀ, କଅଁଳା ଶିଶୁ, ରୋଗୀ, ଅଙ୍ଗନବାଡି କେନ୍ଦ୍ର ଭୀଷଣ ଗରମରେ ଛଟପଟ ହେଉଛନ୍ତି । ଅଧିକାରୀମାନଙ୍କୁ ପଚାରିବାରୁ ଅଫିସ ଫୋନକୁ ଟେକି ରଖିଦେଉଛନ୍ତି ଏବଂ ଲୋ-ଭୋଲଟେଜ୍ ଦ୍ୱାରା ଫ୍ରିଜ, ଏସି. ଏବଂ ଅନ୍ୟାନ୍ୟ ବିଦ୍ୟୁତ୍ ସାମଗ୍ରୀ ବହୁଳ ଭାବରେ ଖରାପ ହେଇଯାଉଥିବା ଶୁଣିବାକୁ ମିଳୁଛି। ଦିନକୁ ପ୍ରାୟ ଏକ ଘଂଟାରୁ ୨ଘଂଟା ପର୍ଯ୍ୟନ୍ତ ବିଦ୍ୟୁତ୍ ସରବରାହ ବନ୍ଦ ରହୁଛି। ବେଳେବେଳେ ଖରାବେଳେ ୧ଟାରୁ ୩ଟା ଏବଂ ଲାଇନ ଥିଲେ ମଧ୍ୟ ଲୋ-ଭୋଲେଟେଜ୍‌ରେ ଲାଇନ ନଥିବା ସହିତ ସମାନ। ବିଦ୍ୟୁତ ବିଭାଗ ସାଧାରଣଲୋକମାନଙ୍କ ଠାରୁ ଇଲେକ୍ଟ୍ରିକ୍ବିଲ୍ ବାବଦରେ ପ୍ରତ୍ୟେକ ୟୁନିଟକୁ ପ୍ରବଳ ମାତ୍ରାରେ ଟଙ୍କା ଆଦାୟ କରୁଥିବାବେଳେ ବିଦ୍ୟୁତ ସରବରାହ ବନ୍ଦ ରଖିବା ଏବଂ ଭୋଲେଟେଜ୍ ସମସ୍ୟା କେତେଦୂର ଯୁକ୍ତିଯୁକ୍ତ ତାହା ପ୍ରଶାସନ ଉତର ଦେବା ଦରକାର। ଲୋ-ଭୋଲଟେଜ୍‌ରେ ଫ୍ୟାନ୍, ଲାଇଟ୍, ଏବଂ ଅନ୍ୟାନ୍ୟ ବିଦ୍ୟୁତ ଉପକରଣ ଜିନିଷରେ ଯାନ୍ତ୍ରିକ ତ୍ରୁଟି ଦେଖାଯାଉଛି। ସରକାରଙ୍କର ଯୁକ୍ତି ଏବର୍ଷ ବିଦ୍ୟୁତ୍ କାଟ ହେବନାହିଁ ଏହା ଏକ ଫମ୍ପା ଶବ୍ଦ। ଏହି ଅଂଚଳରେ ଗାଙ୍ଗୋତ୍ରୀ ନଗର ୧, ୨, ୩, ନାଲକୋ ନଗର, ଲିଙ୍ଗିପୁର ପଂଚାୟତ ଅଫିସ୍, ଆନୁମାନିକ ୫୦୦୦ଘର ରାତିରେ ଶୋଇ ନପାରି ବାହାରେ ବୁଲିବାକୁ ଦେଖିବାକୁ ମିଳୁଛି। ବାରଣ୍ଡାରେ ଶୋଇଥିବା ଦେଖିବାକୁ ମିଳୁଛି। ଏହା ପାଇଁ ଦାୟୀ କିଏ ଲୋକମାନଙ୍କର ମୌଳିକ ସୁବିଧାକୁ ବଂଚିତ କଣ ପାଇଁ କରା ଯାଉଛି। ରାତିରେ କିମ୍ବା ସନ୍ଧ୍ୟାବେଳେ ଲୋକ ନିଜ ଅଫିସରୁ ଫେରିଲା ପରେ କ୍ଳାନ୍ତ ଅନୁଭବ କରୁଥିବାବେଳେ ଲୋ-ଭୋଲଟେଜ୍ ଏବଂ ବିଦ୍ୟୁତ୍ ସରବରାହ ବନ୍ଦ ରହିବା ପରିସ୍ଥିତିକୁ ଆହୁରି ଜଟିଳ କରିଦେଉଛି। ଅଙ୍ଗନାବାଡୀ କେନ୍ଦ୍ର, ଛୋଟପିଲାମାନେ ଡହଳ ବିକଳ ହେଉଛନ୍ତି। ଲାଇନ୍ କଟିଯାଉଥିବାରୁ ଟାଙ୍କିକୁ ପାଣି ଉଠିପାରୁନାହିଁ। ରୋଗୀ ଏବଂ କଅଁଳା ଶିଶୁ ପ୍ରବଳ ଗ୍ରୀଷ୍ମରେ ଆଉଟପାଉଟ ହେଉଥିବାର ଦେଖାଯାଉଛି। ପଂଚାୟତରେ ବିଦ୍ୟୁତ୍ ଚୋରି ହେଉଥିବା ଶୁଣିବାକୁ ମିଳୁଛି ଏବଂ କିଛି ଲୋକ ବିଦ୍ୟୁତ୍ ବିଲ୍ ନଦେଇକି ଏବଂ କିଛି ବିଦ୍ୟୁତ ବିଭାଗ କର୍ମଚାରୀଙ୍କୁ ହାତ କରି ୩ଫେଜ୍ ଲାଇନ୍ ନେଇଥିବା ଶୁଣିବାକୁ ମିଳୁଛି। ଯାହାଫଳରେ ଏସିର ଲୋଡ ବହୁମାତ୍ରାରେ ବଢିଯାଉଛି। ଯୋଉଟା କି ବିଦ୍ୟୁତ୍ ବିଭାଗ ତଦନ୍ତ କଲେ ସ୍ପଷ୍ଟତା ଆସିପାରିବ। ବିଡମ୍ବନାର ବିଷୟ ଏହିକି ଯେ ରାଜଧାନୀ ଭୁବନେଶ୍ୱରରେ ବିଗତ ୮ଦିନ ହେଲା ତାପମାତ୍ରା ୪୦ଡିଗ୍ରୀରୁ କମୁନାହିଁ। ଏବେ ମାର୍ଚ୍ଚ ମାସରୁ ଗ୍ରୀଷ୍ମ ପ୍ରବାହ ୪୦ଡିଗ୍ରୀ ପାଖାପାଖି ପହଂଚିଲାଣି। ଦିନ ୯ଟାରୁ ଦିନ ୩ଟା ପର୍ଯ୍ୟନ୍ତ ଦିନେ ଛାଡି ଦିନେ ବିଦ୍ୟୁତ କାଟିବା ଅସହାୟ ତାତିରେ ସାଧାରଣ ଲୋକମାନେ ଗରମରେ ଛଟପଟ ହେଉଛନ୍ତ। ବିଭାଗୀୟ ଅଧିକାରୀମାନଙ୍କ ପଚାରିବାକୁ ଉତର ଦେଉନାହାନ୍ତ।

# କ୍ୟାସ ବୁକ୍‌କୁ ନେଇ ୱାର୍ଡ ସଭ୍ୟ ଏବଂ ଅଙ୍ଗନୱାଡୀ କର୍ମୀ ତୁ ତୁ ମେଁ ମେଁ

ଭୁବନେଶ୍ୱର, (ବ୍ୟୁରୋ): ଭୁବନେଶ୍ୱର ଉପକଣ୍ଠ ଲିଙ୍ଗିପୁର ପଂଚାୟତରେ ୮ ନମ୍ବର ୱାର୍ଡ ଅନ୍ତର୍ଗତ ୱାର୍ଡ ସଭ୍ୟ ଏବଂ ଅଙ୍ଗନବାଡୀ କର୍ମୀଙ୍କ ମଧ୍ୟରେ କ୍ୟାସ୍ ବୁକ୍‌କୁ ନେଇକି ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ଶୁଣିବାକୁ ମିଳିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଉକ୍ତ ୮ ନମ୍ବର ୱାର୍ଡର ଅଙ୍ଗନୱାଡୀ କର୍ମୀ ଏକ ନୂତନ କ୍ୟାସ୍ ବୁକ୍‌କୁ ଆଣି ୱାର୍ଡ ସଭ୍ୟାଙ୍କଠାରୁ ଦସ୍ତଖତ ଦେବା ପାଇଁ ୱାର୍ଡ ସଭ୍ୟଙ୍କୁ କହିଥିଲେ। କିନ୍ତୁ ୱାର୍ଡ ସଭ୍ୟ ଉକ୍ତ ଅଙ୍ଗନବାଡୀ କର୍ମୀଙ୍କୁ ପୁରୁଣା କ୍ୟାସ୍ ବୁକ୍ ଆଣିବାପାଇଁ କହିଥିଲେ ଏବଂ ତାହା ସହିତ ପୁରୁଣା ଭାଉଚର୍ ଆଣିକି ଦେଖାଇବା ପାଇଁ କହିଥିଲେ। ଯାହାଫଳରେ ଅଙ୍ଗନବାଡୀ କର୍ମୀ ଉତ୍‌କ୍ଷିପ୍ତ ହୋଇ ୱାର୍ଡ ସଭ୍ୟାଙ୍କ ସହିତ ତୁ ତୁ ମେଁ ମେଁ ପରିସ୍ଥିତି ଉପଜୁଥିଲା। ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଛି ଯେ ଉକ୍ତ ଅଙ୍ଗନବାଡୀର ପରିଚାଳନାରେ ବ୍ୟାପକ ତୃଟି ଥିବା ୱାର୍ଡ ସଭ୍ୟ ବାରମ୍ବାର ସିଡିପିଓ ଗ୍ରାମାଚଂଳ ଭୁବନେଶ୍ୱରଙ୍କୁ ଜଣାଇଥିଲେ ମଧ୍ୟ ସିଡିପିଓ କୌଣସି ତଦନ୍ତ କି କାର୍ଯ୍ୟାନୁଷ୍ଠାନ ବର୍ତମାନ ସୁଦ୍ଧା କରିନାହାଁନ୍ତି । ଉକ୍ତ ୱାର୍ଡ ସଭ୍ୟ ସନ୍ଦେହ କରିଛନ୍ତି ଯେ ତାଙ୍କ ଦସ୍ତଖତକୁ ଜାଲ କରି ପଇସା ଉଠାଯାଉଥିବା ଶୁଣିବାକୁ ମିଳୁଛି। ଖବର ନେବାରୁ ଜଣାପଡିଛି ଯେ ଲିଙ୍ଗିପୁର ପଂଚାୟତ ଅନ୍ତର୍ଗତ ସମସ୍ତ ଅଙ୍ଗନବାଡୀ କେନ୍ଦ୍ର ୨୧.୦୨.୨୦୨୪ ରେ ଏକ ସ୍ୱତନ୍ତ୍ର ଅଡିଟ ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ ଏବଂ ସିଡିପିଓଙ୍କ ଗ୍ରମାଚଂଳ ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ ଅଡିଟ ହୋଇଥିଲା ଏବଂ ୦୬.୦୩.୨୦୨୪ତାରିଖ ସୁଦ୍ଧା ମହିଳା ଶିଶୁବିକାଶ ଅଧିକାରୀଙ୍କୁ ଅଡିଟ ରିପୋର୍ଟ ଦେବା ପାଇଁ ବିଭାଗକୁ କୁହାଯାଇଥିଲା ଏବଂ ୧୩.୦୩.୨୦୨୪ରିଖ ସୁଦ୍ଧା ଅଡିଟର ରିପୋର୍ଟ ଦେବାକୁ ମୁଖ୍ୟ ଶାସନ ସଚିବଙ୍କୁ କୁହାଯାଇଥିଲା। ସ୍ୱତନ୍ତ୍ର ଅଡିଟ ହେବା ଲିଖିତ ଭାବେ କିଛି ଦୁର୍ନୀତିର ପୂର୍ବାଭାସ ବୋଲି ସୂଚନା ମିଳେ। ପୁରୁଣା କ୍ୟାସ୍ ବୁକ୍, ଭାଉଚରର ୨୦୨୧ରୁ ୨୦୨୪ ଭିତରେ ଭିଜିଲାନ୍ସକୁ ତଦନ୍ତ ପାଇଁ ଦେବାପାଇଁ ସାଧାରଣରେ ଦାବୀ ହୋଇଛି ।

# ଗାଲାକ୍ସି ଏ୫୫ ୫ଜି ଏବଂ ଗାଲାକ୍ସି ଏ୩୫ର ଉନ୍ମୋଚନ

ଭୁବନେଶ୍ୱର, (ବ୍ୟୁରୋ): ଭାରତ – ମାର୍ଚ୍ଚ ୧୯, ୨୦୨୪- ସାମସଙ୍ଗ, ଭାରତର ସର୍ବବୃହତ୍ ଗ୍ରାହକ ଇଲେକ୍‌ଟ୍ରୋନିକ୍ସ ବ୍ରାଣ୍ଡ, ଆଜି ଗାଲାକ୍ସି ଏ୫୫ ୫ଜି ଏବଂ ଗାଲାକ୍ସି ଏ୩୫ ୫ଜି ଶୁଭାରମ୍ଭ ଅଭିନବୀକରଣର ଉଦ୍ଦିପନା ସହିତ ଘୋଷଣା କରିଛି । ଏହି ନୂତନ ଏ ଶୃଙ୍ଖଳ ଉପକରଣରେ ଅନେକ ଗୁଡ଼ିଏ ଫ୍ଲାଗସିପ୍ ବିଶେଷତ୍ୱ ରହିଛି ସେଗୁଡ଼ିକ ହେଉଛି ଗରିଲା ଗ୍ଲାସ ଭିକଟସ୍‌ଯୁକ୍ତ ସୁରକ୍ଷା, ଏଆଇ ଦ୍ୱାରା କ୍ୟାମେରା ବିଶେଷତ୍ୱ ବୃଦ୍ଧି, ଏକ ଗୋଳମାଳିଆ ନିରୋଧକ ସୁରକ୍ଷାର ସମାଧାନ, ସାମସଙ୍ଗ କ୍ନକ୍ସ ଭଲ୍ଟ ତଥା ଏଥିସହିତ ଅନ୍ୟାନ୍ୟ ନୂତନ ବିଶେଷତ୍ୱର ସମାହାର। "ଭାରତରେ ଶେଷ ଦୁଇବର୍ଷରେ ଗାଲାକ୍ସି ଏ ଶୃଙ୍ଖଳ ସ୍ମାର୍ଟଫୋନ ଶୃଙ୍ଖଳ ମଧ୍ୟରେ ସବୁଠାରୁ ଅଧିକ ବିକ୍ରୟ ହୋଇଥିବା ବେଳେ ଏହା ଭାରତରେ ରହିଥିବା ଏମଜେଡ଼ ଗ୍ରାହକଙ୍କ ମଧ୍ୟରେ ସବୁଠାରୁ ଅଧିକ ଲୋକପ୍ରିୟ ଭାବରେ ନିଜକୁ ପ୍ରଦର୍ଶିତ କରିପାରିଛି। ଗାଲାକ୍ସି ଏ୫୫ ୫ଜି ଏବଂ ଗାଲାକ୍ସି ଏ୩୫ ୫ଜିର ଶୁଭାରମ୍ଭ ଆମକୁ ପୁଣି ଥରେ ଆମର ଫ୍ଲାଗସିପ୍ -ଅଭିନବୀକରଣର ଜାଗ୍ରତାର ପ୍ରତିଶ୍ରୁତିବଦ୍ଧତାକୁ ଦୃଢ଼ ମଜବୁତ୍ କରିପାରିଛି। ଗାଲାକ୍ସି ଏ୫୫ ୫ଜି ଏବଂ ଗାଲାକ୍ସି ଏ୩୫ ୫ଜି ଆମକୁ ୫ଜି ସ୍ମାର୍ଟଫୋନ ବିଭାଗରେ ତଥା ଏକ ଦ୍ରୁତଗାମୀ ବୃଦ୍ଧିପ୍ରାପ୍ତ ମିଡ୍-ପ୍ରିମିୟମ (୩୦,୦୦/-ଟଙ୍କାରୁ ୫୦,୦୦୦/-ଟଙ୍କା) ବିଭାଗରେ ଦେଶରେ ଆମର ନେତୃତ୍ୱକୁ ଆହୁରି ଦୃଢ଼ କରିବାରେ ସାହାଯ୍ୟ କରିବ" ଏଭଳି ମତବ୍ୟକ୍ତ କରି କହିଛନ୍ତି ଶ୍ରୀ ଋଷି କୁଳଶ୍ରେଷ୍ଠ, ନିର୍ଦ୍ଦେଶକ, ଏମଏକ୍ସ ବିଜିନେସ୍, ସାମସଙ୍ଗ ଇଣ୍ଡିଆ। ଗଠନ ତଥା ଦୀର୍ଘସ୍ଥାୟୀତ୍ୱ ଭଳି ଫ୍ଲାଗସିପ୍ ପ୍ରଥମ ଥର ପାଇଁ ଗାଲାକ୍ସି ଏ୫୫ ୫ଜି ଏକ ଧାତବ ଫ୍ରେମରେ ପାଇପାରିବେ ତଥା ଗାଲାକ୍ସି ଏ୩୫ ୫ଜି ପ୍ରିମିୟମ ପଛ ପାର୍ଶ୍ୱ ଗ୍ଲାସରେ ପାଇପାରିବେ। ଏହିସବୁ ପ୍ରିମିୟମ ତଥା ଶକ୍ତ ଫୋନ ଗୁଡ଼ିକ ତିନୋଟି ମନଲୋଭା ରଙ୍ଗରେ ଉପଲବ୍ଧ ହେଉଅଛି ଯଥା -ଜାଗ୍ରତକାରୀ ଧଳା ବାଇଗଣୀ ରଙ୍ଗର ସୁବାସିତ ଫୁଲଯୁକ୍ତ ତୃଣ, ଜାଗ୍ରତକାରୀ ଅତି ଫିକାନୀଳ ତଥା ଜାଗ୍ରତକାରୀ ନାଭୀରେ ଏବଂ ଏହି ଉପକରଣ ଗୁଡ଼ିକ ଆଇପି୬୭ ମୂଲ୍ୟଯୁକ୍ତ ଅଟେ ଅର୍ଥାତ୍ ଏହା ଏକ ମିଟର ସ୍ୱଚ୍ଛ ଜଳରେ ୩୦ ମିନିଟ୍ ସମୟର ପ୍ରତିରୋଧ କରିପାରିବ। ଏହାକୁ ମଧ୍ୟ ଧୂଳି ଏବଂ ବାଲି ନିରୋଧକ ଭାବରେ ପ୍ରସ୍ତୁତ କରାଯାଇଛି। ୬.୬ ଇ ସହିତ ଏଫଏଚ୍‌ଡ଼ି ଯୁକ୍ତ ସୁପର ଆମୋଲଫେଡ଼ ଡ଼ିସପ୍ଲେ ଏକ ସର୍ବନିମ୍ନ ହ୍ରାସକାରୀ ବିଜେଲ ପ୍ରଦାନ କରିଥାଏ। ଏଥିରେ ରହିଥିବା ୧୨୦ ଏଚ୍‌ଜେଡ୍ ସତେଜକାରୀ ମୂଲ୍ୟ ଦୃଶ୍ୟକାରୀ ମସୃଣ ଅବିଶ୍ୱସନୀୟ ସଂକ୍ରମିତତାକୁ ଅତ୍ୟଧିକ ଗତିଶୀଳନ ଅବସ୍ଥାରେ ମଧ୍ୟ ଅନୁମତି ପ୍ରଦାନ କରିଥାଏ। ଏହି ଫୋନ ଗୁଡ଼ିକରେ ଫ୍ଲାଗସିପ୍ -ଅନୁପ୍ରେରିତ ଉଭୟ ଆଗ ପଛରେ ଗରିଲା ଗ୍ଲାସ ଭିକଟସ୍ ଯୁକ୍ତ ସୁରକ୍ଷାକାରୀ ଲାଗିଥାଏ।

# ଓଡ଼ିଶାର ବିକାଶ ପାଇଁ ମୋଦି ସରକାର ସଂକଳ୍ପବଦ୍ଧ: ବିଜୟ ଶର୍ମା

ଭୁବନେଶ୍ୱର, (ବ୍ୟୁରୋ): ମୋଦି ସରକାର ଓଡ଼ିଶାର ବିକାଶ ପାଇଁ ସଂକଳ୍ପବଦ୍ଧ। ଓଡ଼ିଶାର ବିକାଶ ପାଇଁ ମୋଦି ସରକାର ଓଡ଼ିଶାକୁ ୧୮ଲକ୍ଷ ୮୩ହଜାର କୋଟି ଟଙ୍କା ଦେଇଛନ୍ତି ହେଲେ ରାଜ୍ୟ ସରକାର ତାହାକୁ ବିକାଶ କାମରେ ଲଗାଇବାରେ ବିଫଳ ହୋଇଛନ୍ତି। ଓଡ଼ିଶାର ଜନତା ତଥା ନବରଙ୍ଗପୁରବାସୀଙ୍କୁ ସେମାନଙ୍କ ଅଧିକାର ପାଇବାରୁ ବଂଚିତ କରିଛନ୍ତି। ଗରିବ, କୃଷକ, ମହିଳା, ଯୁବକମାନଙ୍କ ଆର୍ଥିକ ବିକାଶ ପାଇଁ ମୋଦି ସରକାର ଯୋଜନା ପ୍ରସ୍ତୁତ କରୁଥିବାବେଳେ ରାଜ୍ୟ ସରକାର ସେଥିରୁ ସେମାନଙ୍କୁ ବଂଚିତ କରୁଛନ୍ତି। କୃଷକଙ୍କ ଉନ୍ନତୀ ପାଇଁ ମୋଦି ସରକାର ଜଳସେଚନର ବ୍ୟବସ୍ଥା କରିଥିବାବେଳେ ନବରଙ୍ଗପୁର ଚାଷୀ ଏଯାଏଁ ସେ ସୁବିଧାରୁ ବଂଚିତ ହୋଇଛନ୍ତି। ସେହିପରି ସ୍ଥାନୀୟ ଜିଲ୍ଲାର ମକା ଚାଷୀ ସେମାନଙ୍କ କଷ୍ଟ ଉତ୍ପାଦିତ ମକାର ଅଭାବି ବିକ୍ରି କରୁଛନ୍ତି, ଜିଲ୍ଲାରେ ଉଚିତ ମୂଲ୍ୟ ମିଳୁନଥିବାରୁ ପଡୋଶୀ ରାଜ୍ୟ ଛତିଶଗଡକୁ ଯାଇ ମକା ବିକ୍ରି କରୁଛନ୍ତି। ଏହିପରି ଦେଖିବାକୁ ଗଲେ ଚାଷୀଙ୍କ ପାଇଁ କୌଣସି ସୁବିଧା ୨୪ବର୍ଷ ଶାସନରେ ରାଜ୍ୟ ସରକାର କରିନାହାନ୍ତି। ସେହିପରି ନବରଙ୍ଗପୁରରେ ଇଥାନଲ୍ ପ୍ଲାଂଟ ପ୍ରତିଷ୍ଠା ପାଇଁ ମୋଦି ସରକାର ୫ଶହ କୋଟି ଟଙ୍କାର ଅନୁଦାନ ଦେଇଛନ୍ତି କିଂ ରାଜ୍ୟ ସରକାର ସେଥିପାଇଁ ଜମି ଯୋଗାଇ ଦେଇନାହାଂନ୍ତି। ଜମିଅଧିଗ୍ରହଣରେ ବିଳମ୍ବ ହେବା କାରଣରୁ ଜିଲ୍ଲାରେ ରେଳ ପ୍ରକଳ୍ପ କାର୍ଯ୍ୟ ବିଳମ୍ବିତ ହୋଇଛି। ନବୀନ ସରକାର ଶିକ୍ଷା ନାଁରେ ଡିଣ୍ଡିମ ପିଟୁଥିବାବେଳେ ନବରଙ୍ଗପୁରରେ ଶିକ୍ଷା ବ୍ୟବସ୍ଥା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ। କେଉଁଠି ସ୍କୁଲ ଗୃହ ନାହିଁ ତ କେଉଁଠି ଶିକ୍ଷକ ନାହାଂନ୍ତି, ଫଳରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାର ଆଡକୁ ଗତି କରୁଛି। ଜନତାଙ୍କ ପାଇଁ ମୋଦି ସରକାର ଖାଦ୍ୟ, ବସ୍ତ୍ର ଓ ବାସଗୃହର ସୁବନ୍ଦୋବସ୍ତ କରୁଥିବାବେଳେ ରାଜ୍ୟ ସରକାର ତାକୁ ଜନତାଙ୍କ ପାଖରେ ପହଂଚାଇବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଛତିଶଗଡ ଉପମୁଖ୍ୟମନ୍ତ୍ରୀ ଶ୍ରୀ ବିଜୟ ଶର୍ମା ନବରଙ୍ଗପୁରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସରକାରଙ୍କ ପ୍ରତି କ୍ଷୋଭ ପ୍ରକାଶ କରି କହିଛନ୍ତି। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗତ ୧୦ ବର୍ଷର ଉପଲବ୍ଧିକୁ ନବରଙ୍ଗପୁର ଜିଲ୍ଲାର ଉମରକୋଟରେ ଲାଭାର୍ଥୀ ସମ୍ମିଳନୀ, ଘର ଘର ଜନସଂପର୍କ, ବଣିକ ସଂଘ ସଦସ୍ୟଙ୍କ ବୈଠକ କରି ଜନତାଙ୍କୁ ସଚେତନ କରାଇବା ଓ ନିର୍ବାଚନ ଅଭିଯାନକୁ ଗତିଶୀଳ କରିବା ପାଇଁ ଆଜି ଓଡ଼ିଶାର ନବରଙ୍ଗପୁର ଜିଲ୍ଲାର ଉମରକୋଟକୁ ଦିନିକିଆ ଗସ୍ତରେ ଆସିଥିଲେ ଛତିଶଗଡ ଉପମୁଖ୍ୟମନ୍ତ୍ରୀ ଶ୍ରୀ ବିଜୟ ଶର୍ମା। ଶ୍ରୀ ଶର୍ମା ଉମରକୋଟ ବିଜୁ ପଟ୍ଟନାୟକ ପାର୍କରେ



ପହଂଚିବା ପରେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଏହାପରେ ବିଜେପି କର୍ମୀଙ୍କ ସହ ଏକ ଦୋକାନରେ ବସି ଚା ପିଇଥିଲେ। ଏସଏସ ଇଂଟରନ୍ୟାସନାଲ ଅଡିଟୋରିଅମରେ ବ୍ୟବସାୟୀ ଏବଂ ବିଭିନ୍ନ ଉଦ୍ୟୋଗୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ସେହିପରି କେନ୍ଦ୍ର ସରକାରଙ୍କ ଯୋଜନା ଗୁଡିକ ଦ୍ୱାରା ଲାଭାର୍ଥୀମାନଙ୍କ ସମ୍ମିଳନୀରେ ଯୋଗ ଦେଇଥିଲେ। 'ବିକଶିତ ଭାରତ' ଗଠନ ଲକ୍ଷ୍ୟରେ ଜନ ପରାମର୍ଶ ଓ ଜନ ସହଯୋଗ ପାଇଁ ଦେଶବାସୀଙ୍କ ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ମୋଦିଜୀ ଦେଇଥିବା ଚିଠିକୁ ରାଜ୍ୟର ୧ କୋଟି ପରିବାର ପାଖରେ ପହଂଚାଇବାକୁ ସେ ନବରଙ୍ଗପୁର ବାସୀଙ୍କୁ ଆହ୍ୱାନ ଦେଇଥିଲେ। 'ବିକଶିତ ଓଡ଼ିଶା ଓ ବିକଶିତ ଭାରତ' ହିଁ ମୋଦିଙ୍କ ଗ୍ୟାରେଂଟି।

# ଗ୍ରୀଷ୍ମକାଳୀନ କାର୍ଯ୍ୟସୂଚୀ ପାଇଁ ୨୫% ଅଧିକ ବିମାନର ବ୍ୟବସ୍ଥା

ଭୁବନେଶ୍ୱର, (ବ୍ୟୁରୋ): ଆଗାମୀ ଗ୍ରୀଷ୍ମ ଋତୁରେ ଯାତ୍ରା ଚାହିଦାରେ ଆଶାତୀତ ବୃଦ୍ଧିକୁ ପୂରଣ କରିବା ପାଇଁ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ନେଟୱାର୍କ ସମ୍ପ୍ରସାରଣ ଏବଂ ବିମାନ ଚଳାଚଳରେ ବୃଦ୍ଧି ଘୋଷଣା କରିଛି। ୨୦୨୪ରେ ଏହାର ଗ୍ରୀଷ୍ମକାଳୀନ କାର୍ଯ୍ୟସୂଚୀ ଅନୁଯାୟୀ, ଏୟାର ଇଣ୍ଡିଆ ଏକ୍ସପ୍ରେସ ଦୈନିକ ୩୬୦ରୁ ଅଧିକ ପ୍ରସ୍ଥାନ ପ୍ରଦାନ କରିବ ଯାହା ବିଭିନ୍ନ ବ୍ୟବସାୟ ଏବଂ ଚିତବିନୋଦନ ସ୍ଥଳକୁ ସଂଯୋଗ କରିବ । ଗତ ବର୍ଷର ଗ୍ରୀଷ୍ମକାଳୀନ କାର୍ଯ୍ୟସୂଚୀ ତୁଳନାରେ ଏୟାର ଇଣ୍ଡିଆ ଏକ୍ସପ୍ରେସ ଏହାର ନେଟୱାର୍କକୁ ଯଥେଷ୍ଟ ବୃଦ୍ଧି କରୁଛି, ଘରୋଇ ବିମାନରେ ୨୫% ଏବଂ ଅଂର୍ଜାତୀୟ ବିମାନରେ ୨୦% ରୁ ଅଧିକ ବୃଦ୍ଧି ପାଇଛି। ଏହା ଦ୍ୱାରା ଅତିରିକ୍ତ ୫୫ଟି ଘରୋଇ ବିମାନ ଏବଂ ୧୯ଟି ଅଂର୍ଜାତୀୟ ବିମାନ ଉଡ଼ାଣ ହେବ ଏବଂ ସମୁଦାୟ ୨୫୯ଟି ଘରୋଇ ଏବଂ ୧୦୯ଟି ଅଂର୍ଜାତୀୟ ଉଡ଼ାଣ ହେବ। ଆବୁଧାବି, ଦମ୍ମାମ, ଜେଦ୍ଦା ଏବଂ ଶାରଜା ଭଳି ଅଂର୍ଜାତୀୟ ଗଂବ୍ୟସ୍ଥଳରେ ଏୟାରଲାଇନ୍ସ ଏହାର ଫ୍ରିକ୍ୱେନ୍ସି ବୃଦ୍ଧି କରିବ। ଅଯୋଧ୍ୟା, ବେଙ୍ଗାଲୁରୁ, ହାଇଦ୍ରାବାଦ, କନ୍ନୁର, କୋଲକାତା, କୋଚି, ମାଙ୍ଗାଲୋର, ଥିରୁବନଂପୁରମ ଏବଂ ବାରଣାସୀରୁ ଘରୋଇ ଏବଂ ଅଂର୍ଜାତୀୟ ଫ୍ରିକ୍ୱେନ୍ସି ବୃଦ୍ଧି କରି ଏୟାରଲାଇନ୍ସ ଏହାର ଉପସ୍ଥିତି ବଢ଼ାଇବ ଏବଂ ଅତିଥିମାନଙ୍କୁ ଅଧିକ ବ୍ୟାପକ ଏବଂ ଯୋଗାଯୋଗପୂର୍ଣ୍ଣ ଯାତ୍ରା ଅନୁଭୂତି ପ୍ରଦାନ କରିବ। 'ଫ୍ଲାଇ ଆଜ୍ ୟୁ ଆର'ର ବ୍ରାଣ୍ଡ୍ ପ୍ରତିଶ୍ରୁତିକୁ ବଜାୟ ରଖି ଏୟାରଲାଇନ୍ସ ବିଭିନ୍ନ ପ୍ରକାର ଭଡ଼ା ପ୍ରଦାନ କରୁଛି ଯାହା ବ୍ୟକ୍ତିଗତ ଭ୍ରମଣ ପସନ୍ଦ ଏବଂ ବଜେଟ୍‌କୁ ପୂରଣ କରୁଛି। ଏୟାରଲାଇନ୍ସ ପାଖରେ ୪ଟି ଭଡ଼ା ବିକଳ୍ପ ରହିଛି। ତାହା ହେଉଛି ଏକ୍ସପ୍ରେସ ଲାଇଟ୍ (କେବିନ୍ ବ୍ୟାଗେଜ୍ କେବଳ ଭଡ଼ା), ଏକ୍ସପ୍ରେସ୍ ଭାଲ୍ୟୁ (୧୫ କିଲୋଗ୍ରାମ ଚେକ୍-ଇନ୍ ବ୍ୟାଗ୍ ଭଡ଼ା), ଏକ୍ସପ୍ରେସ ଫ୍ଲେକ୍ସ (ବିନା ପରିବର୍ତନ ଶୁଳ୍କରେ ଅସୀମିତ ପରିବର୍ତନ) ଏବଂ ଏକ୍ସପ୍ରେସ୍ ବିଜ୍ (ମାଗଣା ଗୌରମାଇର୍ ଭୋଜନ ଏବଂ ପ୍ରାଥମିକତା ସେବା ସହିତ ବିଜନେସ୍ କ୍ଲାସ୍ ସିଟ୍)।

# ସିଙ୍ଗାପୁର ଗଲେ ବିଶ୍ୱ ଦକ୍ଷତା କେନ୍ଦ୍ରର ୪୦ ଜଣ ଛାତ୍ରଛାତ୍ରୀ

ଭୁବନେଶ୍ୱର, (ବ୍ୟୁରୋ): ବିଶ୍ୱ ଦକ୍ଷତା କେନ୍ଦ୍ରରେ ବିଭିନ୍ନ ଅତ୍ୟାଧୁନିକ ବିଷୟରେ ତାଲିମ ନେଉଥିବା ଛାତ୍ରଛାତ୍ରୀମାନଙ୍କୁ ବିଦେଶ ଅନୁଭୂତି ଦେବା ଲାଗି ପ୍ରତିବର୍ଷ ୪୦ ଜଣଙ୍କୁ 'ଷ୍ଟୁଡେଂଟଣ୍ଟ ଏକ୍ସଚେ' କାର୍ଯ୍ୟକ୍ରମ ଜରିଆରେ ସିଙ୍ଗାପୁର ପଠାଯାଉଛି। ୨୦୨୩-୨୪ ବ୍ୟାଚର ଚୟନ ହୋଇଥିବା ଛାତ୍ରଛାତ୍ରୀମାନେ ମଙ୍ଗଳବାର ଦିନ ସିଙ୍ଗାପୁର ଯାଇଛନ୍ତି। ବିଶ୍ୱ ଦକ୍ଷତା କେନ୍ଦ୍ରର ଛାତ୍ରଛାତ୍ରୀମାନେ ଭୁବନେଶ୍ୱର-ସିଙ୍ଗାପୁର ସିଧାସଳଖ ବିମାନ ଯୋଗେ ଯାତ୍ରା କରିଛନ୍ତି। ପ୍ରଥମଥର ପାଇଁ ବିମାନରେ ବସି ବିଦେଶ ଯାଉଥିବାରୁ ସେମାନଙ୍କ ଭିତରେ ବିଶେଷ ଉତ୍ସାହ ଦେଖିବାକୁ ମିଳିଥିଲା। ଏହି ଅବସରରେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧୀକରଣର ଅଧ୍ୟକ୍ଷା ତଥା ବିଶ୍ୱ ଦକ୍ଷତା କେନ୍ଦ୍ରର ସିଇଓ ଅଳକା ମିଶ୍ର 'ଷ୍ଟୁଡେଂଟଣ୍ଟ ଏକ୍ସଚେଂଜ କାର୍ଯ୍ୟକ୍ରମ ଲାଗି ସିଙ୍ଗାପୁର ଯାଇଥିବା ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ଅନୁଭୂତି ସେମାନଙ୍କ ଶିକ୍ଷା ଓ ତାଲିମକୁ ଏକ ନୂଆ ଦିଗ ଦେବା ସହ ସେମାନଙ୍କ ମନରେ ନୂଆ ସାହସ ଆଣିଦେବ ବୋଲି ସେ କହିଛନ୍ତି। 'ସିଙ୍ଗାପୁର ଯିବି ବୋଲି କେବେ ଭାବି ନଥିଲିୟ ବିଶ୍ୱ ଦକ୍ଷତା କେନ୍ଦ୍ରରେ ତାଲିମ ନେବା ଫଳରେ ମତେ ଏହି ସୁଯୋଗ ମିଳିଛିୟ ସିଙ୍ଗାପୁରକୁ ଯାଇ ସେଠାରେ ମୁଁ ନୂଆ ନୂଆ କଥା ଶିଖିବି। 'ଷ୍ଟୁଡେଂଟଣ୍ଟ ଏକ୍ସଚେଂଜ କାର୍ଯ୍ୟକ୍ରମ ମୋ' କ୍ୟାରିଅରକୁ ନୂଆ ରାସ୍ତା ଦେଖାଇବ। ଏଥିପାଇଁ ମୁଁ ବହୁତ ଉତ୍ସାହିତ'', କହିଛନ୍ତି ଇଲେକ୍ଟ୍ରିକାଲ ଟେକ୍ନୋଲୋଜିର ଛାତ୍ରୀ ଇତିଶ୍ରୀ ରାଉତ। ସିଙ୍ଗାପୁରରେ ରୋବୋଟିକ୍ସ ଏବଂ ଡ୍ରୋନ୍ ଟେକ୍ନୋଲୋଜି ବିଷୟରେ ନୂଆ କଥା ଶିଖିବାକୁ ମିଳିବ। ସିଙ୍ଗାପୁରକୁ ଅତି ପାଖରୁ ଦେଖିବାକୁ ମିଳିବ। ମତେ ଏହି ସୁଯୋଗ ମିଳିଥିବାରୁ ବିଶ୍ୱ ଦକ୍ଷତା କେନ୍ଦ୍ରକୁ ଧନ୍ୟବାଦ'', କହିଛନ୍ତି ଏୟାର କଣ୍ଡିସନିଂ ଆଣ୍ଡ ରେଫ୍ରିଜରେସନର ଛାତ୍ର ବିଶ୍ୱଜିତ ପରିଡ଼ା। ଓଡ଼ିଶା ଦକ୍ଷତା ବିକାଶ ପ୍ରାଧୀକରଣ ଏବଂ ସିଙ୍ଗାପୁର ସରକାରଙ୍କ ମଧ୍ୟରେ ହୋଇଥିବା ବୁଝାମଣା ଅନୁଯାୟୀ ପ୍ରତିବର୍ଷ ଏହି 'ଷ୍ଟୁଡେଣ୍ଟ ଏକ୍ସଚେ' କାର୍ଯ୍ୟକ୍ରମ କରାଯାଉଛିୟ ବିଶ୍ୱ ଦକ୍ଷତା କେନ୍ଦ୍ରର ୪୦ ଜଣ ଛାତ୍ରଛାତ୍ରୀଙ୍କୁ ବଛାଯାଇ ୨ ସପ୍ତାହ ପାଇଁ ସିଙ୍ଗାପୁରର ଇନଷ୍ଟିଚ୍ୟୁଟ ଅଫ୍ ଟେକନିକାଲ ଏଜୁକେସନକୁ (ଆଇଟିଇ) ପଠାଯାଉଛି। ଏହି ସମୟ ମଧ୍ୟରେ ବିଶ୍ୱ ଦକ୍ଷତା କେନ୍ଦ୍ରରୁ ଯାଇଥିବା ଛାତ୍ରଛାତ୍ରୀମାନେ 'ଆଇଟିଇ'ରେ ଡ୍ରୋନ୍ ଟେକ୍ନୋଲୋଜି ଏବଂ ରୋବୋଟିକ୍ସ ଅଟୋମେସନ ବିଷୟରେ ଅତିରିକ୍ତ ତାଲିମ ନେବା ସହ ସ୍ଥାନୀୟ ଛାତ୍ରଛାତ୍ରୀଙ୍କ ସହ ମିଶିବାର ସୁଯୋଗ ପାଇବେୟ ତା'ଛଡ଼ା ସେମାନେ ସିଙ୍ଗାପୁର ଭଳି ଅତ୍ୟାଧୁନିକ ସହରର ବିଭିନ୍ନ ସ୍ଥାନ ବୁଲି ଦେଖିବେ। ଭୁବନେଶ୍ୱର ମଞ୍ଚେଶ୍ୱର ଶିକ୍ଷାଞ୍ଚଳ ପରିସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ଥାପନ କରାଯାଇଛି 'ବିଶ୍ୱ ଦକ୍ଷତା କେନ୍ଦ୍ର'।



# ବନ୍ଧନ ବ୍ୟାଙ୍କ ଓ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର, (ବ୍ୟୁରୋ): ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ଘରୋଇ କ୍ଷେତ୍ରର ବ୍ୟାଙ୍କ ବନ୍ଧନ ବ୍ୟାଙ୍କ ଏହାର ଗ୍ରାହକମାନଙ୍କୁ ବ୍ୟବସାୟିକ ଯାନ ଏବଂ ଉପକରଣ ଉପରେ ସୁବିଧାଜନକ ଆର୍ଥିକ ସମାଧାନ ପ୍ରଦାନ କରିବା ପାଇଁ ଦେଶର ଅଗ୍ରଣୀ ବ୍ୟବସାୟିକଯାନ ନିର୍ମାତା ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା (ଏମଆଣ୍ଡଏମ) ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଏହି ସହଯୋଗିତା ଅଧୀନରେ ବନ୍ଧନ ବ୍ୟାଙ୍କ ସମଗ୍ର ବ୍ୟବସାୟିକ ଯାନ ଏବଂ ବାଣିଜ୍ୟିକ ଉପକରଣ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବ ଏବଂ ଗ୍ରାହକମାନେ ବ୍ୟାଙ୍କର ବ୍ୟାପକ ନେଟୱାର୍କ ଏବଂ ସହଜ ପରିଶୋଧ ଯୋଜନାରୁ ଉପକୃତ ହେବେ। ବନ୍ଧନ ବ୍ୟାଙ୍କର ଉପଭୋକ୍ତା ଋଣ ଏବଂ ବନ୍ଧକ ମୁଖ୍ୟ ସଂୋଷ ନାୟାର କହିଛନ୍ତି ଯେ, 'ବନ୍ଧନ ବ୍ୟାଙ୍କ ନିରବଚ୍ଛିନ୍ନ ଯାନ ଫାଇନାନ୍ସିଂ ସମାଧାନ ପ୍ରଦାନ କରିବା ପାଇଁ ଏମଆଣ୍ଡଏମ ସହିତ ସହଯୋଗିତା ସ୍ଥାପନ କରି ଆନନ୍ଦିତ । ବ୍ୟବସାୟିକ ଯାନ ଏବଂ ଉପକରଣ ଗ୍ରାହକଙ୍କ ବିବିଧ ଆର୍ଥିକ ଆବଶ୍ୟକତା ପୂରଣ କରିବା ପାଇଁ ଏହି ସହଯୋଗିତା ଆମ ସମର୍ପଣକୁ ପ୍ରତିଫଳିତ କରୁଛି। ଆମର ବିଶ୍ୱାସ ରହିଛି ଯେ, ଏହି ସହଯୋଗିତା ଆମକୁ ଆମ ଉପସ୍ଥିତିକୁ ବିସ୍ତାର କରିବାରେ ସକ୍ଷମ ହେବଏବଂବ୍ୟବସାୟିକଯାନ କ୍ଷେତ୍ରରେ ବ୍ୟବସାୟର ଅଭିବୃଦ୍ଧିକୁ ସମର୍ଥନ କରିବା ପାଇଁ ଅନୁକୂଳ ଆର୍ଥିକ ବିକଳ୍ପ ପ୍ରଦାନ କରିବ।' ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରାର ବ୍ୟବସାୟିକଯାନ ବ୍ୟବସାୟ ମୁଖ୍ୟ ଜଲାଲ ଗୁପ୍ତା କହିଛନ୍ତି ଯେ, 'ଏହି ସହଯୋଗିତା ଆମ ଗ୍ରାହକମାନଙ୍କୁ ସର୍ବୋତ୍ତମ ଆର୍ଥିକ ସମାଧାନ ପ୍ରଦାନ କରିବାରେ ସାହାଯ୍ୟ କରିବ ଏବଂ ଆବଶ୍ୟକ ପ୍ରୋତ୍ସାହନ ଓ ଆତ୍ମବିଶ୍ୱାସ ପ୍ରଦାନ କରିବ ତଥା ସେମାନଙ୍କୁ ସମୃଦ୍ଧ କରିବାରେ ସହାୟକ ହେବ । ଏହି ବୁଝାମଣା ଉଭୟ ଏମସିଇ ଏବଂ ବନ୍ଧନ ବ୍ୟାଙ୍କକୁ ପରସ୍ପରର ବିଶାଳ ନେଟୱାର୍କର ଅଂନ୍ତର୍ନିହିତ ଶକ୍ତିର ଲାଭ ଉଠାଇବାରେ ସକ୍ଷମ କରିବ।' ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ବ୍ୟାପକ ବ୍ୟବସାୟିକ ଯାନ ଏବଂ ଉପକରଣ ପ୍ରସ୍ତୁତ କରୁଛି। ବ୍ୟବସାୟିକ ଯାନ କ୍ଷେତ୍ରରେ ମହିନ୍ଦ୍ରା ଉତ୍ପାଦ ୩.୫ ଟନରୁ ୫୫ ଟନ୍ ପର୍ଯ୍ୟ' ରହିଛି, ଯେଉଁଥିରେ ଏଲସିଭି, ଆଇସିଭି ଏବଂ ଏଚସିଭି ଅଂର୍ଭୁକ୍ତ । ତେବେ ବ୍ୟବସାୟିକ ଉପକରଣ କ୍ଷେତ୍ରରେ କମ୍ପାନୀ ବ୍ୟାକ୍-ହୋ ଲୋଡର ଏବଂ ମୋଟର ଗ୍ରେଡର ବିକ୍ରି କରୁଛି । ମହିନ୍ଦ୍ରା ହେଉଛି ୪୦% ରୁ ଅଧିକ ଅଭିବୃଦ୍ଧି ହାର ସହିତ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ଓଇଏମ୍ ମଧ୍ୟରୁ ଅନ୍ୟତମ ଏବଂ ୫୦୦ରୁ ଅଧିକ ଟଚପଏଣ୍ଟର ନେଟୱାର୍କ ସହିତ କମ୍ପାନୀ ଏହାର ବିକ୍ରୟ ପରବର୍ତ୍ତୀ ସେବାକୁ ଦ୍ରୁତ ଗତିରେ ବିସ୍ତାର କରିଛି।

# ୱାର୍ଲଡ୍ ଓଡ଼ିଶା ସୋସାଇଟି ଦ୍ୱାରା ତୃତୀୟ ଶକ୍ତି ଉତ୍ସବ ଆୟୋଜନ

ଭୁବନେଶ୍ୱର, (ବ୍ୟୁରୋ): ନାରୀଶକ୍ତିର ଚାତୁର୍ଯ୍ୟ, ମାଧୁର୍ଯ୍ୟ ଓ ଐଶ୍ୱର୍ଯ୍ୟ ମହାନ ବୋଲି ବିଶିଷ୍ଟ ବ୍ୟକ୍ତି ମାନେ ମତ ପ୍ରକାଶ କରିଛନ୍ତି। ୱାର୍ଲଡ୍ ଓଡ଼ିଶା ସୋସାଇଟି (ୱା. ଓ. ସୋ) ତରଫରୁ ଆନ୍ତର୍ଜାତିକ ମହିଳା ଦିବସ ପାଳନ ଉପଲକ୍ଷେ ଆୟୋଜିତ ତୃତୀୟ ଶକ୍ତି ଉତ୍ସବ-୨୦୨୪ ରେ ଭାଗନେଇ ଅତିଥି ବକ୍ତା ମାନେ ନାରୀ ଜାତିର ମହନୀୟତା ଉପରେ ଆଲୋକପାତ କରିଥିଲେ ।ହାଇବ୍ରିଡ଼ ମଞ୍ଚରେ ଅନୁଷ୍ଠିତ ଏହି ସମାରୋହରେ ଭାରତ ବର୍ଷର ବିଭିନ୍ନ ରାଜ୍ୟ ଏବଂ ବିଶ୍ୱର ବହୁ ରାଷ୍ଟ୍ରରୁ ୱା. ଓ. ସୋ ର ସଦସ୍ୟ , ପ୍ରବାସୀ ଓଡ଼ିଆ ତୁଙ୍ଗ ନେତୃବର୍ଗ ଏବଂ ଓଡ଼ିଆ ସମାଜର ପ୍ରତିନିଧିମାନେ ଯୋଗ ଦେଇଥିଲେ। ମୁଖ୍ୟ ଉତ୍ସବ ଜାତୀୟ ରାଜଧାନୀ କ୍ଷେତ୍ରର ଗାଜିଆବାଦ ଠାରେ ପାଳନ କରାଯାଇଥିବା ବେଳେ ଶତାଧିକ ବିଶ୍ୱ ଓଡ଼ିଆ ଏଥିରେ ଆଭାସୀ ଢଙ୍ଗରେ ସଂଯୁକ୍ତ ହୋଇଥିଲେ। ସଭାରେ ବରେଣ୍ୟ ଅତିଥି ଭାବେ ସାମିଲ ହୋଇ ସମ୍ବାଦର ସମ୍ପାଦକ ତନୟା ପଟ୍ଟନାୟକ, ବିଶ୍ୱ ଭରି ଓଡ଼ିଆ ମାନଙ୍କୁ ଯୋଡ଼ିବାରେ ୱାର୍ଲଡ୍ ଓଡ଼ିଶା ସୋସାଇଟି ର ପ୍ରୟାସ ପ୍ରଶଂସନୀୟ ବୋଲି କହିଥିଲେ ।ଚଳିତ ଶତାବ୍ଦୀ ମହିଳାମାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ବୋଲି ଦର୍ଶାଇ ନାରୀ ଜାତିର ଉତ୍ଥାନ ପାଇଁ ଉପଯୁକ୍ତ ପ୍ରୋତ୍ସାହନ ଯୋଗାଇ ଦେବାକୁ ଶ୍ରୀମତୀ ପଟ୍ଟନାୟକ ଆହ୍ୱାନ ଜଣାଇଥିଲେ। ସ୍ୱାଗତ ଭାଷଣ ପ୍ରଦାନ କରି ୱାର୍ଲଡ୍ ଓଡ଼ିଶା ସୋସାଇଟି ର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ, ମହିଳାମାନଙ୍କଠାରେ ମାଟିର ମୂର୍ତ୍ତିକାର ସାଜିବା ଠାରୁ ଆରମ୍ଭ କରି ଝଡ଼ର ଇଗଲ ବନିବା ପର୍ଯ୍ୟନ୍ତ ସମସ୍ତ କ୍ଷମତା ମହଜୁଦ ଥିବାରୁ ସେମାନେ ସ୍ୱ ଶକ୍ତିସମ୍ପର୍ଣ୍ଣା ବୋଲି ଉଲ୍ଲେଖ କରିଥିଲେ। ୱା.ଓ.ସୋ ର ପ୍ରତିଷ୍ଠାତ୍ରୀ ଡ଼ଃ ଅରୁନ୍ଧତୀ ଦେବୀ ସାମ୍ପ୍ରତିକ ସମାଜରେ ମହିଳା ମାନଙ୍କୁ ଏକ ଭୋଗ୍ୟ ସାମଗ୍ରୀ ରୂପେ ବ୍ୟବହାର କରାଯାଉଥିବା ନେଇ ଘୋର କ୍ଷୋଭ ପ୍ରକାଶ କରି ସେମାନଙ୍କୁ ଯଥାମାନ୍ୟ ସମ୍ମାନ ପ୍ରଦାନ କରାଯିବାକୁ ଆଗ୍ରହ ପ୍ରକାଶ କରିଥିଲେ। ୱା.ଓ.ସୋ ର ମହିଳା ସଶକ୍ତିକରଣ କମିଟିର ଆବାହକ ଏବଂ କଳାହାଣ୍ଡିର ଉପ-ଜିଲ୍ଲାପାଳ ଶୁଭସ୍ମିତା ମିଶ୍ର ନାରୀମାନଙ୍କର ସାମ୍ବିଧାନିକ ଓ ଆଇନଗତ ଅଧିକାର କୁ ସୁରକ୍ଷିତ ରଖାଯିବା ନେଇ ବ୍ୟାପକ ଓ ବୈପ୍ଳବିକ ପଦକ୍ଷେପ ଗ୍ରହଣ କରାଯିବାର ଆବଶ୍ୟକତା ଉପରେ ଜୋର ଦେଇଥିଲେ ।ୱା.ଓ.ସୋ ର ମହିଳା ଶାଖାର ସଭାପତି ଡ଼ଃ ସୁନନ୍ଦା ମିଶ୍ର ପଣ୍ଡା,ନାରୀର ଶ୍ରେଷ୍ଠତ୍ୱ ଯୁଗ ଯୁଗ ଧରି ପ୍ରମାଣିତ ହୋଇ ଆସିଥିବା ସୁଚାଇଥିଲେ। ଏହି ଅବସରରେ ୱା.ଓ.ସୋ ର ସାଧାରଣ ସମ୍ପାଦକ ଏବଂ ସୁନାମଧନ୍ୟ ସମାଜସେବୀ ଡ଼ଃ ଚିଦାତ୍ମିକା ଖଟୁଆଙ୍କୁ ପୃଥିବୀ ବ୍ୟାପି ମହିଳା ସମ୍ପ୍ରଦାୟଙ୍କର ମଙ୍ଗଳ ସକାଶେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ୱା.ଓ.ସୋ ର ପ୍ରଥମ ମହା ନାରୀ ସମ୍ମାନ ପ୍ରଦାନ କରାଯାଇଥିଲା ।ପୁରସ୍କାର ଗ୍ରହଣ କରି ଡ଼ଃ ଖଟୁଆ ୱା.ଓ.ସୋ ପ୍ରତି କୃତଜ୍ଞତା ପ୍ରକାଶ କରିବା ସହିତ ତାଙ୍କର ନାରୀ ଜାଗରଣ ଅଭିଯାନକୁ ସେ ଅଧିକ ଶାଣିତ କରିବେ ବୋଲି ଘୋଷଣା କରିଥିଲେ। ସଭାରେ ପ୍ରତିଭାବାନ ଫେସନ ଡିଜାଇନର ପ୍ରିୟଙ୍କା ଜେନା,ପ୍ରସିଦ୍ଧ ଚାଟାର୍ଡ ଏକାଉଣ୍ଟାଣ୍ଟ ସୁଧୀର ଦାଶ ଓ ବରିଷ୍ଠ ପ୍ରଶାସକ ଡ଼ଃ ଦେବେନ୍ଦ୍ର ମାଝୀ ଙ୍କୁ ସମାଜ ସେବା କ୍ଷେତ୍ରରେ ଉଲ୍ଲେଖ ଯୋଗ୍ୟ ଅବଦାନ ପାଇଁ ସମ୍ବର୍ଦ୍ଧନା କରାଯାଇଥିଲା। ଆଶୁ କବି ଡ଼ଃ କୁଳମଣି ବିଶ୍ୱାଳ ଓ ପ୍ରତିଷ୍ଠିତ କବୟିତ୍ରୀ ଲକ୍ଷ୍ମୀପ୍ରିୟା ଦାସ ସେମାନଙ୍କ ର କବିତା ଗୁଡିକୁ ଖୁବ ସୁନ୍ଦର ଓ ସାବଲୀଳ ଢଙ୍ଗରେ ଆବୃତ୍ତି କରିଥିଲେ ।ସୁବିଖ୍ୟାତ କଥାକାର ଡ଼ଃ ମଧୁସ୍ମିତା ମିଶ୍ର ତାଙ୍କର 'ଅନିନ୍ଦିତା' ଶୀର୍ଷକ କ୍ଷୁଦ୍ର ଗଳ୍ପକୁ ବେଶ ପ୍ରାଞ୍ଜଳ ଓ ପ୍ରଭାବଶାଳୀ ଢଙ୍ଗରେ ଶୁଣାଇ ଉପସ୍ଥିତ ଶ୍ରୋତା ମାନଙ୍କୁ ଚମକୃତ କରିଦେଇଥିଲେ।



## ତେଲେଙ୍ଗାନା ରାଜ୍ୟପାଳ ଭାବେ ଦାୟିତ୍ୱ ଗ୍ରହଣ କଲେ ଝାଡ଼ଖଣ୍ଡ ରାଜ୍ୟପାଳ ସିପି ରାଧାକ୍ରିଷ୍ଣନ୍

**ନୂଆଦିଲ୍ଲୀ:** ଝାଡ଼ଖଣ୍ଡ ରାଜ୍ୟପାଳ ସିପି ରାଧାକ୍ରିଷ୍ଣନ ତେଲେଙ୍ଗାନା ରାଜ୍ୟପାଳ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ବୁଧବାର ସକାଳେ ହାଇଦ୍ରାବାଦ ସ୍ଥିତ ରାଜ ଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଶ୍ରୀ ରାଧାକ୍ରିଷ୍ଣନ ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହି ଅବସରରେ ତେଲେଙ୍ଗାନା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ଆଲୋକ ଆରାଧେ ଶପଥ ପାଠ କରାଇଥିଲେ । ରାଜ୍ୟ ମୁଖ୍ୟ ଶାସନ ସଚିବ ଶାନ୍ତି କୁମାରୀ ନିଯୁକ୍ତି ପରୱାନା ପାଠ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଏ ରେବନ୍ତ ରେଡ୍ଡୀ, ଅନେକ ମନ୍ତ୍ରୀ, ଜନପ୍ରତିନିଧି ଏବଂ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ ।

## ଧାର୍ମିକ ଶୋଭାଯାତ୍ରା ବେଳେ ପଥରମାଡ, ଜଣେ ମୃତ

**ନୂଆଦିଲ୍ଲୀ:** ଧାର୍ମିକ ଶୋଭଯାତ୍ରା ବେଳେ ଅଘଟଣ । ପ୍ରଥମେ ପଥର ମାଡ ପରେ ଦଳାଚକଟା ସ୍ଥିତି ଉପୁଜିଛି । ଫଳରେ ଏଥିରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି । ରାଜସ୍ଥାନର ଚିତୋରଗଡରେ ଘଟିଛି ଏଭଳି କିଛି ଘଟଣା । ରାଜସ୍ଥାନର ଚିତୋରଗଡ ଚାରଭୂଜା ନାଥଙ୍କ ଶୋଭାଯାତ୍ରା ବେଳେ ପଥର ମାଡ ହୋଇଛି । ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ପଥର ମାଡ କରିଥିବା ଅଭିଯୋଗ ହୋଇଛି । ଏହି ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ଘଟଣାସ୍ଥଳରେ ବ୍ୟାପକ ପୁଲିସ ମୁତୟନ କରାଯାଇଛି । ସୂଚନା ମୁତାବକ, ଚିତୋରଗଡ ଜିଲ୍ଲାର ରାଶମି ଥାନା ଅଞ୍ଚଳରେ ପହୁନା ଗାଁରେ ଦଶମୀ ଅବସରରେ ଭଗବାନ ଚାରଭୂଜା ନାଥଙ୍କ ଶୋଭାଯାତ୍ରା ବାହାରିଥିଲା । ଶ୍ରଦ୍ଧାଳୁମାନେ ଢ଼ୋଲ ମୃଦଙ୍ଗ ବଜାଇ ଗାଁରେ ଶୋଭାଯାତ୍ରାରେ ବାହାରିଥିଲେ । ଏହି ସମୟରେ, ସହରର ମୁଖ୍ୟ ବଜାରରେ ଅବସ୍ଥିତ ଦର୍ଗା ନିକଟରେ ଏହି ଶୋଭାଯାତ୍ରା ପହଞ୍ଚିବା ପରେ କିଛି ପ୍ରସଙ୍ଗକୁ ନେଇ ବିବାଦ ଉପୁଜିଥିଲା । ଏହାପରେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଲୋକେ ଶୋଭାଯାତ୍ରା ଉପରକୁ ପଥର ମାଡ କରିଥିଲେ । ଏହି ଘଟଣାରେ ଜଣେ ବ୍ୟକ୍ତି ଆହତ ହୋଇଥିବା ବେଳେ ଜଣଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ଶାମ ଛିପା । ବିଳମ୍ବିତ ରାତିରେ ତାଙ୍କୁ ଗୁରୁତର ଅବସ୍ଥାରେ ଭିଲୱାଡା ସ୍ଥାନାନ୍ତର କରାଯାଇଥିଲା । ହେଲେ ହସ୍ପିଟାଲ ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଛି ।

## ପ୍ରତ୍ୟେକ ଝିଅଙ୍କୁ ମାସିକ ମିଳିବ ୧୦,୦୦୦ ଟଙ୍କା

**ଚେନ୍ନାଇ:** ଦ୍ରାବିଡା ମୁନ୍ନେତ୍ରା କାଜଗାମ (ଡିଏମକେ) ଲୋକ ସଭା ନିର୍ବାଚନ ୨୦୨୪ ପାଇଁ ମନିଫେଷ୍ଟୋ ପ୍ରକାଶ କରିଛି । ଲୋକସଭା ନିର୍ବାଚନ ପାଇଁ ମନିଫେଷ୍ଟୋ ସହିତ ତାମିଲନାଡୁର ୨୧ଟି ଆସନ ପାଇଁ ପ୍ରାର୍ଥୀଙ୍କ ନାମ ମଧ୍ୟ ଘୋଷଣା କରିଛି । ଡିଏମ୍‌କେ ମାନିଫେଷ୍ଟୋରେ ଅନେକ ଆଶ୍ଚର୍ଯ୍ୟଜନକ ପ୍ରତିଶ୍ରୁତି ଅଛି । ୬୪ ପୃଷ୍ଠାର ମନିଫେଷ୍ଟୋରେ ତାମିଲନାଡୁରେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ଏବଂ ୟୁନିଫର୍ମ ସିଭିଲ କୋଡ ଲାଗୁ ହେବ ନାହିଁ ବୋଲି ପ୍ରତିଶ୍ରୁତି ଦିଆଯାଇଛି । ଏହା ବ୍ୟତୀତ ଶ୍ରୀଲଙ୍କା ତାମିଲମାନଙ୍କୁ ଭାରତୀୟ ନାଗରିକତା ଦେବା, ପ୍ରତ୍ୟେକ ଝିଅକୁ ମାସିକ ୧୦,୦୦୦ ଟଙ୍କା ଦେବା ଏବଂ ପେଟ୍ରୋଲ, ଡିଜେଲ ଏବଂ ଏଲପିଜି ମୂଲ୍ୟ ହ୍ରାସ କରିବାକୁ କୁହାଯାଇଛି । ଯଦିଓ ଲୋକ ସଭା ନିର୍ବାଚନ ପାଇଁ ଡିଏମକେ ମନିଫେଷ୍ଟୋ ପ୍ରକାଶ କରିଛି । ତଥାପି ଅଧିକାଂଶ ପ୍ରସଙ୍ଗ ତାମିଲନାଡୁ ସହ ଜଡିତ । ଏହା ବ୍ୟତୀତ ସେହି ବିଷୟଗୁଡିକ ଉପରେ ଆଲୋଚନା କରାଯାଇଛି ଯାହା ଦେଶର ସାଧାରଣ ଜନତାଙ୍କ ସହ ଜଡିତ । ତାମିଲନାଡୁର ସମସ୍ତ ୩୯ଟି ଆସନରେ ପ୍ରଥମ ପର୍ଯ୍ୟାୟରେ ଭୋଟ ଗ୍ରହଣ କରାଯିବ ।

# ୬୬ କମ୍ପାନୀ କିଣିଛନ୍ତି ୧୩୪୪ କୋଟିର ନିର୍ବାଚନୀ ବଣ୍ଡ

**ନୂଆଦିଲ୍ଲୀ:** ଅସାମ୍ବିଧାନିକ ବିବେଚିତ ନିର୍ବାଚନୀ ବଣ୍ଡକୁ ନେଇ ଆଉ ଗୋଟିଏ ବଡ଼ ଖବର ସାମ୍ନାକୁ ଆସିଛି । ମୁମ୍ବାଇ ଓ ଏହାର ଉପକଣ୍ଠରେ ପଞ୍ଜୀକରଣ ହୋଇଥିବା ୬୬ଟି କମ୍ପାନୀ ମିଳିତ ଭାବେ ୧୩୪୪ କୋଟି ଟଙ୍କାର ନିର୍ବାଚନୀ ବଣ୍ଡ କିଣିଛନ୍ତି । ୨୦୧୯ରୁ ସେମାନେ ଏପରି ବଣ୍ଡ କିଣିଥିବା ବେଳେ ବିଭିନ୍ନ ରାଜନୀତିକ ଦଳକୁ ଚାନ୍ଦା ଆକାରରେ ଏହା ଦେଇଛନ୍ତି । ଏହା ମୋଟ ନିର୍ବାଚନୀ ବଣ୍ଡର ୧୧% । କମ୍ପାନୀ ଗୁଡ଼ିକ କିଣିଥିବା ବଣ୍ଡର ପରିମାଣର ୨ ଲକ୍ଷରୁ ୪୧୦ କୋଟି ଟଙ୍କା ମଧ୍ୟରେ ରହିଛି । ବିଭିନ୍ନ ବିଲ୍ଡର୍ସ ସଂସ୍ଥା, ଫାର୍ମା କମ୍ପାନୀ, ପାଥ ଲ୍ୟାବ, ଡାଇମଣ୍ଡ କମ୍ପାନୀ, ନିବେଶ ଓ ଟ୍ରେଡିଂ ଫାର୍ମ ଏବଂ ଟେକ୍ନୋଲୋଜି କମ୍ପାନୀ ନିର୍ବାଚନୀ ବଣ୍ଡ କିଣିଛନ୍ତି । ଚାନ୍ଦା ଦେଇଥିବା କମ୍ପାନୀ ଗୁଡ଼ିକ ମୁମ୍ବାଇ, ଥାନେ ଓ ନଭି ମୁମ୍ବାଇରେ ପଞ୍ଜିକୃତ ହୋଇଛନ୍ତି ।

ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ନିର୍ବାଚନ କମିଶନଙ୍କୁ ଦେଇଥିବା ତଥ୍ୟରୁ ସ୍ପଷ୍ଟ ହୋଇଛି ଯେ, ଛୋଟ ଛୋଟ ବ୍ୟବସାୟିକ ସଂସ୍ଥା ମଧ୍ୟ ନିର୍ବାଚନୀ ବଣ୍ଡ କିଣିଛନ୍ତି । ସେମାନଙ୍କ ମଧ୍ୟରୁ ଅଧିକାଂଶ ସଂସ୍ଥା ୨୦୧୯ ଓ ଗୋଟିଏ ଦିନରେ ହିଁ ବଣ୍ଡ କିଣିଛନ୍ତି । କ୍ୱିକ୍ ସପ୍ଲାଏ ଚେନ ପ୍ରାଇଭେଟ ଲିଃ ସର୍ବାଧିକ ୪୧୦ କୋଟି ଟଙ୍କାର ଚାନ୍ଦା ଦେଇଥିବା ବେଳେ ବେଦାନ୍ତ ଲିଃ ୪୦୦ କୋଟି, ପିରାମଲ ଗ୍ରୁପ ୪୮ କୋଟି, ସିପଲା ୩୯.୨୦ କୋଟି, ସ୍ୱାଲ କ୍ରପ ଲିଃ ୩୫ କୋଟି, ଏଲ୭ ହାଇଟେକ ପ୍ରାଇଭେଟ ଲିଃ ୨୨ କୋଟି, କେ ରାହେଜ ୨୧ କୋଟି, ବିକେସି ପ୍ରପୋଟିଜ ୨୦ କୋଟି ଟଙ୍କା ଦେଇଛି । ମହାରାଷ୍ଟ୍ରର ଅନ୍ୟ ଜିଲ୍ଲା ପୁଣେ, ନାଶିକ ଓ କୋଲହାପୁରରେ ଥିବା ସଂସ୍ଥା ମଧ୍ୟ ୨୧୮ କୋଟି ଟଙ୍କାର ନିର୍ବାଚନୀ ବଣ୍ଡ କିଣିଛନ୍ତି । ଏହାକୁ ମିଶାଇ ରାଜ୍ୟରେ ଚାନ୍ଦା ଦେଇଥିବା ସଂସ୍ଥା ସଂଖ୍ୟା ୭୬ରେ ପହଞ୍ଚିଛି । ନିର୍ବାଚନୀ ବଣ୍ଡରେ ମହାରାଷ୍ଟ୍ରର ଭାଗ ମୋଟ ୧୫୬୨ କୋଟି ଟଙ୍କା ରହିଛି । ଏହା ମୋଟ ୧୨,୧୫୬ କୋଟି ନିର୍ବାଚନୀ ବଣ୍ଡର ୧୩% । ଚାନ୍ଦା ଦେଇଥିବା ମୁମ୍ବାଇର କିଛି ବ୍ୟକ୍ତିବଶେଷ ଓ ଠିକଣା ନ ଥିବା କମ୍ପାନୀ କିଣିଥିବା ନିର୍ବାଚନୀ ବଣ୍ଡର ତଥ୍ୟକୁ ଏଥିରେ ସାମିଲ କରାଯାଇ ନାହିଁ ।




## କଂଗ୍ରେସରେ ବିଲୟ ହେଲା ପପୁ ଯାଦବଙ୍କ ପାର୍ଟି



**ନୂଆଦିଲ୍ଲୀ:** ଲୋକସଭା ନିର୍ବାଚନ ପୂର୍ବରୁ କଂଗ୍ରେସର ଶକ୍ତି ବୃଦ୍ଧି ପାଇଛି । ପପୁ ଯାଦବଙ୍କ ଦଳ କଂଗ୍ରେସରେ ବିଲୟ ହୋଇଛି । ଲୋକସଭା ନିର୍ବାଚନ ପୂର୍ବରୁ ଜନ ଅଧିକାର ଦଳକୁ କଂଗ୍ରେସ ସହିତ ମିଶ୍ରଣ କରିବାକୁ ନିଷ୍ପତ୍ତି ନେଇଛନ୍ତି ପୂର୍ବତନ ଏମ୍‌ପି ପପୁ । ଫଳରେ ସେ ପୂର୍ଣ୍ଣିଆ ଆସନରୁ ଲୋକ ସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ । ତାଙ୍କ ସ୍ତ୍ରୀ ରଣଜିତ୍ ରଂଜନ କଂଗ୍ରେସର ରାଜ୍ୟ ସଭା ଏମ୍‌ପି । ତାଙ୍କ ପୁଅ ସାର୍ଥକ ମଧ୍ୟ କଂଗ୍ରେସରେ ଯୋଗ ଦେଇଥିଲେ । ସୂଚନାନୁସାରେ, ପପୁ ଯାଦବଙ୍କୁ କଂଗ୍ରେସରେ ସାମିଲ କରିବାରେ ପ୍ରିୟଙ୍କା ଗାନ୍ଧୀ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ।

କଂଗ୍ରେସରେ ଯୋଗ ଦେବା ପରେ ପପୁ ଯାଦବ କହିଛନ୍ତି, ଜନ ଅଧିକାର ପାର୍ଟି ତିନୋଟି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲା । ଏଥିରେ ଦୁଇଟି ବିଧାନସଭା ଏବଂ ଗୋଟିଏ ଲୋକ ସଭା ପାଇଁ ନିର୍ବାଚନ ଅନ୍ତର୍ଭୁକ୍ତ । ଆମର ଦଳ ସେବା, ନ୍ୟାୟ ଏବଂ ସଂଗ୍ରାମ ପାଇଁ ଜଣାଶୁଣା । ଆମର ସମ୍ପୂର୍ଣ୍ଣ ଆଦର୍ଶ କଂଗ୍ରେସର ଆଦର୍ଶ ସହିତ ରହିଆସିଛି । କଂଗ୍ରେସର ଆଦର୍ଶ ଆମକୁ ସବୁବେଳେ ଶକ୍ତି ଦେଇଥାଏ । ଆମର ରାଜନୀତିର ମୂଳଦୁଆ ଧର୍ମନିରପେକ୍ଷ ହୋଇଛି । କୌଣସି ଧର୍ମ ଉପରେ ଆକ୍ରମଣ ନାହିଁ । ପ୍ରତ୍ୟେକ ପରିସ୍ଥିତିରେ ଅନ୍ୟମାନଙ୍କ ମତାମତକୁ ସମ୍ମାନ ଦେବା ମୋର ଇତିହାସ ଅଟେ । ପପୁ ଯାଦବ କହିଛନ୍ତି, ରାହୁଲ ଗାନ୍ଧୀଙ୍କ ଦୁନିଆର ସବୁଠୁ ବଡ ଏକଛତ୍ରବାଦୀ ଶାସନ ବିରୋଧରେ ଲଢିବାକୁ ସାହସ ଅଛି । ରାହୁଲ ଗାନ୍ଧୀ ଏବଂ ପ୍ରିୟଙ୍କା ଗାନ୍ଧୀଙ୍କ ବିଶ୍ୱାସ ମୋ ପାଇଁ ସବୁକିଛି । ଦୁଇ ଜଣଙ୍କ ବିଶ୍ୱାସ ଆମକୁ ସାହସ ଦେଇଛି । କେହି ଜଣେ ଭାରତର ଲୋକଙ୍କ ହୃଦୟ ଜିତିଛନ୍ତି । ଯଦି ସେଠାରେ ଅଛି, ତେବେ ଏହା ରାହୁଲ ଗାନ୍ଧୀ ।

## ହାତ ଧରିଲେ ଦାନିଶ ଅଲ୍ଲୀ

**ନୂଆଦିଲ୍ଲୀ:** ଲୋକ ସଭା ନିର୍ବାଚନ ପୂର୍ବରୁ ବହୁଜନ ସମାଜ ପାର୍ଟିକୁ ବଡ଼ ଝଟ୍‌କା ଲାଗିଛି । ଦଳର ଏମ୍‌ପି ଦାନିଶ ଅଲ୍ଲୀ କଂଗ୍ରେସରେ ଯୋଗ ଦେଇଛନ୍ତି । ଲୋକସଭା ର୍ନିବାଚନ ପୂର୍ବରୁ ଆଉ ଏକ ସ୍ୱତନ୍ତ୍ର ଚେହେରା କଂଗ୍ରେସରେ ଯୋଗ ଦେଇଛନ୍ତି । ରାଜଧାନୀ ଦିଲ୍ଲୀରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଆମରୋହା ଲୋକ ସଭା ଏମ୍‌ପି ଦାନିଶ ଅଲ୍ଲୀ କଂଗ୍ରେସର ସଦସ୍ୟତା ଗ୍ରହଣ କରିଥିଲେ । କଂଗ୍ରେସ ମିଡିଆ ମୁଖ୍ୟ ପୱନ ଖେଡାଙ୍କ ଉପସ୍ଥିତିରେ ଦାନିଶ କଂଗ୍ରେସରେ ଯୋଗ ଦେଇଥିଲେ । ପୱନ ଖେଡା ତାଙ୍କୁ ଏକ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ଦାନିଶ ଏକଦା ବହୁଜନ ସମାଜ ପାର୍ଟିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଥିଲେ । ଡିସେମ୍ବର ୨୦୨୩ରେ, ବିଏସପି ମୁଖ୍ୟ ମାୟାବତୀ ଦଳ ବିରୋଧୀ କାର୍ଯ୍ୟକଳାପ ହେତୁ ଦାନିଶ ଅଲିଙ୍କୁ ଦଳରୁ ବହିଷ୍କାର କରିଥିଲେ ।

## ରାହୁଲ ଗାନ୍ଧିଙ୍କ ଉପରେ ବର୍ଷିଲେ ପ୍ରଧାନମନ୍ତ୍ରୀ



**ନୂଆଦିଲ୍ଲୀ:** କଂଗ୍ରେସ ସାଂସଦ ରାହୁଲ ଗାନ୍ଧିଙ୍କୁ ବୁଧବାର କଡ଼ା ଭାଷାରେ ପୁଣିଥରେ ସମାଲୋଚନା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ରାଜନୀତିକ ଷ୍ଟାର୍ଟଅପ ଓ ପ୍ରକୃତ ଷ୍ଟାର୍ଟଅପ କଥା କହି ସେ ରାହୁଲଙ୍କୁ ତାଚ୍ଛଲ୍ୟ ମଧ୍ୟ କରିଛନ୍ତି । ରାହୁଲ ଗାନ୍ଧିଙ୍କ ନାଁ ନ ନେଇ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ, ଅନେକ ଲୋକ ରାଜନୀତିକ ଷ୍ଟାର୍ଟଅପ ତିଆରି କରିବାକୁ ଚେଷ୍ଟା କରୁଛନ୍ତି । କିନ୍ତୁ ସେମାନଙ୍କ ମଧ୍ୟରେ ଓ ପ୍ରକୃତ ଷ୍ଟାର୍ଟଅପ୍ ମଧ୍ୟରେ ପାର୍ଥକ୍ୟ ରହିଛି । ପ୍ରକୃତ ଷ୍ଟାର୍ଟଅପର ଉଦ୍ଦେଶ୍ୟ ହେଲା ନୂଆ କିଛି କରିବାର ବିଶ୍ୱାସ ଓ ଆଶା । ସେ କହିଛନ୍ତି, ଅନେକ ଲୋକ ଷ୍ଟାର୍ଟଅପ ଲଞ୍ଚ କରିବାକୁ ଚାହୁଁଛନ୍ତ । ବିଶେଷରେ ରାଜନୀତିକ ଷ୍ଟାର୍ଟଅପ ତିଆରି କରିବାକୁ ଲକ୍ଷ୍ୟ ରଖୁଛନ୍ତି । ଏଥିପାଇଁ କିଛି ଲୋକଙ୍କୁ ଅନେକ ଥର ଲଞ୍ଚ କରିବାକୁ ପଡ଼ିବ । କିନ୍ତୁ ଆପଣମାନଙ୍କ (ଉଦ୍ୟୋଗୀ) ମଧ୍ୟରେ ଓ ସେମାନଙ୍କ ମଧ୍ୟରେ ଥିବା ପାର୍ଥକ୍ୟ ହେଲା ଆପଣମାନେ ପରୀକ୍ଷାମୂଳକରେ ବିଶ୍ୱାସ କରନ୍ତି । ଗୋଟିଏ ଲଞ୍ଚ ପରେ ମିଳିଥିବା ବିଫଳତାକୁ ଭୁଲି ଆପଣମାନେ ନୂଆ ସମ୍ଭାବନାକୁ ଖୋଜନ୍ତି । ହେଲେ ସେମାନେ ସେମିତି କରନ୍ତି ନାହିଁ । ସେମାନେ କେବଳ ବାରମ୍ବାର ଲଞ୍ଚ ହେବାକୁ ଚେଷ୍ଟା କରୁଛନ୍ତି । ଷ୍ଟାର୍ଟଅପ ମହାକୁମ୍ଭରେ ମୋଦି ଭାରତକୁ ତୃତୀୟ ସର୍ବବୃହତ୍ତ ଅର୍ଥନୀତିରେ ପହଞ୍ଚାଇବାକୁ ଚେଷ୍ଟା କରୁଥିବା ମଧ୍ୟ କହିଛନ୍ତି । ନିଜର ତୃତୀୟ ପାଳିରେ ଭାରତର ଅର୍ଥନୀତି ଉପରେ କାମ କରାଯିବ ବୋଲି ମୋଦି କହିଛନ୍ତି ।

## ପାକିସ୍ତାନ କୋଇଲା ଖଣିରେ ମିଥେନ ଗ୍ୟାସ୍ ବିସ୍ଫୋରଣ, ୧୨ଶ୍ରମିକ ମୃତ

**କରାଚି:** ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶରେ ଥିବା ଏକ କୋଇଲା ଖଣିରେ ଭୟଙ୍କର ଗ୍ୟାସ୍ ବିସ୍ଫୋରଣ ଘଟିଛି । ଏହି ଦୁର୍ଘଟଣାରେ କୋଇଲା ଖଣିରେ କାମ କରୁଥିବା ୧୨ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ତେବେ ଦୁର୍ଘଟଣାସ୍ଥଳରୁ ୮ ଜଣ ଖଣି କର୍ମଚାରୀଙ୍କୁ ଉଦ୍ଧାର କରାଯାଇଛି । ବୁଧବାର ପାକିସ୍ତାନୀ ଅଧିକାରୀମାନେ ଏହି ସୂଚନା ଦେଇଛନ୍ତି । ପାକିସ୍ତାନର ଡନ୍ ଖବରକାଗଜରେ ପ୍ରକାଶିତ ଖବର ଅନୁଯାୟୀ, ହରନାଇ ଜିଲ୍ଲାର ଜର୍ଦାଲୋ ଅଞ୍ଚଳରେ ଏହି ଘଟଣା ଘଟିଛି । ବେଲୁଚିସ୍ତାନର ମୁଖ୍ୟ ଖଣି ନିରୀକ୍ଷକ ଅବଦୁଲ ଗନି ବଲୋଚଙ୍କ ବୟାନ ଦେଇ ରିପୋର୍ଟରେ କୁହାଯାଇଛି ଯେ, ଜର୍ଦାଲୋ ଅଞ୍ଚଳରେ ଥିବା ଉକ୍ତ ଖଣିରେ ମିଥେନ୍ ଗ୍ୟାସ୍ ବିସ୍ଫୋରଣ ହେବା ସମୟରେ ଖଣି ଭିତରେ ୨୦ ଜଣ ଖଣି କର୍ମଚାରୀ ଥିଲେ । ବୁଧବାର ସକାଳ ସୁଦ୍ଧା ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଶେଷ ହୋଇଥିବା ସେ କହିଛନ୍ତି । ଉଦ୍ଧାରକାରୀମାନେ ୧୨ ଜଣଙ୍କ ମୃତଦେହ ଉଦ୍ଧାର କରିଥିବାବେଳେ ୮ଜଣ ଖଣି ଶ୍ରମିକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଏଠାରେ କହିରଖୁଛୁ ଯେ, ଉଦ୍ଧାର ହୋଇଥିବା ଏହି ୮ ଜଣ ବିସ୍ଫୋରଣ ଖବର ଶୁଣି ପୂର୍ବରୁ ଥିବା ଶ୍ରମିକଙ୍କୁ ଉଦ୍ଧାର କରିବାକୁ ଖଣି ଭିତରକୁ ଯାଇ ଫସିରହିଥିଲେ । ରାତିରେ ଦୁଇଟି ମୃତଦେହ ଉଦ୍ଧାର କରାଯାଇଥିବାବେଳେ ସକାଳେ ଆଉ ୧୦ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଥିବା ବାଲୁଚ କହିଛନ୍ତି । ଖଣି ମହାନିର୍ଦ୍ଦେଶକ ଅବଦୁଲ୍ଲା ଶାହୱାନୀ ମଧ୍ୟ ଦୁର୍ଘଟଣାରେ ମୃତକଙ୍କ ସଂଖ୍ୟାକୁ ନିଶ୍ଚିତ କରିଛନ୍ତି । ପ୍ରଧାନମନ୍ତ୍ରୀ ଶେହବାଜ ସରିଫ୍ ଏହି ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କ ପାଇଁ ଗଭୀର ଶୋକ ପ୍ରକାଶ କରିଛନ୍ତି ।



## ୨୦୧୯ରେ ପରମାଣୁ ଯୁଦ୍ଧର ନିକଟବର୍ତ୍ତୀ ହୋଇଯାଇଥିଲେ ଭାରତ-ପାକ୍



**ନୂଆଦିଲ୍ଲୀ:** ୨୦୧୯ରେ କ୍ୟାପଟେନ୍ ଅଭିନନ୍ଦନ ବର୍ତ୍ତମାନଙ୍କୁ ପାକିସ୍ତାନ ବନ୍ଦୀ କରିବା ପରେ ଭାରତ ଓ ପାକିସ୍ତାନ ପରମାଣୁ ଯୁଦ୍ଧ ଆଡ଼କୁ ଗତି କରୁଥିଲେ । କିନ୍ତୁ ଶେଷ ମୂହୂର୍ତ୍ତରେ ଏହାକୁ ଟାଳିଦିଆଯାଇଥିଲା ବୋଲି କହିଛନ୍ତି ଆମେରିକାର ପୂର୍ବତନ ବୈଦେଶିକ ସଚିବ ମାଇକ୍ ପୋମ୍ପିଓ ।

ମାଇକ୍ ପୋମ୍ପିଓ ବୁଧବାର କହିଛନ୍ତି ଯେ ଭାରତୀୟ ବାୟୁସେନାର ଜଣେ ପାଇଲଟଙ୍କୁ ଏକ ପଡ଼ୋଶୀ ଦେଶ ନିଜ ଅକ୍ତିଆରକୁ ନେବା ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ପରମାଣୁ ଯୁଦ୍ଧ ଆରମ୍ଭ ହୋଇଥିଲା । ସେହି ଘଟଣାକୁ ମନେ ପକାଇ ସେ କହିଛନ୍ତି, ଏହି ସଂଘର୍ଷକୁ ନେଇ ବହୁତ ଚିନ୍ତା ଓ ବିପଦ ଥିଲା । ଏହା ବହୁତ ସ୍ପଷ୍ଟ ହୋଇଯାଇଥିଲା ଯେ ଗୋଟିଏ ପକ୍ଷ ପରମାଣୁ ଅସ୍ତ୍ର ବ୍ୟବହାର କରିବା ଦିଗରେ ଅଗ୍ରସର ହେଉଛି ଏବଂ ଉତ୍ତେଜନା ହ୍ରାସ କରିବା ପାଇଁ ଆମ ପାଖରେ ମାତ୍ର କିଛି ଘଣ୍ଟା ଥିଲା ।

ରାଇଜିଂ ଇଣ୍ଡିଆ ସମ୍ମିଳନୀ ୨୦୨୪ରେ ଯୋଗ ଦେଇ ସେ କହିଛନ୍ତି ଯେ, ଭାରତ ଏବଂ ପାକିସ୍ତାନ ମଧ୍ୟରେ ସଂଘର୍ଷ ସର୍ବଦା ବିପଦପୂର୍ଣ୍ଣ ରହି ଆସିଛି । ଭୁଲ୍ ବୁଝାମଣାର ଆଶଙ୍କା ଅତ୍ୟନ୍ତ ବାସ୍ତବ, ଯାହାର ପରିଣାମ ଓ ଖରାପ ଘଟଣା ଖୁବ୍ ଶୀଘ୍ର ଘଟିବାର ଆଶଙ୍କା ଥାଏ ବୋଲି ସେ କହିଛନ୍ତି । କୌଣସି ଦେଶର ପରସ୍ପର ଉପରେ ଅଧିକ ବିଶ୍ୱାସ ନାହିଁ ବୋଲି ପମ୍ପିଓ କହିଛନ୍ତି ।

## ଫାଟିଲା ଇଲେକ୍ଟ୍ରି ସ୍କୁଟର ବ୍ୟାଟେରି, ୩ ଗୁରୁତର

**ନୂଆଦିଲ୍ଲୀ:** ଫାଟିଲା ଇଲେକ୍ଟ୍ରି ସ୍କୁଟର ବ୍ୟାଟେରି । ଆଖି ପିଛୁଳାକେ ହୁହୁ ହୋଇ ଜଳିଲା ବାଇକ୍ । ଏହି ବିସ୍ଫୋରଣରେ ୩ ଜଣ ଗୁରୁତର ଆହତ ହୋଇଛନ୍ତି । ଏପରି ଏକ ଅଘଟଣ ମହାରାଷ୍ଟ୍ରର ଥାନେ ଜିଲ୍ଲାରେ ଘଟିଛି । ଏହି ଦୁର୍ଘଟଣାରେ ଘରର ଛାତ ଓ କାନ୍ଥ କ୍ଷତିଗ୍ରସ୍ତ ହୋଇଛି । ମଙ୍ଗଳବାର ରାତିରେ ଏହି ବିସ୍ଫୋରଣ ହୋଇଥିଲା । ଖବର ପାଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚ ନିଆଁକୁ ଆୟତ୍ତ କରିଛି । ଗୁରୁତର ହୋଇଥିବା ୩ ବ୍ୟକ୍ତିଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ବର୍ତ୍ତମାନ ପର୍ଯ୍ୟନ୍ତ ବ୍ୟାଟେରି ବିସ୍ଫୋରଣର କାରଣ ଜଣାପଡିନି । ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି ।

### ସ୍ୱତନ୍ତ୍ର ପୋଷାକ ବ୍ୟବସ୍ଥା ହଟାଇଲା ଜୋମାଟୋ

## ଭେଜ୍-ନନଭେଜ୍ ବିତରକ ପିନ୍ଧିବେ ଲାଲ୍ ଡ୍ରେସ୍

**ନୂଆଦିଲ୍ଲୀ:** ଭେଜ୍ ବା ଶୁଦ୍ଧ ନିରାମିଷ ଖାଉଥିବା ଗ୍ରାହକଙ୍କ ପାଇଁ ସ୍ୱତନ୍ତ୍ର ସେବା ଆରମ୍ଭ କରିଥିବା ଜୋମାଟୋ ଏହାକୁ ବଦଳାଇ ଦେଇଛି । ଏଣିକି ଆଉ ନିରାମିଷ ଖାଦ୍ୟ ବିତରଣ ପାଇଁ ବିତରକମାନଙ୍କୁ ସବୁଜ ରଙ୍ଗର ପୋଷାକ ପିନ୍ଧିବାକୁ ପଡ଼ିବନି । ପୂର୍ବୋପରି ସବୁ ପ୍ରକାର ଅର୍ଡର ପାଇଁ ଡେଲିଭରି ବଏ ଲାଲ୍ ରଙ୍ଗର ଡ୍ରେସ୍ ପିନ୍ଧିବେ ବୋଲି ସିଇଓ ଦୀପିନ୍ଦର ଗୋୟଲ କହିଛନ୍ତି ।

ପ୍ରକାଶଥାଉକି, ନିକଟରେ ଶୁଦ୍ଧ ନିରାମିଶ ଖାଦ୍ୟ ଅର୍ଡର କରୁଥିବା ଗ୍ରାହକଙ୍କ ପାଇଁ ଜୋମାଟୋ ଏକ ସ୍ୱତନ୍ତ୍ର ସେବା ଆରମ୍ଭ କରିଥିଲା । ଯେଉଁଥିରେ ଭେଜ୍ ଅର୍ଡର୍ ଡେଲିଭର ପାଇଁ ବିତରକମାନେ ସବୁଜ ରଙ୍ଗର ପୋଷାକ ଏବଂ ସବୁଜ ରଙ୍ଗରେ ବାକ୍ସରେ ଖାଦ୍ୟ ନେବେ ବୋଲି କମ୍ପାନୀ କହିଥିଲା । ମାର୍ଚ୍ଚ ୧୯ରେ କମ୍ପାନୀର ସିଇଓ ଦୀପିନ୍ଦର ଗୋୟଲ ଏକ୍ସ ପୋଷ୍ଟ କରି ଏହି ସେବା ଆରମ୍ଭ କରିବାକୁ ଘୋଷଣା କରିଥିଲେ । ଦୀପିନ୍ଦର କହିଥିଲେ, ସେ ତାଙ୍କର ଶୁଦ୍ଧ ଶାକାହାରୀ ଗ୍ରାହକଙ୍କ ପାଇଁ ଏକ ଶୁଦ୍ଧ ଭେଜ୍ ରେଷ୍ଟୋରାଁରୁ ଖାଦ୍ୟ ବିତରଣର ବିକଳ୍ପ ଆରମ୍ଭ କରିବାକୁ ଯାଉଛନ୍ତି । ଦେଶରେ ବହୁ ସଂଖ୍ୟାରେ ଲୋକ ଶୁଦ୍ଧ ଶାକାହାରୀ ଖାଦ୍ୟ ଖାଉଛନ୍ତି, ଯେଉଁମାନେ ଶୁଦ୍ଧତା ଉପରେ ବିଶେଷ ଧ୍ୟାନ ଦିଅନ୍ତି । ଏଥିପାଇଁ ଶାକାହାରୀ ଗ୍ରାହକଙ୍କୁ ଶୁଦ୍ଧ ନିରାମିଷ ଖାଦ୍ୟ ଯୋଗାଇବା ପାଇଁ ଜୋମାଟୋ ଗ୍ରୀନ୍ ଫ୍ଲାଇଟ୍ ଆରମ୍ଭ କରିଥିଲା । କିନ୍ତୁ ଜୋମାଟୋର ଏହି ସ୍ୱତନ୍ତ୍ର ସେବାକୁ ବିରୋଧ କରିଥିଲେ ଗ୍ରାହକ । ଅନେକ ଲୋକ ସୋସିଆଲ ମିଡିଆରେ କହିଥିଲେ, 'ଜୋମାଟୋର ଏହି ପ୍ରକାରର ସେବା ନନ୍-ଭେଜ୍ ଖାଉଥିବା ଲୋକଙ୍କ ପ୍ରତି ଭେଦଭାବପୂର୍ଣ୍ଣ ଆଚରଣକୁ ପ୍ରୋତ୍ସାହନ ଦେଇପାରେ । ଅନ୍ୟ କେତେକ କହିଥିଲେ, 'ଏହି କାରଣରୁ ନନ୍-ଭେଜ୍ ଖାଦ୍ୟ ବିତରଣ କରୁଥିବା ବିତରକଙ୍କୁ ମଧ୍ୟ ଭେଦଭାବର ସମ୍ମୁଖୀନ ହେବାକୁ ପଡିବ । ଅନେକ ଲୋକ ଏହି ନିୟମକୁ ପ୍ରଶଂସା କରିଥିଲେ ମଧ୍ୟ ବର୍ତ୍ତମାନ ଏହାକୁ ପରିବର୍ତ୍ତନ କରାଯାଇଥିବା ସିଇଓ କହିଛନ୍ତି । ଆଜି ସକାଳେ ସିଇଓ ଦୀପିନ୍ଦର ଏକ ପୋଷ୍ଟରେ କହିଛନ୍ତି, 'ଏଣିକି ଆଉ ଶୁଦ୍ଧ ଭେଜ୍ ଅର୍ଡର ନେଉଥିବା ବିତରକମାନେ ସବୁଜ ପୋଷାକ ପିନ୍ଧିବେ ନାହିଁ । ସମସ୍ତେ ପୂର୍ବୋପରି ସମାନ ରଙ୍ଗର ଲାଲ୍ ରଙ୍ଗର ପୋଷାକ ପିନ୍ଧିବେ । କିନ୍ତୁ ଶାକାହାରୀ ଖାଦ୍ୟ ଅର୍ଡର କରୁଥିବା ଗ୍ରାହକଙ୍କ ଶୁଦ୍ଧତା ଉପରେ ବିଶେଷ ଧ୍ୟାନ ଦିଆଯିବ । ସେମାନ ଆପ୍ ଜରିଆରେ ଏ ବାବଦରେ ଜାଣିପାରିବେ ।




## ମୋଦିଙ୍କ ଗ୍ୟାରେଣ୍ଟି ଚାଇନା ଭଳି: ଖଡ୍‌ଗେ

**ନୂଆଦିଲ୍ଲୀ:** କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଆକ୍ରମଣ କରି ଲଦାଖର ଲୋକଙ୍କ ପ୍ରତି ବିଶ୍ୱାସଘାତକତା କରିଥିବା ଅଭିଯୋଗ କରିଛନ୍ତି । ସେ କହିଛନ୍ତି ଯେ ସମ୍ବିଧାନର ଷଷ୍ଠ ଅନୁସୂଚୀ ଅନୁଯାୟୀ ଲଦାଖର ଲୋକମାନଙ୍କ ସୁରକ୍ଷା ଦାବି କରିଛନ୍ତି । କିନ୍ତୁ ଅନ୍ୟାନ୍ୟ ଗ୍ୟାରେଣ୍ଟି ପରି ସାମ୍ବିଧାନିକ ଅଧିକାର ସୁନିଶ୍ଚିତ କରିବାରେ 'ମୋଦିଙ୍କ ଗ୍ୟାରେଣ୍ଟି' ନକଲି ଏବଂ ଚାଇନା ଦ୍ରବ୍ୟ ଭଳି କହିଛନ୍ତି । ଖଡ଼୍‌ଗେ ଦାବି କରିଛନ୍ତି ଯେ ଚୀନ୍ ସେନା ଏବେ ମଧ୍ୟ ଆମ ଅଂଚଳକୁ ଦଖଲ କରିଛି । ବାସ୍ତବରେ, ଷଷ୍ଠ ସୂଚୀ ଅନୁଯାୟୀ ରାଜ୍ୟ ତଥା ସାମ୍ବିଧାନିକ ସୁରକ୍ଷା ଦାବିରେ ଲଦାଖ କେନ୍ଦ୍ରଶାସିତ ପ୍ରଦେଶରେ ବିରୋଧ ପ୍ରଦର୍ଶନ କରାଯାଉଛି । ୨୦୧୯ରେ ଜମ୍ମୁକଶ୍ମୀରରୁ ଧାରା ୩୭୦ ହଟାଯିବା ପରେ ଏହାକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରାଯାଇଥିଲା, ସେଥିମଧ୍ୟରୁ ଗୋଟିଏ ଜମ୍ମୁ କଶ୍ମୀର ଏବଂ ଅନ୍ୟଟି ଲଦାଖ । ତେବେ ବର୍ତ୍ତମାନ ଏହାକୁ ରାଜ୍ୟରେ ପରିଣତ କରିବାକୁ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି । କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେ ଏହାକୁ ନେଇ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ମୋଦି ସରକାରଙ୍କୁ ଟାର୍ଗେଟ କରିଛନ୍ତି । ସେ କହିଛନ୍ତି, ଲଦାଖରେ, ସମ୍ବିଧାନର ଷଷ୍ଠ ସୂଚୀ ଅନୁଯାୟୀ ଆଦିବାସୀ ସମ୍ପ୍ରଦାୟର ସୁରକ୍ଷା ପାଇଁ ଦାବି ରହିଛି । ଏହା ଜନସାଧାରଣ ସମର୍ଥନ କରୁଛନ୍ତି । କିନ୍ତୁ ଅନ୍ୟ ସମସ୍ତ ଗ୍ୟାରେଣ୍ଟି ପରି ଲଦାଖର ଲୋକଙ୍କ ପାଇଁ ସାମ୍ବିଧାନିକ ଅଧିକାର ସୁନିଶ୍ଚିତ କରିବାର ଆବଶ୍ୟକତା ମୋଦି ଗ୍ୟାରେଣ୍ଟି ଦେଇଥିଲେ । ଯାହାକି ବଡ ବିଶ୍ୱାସଘାତକତା ସଦୃଶ ହୋଇଛି ।






# ଫଗୁ ଦଶମୀରୁ ଆରମ୍ଭ ହେଲା ଲକ୍ଷ୍ମୀ ନୃସିଂହ ବିମାନର ଚାଚେରୀ ବେଶ

**ବାଲିଚନ୍ଦ୍ରପୁର(ଅମୃତ ମିଡିଆ):** ବଡଚଣା ବ୍ଲକ ଅନ୍ତର୍ଗତ ଆମ୍ବସୌରି - ପତରାଜପୁର ଗ୍ରାମ ର ନୃସିଂହ ପରିମାଣିକଙ୍କର ଲକ୍ଷ୍ମୀ ନୃସିଂହ ବିମାନ ଚାଚେରୀ ବେଶରେ ଭକ୍ତ ମାନଙ୍କୁ ଦର୍ଶନ ଦେଇଥିଲେ। ଏହି ବେଶରେ ଚନ୍ଦନ, କର୍ପୂର , ଅତର, ଅଗୁର ରେ ଲେପନ କରାଯାଇ ଶ୍ରୀ ଜୀଉ ଙ୍କୁ ନୂଆ ବସ୍ତ୍ର ପରିଧାନ କରାଯାଇଥିଲା।ମୂର୍ତ୍ତି, ଅଳଙ୍କାର, ସ୍ୱର୍ଣ୍ଣ କୁଣ୍ଡଳ ପିନ୍ଧାଯାଇ ସୁସଜିତ ବିମାନ ରେ ଶଙ୍ଖ, ହୁଳହୁଳି, ଘଣ୍ଟ ନାଦ ରେ ବିମାନ କୁ ନିଆ ଯାଇଥିଲା । ଏହା ପରେ ପାରମ୍ପରିକ ରୀତି ନୀତି ଅନୁଯାୟୀ



ମନ୍ଦିର ପୂଜକ ଲିଙ୍ଗରାଜ କର ଙ୍କ ଲକ୍ଷ୍ମୀ ନୃସିଂହ ବିମାନ ରେ ଜୀଉ ଙ୍କୁ ପୂଜା ଅର୍ଚ୍ଚନା ଓ ଆଳତି କରି ଭୋଗ ଲାଗି କରିଥିଲେ । ଏହି ସମୟରେ ଉପସ୍ଥିତ ଥିବା ଶ୍ରଦ୍ଧାଳୁ ମାନଙ୍କୁ ଶ୍ରୀ ଜୀଉ ଙ୍କ ଅବିର ମଥା ରେ ଲେପନ କରାଯାଇଥିଲା । ଏହା ପରେ ବିମାନ ଶୋଭା ଯାତ୍ରା ରେ ଗ୍ରାମ ଦେବତୀ ବୁଢ଼ୀ ଜାଗୁଳାଇ ଠାକୁରାଣୀ ସମ୍ମୁଖ ରେ ଅଧିଷ୍ଠାନ ପରେ ଶ୍ରୀଜୀଉମାନଙ୍କର ବିମାନ ରେ ଚାଚେରୀ ବେଶ ଶୋଭା ଯାତ୍ରା ରେ ବାହାରି ପତରଜପୁର ଗ୍ରାମ ର ବିଜୟ ପରିମାଣିକ ଙ୍କ ଦାଣ୍ଡ ରେ ସ୍ଥାନୀୟ ଗ୍ରାମ ବାସୀଙ୍କ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଥିଲା । ଭୋଗ ଲାଗି ପରେ ଶୋଭା ଯାତ୍ରା ମାଧ୍ୟମ ରେ ଗ୍ରାମ ପରିକ୍ରମା କରି ମନ୍ଦିର କୁ ବିଜେ କରିଥିଲେ । ଆଗାମୀ ୨୭/୦୩/୨୦୨୪ ତିଥି - ଚୈତ୍ର କୃଷ୍ଣପକ୍ଷ ଦ୍ୱିତୀୟା ରାତ୍ର ରେ ବାଲିଚନ୍ଦ୍ରପୁର ଶ୍ରୀଜଗନ୍ନାଥ ହାଟ ମେଲଣ ରେ ଶୋଭା ଯାତ୍ରା ମାଧ୍ୟମ ରେ ଯାଇ ଶ୍ରଦ୍ଧାଳୁ ମାନଙ୍କୁ ଦର୍ଶନ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ପୂଜକ ଶ୍ରୀ କର ସୂଚନା ଦେଇଥିଲେ ।ଏହି ଚାଚେରୀ ବେଶକୁ ପରିଚାଳନା ରେ ସୁକାନ୍ତି ପରମାଣିକ, ପର୍ଶୁରାମ ପରମାଣିକ, ଅନନ୍ତ ସେଠୀ, ପ୍ରମୋଦ କୁମାର ସିଂ, ସରୋଜ କୁମାର ସିଂ, ତପନ କୁମାର ସିଂ, ଧନେଶ୍ୱର ସିଂ, ଶାନ୍ତି ଲତା ପରମାଣିକ ପ୍ରମୁଖ ଗ୍ରାମ ବାସୀ ଗଣ ସହଯୋଗ କରିଥିଲେ।

# ଗରୁଡ଼ କ୍ଷେତ୍ରରେ ତୃତୀୟ ସନ୍ଧ୍ୟା



**କୁଜଙ୍ଗ(ଅମୃତ ମିଡିଆ):** କୁଜଙ୍ଗ ବ୍ଲକ ଅନ୍ତର୍ଗତ ବାଲିକଣି ପଞ୍ଚାୟତ ର ବଡ଼ ବାଲିକଣି ଗ୍ରାମ ରେ ନିର୍ମିତ ଶ୍ରୀଜଗନ୍ନାଥ ମନ୍ଦିର ତଥା ଗରୁଡ଼ କ୍ଷେତ୍ର ନାମରେ ଅଭିହିତ ଶ୍ରୀଜଗନ୍ନାଥ କ୍ଷେତ୍ର ରେ ଭବ୍ୟ ମନ୍ଦିର ପ୍ରତିଷ୍ଠା ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ହେଉଅଛି ! ଏହି କାର୍ଯ୍ୟକ୍ରମ ର ତୃତୀୟ ସନ୍ଧ୍ୟା ରେ ପୂଜ୍ୟ ପୂଜକ ପଦ୍ମଶ୍ରୀ ବାବା ବଳିଆ ଙ୍କ କୃପାପାତ୍ର ଶିଷ୍ୟ ତଥା ଇଣ୍ଟରନାସନାଲ ଗୀତା ମିଶନ ର ଅଧ୍ୟକ୍ଷ ଡ଼ ସ୍ୱାମୀ ଚିଦାନନ୍ଦ ବ୍ରହ୍ମଚାରୀ କାର୍ଯ୍ୟକ୍ରମ କୁ ଉଦଘାଟନ କରି ଶ୍ରୀଜଗନ୍ନାଥ ସଂକୃତି ମାନବବାଦ ର ଆଧାରସ୍ଥଳୀ ବୋଲି ପ୍ରକାଶ କରିଛନ୍ତି ! ଏହି ଅବସରରେ ବାବଜି ପବିତ୍ର ଦାସ, ମଦନ ମୋହନ ଦାସ,ରାମାୟଣୀ ପଣ୍ଡିତ ଅଭୟ ଦାସ , ନିହାର ରଞ୍ଜନ ଦାସ, ଅଜୟ କେତନ ସାମନ୍ତରାୟ, ନୃସିଂହ ଚୌଧୁରୀ, ମଦନ ମୋହନ ରାଉତ ପ୍ରମୁଖ ମଞ୍ଚାସିନ ଅତିଥି ଭାବେ ଥିଲେ ! ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ତଥା ଜ୍ୟୋତିର୍ବିଦ ଡ଼ ଅରୁଣ କୁମାର ପାଣି ପ୍ରକାଶ କରିଛନ୍ତି ଯେ ଶ୍ରୀଜଗନ୍ନାଥ ଭକ୍ତ ବିସର ମହାନ୍ତି ଯେତେବେଳେ ବ୍ରହ୍ମ ଙ୍କୁ ଆଣିଥିଲେ ସେ ଏଇ ବାଲିକଣି ଗ୍ରାମ ପଟରେ ଆସି କାଳିକୁଦ ର ନିରଞ୍ଜନ ଗୋସ୍ୱାମୀ ଙ୍କ ପୀଠରେ ରାତ୍ରି ଯାପନ ଓ ପରେ ବାଲିକଣି ଦେଇ ଜିଲ୍ଲାନାସି ର ବରିହାଡିଆ ଗ୍ରାମରେ କୁଞ୍ଜକୋଠି ର ମହାତ୍ମା କୃଷ୍ଣକଳ୍ପତରୁ ଙ୍କୁ ପ୍ରଦାନ କରିଥିଲେ ! ତେଣୁ ଏହି ସ୍ଥାନ ବ୍ରହ୍ମଦିଆ ହୋଇଥିବାରୁ ବ୍ରହ୍ମଡ଼ିଆ ଏବଂ ପରବର୍ତ୍ତୀ ସମୟ ରେ ଅପଭ୍ରଂଶ ହୋଇ ବରିହା ଡିଆ ନାମରେ ନାମିତ ହୋଇଛି ! ଶ୍ରୀ ଜଗନ୍ନାଥ ଙ୍କ ସ୍ୱୟଂ ବ୍ରହ୍ମ ଏହିପଟେ ଯିବାରୁ ଆଜି ର ବାଲିକଣି ରେ ସ୍ୱପ୍ନାଦେଶ ରେ ଶ୍ରୀଜଗନ୍ନାଥ ଭବ୍ୟ ମନ୍ଦିର ଓ ବାରମ୍ବାର ଗରୁଡ଼ପକ୍ଷୀ ଆସି ବସିବା ଓ ଏହି ସ୍ଥାନ ଗରୁଡ଼ କ୍ଷେତ୍ର ନାମରେ ନାମିତ ହେବା ଏହାର ଜ୍ୱଳନ୍ତ ଉଦାହରଣ !

# ୨୧ ତମ ଜାତୀୟ ନାଟ୍ୟ ମହୋତ୍ସବ କ୍ୟାନଫେଷ୍ଟ୍ - ୨୦୨୪ ଉଦ୍‌ଘାଟିତ

**ପାରାଦୀପ(ଅମୃତ ମିଡିଆ):** ପାରାଦୀପ ତଥା ଦେଶର ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ କ୍ୟାନମାସ ପକ୍ଷରୁ ଆୟୋଜିତ ୨୧ ତମ ଜାତୀୟ ନାଟ୍ୟ ମହୋତ୍ସବ 'କ୍ୟାନଫେଷ୍ଟ-୨୦୨୪' ମଙ୍ଗଳବାର ସନ୍ଧ୍ୟାରେ ପାରାଦୀପ ବନ୍ଦରର ଜୟଦେବ ସଦନ ଠାରେ ଉଦଘାଟିତ ହୋଇଯାଇଛି। ଏହି ଅବସରରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ. ହରନାଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୮ ଦିନ ବ୍ୟାପି ଚାଲିବାକୁ ଥିବା ଏହି ମହୋତ୍ସବ କୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନ୍ଦର ଉପାଧ୍ୟକ୍ଷ



ନୀଳାଭ୍ର ଦାସଗୁପ୍ତା, ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ,ଶମ୍ଭୁନାଥ ଚକ୍ରବର୍ତ୍ତୀ,ଏ.କେ. ବୋଷ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି କ୍ୟାନମାସ ଗ୍ରୁପର ଦୀର୍ଘ ବର୍ଷର ଏହି ସଫଳ ଆୟୋଜନ ପାଇଁ ସେମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଉଦଘାଟନୀ କାର୍ଯ୍ୟକ୍ରମ ରେ କ୍ୟାନମାସ ର ସଭାପତି ଅତୁଲ୍ୟ କୁମାର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ସାଧାରଣ ସମ୍ପାଦକ ଶ୍ରୀମନ ନାରାୟଣ ମିଶ୍ର ମଞ୍ଚ ପରିଚାଳନା କରିଥିଲେ । ପ୍ରଥମ ଉଦଘାଟନୀ ସନ୍ଧ୍ୟାରେ ଲକ୍ଷ୍ନୌ ର ଦର୍ପଣ ଗ୍ରୁପ ଦ୍ୱାରା ଶୁଭଦୀପ ରାହା ଙ୍କ ନିର୍ଦ୍ଦେଶିତ ହିନ୍ଦୀ ଭାଷୀ ନାଟକ 'ସ୍ୱାହା' ମଞ୍ଚସ୍ଥ ହୋଇଥିଲା ଏହି ଜାତୀୟ ନାଟ୍ୟ ମହୋତ୍ସବ ଚଳିତ ମାସ ୧୯ ତାରିଖ ଠାରୁ ଆରମ୍ଭ ହୋଇ ୨୬ ତାରିଖ ଦୀର୍ଘ ଆଠଦିନ ଧରି ଚାଲିବ। ଏଥିରେ ଦେଶର ବିଭିନ୍ନ ପ୍ରାନ୍ତରୁ ବିଭିନ୍ନ ପ୍ରତିଷ୍ଠିତ ଥିଏଟର ଗ୍ରୁପ ଓ କଳାକାର ମାନଙ୍କ ଦ୍ୱାରା ନାଟକ ମଞ୍ଚସ୍ଥ ହେବ।

# ବିଶ୍ୱଶାନ୍ତି ମହାଯଜ୍ଞ ଶ୍ରୀଜଗନ୍ନାଥଙ୍କ ୨୪ବେଶ ଓ ୫୬ଭୋଗ ପ୍ରଦର୍ଶନ ପାଇଁ ପ୍ରସ୍ତୁତି

**କୁଜଙ୍ଗ(ଅମୃତ ମିଡିଆ):** କୁଜଙ୍ଗ ବ୍ଲକ ଅନ୍ତର୍ଗତ ଶାରଳା ମହାବିଦ୍ୟାଳୟ ରାହାମା ଖେଳ ପଡିଆରେ ନାମାଚାର୍ଯ୍ୟ ଶ୍ରୀମଦ ବାୟାବାବା ଭାଗବତ ପ୍ରଚାର ସମିତି,ରାହାମା ଆନୁକୂଲ୍ୟରେ ଆସନ୍ତା ତା ୨୫/୦୩/ ୨୦୨୪ ସୋମବାର ଦୋଳପୁର୍ଣିମା ଠାରୁ ତା ୦୧/୦୪/୨୦୨୪ ସୋମବାର ଦିନ ପର୍ଯ୍ୟନ୍ତ ଶ୍ରୀ ଜଗନ୍ନାଥ ସଂକୃତି ପ୍ରଚାର ପ୍ରସାର ନିମନ୍ତେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ମାର୍ଗଦର୍ଶନରେ ରାଷ୍ଟ୍ରୀୟ ଶ୍ରୀ ଜଗନ୍ନାଥ ମହିମା ପ୍ରଚାରକ ବ୍ରହ୍ମଚାରି ବାବା ସତ୍ୟାନନ୍ଦ ଦାସଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନ ରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଚବିଶ ବେଶ,ଛପନ ଭୋଗ ପ୍ରଦର୍ଶନ ସହିତ ବିଶ୍ୱର କଲ୍ୟାଣ ପାଇଁ ବିଶ୍ୱଶାନ୍ତି ମହାଯଜ୍ଞ ଓ ଶ୍ରୀମଦ ଭାଗବତ ସପ୍ତାହ ଜ୍ଞାନ ଯଜ୍ଞ କାର୍ଯ୍ୟକ୍ରମ ହେବାକୁ ଯାଉଅଛି ।ଏହି ଭବ୍ୟ ବିଶାଳ ଆଧାତ୍ମିକ କାର୍ଯ୍ୟକ୍ରମକୁ ଶ୍ରୀ ମନ୍ଦିର ଛତିଶା ନିଯୋଗ ନାୟକ ପାଟଯୋଶୀ ମହାପାତ୍ର,ବଡ଼ପଣ୍ଡା, ପୂଜାପଣ୍ଡା ଓ ପୂଜ୍ୟ ସାଧୁ ସନ୍ଥଙ୍କ ଦ୍ୱାରା ଶୁଭ ଉଦ୍ଘାଟନ କରାଯିବ ।ନାମାଚାର୍ଯ୍ୟ ଶ୍ରୀମଦ ବାୟାବାବା ଭାଗବତ ପ୍ରଚାର ସମିତି ରାହାମା ତାର ଦ୍ୱାଦଶ ବାର୍ଷିକ ଭାଗବତ ସପ୍ତାହ ପାଳନ ପୂର୍ତ୍ତି ଅବସରରେ ଏହି ବିଶାଳ କାର୍ଯ୍ୟକ୍ରମ ପାଇଁ ଏକ ପ୍ରସ୍ତୁତି ବୈଠକ ରାହାମା କଲେଜ ବାୟା ମଣ୍ଡପରେ



ସମାଜସେବୀ ଆଡ଼ଭୋକେଟ ଡ. ସୁନାକର ବେହେରାଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ସଭାପତି ରବିନାରାୟଣ ସାହୁଙ୍କ ଅନୁରୋଧରେ ବ୍ରହ୍ମଚାରୀ ବିଭୁଦତ୍ତ ମହାରାଜ ଉକ୍ତ ମହାନ କାର୍ଯ୍ୟ ନିମନ୍ତେ ଦିଗଦର୍ଶନ ଦେଇ କହିଥିଲେ ଜଗତସିଂହପୁର ଜିଲ୍ଲାରେ ଚବିଶ ବେଶ ଓ ଛପନ ଭୋଗ ପ୍ରଥମକରି ଅନୁଷ୍ଠିତ ହେଉଥିବାରୁ ଶ୍ରୀ ଜଗନ୍ନାଥ ସଂକୃତି ର ଅଧିକ ପ୍ରଚାର ପ୍ରସାର ପାଇଁ ଉପଯୁକ୍ତ ପଦକ୍ଷପ କମିଟି ନେବା ଆବଶ୍ୟକ ।ଶନିବାର ଦିନ ଏହି ମହାନ ଭବ୍ୟ ଓ ବିଶାଳ ଆଧାତ୍ମିକ କାର୍ଯ୍ୟ ନିମନ୍ତେ ଭୂମିପୂଜନ କରାଯାଇ ଥିଲା ।ଆଚାର୍ଯ୍ୟ ବିଷ୍ଣୁ ନାରାୟଣ ପାଢ଼ୀ ଓ ଅଧିକାରୀ ରମାକାନ୍ତ ଦାସ, ମହାରଣା ରୋହିତ ସୁତାର ଇତ୍ୟାଦି ବହୁ ଆଧାତ୍ମିତ ପ୍ରେମୀ କର୍ମକର୍ତ୍ତା ଓ ଜ ନ ସା ଧା ର ଣ ଯୋଗଦେଇଥିଲେ ।ଅନୁଷ୍ଠାନର ସମ୍ପାଦକ ଡ. ବେହେରା ସମସ୍ତ ଶ୍ରୀ ଜଗନ୍ନାଥ ପ୍ରେମୀ ମାନଙ୍କୁ ଏହି ଭବ୍ୟ ବିଶାଳ ଆଧାତ୍ମିକ କାର୍ଯ୍ୟକ୍ରମରେ ଯୋଗଦେବାକୁ ନିବେଦନ କରିଛନ୍ତି।

# ରିଲାଏନ୍ସ ପେଟ୍ରୋଲ ପମ୍ପର ବେଆଇନ କାରବାର ବିରୋଧରେ ଅଭିଯୋଗ

**କେନ୍ଦ୍ରାପଡ଼ା(ଅମୃତ ମିଡିଆ):** କେନ୍ଦ୍ରାପଡା ରିଲାଏନ୍ସ ପେଟ୍ରୋଲ ପମ୍ପର ବେଆଇନ ପେଟ୍ରୋଲ କାରବାର ବିରୋଧରେ ପ୍ରଦେଶ କଂଗ୍ରେସ ପ୍ରଚାର କମିଟି ସଦସ୍ୟ ଆଇନଜୀବୀ ବିଧୁଭୂଷଣ ମହାପାତ୍ର ବେସାମରିକ ଯୋଗାଣ ଅଧିକାରୀ ଓ କେନ୍ଦ୍ରାପଡା ସଦର ଥାନାରେ ଅଭିଯୋଗ କରିଥିବା ସୂଚନା ଦେଇଛନ୍ତି । ତାଙ୍କ ଅଭିଯୋଗ ଅନୁଯାୟୀ ଗତ ସପ୍ତାହରେ ପେଟ୍ରୋଲ ଓ ଡିଜେଲ ଦର ୨ଟଙ୍କା କରି ହ୍ରାସ ପାଇଥିବା ବେଳେ ଦୁହୁରିଆ ନିକଟସ୍ଥ



ରିଲାଏନ୍ସ ପେଟ୍ରୋଲ ପମ୍ପ ଗତ ୭ତାରିଖରୁ ୧୪ତାରିଖ ମଧ୍ୟରେ ଏକଟଙ୍କା କମ୍ ଦରରେ ଗଛିତ ଥିବା ସମସ୍ତ ପେଟ୍ରୋଲ ଓ ଡିଜେଲକୁ ବିକ୍ରୀ କରିଦେଇଛନ୍ତି। ଭାରତ ସରକାରଙ୍କ ତେଲ ଦର ହ୍ରାସ ଜନିତ ଖବର କେଉଁଠୁ ଲିକ ହୋଇଥିବାରୁ ଏସମ୍ପର୍କରେ ଖବର ପାଇ ସଂପୃକ୍ତ ରିଲାଏନ୍ସ ପେଟ୍ରୋଲ ପମ୍ପ ମାଲିକ ଏଭଳି ନିୟମ ବିରୁଦ୍ଧ କାର୍ଯ୍ୟ କରିଛନ୍ତି। ଏହା ସମ୍ପୂର୍ଣ୍ଣ ବେଆଇନ ବୋଲି ଆଇନଜୀବୀ ଶ୍ରୀ ମହାପାତ୍ର ଅଭିଯୋଗ କରି ଏହା ବିରୋଧରେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏସମ୍ପର୍କରେ ସଂପୃକ୍ତ ପେଟ୍ରୋଲ ପମ୍ପ ମାଲିକଙ୍କୁ ଯୋଗାଯୋଗ କରାଯାଇଥିଲେବି ସେ କୌଣସି ଉତର ଦେଇନାହାନ୍ତି।

# ନୂତନ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



**କେନ୍ଦ୍ରାପଡ଼ା(ଅମୃତ ମିଡିଆ):** କେନ୍ଦ୍ରାପଡାରେ ନୂତନ ଭାବରେ ଯୋଗଦେଇଥିବା ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପୂର୍ବତନ କର୍ମଚାରୀ ରାଜକିଶୋର ଲେଙ୍କା ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ନାଗଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏଥିସହିତ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ବିଜ୍ଞାନ ପରିଦର୍ଶକ ନିଶିଥ କୁମାର ବାରିକ, କର୍ମଚାରୀ ଚିତ୍ତରଞ୍ଜନ କବି, ପ୍ରିୟରଞ୍ଜନ ବିଶ୍ୱାଳ, ପ୍ରକାଶ କୁମାର ପଣ୍ଡା, ପ୍ରକାଶ କୁମାର ବେହେରା, ବିପିନ ଚନ୍ଦ୍ର ବିଶ୍ୱାଳ, ନାରାୟଣ ପ୍ରସାଦ ଲେଙ୍କା, ସନ୍ତୋଷ କୁମାର, ସଞ୍ଜୟ କୁମାର ସାମଲ, କିଶୋର ବଲ୍ଲଭ ସାମଲ, ଅମୀୟ କୁମାର ନାୟକ, ସୁବାଷ ଚନ୍ଦ୍ର ମହାନ୍ତି, ରାଜକିଶୋର ନାୟକ, ଜଗନ୍ନାଥ ସାହୁ ପ୍ରମୁଖ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ। ଶ୍ରୀ ନାଗ ଏଥିପୂର୍ବରୁ ନବରଙ୍ଗପୁରର ଜିଲ୍ଲା ଶିକ୍ଷା ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ।

# ବାହାକୁଦ ଫେରୀଘାଟ ନିଲାମ ଘୁଞ୍ଚିଲା

**ମାର୍ଶାଘାଇ(ଅମୃତ ମିଡିଆ):** ଜମ୍ବୁ ସାମୁଦ୍ରୀକ ଥାନା ଅନ୍ତର୍ଗତ ରାମନଗର ପଞ୍ଚାୟତର ବାହାକୁଦ- ପାରାଦ୍ୱୀପ ମୂଷାଡ଼ିଆ ଫେରିଘାଟ ର ନିଲାମଧାରୀ ନ ମିଳିବାରୁ ପ୍ରଶାସନ ତରଫରୁ ଏହାକୁ ରଦ୍ଦ କରାଯାଇ ଅନ୍ୟ ଏକ ତାରିଖ ରେ ନିଲାମ କରାଯିବାକୁ ଗଣ ମାଧ୍ୟମ କୁ ସୂଚନା ମିଳିଛି କ୍ଷ ସୋମବାର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକ୍ରିୟା ଶେଷ କରାଯାଇ ରାମନଗର ପଞ୍ଚାୟତରେ ମହାକାଳପଡ଼ା ବ୍ଲକ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ଇତିଶ୍ରୀ ପଣ୍ଡା , ରାମନଗର ପଂଚାୟତ ନିର୍ବାହୀ ଅଧିକାରୀ ବିଭୁରଞ୍ଜନ ସାହୁ, ସରପଞ୍ଚ ମିଳନ ଦେବନାଥ, ବ୍ଲକ କର୍ମଚାରୀ ଚିତ୍ତ ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ କ୍ଷ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଜମ୍ବୁ ସାମୁଦ୍ରିକ ପୋଲିସ ପକ୍ଷରୁ ପୋଲିସ ମୁତୟନ ମଧ୍ୟ କରାଯାଇଥିଲା କ୍ଷଦୀର୍ଘ ସମୟଧରି ପ୍ରଶାସନ ଅପେକ୍ଷା କରିଥିଲେ ବି କେହି ନିଲାମଧାରୀ ଭାଗ



ନେଇ ନ ଥିଲେ କ୍ଷ ଗତ ବର୍ଷ ୩ ଜଣ ବିଡର ନିଲାମ ରେ ଭାଗ ନେଇଥିବା ବେଳେ ସୋମବାର ସମସ୍ତେ ପଂଚାୟତ କାର୍ଯ୍ୟାଳୟ ନିକଟରେ ଉପସ୍ଥିତ ଥିଲେ ବି କେହି ଅମାନତ ରାଶି ଜମା କରି ନ ଥିଲେ କ୍ଷ ଫଳରେ ପ୍ରଶାସନ ନିରାଶ ହୋଇ ଫେରି ଯାଇଥିଲେ କ୍ଷ ବାହାକୁଦ ରୁ ପାରାଦ୍ୱୀପ ମୂଷାଡ଼ିଆ କୁ ସଂଯୋଗ କରୁଥିବା ମହାନଦୀ ର ଏହି ଫେରିଘାଟ ଗତବର୍ଷ ୬୧ ଲକ୍ଷ ୬୪ ହଜାର ୯୦୦ ଟଙ୍କାରେ ଅମୀୟ ସ୍ୱାଇଁ ନିଲାମ ହାତେଇଥିଲେ କ୍ଷ ଏହି ଘାଟ ଦେଇ ଯନ୍ତ୍ର ଚାଳିତ ଡଙ୍ଗାରେ ଦୈନିକ ଶହ ଶହ ଲୋକ ପାରାଦ୍ୱୀପ କୁ ଯାଇଥାନ୍ତି କ୍ଷ ତେଣୁ ଅଧିକ ରାଜସ୍ୱ ମିଳିବ ବୋଲି ଆଶା କରି ଗତ ବର୍ଷ ଅଧିକ ରାଜସ୍ୱ ରେ ନିଲାମ ଯାଇଥିଲା କ୍ଷ ଚଳିତ ବର୍ଷ ପାଇଁ ଆଉ ଶତକଡା ୧୦ ଭାଗ ବୃଦ୍ଧି କରାଯାଇ ନିଲାମ ରାଶି ୬୭ଲକ୍ଷ ୮୧ ହଜାର କୁ ମୂଳ ରାଶି ଭାବେ ଧାର୍ଯ୍ୟ କରାଯାଇଥିଲା କ୍ଷ ନିଲାମଧାରୀ ଙ୍କ ଭିତରେ ପ୍ରତିଯୋଗିତା ଯୋଗୁଁ ଗତ ବର୍ଷ ରେକର୍ଡ ପରିମାଣରେ ନିଲାମ ହୋଇଥିଲେ ବି ସେହି ଅନୁସାରେ ରାଜସ୍ୱ ନ ମିଳି ପାରିବାରୁ ଗତବର୍ଷର ନିଲାମଧାରୀ କ୍ଷତିଗ୍ରସ୍ତ ହୋଇଥିବାରୁ ଚଳିତ ବର୍ଷ ନିଲାମ ରେ ଭାଗ ନେବାକୁ ଅନିଚ୍ଛା ପ୍ରକାଶ କରି ରୋକ ଠୋକ ପ୍ରଶାସନକୁ ଜଣାଇ ଦେଇଥିଲେ କ୍ଷ ତାଙ୍କ ସହିତ ପ୍ରତିଦ୍ୱନ୍ଦିତା କରୁଥିବା ଅନ୍ୟ ନିଲାମଧାରୀ ମଧ୍ୟ କ୍ଷତିର ଆଶଙ୍କା କରି ଭାଗ ନେଲେ ନାହିଁ କ୍ଷ ତେବେ ଜିଲ୍ଲାରେ ସର୍ବାଧିକ ରାଜସ୍ୱ ଦେଉଥିବା ଏହି ଫେରିଘାଟ ର ନିଲାମ ପାଇଁ ପୁନର୍ବାର ଦିନ ଧାର୍ଯ୍ୟ କରାଯାଇ ବିଜ୍ଞପ୍ତି ପ୍ରକାଶ କରାଯିବ ବୋଲି ରାମନଗର ପଂଚାୟତ ନିର୍ବାହୀ ଅଧିକାରୀ ବିଭୁ ରଞ୍ଜନ ସାହୁ ଙ୍କ ଠାରୁ ସୂଚନା ମିଳିଛି।

# ୫୫ ନମ୍ବର ଜାତୀୟ ରାଜପଥରେ ଚାଲିଗଲା ଏକ ନିରୀହ ଜୀବନ

**ଟାଙ୍ଗୀ -ଚୌଦ୍ୱାର (ଅମୃତ ମିଡ଼ିଆ) :** କଟକ ଜିଲ୍ଲା ଚୌଦ୍ୱାର ଧୂମାବତୀ ୫୫ ନମ୍ବର୍ ରାଜପଥରେ ଏକ ଟ୍ରକ ଜଣେ ନିରୀହ ଯୁବକକୁ ଧକ୍କା ଦେଇଥିଲା କ୍ଷ ଫଳରେ ତାର ଘଟଣା ସ୍ଥଳରେ ମୃତ୍ୟୁ ହୋଇଯାଇଥିଲା କ୍ଷ ଏହି ସୂଚନାପାଇ ପରିବାର ଲୋକମାନେ ଘଟଣା ସ୍ଥଳରେ ପହଂଚିଥିଲେ କ୍ଷ ପ୍ରକାଶ ଯେ ନିକଟସ୍ଥ ପାଇକେରାପୁର୍ ର ସୋମନାଥ ସ୍ୱାଇଁ (ପପୁନି ) ବୟସ ୨୧ ବର୍ଷ ପିତା ଗଗନ ସ୍ୱାଇଁ ଆଜି ସକାଳେ ଏକ ସ୍କୁଟିରେ କର୍ମ କ୍ଷେତ୍ରକୁ ଯାଉଥିବା ସମୟରେ ଧୂମାବତୀ



ଠାରେ ଏହି ଦୁର୍ଘଟଣା ହୋଇଥିଲା କ୍ଷ ସେଠାରେ ୩ ଟି ପରିବାର ର ଗୋଟିଏ ଗେଲ୍ହା ପୁଅର ଶବକୁ ଦେଖି ତାର ମା ମାନେ କାନ୍ଦି ବୋବାଳି ଚିତ୍କାର କରିବା ସହ ରାସ୍ତା ଯାମ୍ କରିବା ସହିତ ହାତରେ ପଥର ଟେକା ଫୋପାଡ଼ି ଥିଲେ। ରାଜପଥ ବିଭାଗର ଦୂରଦୃଷ୍ଟିର ଅଭାବ ରୁ ଏବଂ ସରକାରଙ୍କର ଅବହେଳାରୁ ଏହିଭଳି ବହୁ ନିରୀହ ଜୀବନ ହାନି ହୋଇସାରିଲାଣି।

# ଦନ୍ତାର ଉପଦ୍ରବରେ ମହିଳା ଗୁରୁତର

**ବାରିପଦା(ଅମୃତ ମିଡିଆ):** ହାତୀ ଉପଦ୍ରବ ରେ ଜନୈକା ମହିଳା ଗୁରୁତର ଆହତ ହୋଇଥିବାର ଜଣାଯାଇଛି। ତାଙ୍କର ଗୋଡ ଭାଙ୍ଗି ଯାଇଥିବାବେଳେ ଏଭଳି ଏକ ଅଭାବନୀୟ ଘଟଣା, ମୟୂରଭ ଜିଲ୍ଲା, ବେତନଟୀ ରେଞ୍ଜ ଅଧିନ ଗଡଦେଉଳିଆ ପଂଚାୟତର ଶ୍ରୀବସ୍ତପୁର(ମହୁଲିଆ )ଗ୍ରାମ ରେ ଘଟିଛି। ମିଳିଥିବା ସୂଚନା ମୁତାବକ ବୁଧବାର ଭୋର ୩ଟା ସମୟ ରେ ଏକ ଗୋଠ ଛଡା ଦ'। ହାତୀ ଅଚାନକ ଗ୍ରାମକୁ ପ୍ରବେଶ କରିଥିଲା। ରାତିରେ ବର୍ଷା ହେଉଥିବାରୁ ହାତୀ ଆସିବାର ଖବର ପାଇ ନଥିଲେ ଗ୍ରାମବାସୀ ।ଠିକ୍ ଏତିକି ବେଳେ ହାତୀଟି ଗ୍ରାମର ସଲମା ହେମ୍ବ୍ରମଙ୍କ ଘରକୁ ପ୍ରବେଶ କରି ଘର କାନ୍ଥ ଭାଙ୍ଗିଥିଲା। କାନ୍ଥ ଭାଙ୍ଗିଲା ବେଳେ କାନ୍ଥଟି ଭିତର ପଟୁ ଶୋଇଥିବା ସଲମାଙ୍କ ପୁଅ ଜଳେନ୍ଦ୍ର ଓ ବୋହୁ ଜବା ଙ୍କ ଉପରେ ପଡିଥିଲା। ତେବେ ପୁଅ ଜଳେନ୍ଦ୍ର ଙ୍କ କିଛି ହୋଇନଥିବା ବେଳେ ବୋହୁ ଜବାଙ୍କ ଗୋଡ଼ ଭାଙ୍ଗି ଯାଇଥିବାର ଜଣାପଡିଛି। ହାତୀଟି ଧାନବସ୍ତାକୁ ଟେକି ନେଇ ବାହା ରେ ଖାଉଥିବା ବେଳେ ହାତୀର ଗତିବିଧିକୁ ଲକ୍ଷକରୁଥିବା ବନବିଭାଗର ଏକ ଟିମ ହାତୀକୁ ଘଉଡ଼ାଇବା ସହିତ ଗୁରୁତର ମହିଳାଙ୍କୁ ନିଜ ଗାଡିରେ ବୈଶିଙ୍ଗା ଡାକ୍ତରଖାନାକୁ ନେଇଥିଲେ। ବୈଶିଙ୍ଗା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବାଲେଶ୍ୱର ଜିଲ୍ଲା ମୂଖ୍ୟ ଡାକ୍ତରଖାନାକୁ ସ୍ଥାନା'ରିତ କରାଯାଇଥିବାର ଜଣାପଡିଛି। ହାତୀଟି ନିକଟସ୍ଥ କ୍ଷୀରପଦା ଓ ବଡାମ ଜଙ୍ଗଲରେ ରହିଥିବାରୁ ଲୋକେ ଭୟଭୀତ ଅବସ୍ଥା ରେ ରହିଛନ୍ତି।

## ବରିଷ୍ଠ ଡାକ୍ତରଙ୍କୁ ଦୁର୍ବ୍ୟବହାର ଘଟଣାର ସମାଧାନ

**ବୌଦ୍ଧ (ଅମୃତ ମିଡିଆ) :** ବୌଦ୍ଧଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଜଣେ ବରିଷ୍ଠ ଡାକ୍ତରଙ୍କୁ ଜିଲ୍ଲାପାଳ ଓ ଏସପି ଗତ ଶୁକ୍ରବାର ଦିନ ଦୁର୍ବ୍ୟବହାର କରିଥିବା ନେଇ ଜିଲ୍ଲା ଡାକ୍ତର ସଂଘ ପକ୍ଷରୁ ଅଭିଯୋଗ କରାଯାଇ ଆନ୍ଦୋଳନ ଡାକରା ଦେଇଥିଲା । ଶନିବାର ଦିନ ଠାରୁ ଜିଲ୍ଲାର ସମସ୍ତ ଡାକ୍ତର ଓ କର୍ମଚାରୀ ମାନେ କଳାବ୍ୟାଚ ପିନ୍ଧି କାର୍ଯ୍ୟ କରିବା ସହ ଆନ୍ଦୋଳନ ଚଳାଇଥିଲେ । ଦୀର୍ଘ ଦୁଇ ଦିନ ପରେ ସୋମବାର ଦିନ ଏହି ଘଟଣାର ସାମାଧାନ ହୋଇଥିବା ଜଣାପଡିଛି । ଜିଲ୍ଲା ମୁଖ୍ୟଚିକିତ୍ସାଳୟ ପରିସରରେ ଥିବା ଜାତୀୟ ସ୍ୱାସ୍ଥ୍ୟ ମିଶନ ତାଲିମ କେନ୍ଦ୍ରଠାରେ ଅପରାହ୍ନରେ ଓମସାର ଏକ ପ୍ରତିନିଧି ମଣ୍ଡଳୀ ଓ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକଙ୍କ ମଧ୍ୟରେ ଦୀର୍ଘ ସମୟ ଧରି ଆଲୋଚନା ହୋଇଥିଲା। ଶେଷରେ ଉଭୟ ଅଧିକାରୀ ସେଦିନ ଘଟଣା ପାଇଁ ଅନୁତପ୍ତ ପ୍ରକାଶ କରିବା ପରେ ଘଟଣାର ସମାଧାନ ହୋଇଥିବା ବିଭାଗ ପକ୍ଷରୁ ଜଣାଯାଇଥିଲା । ବୈଠକରେ ଜିଲ୍ଲାର ସମସ୍ତ ଡାକ୍ତର ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

## ତହସିଲ ପ୍ରଶାସନ ପକ୍ଷରୁ ହଟାଗଲା ଦଳୀୟ ପୋଷ୍ଟର



**ବାଲିଅନ୍ତା (ଅମୃତ ମିଡିଆ) :** ୨୦୨୪ ସାଧାରଣ ନିର୍ବାଚନ ତାରିଖ ଘୋଷଣା ଓ ନିର୍ବାଚନ ଆଚରଣ କଟକଣା ଲାଗୁହେଲା ପରେ ଆଜି ବାଲିଅନ୍ତା ତହସିଲ ଅନ୍ତର୍ଭୁକ୍ତ ଅଞ୍ଚଳରେ ଲାଗିଥିବା ଦଳୀୟ ପୋଷ୍ଟର ହଟାଯାଇଛି । ତହସିଲଦାର ବିମଳ କୁମାର ଲେଙ୍କାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଜି ରାଜସ୍ୱ ନିରୀକ୍ଷକ ସୁପର ଭାଇଜର, ରାଜସ୍ୱ ନିରୀକ୍ଷକ ପ୍ରଥମେ ଟଙ୍କପାଣି ସେତୁ ନିକଟରେ ଲାଗିଥିବା ଆଞ୍ଚଳିକ ଓ ଜାତୀୟ ଦଳର ପୋଷ୍ଟର ହଟାଇଥିଲେ। ସେହିପରି ଜଗନ୍ନାଥ ସଡ଼କ ପାର୍ଶ୍ୱ ଓ ବିଭିନ୍ନ ଛକରେ ଲାଗିଥିବା ପୋଷ୍ଟର ଗୁଡିକୁ ମଧ୍ୟ ହଟାଇଥିଲେ। ଏଥିସହ ସରକାରୀ ପୋଷ୍ଟରଗୁଡିକ କଳାଜରି ସାହାଯ୍ୟରେ ଘୋଡାଇଥିଲେ। ଏବଂ କାନ୍ଥରେ ଅଙ୍କା ଯାଇଥିବା ଦଳୀୟ ପ୍ରଚାରକୁ ମଧ୍ୟ ଲିଭାଇଥିଲେ।

## ଅଜଣା ମୃତଦେହ ଉଦ୍ଧାର

**ବାଲୁଗାଁ (ଅମୃତ ମିଡିଆ) :** ବୁଧବାର ଅପରାହ୍ନରେ ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଯାଇଛି । ବାଲୁଗାଁ ରେଳ ଷ୍ଟେସନ ଦକ୍ଷିଣ କ୍ୟାବିନ ନିକଟସ୍ଥ ପଞ୍ଚୁପୁଲିଆ ଶଙ୍ଖ ଠାରେ ଅଜଣା ଯୁବକଙ୍କ ଶବ ଏକ ଗଛରେ ଝୁଲୁଥିବାର ଦେଖିବାକୁ ମିଳିଛି । ଯୁବକ ଜଣକ ଏକ ମାଟିଆ ରଙ୍ଗର ଫୁଲ ପ୍ୟାଣ୍ଟ ପିନ୍ଧିଥିବା ବେଳେ ନାଲି ରଙ୍ଗର ଚେକ ସାର୍ଟ ପିନ୍ଧିଥିବା ଦେଖିବାକୁ ମିଳିଛି ।ଯୁବକଙ୍କ ଆନୁମାନିକ ବୟସ ୩୫ ହେବ ବୋଲି ଜଣାପଡିଛି ।ଘଟଣା ସ୍ଥଳରେ ପୋଲିସ ପହଞ୍ଚି କେଶ ନଂ ୪/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ବେଳେ ମୃତକଙ୍କ ପରିଚୟ ଅସ୍ପଷ୍ଟ ରହିଛି । ତଦନ୍ତ ପରେ ଘଟଣାର ପ୍ରକୃତ ରହସ୍ୟ ଜଣାପଡିବା ନେଇ ଆଇଆଇସି ଜୟ ପ୍ରକାଶ ପରିଡା ସୂଚନା ଦେଇଛନ୍ତି ।

## କାଳବୈଶାଖୀ ପ୍ରଭାବରେ ବଜାରଘାଟ ଶୂନଶାନ୍



**ବାଲୁଗାଁ (ଅମୃତ ମିଡିଆ) :** କାଳବୈଶାଖୀ ପ୍ରଭାବରେ ବଜାର ଘାଟ ଶୁନଶାନ ଦେଖିବାକୁ ମିଳିଛି ।ବାଲୁଗାଁ ତଥା ଆଖପାଖ ଅଞ୍ଚଳରେ ମଙ୍ଗଳବାର ଅପରାହ୍ନରୁ ଝିପିଝିପି ବର୍ଷା ଲାଗିରହିଥିବା ବେଳେ ଆଜି ସକାଳୁ ପ୍ରବଳ ବର୍ଷା ଲାଗିରହିଛି । ଯାହାଫଳରେ ରାସ୍ତାଘାଟ ଅଦିନିଆ ବର୍ଷାରେ ବେହାଲ ହୋଇପଡ଼ିଛି । ସାଧାରଣ ଜନତା ଘରୁ ବାହାରିବା ଅସମ୍ଭବ ହୋଇପଡିଛି । ବାଲୁଗାଁ ବଜାରରେ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ଡାକ ଘର ସମେତ କିଛି ଦୋକାନ ଖୋଲା ରହିଥିବାବେଳେ ସାଧାରଣ ଲୋକଙ୍କ ଚଳପ୍ରଚଳ ଦେଖିବାକୁ ମିଳିନାହିଁ । ଫଳରେ ବଜାର ଘାଟ ଖାଁ ଖାଁ ପାଲଟିଛି । ଆଞ୍ଚଳିକ ପାଣିପାଗ ବିଭାଗ ସୂଚନା ଅନୁଯାୟୀ ପ୍ରବଳ ବର୍ଷା, ଘଡଘଡି ସାଙ୍ଗକୁ ଜୋରରେ ପବନ ବହିବା ନେଇ ବାଲୁଗାଁ ଏନଏସି ପକ୍ଷରୁ ଡ଼ାକବାଜି ଯନ୍ତ୍ର ଯୋଗେ ଜନସାଧାରଣଙ୍କୁ ସଚେତନ କରାଯିବାସହ କାଳବୈଶାଖୀ ନଟଳିବା ପର୍ଯ୍ୟନ୍ତ ମସ୍ୟଜୀବୀ ଓ ଯାତ୍ରୀବାହୀ ଡଙ୍ଗା ଚାଳନା ବାରଣ କରାଯାଇଛି ।

## ବାଲିଅନ୍ତା ପୋଲିସ ପକ୍ଷରୁ ଫ୍ଲାଗ ମାର୍ଚ୍ଚ



**ବାଲିଅନ୍ତା (ଅମୃତ ମିଡିଆ) :** ୨୦୨୪ ସାଧାରଣ ନିର୍ବାଚନ ଦୃଷ୍ଟିରେ ରଖି ଅଞ୍ଚଳରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ସହ ନିର୍ବାଚନକୁ ସୁରୁଖୁରୁରେ ପ୍ରତିପାଦନ କରିବା ନିମନ୍ତେ ଆଜି ବାଲିଅନ୍ତା ଥାନା ପୁଲିସ ପକ୍ଷରୁ ଥାନା ଅଧିକାରୀ ରବିନ୍ଦ୍ର ନାଥ ମେହେରଙ୍କ ନେତୃତ୍ୱରେ ବାଲିଅନ୍ତା ଓ ବାଳକାଟି ବଜାରରେ ଫ୍ଲାଗ ମାର୍ଚ୍ଚ କରାଯାଇଥିଲା । ଏହି ଫ୍ଲାଗ ମାର୍ଚ୍ଚ ବାଳକାଟି ବଜାର ମୁଣ୍ଡରୁ ଆରମ୍ଭ ହୋଇ ଅଟୋଷ୍ଟାଣ୍ଡ, ମେଡିକାଲ ଛକ, କଲେଜ ଛକ ଓ ବାଳିକା ଉଚ୍ଚ ବିଦ୍ୟାଳୟ ଛକ ଦେଇ ଭାର୍ଗବୀ ସେତୁ ପର୍ଯ୍ୟନ୍ତ ଯାଇଥିଲା । ଏଥିରେ ଏକ ପ୍ଲାଟୁନ ପୁଲିସ ସମେତ ଥାନା ପୁଲିସ ଓ ବାଳକାଟି ଫାଣ୍ଡି ପୁଲିସ ସାମିଲ ହୋଇଥିଲେ । ଆଗକୁ ଏହି ଫ୍ଲାଗମାର୍ଚ୍ଚ ବିଭିନ୍ନ ପଞ୍ଚାୟତ ବା ଗ୍ରାମରେ ହେବ ବୋଲି ଥାନା ଅଧିକାରୀ କହିଛନ୍ତି ।

## ନିର୍ବାଚନକୁ ଆଖିରେ ରଖି ପ୍ରଶାସନ ପକ୍ଷରୁ ହୋଡିଂ ଉଚ୍ଛେଦ

**ବୌଦ୍ଧ (ଅମୃତ ମିଡିଆ) :** ଦେଶରେ ସାଧାରଣ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପଇଥିବା ବେଳେ ବୌଦ୍ଧ ଜିଲ୍ଲାରେ ମେ ୨୦ ତାରିଖରେ ସାଧାରଣ ନିର୍ବାଚନ ପାଇଁ ଭୋଟଗ୍ରହଣ ହେବ । ଜିଲ୍ଲାରେ ପ୍ରଶାସନ ପକ୍ଷରୁ ନିର୍ବାଚନକୁ ଶାନ୍ତି ଶୃଙ୍ଖଳା ସହ ଅବାଧ ଓ ସ୍ୱଚ୍ଛ ଏବଂ ନିରପକ୍ଷେ କରିବା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଛି । ବର୍ତ୍ତମାନ ପ୍ରଶାସନ ପକ୍ଷରୁ ନିର୍ବାଚନ ନିୟମ ଅନୁଯାୟୀ ଜିଲ୍ଲାରେ ଥିବା ୩ ଗୋଟି ବ୍ଲକ ଓ ବିଜ୍ଞାପିତ ଅଂଚଳ ପରିଷଦ ଅଞ୍ଚଳରେ ଲାଗିଥିବା ସରକାରୀ ହୋଡିଂ, ବ୍ୟାନର ଆଦି ଯୁଦ୍ଧକାଳୀନ ଭିତିରେ ହଟାଯାଉଥିବା ଦେଖିବାକୁ ମିଳିଛି । ଯେଉଁ ହୋଡିଂଗୁଡିକୁ ବାହାର କରାଯାଇପାରୁନାହିଁ ସେଗୁଡିକ ଜରି ଓ କପଡା ଲଗାଯାଇ ଘୋଡାଯାଉଥିବା ଦେଖିବାକୁ ମିଳିଛି । ପ୍ରଶାସନ ପକ୍ଷରୁ ଗତ ରବିବାର ଦିନ ନିର୍ବାଚନ ନେଇ ରାଜନୈତିକ ଦଳ ଗୁଡିକ ମଧ୍ୟରେ ଏକ ବୈଠକ ହୋଇଥିଲା । ବୈଠକରେ ଜିଲ୍ଲାପାଳ ଜେ. ସୋନାଲ ନିର୍ବାଚନ କମିଶନଙ୍କ ନିୟମ ଅନୁଯାୟୀ ନିର୍ବାଚନ ପରିଚାଳନା କରାଯାଉଥିବା କହିବା ସହ ଜିଲ୍ଲାରେ ଯେପରି ଅବାଧ ଓ ମୁକ୍ତ ନିର୍ବାଚନ ହୋଇପାରିବ ସେ ନେଇ ଗୁରୁତ୍ୱ ଦିଆଯାଉଥିବା କହିଥିଲେ । ବୈଠକରେ ବିଜେପି ଦଳର ଜିଲ୍ଲା ସଭାପତି ବିପ୍ରଚରଣ ମହାନ୍ତି ସରକାରୀ ବିଜ୍ଞାପନ ଥିବା ହୋଡିଂଗୁଡିକୁ ଘୋଡା ପାଇଥିବା ତାହା ବାହାରକୁ ଦେଖାଯାଉଥିବା କହିବା ସହ ସେଗୁଡିକ ଯେପରି ଦେଖାନଯିବ ଓ ହଟାଇବାକୁ ପଦକ୍ଷେପ ନେବାକୁ ଦାବି କରିଥିଲେ।

### ଶିକାରୀ ଗୁଳିମାଡ଼ ପରେ ପୋଲିସ ଓ ବନବିଭାଗ ସକ୍ରିୟ

## ୪ଦେଶୀ ବନ୍ଧୁକ ଓ ବନ୍ଧୁକ ତିଆରି ସାମଗ୍ରୀ ସହ ଜଣେ ଗିରଫ



**ନୀଳଗିରି (ଅମୃତ ମିଡିଆ) :** ଶିକାରୀଙ୍କ ଗୁଳିରେ ବନ କର୍ମଚାରୀ ଆହତ ହେବା ପରେ ସୁଖ ନିଦ୍ରାରେ ଶୋଇଥିବା ବନ ବିଭାଗ ସକ୍ରିୟ ହୋଇ ଉଠିଛି । ବନବିଭାଗ ପକ୍ଷରୁ ବନ୍ଧୁକ ଓ ଶିକାରୀ ମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢଉ ଚାଲିଛି । ଯାହାଫଳରେ ଶିକାରୀ ମାନଙ୍କ ମଧ୍ୟରେ କୋକୁଆ ଭୟ ଖେଳିଯାଇଛି । ଗତ ସୋମବାର ମଧରାତ୍ରୀରେ କୁଲଡ଼ିହା ଅଭୟାରଣ୍ୟ ମଧରେ ଦୁଇ ଶିକାରୀ ଗୁଳିମାଡ଼ରେ ଦୁଇ ବନକର୍ମଚାରୀ ଗୁରୁତର ହୋଇ କଟକ ବଡ଼ ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ଉଭୟ ବିପଦମୁକ୍ତ ଥିବା ପିସିସିଏଫ ସୂଚନା ଦେଇଛନ୍ତି । ତେବେ ଉକ୍ତ ଘଟଣାପରେ ବନବିଭାଗ ତତ୍ପର ହୋଇଛି । ଆଜି କୁଳଡିହା ରେଞ୍ଜର ପ୍ରବୀର ମୂର୍ମୁଙ୍କ ନେତୃତ୍ୱରେ ଫରେଷ୍ଟର ଭାଗ୍ୟଶ୍ରୀ, ଫରେଷ୍ଟ ଗାର୍ଡ, ସବୁଜବାହିନୀ ଓ ନୀଳଗିରି ପୋଲିସ ଏଏସଆଇ ଖଗେନ୍ ମଲ୍ଲିକ ଏବଂ କର୍ମଚାରୀଙ୍କ ମିଳିତ ଚଢାଉରେ ଔପଦା ବ୍ଲକ୍ କାଣ୍ଡଗରଡି ପଞ୍ଚାୟତ ମଲ୍ଲିବଣିଆ ଗ୍ରାମର ଜଗବନ୍ଧୁ ସିଂ (୫୩)ନାମକ ବ୍ୟକ୍ତିଙ୍କ ଘରୁ ଗୋଟିଏ ଲୌହ ବ୍ୟାରେଲ ବନ୍ଧୁକ, ୪ଟି ବ୍ୟାରେଲ୍ ନଥିବା ଦେଶୀ ବନ୍ଧୁକ, ୩ଟି ଲୁହାର ବ୍ୟାରେଲ, ୨ଟି କାଠ ତିଆରି ପିସ୍ତଲ, ଗୋଟିଏ ଡ୍ରିଲ ମେସିନ ସହ ବନ୍ଧୁକ ତିଆରି ବିଭିନ୍ନ ସାମଗ୍ରୀ ଜବତ କରାଯାଇଥିବା ସୂଚନା ମିଳିଛି । ତେବେ ଯାହା ଖବର ହସ୍ତଗତ ହୋଇଛି ଜଗବନ୍ଧୁଙ୍କ ଘରେ ଦେଶୀ ବନ୍ଧୁକ ତିଆରି କାରଖାନା ଚାଲୁଥିଲା । ଏନେଇ ନୀଳଗିରି ଥାନାରେ ୮୮/୨୪ରେ ମାମଲା ରୁଜୁ ହୋଇ ଅଧିକ ତଦନ୍ତ ଚାଲିଛି । ତେବେ ଦେଶୀ ବନ୍ଧୁକରେ ବ୍ୟବହୃତ ବିସ୍ଫୋରକ ସାମଗ୍ରୀ କେଉଁଠି ଆସୁଥିଲା କିଏ ଯୋଗାଉଥିଲା ତାହାକୁ ଯଦି ତଦନ୍ତ କରାଯାଏ ତେବେ ଜଙ୍ଗଲରେ ଜନ୍ତୁ ଶିକାର କମି ପାରନ୍ତା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

## ପଞ୍ଚଲିଙ୍ଗେଶ୍ୱର ଶୈବପୀଠ ଦାନବାକ୍ସ ଭାଙ୍ଗି ଲୁଟିନେଲେ ଲକ୍ଷାଧିକ ଟଙ୍କା



**ନୀଳଗିରି (ଅମୃତ ମିଡିଆ) :** ଏବେ ଲୁଟେରା ମାନେ ରାସ୍ତା ଉପରୁ ଛିନ୍ତାଇ ଛାଡ଼ି ମନ୍ଦିର ଗୁଡ଼ିକୁ ଟାର୍ଗେଟ କରୁଥିବାର ଦେଖିବାକୁ ମିଳିଛି । କିଛି ମାସ ପୂର୍ବରୁ ବରହମପୁର ଥାନା ଅଧୀନରେ ଗୋଟିଏ ରାତିରେ ଦୁଇଟି ମନ୍ଦିର ଚୋରୀ ପରେ ପୁଣି ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱର ପୀଠରେ ଗତ ମଙ୍ଗଳବାର ମଧରାତ୍ରିରେ କେହି ଦୁର୍ବୃତ୍ତ ମନ୍ଦିର ଦାନବାକ୍ସ ଭାଙ୍ଗି ଲକ୍ଷାଧିକ ଟଙ୍କା ଲୁଟ କରିଥିବା ଅଭିଯୋଗ ହୋଇଛି । ଦୈନନ୍ଦିନ ପରି ଚଳଚଞ୍ଚଳ ଉକ୍ତ ପୀଠଟି କୁଳଡିହା ଅଭୟାରଣ୍ୟ ମଧରେ ଆସୁଥିବାରୁ ଶହଶହ ସଂଖ୍ୟାରେ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଦର୍ଶନ କରିଥିବା ବେଳେ ସନ୍ଧ୍ୟା ପରେ ବର୍ଷା କାରଣରୁ ଲୋକଙ୍କ ଗହଳି କମିଥିଲା । ମନ୍ଦିରର ନୀତି ସେବା ସାରି ସେବକ ଓ କର୍ମଚାରୀ ଫେରି ଯାଇଥିଲେ । ଅନ୍ଧାର ଓ କୋହଲା ପାଗର ସୁଯୋଗ ନେଇ କେହି ଦୁର୍ବୃତ୍ତ ମନ୍ଦିର ବେଢ଼ାରେ ଥିବା ଦାନବାକ୍ସକୁ କଟର ସାହାଯ୍ୟରେ କାଟି ବାକ୍ସରେ ଥିବା ପ୍ରାୟ ଛଅ ମାସରୁ ଉର୍ଦ୍ଧ ଟଙ୍କା ଲୁଟି ନେଇଥିବା ଜଣାଯାଇଛି । ସକାଳେ ମନ୍ଦିର ସେବକ ଏବଂ ଟ୍ରଷ୍ଟ କର୍ମଚାରୀ ବାକ୍ସ ଭଙ୍ଗା ହୋଇଥିବା ଜାଣି ନୀଳଗିରି ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ବାରମ୍ବାର ଏଭଳି ଅଘଟଣ ଘଟୁଥିବାରୁ ପ୍ରଶାସନ ଅଧିକ ସଂଖ୍ୟକ ପୋଲିସ ମୁତୟନ କରିବା ପାଇଁ ଦାବୀ ହୋଇଛି । ଫଳରେ ମନ୍ଦିର ସୁରକ୍ଷିତ ରହିବା ସହିତ ପର୍ଯ୍ୟଟକ ଏବଂ ଶ୍ରଦ୍ଧାଳୁଙ୍କ ଧନଜୀବନ ସୁରକ୍ଷିତ ରହିପାରିବ ।

## ଲଘୁଚାପଜନିତ ବର୍ଷା ଯୋଗୁଁ ଉଜୁଡିଗଲା ଫସଲ



**ବିଂଝାରପୁର (ଅମୃତ ମିଡିଆ) :** ଗତକାଲିଠାରୁ ଜାରି ରହିଥିବା ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ବିଂଝାରପୁର ବ୍ଲକର ଶହ ଶହ ହେକ୍ଟର ମୁଗ ଫସଲ ଓ ପନିପରିବା ଫସଲର ବ୍ୟାପକ କ୍ଷତି ହୋଇଛି । କ୍ଷେତରେ ପାଣି ଜମିଥିବାରୁ ମୁଗ ଗଛ ଗୁଡିକ ଭୁଶୁଣ୍ଡି ଯିବାର ଯଥେଷ୍ଟ ସମ୍ଭାବନା ଦେଖାଦେଇଛି ।

**ଚାଷୀ ମୁଣ୍ଡରେ ଚଡକ**

ମୁଗର ପ୍ରଥମ ଛେକ ଫୁଲ ସବୁ ଝଡ଼ିଯିବା ଦ୍ୱାରା ମୁଗ ଛୁଇଁ ମଧ ଗଛ ମାନଙ୍କରେ ଆଶାନୁରୂପ ହେବନାହିଁ । ସେହିପରି ତରଭୁଜ ଚାଷ କରିଥିବା ଚାଷୀଙ୍କ ର ମଧ ତରଭୁଜ ସବୁ ପଚି ନଷ୍ଟ ହୋଇଯିବ ବୋଲି ଚାଷୀ ଆଶଙ୍କା ବ୍ୟକ୍ତ କରିଛନ୍ତି । ଏହାସହ ଚିନା ବାଦାମ ଫସଲର ମଧ ବ୍ୟାପକ କ୍ଷତି ହୋଇଛି । ଜମିରେ ପାଣି ଜମି ଥିବାରୁ ଚିନା ବାଦାମରେ ପୋକ ଲାଗିଯିବା ସହିତ ଗଜା ହେବାର ଯଥେଷ୍ଟ ସମ୍ଭାବନା ଦେଖାଦେଇଛି ବୋଲି ଚାଷୀମାନେ ମତ ବ୍ୟକ୍ତ କରିଛନ୍ତି । କଲ୍ୟାଣପୁର ଗ୍ରାମର ଚାଷୀ ସର୍ବଶ୍ରୀ ନନ୍ଦ କିଶୋର ସାମଲ, କୃଷ୍ଣଚନ୍ଦ୍ର ଜେନା, ମିନା ଜେନା, ଶତ୍ରୁଘନ ଜେନା, ଜଗବନ୍ଧୁ ଯେନା ଆଦି ପ୍ରାୟ ପଚାଶ ଏକର ଜମିରେ ମୁଗ ଚାଷ କରି ଲକ୍ଷାଧିକ ଟଙ୍କା ହାତ ଉଦ୍ଧର କରି ଥିଲେ ।କିନ୍ତୁ ମୁଗ କ୍ଷେତରେ ପାଣି ଜମିଯିବା ଦ୍ୱାରା ସେମାନଙ୍କ ଆହାର ମୁହଁରେ ପାହାର ହେଲାଭଳି ଦୁଃଖଦ ଘଟଣା ଘଟିଲା ବୋଲି ଦୁଃଖରେ ସମ୍ପୂର୍ଣ ଭାଙ୍ଗିପଡି କୋହଭରା କଣ୍ଠରେ କହିଥିଲେ । ସରକାରଙ୍କ ଠାରୁ ସେମାନେ ମଧ ମାଗଣା ମୁଗବିହନ ପାଇନାହାନ୍ତି । ଯେଉଁମାନଙ୍କୁ ମୁଗ ବିହନ ବଣ୍ଟନ ହୋଇଛି । ସେମାନେ ଚାଷ ନକରି ଘରେ ତାକୁ ଭାଜି ଡାଲି କରିଖାଇଦେଲେ । ଆଦୌ ଚାଷ କଲେ ନାହିଁ । କିନ୍ତୁ ମୁଗ ବିହନ ନଷ୍ଟ ହେବା ଯୋଗୁ କ୍ଷତିପୂରଣ ରାଶି ସରକାର ଦେଲେ ସେମାନେ ପ୍ରଥମେ ତାହାକୁ ହାତେଇବା ପାଇଁ ଉଦ୍ୟମ କରିବେ । ଏଣୁ ଅବିଳମ୍ବେ କୃଷି ବିଭାଗର ଅଧିକାରୀ ତୁରନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କ କ୍ଷେତକୁ ଆସି ସରଜମିନ ତଦନ୍ତ କରି ଲଘୁଚାପ ଜନିତ ବର୍ଷା ପ୍ରଭାବରେ କ୍ଷତିଗ୍ରସ୍ତ ମୁଗ ଚାଷୀ, ପରିବା ଚାଷୀଙ୍କୁ ଅବିଳମ୍ବେ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଚାଷୀ ନେତା ଭୁବନାନନ୍ଦ ସାମଲ, ସନାତନ ସାହୁ, ରବୀନ୍ଦ୍ର ଯେନା, ଶ୍ରୀକାନ୍ତ ପ୍ରଧାନ, ଧନେଶ୍ୱର ସାମଲ, ସୂର୍ଯ୍ୟମଣି ଦାଶ, ସୁଧୀର ଭୂୟାଁ, ସୀମାନ୍ତ ପାତ୍ର ଆଦି ସରକାରଙ୍କ ନିକଟରେ ଦୃଢ଼ ଦାବି କରିଛନ୍ତି ।

## ରେଳ ବିଭାଗରେ ଚାକିରି ଦେବା ନାଁରେ ୪୮ ଲକ୍ଷ ହଡପ

**ଦଶରଥପୁର (ଅମୃତ ମିଡିଆ) :** ଦଶରଥପୁର ବ୍ଲକ ଅଧିନସ୍ଥ କଟିଆ ସ୍ଥିତ କୃଷ୍ଣ ପ୍ରଧାନ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜ୍ୟୋତିରଞ୍ଜନ ସାମଲ(୪୨) ରେଳ ବିଭାଗରେ ଚାକିରୀ କରାଇଦେବାକୁ ପ୍ରତିଶୃତି ଦେଇ ବିଭିନ୍ନ

### ଥାନାରେ ମାମଲା

ପର୍ଯାୟରେ ଚାରି ଜଣ ବ୍ୟକ୍ତିଙ୍କ ଠାରୁ ୪୮ ଲକ୍ଷ ଠକି ନେଇଥିବା ସମ୍ପର୍କରେ ଅଭିଯୋଗକାରୀ ରମେଶ ମହାନ୍ତି ଦଶରଥପୁର ଥାନାରେ ଅଭିଯୋଗ କରିଛନ୍ତି । ଯାହାକୁ ଭିତ୍ତିକରି ଦଶରଥପୁର ପୁଲିସ କେଶ ନମ୍ବର ୪୬/୨୪ ରେ ଏକ ମାମଲା ରୁଜୁ କରି ସମ୍ପୃକ୍ତ ଶିକ୍ଷକଙ୍କୁ ଥାନାରେ ଅଟକ ରଖିଛି ପଚରା ଉଚରା ଜାରୀ ରଖିଛି ବୋଲି ଥାନା ଅଧିକାରୀ ବଦ୍ରିକାନାଥ ବେହେରା କହିଛନ୍ତି । ପ୍ରକାଶ ଥାଉକି ସମ୍ପୃକ୍ତ ଶିକ୍ଷକଙ୍କ ଘର ମଙ୍ଗଳପୁର ଥାନା ଜାଫରପୁର ପଂଚାୟତର ନାରୀଗାଁ ଗ୍ରାମରେ ଅଟେ ।

### ଛାତ୍ରଙ୍କୁ ଜାତିଆଣ ଆକ୍ଷେପ ଘଟଣା

## କାର୍ଯ୍ୟାନୁଷ୍ଠାନ ଦାବିକଲା ପାଣଗଣ୍ଡା ସମାଜ

**ବୌଦ୍ଧ (ଅମୃତ ମିଡିଆ) :** ବୌଦ୍ଧ ଜିଲ୍ଲା କଂଟାମାଳ ବ୍ଲକର ଯୋଗୀନ୍ଦ୍ରପୁର ଉଚ୍ଚ ବିଦ୍ୟାଳୟରେ ଗତ ଫେବୃୟାରୀ ୧୪ ତାରିଖ ସରସ୍ୱତୀ ପୂଜା ଦିନ ଜଣେ ଦଳିତ ଛାତ୍ରଙ୍କୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷକ ଓ ସଂସ୍କୃତ ଶିକ୍ଷୟତ୍ରୀ ଜାତିଆଣ ଆପେକ୍ଷ କରାଯାଇଥିବା ନେଇ ବୌଦ୍ଧ ଜିଲ୍ଲା ପାଣଗଣ୍ଡା ସମାଜ ବିକାଶ ପରିଷଦ ପକ୍ଷରୁ ଅଭିଯୋଗ ହୋଇଥିଲା । ଏନେଇ ପରିଷଦ ପକ୍ଷରୁ ସଂପୃକ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କ ବିରୁଦ୍ଧରେ କାର୍ଯ୍ୟନୁଷ୍ଠାନ ଦାବିକରି ଜିଲ୍ଲା ଶିକ୍ଷାଧିକାରୀଙ୍କ ଠାରେ ଅଭିଯୋଗ କରାଯାଇଥିଲା । ଏହି ଘଟଣାରେ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ସଂପୃକ୍ତ ସଂସ୍କୃତ ଶିକ୍ଷୟତ୍ରୀଙ୍କ ବିରୋଧରେ କାର୍ଯ୍ୟାନୂଷ୍ଠାନ ଗ୍ରହଣ କରାଯାଇଥିବା ବେଳେ ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା । ଏନେଇ ଆଜି ବୌଦ୍ଧ ଜିଲ୍ଲା ପାଣଗଣ୍ଡା ସମାଜ ବିକାଶ ପରିଷଦ ପକ୍ଷରୁ ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୌଦ୍ଧ ଜିଲ୍ଲା ପାଣଗଣ୍ଡା ସମାଜ ବିକାଶ ପରିଷଦର ସଂପାଦକ ସୁଧାଂଶୁ ଡାଙ୍ଗ ଜିଲ୍ଲାପାଳଙ୍କୁ ଏକ ଦାବୀ ପତ୍ର ପ୍ରଦାନ କରିଛନ୍ତି । ଆସନ୍ତା ୨୦ ତାରିଖ ସୁଧା ସଂପୃପ୍ତ ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ ତେବେ ଆସନ୍ତା ୨୧ ତାରିଖରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଓ କରାଯିବ ବୋଲି ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି ।

## ନୂତନ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଯୋଗଦାନ

**ଚିଲିକା (ଅମୃତ ମିଡ଼ିଆ) :** ଚିଲିକା ବ୍ଲକ୍‌ରେ ନୂତନ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାବେ ହଳଧର ଶବର ଯୋଗ ଦେଇଛନ୍ତି । ୨୦୧୫ ଓଏଏସ୍ ବ୍ୟାଚ୍ ର ଏହି ଅଧିକାରୀ ଗଜପତି ଜିଲ୍ଲାର ମୋହନା ବ୍ଲକ୍‌ରୁ ବଦଳି ହୋଇ ବିଦାୟୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜଗଦୀଶ ଷଡ଼ଙ୍ଗୀଙ୍କ ସ୍ଥାନରେ ଯୋଗ ଦେଇଛନ୍ତି । ଏହି ଅବସରରେ ଚିଲିକା ଅଧକ୍ଷା ଜ୍ୟୋସ୍ନାରାଣୀ ବେହେରା, ଉପାଧକ୍ଷ ଅରୁଣ କୁମାର ପଟ୍ଟନାୟକ ପ୍ରମୁଖ ଶ୍ରୀ ଶବରଙ୍କୁ କାର୍ଯ୍ୟାଳୟରେ ଭେଟି ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି । ଆଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନ ସହ ସମସ୍ତ ସରକାରୀ ଉନ୍ନୟନ କାର୍ଯ୍ୟକୁ ସେ ସୁଚାରୁ ଭାବେ ପରିଚାଳନା କରିବେ ବୋଲି ଗଣ ମାଧମର ପ୍ରତିନିଧି ଏବଂ ପଞ୍ଚାୟତ ସ୍ତରୀୟ ପ୍ରତିନିଧିଙ୍କୁ ସେ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି ।

## ନିର୍ବାଚନ ନିରପେକ୍ଷ ଭାବେ ପରିଚାଳନା କରିବା ନେଇ ପ୍ରଶାସନ ପକ୍ଷରୁ କାର୍ଯ୍ୟସୂଚୀ ଘୋଷଣା



**ଫୁଲବାଣୀ (ଅମୃତ ମିଡିଆ) :** ଭାରତର ନିର୍ବାଚନ ଆୟୁକ୍ତ ୧୬ତାରିଖରେ ରାଜ୍ୟରେ ୨୧ଟି ଲୋକସଭା ଏବଂ ୧୪୭ ଟି ବିଧାନସଭା ପାଇଁ ଏକକାଳୀନ ସାଧାରଣ ନିର୍ବାଚନ ନିମନ୍ତେ କାର୍ଯ୍ୟସୂଚୀ ଘୋଷଣା କରିଛନ୍ତି । ଏହି କ୍ରମରେ ରାଜ୍ୟରେ ଆଦର୍ଶ ଆଚରଣ ବିଧା ଲାଗୁ କରାଯାଇଛି । ନିର୍ବାଚନ ଆୟୁକ୍ତ ଙ୍କ ଘୋଷଣା ଅନୁଯାୟୀ କନ୍ଧମାଳ ଜିଲ୍ଲାରେ ପଞ୍ଚମ ପର୍ଯ୍ୟାୟର କାର୍ଯ୍ୟସୂଚୀ ଅନୁସାରେ ମତଦାନ ହେବ । କନ୍ଧମାଳ ଜିଲ୍ଲାପାଳ ଆଶିଷ ଇଶ୍ୱର ପାଟିଲ ଆଜି ଜିଲ୍ଲାର ସମସ୍ତ ଅଧିକାରୀ ମାନଙ୍କୁ ନେଇ ଭର୍ଚୁଆଲ୍ ମୋଡ଼ରେ ଏକ ବୈଠକର ଆୟୋଜନ କରି ଭାରତୀୟ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଲାଗୁ କରାଯାଇଥିବା ଆଦର୍ଶ ଆଚରଣ ବିଧି ଉପରେ ଆଲୋଚନା କରିଥିଲେ । ଏହାର ମୂଳ ଲକ୍ଷ୍ୟ ହେଲା ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନା କରିବା । ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣା ତାରିଖ ଠାରୁ ନିର୍ବାଚନ ଫଳାଫଳ ଘୋଷଣା ପରେ ନିର୍ବାଚନ ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ହେବ । ଏଥିରେ ରାଜନୈତିକ ଦଳ ଏବଂ ପ୍ରାର୍ଥୀଙ୍କ ସମେତ ସମସ୍ତ ସରକାରୀ କର୍ମଚାରୀଙ୍କୁ ମଧ ଅନ୍ତର୍ଭୁକ୍ତ କରାଯାଇଛି । ନିର୍ବାଚନ ପ୍ରଚାର ପାଇଁ କ'ଣ କରାଯିବ ଓ କରାଯିବ ନାହିଁ ସେ ନେଇ ପରାମର୍ଶ ଦେଇଥିଲେ । ପ୍ରଚାର ପାଇଁ ସରକାରୀ ଗାଡ଼ିର ବ୍ୟବହାର ଉପରେ ଥିବା କଟକଣା, ସଂପୃକ୍ତ ସରକାରୀ ଅଧିକାରୀଙ୍କର ଉପଯୁକ୍ତ ଅନୁମତି ବିନା ସଭା/ରାଲି/ଲାଉଡ୍ ସ୍ପିକର । ଗାଡି/ସାର୍ବଜନୀନ ପଡ଼ିଆ/ଗେଷ୍ଟ ହାଉସ୍ ଆୟୋଜନ ଉପରେ କଟକଣା, ରାଜନୈତିକ ବିଜ୍ଞାପନର ପ୍ରାକ୍ ସାର୍ଟିଫିକେସନ, ପେଡ୍ ନ୍ୟୁଜ୍ ଉପରେ ତଦାରଖ ଓ କାର୍ଯ୍ୟାନୁଷ୍ଠାନ, ନିର୍ବାଚନ ପକ୍ରିୟା ସମୟରେ ଗଣମାଧମ ଦ୍ୱାରା ସମ୍ବାଦ ପରିବେଷଣ ଆଳରେ ନିର୍ଦ୍ଦିଷ୍ଟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବା ଉପରେ ନଜର ରଖିବା ସହିତ କାର୍ଯ୍ୟାନୁଷ୍ଠାନ ନେବା, ନିର୍ବାଚନୀ ପୋଷ୍ଟର, ପାମ୍ଫ୍ଲେଟ୍, ହାର୍ଡିଲ ଓ ଅନ୍ୟାନ୍ୟ ପ୍ରଚାର ପତ୍ରରେ ପ୍ରକାଶକ ଓ ପ୍ରିଣ୍ଟରଙ୍କ ନାମ, ଠିକଣା ଓ ମୁଦ୍ରିତ କପିର ସଂଖ୍ୟା ସମ୍ମୁଖ ଭାଗରେ ସ୍ଥାନ ନ ପାଇଥିଲେ କାଯ୍ୟାନୁଷ୍ଠାନ ଗ୍ରହଣ କରିବା, ଭୋଟରଙ୍କୁ ପ୍ରଭାବିତ କରିବାର ପ୍ରଭାବ ଥିବା ନୂତନପ୍ରକଳ୍ପ/କାର୍ଯ୍ୟକ୍ରମ/ଆର୍ଥିକ ଅନୁଦାନ ଘୋଷଣା ଉପରେ କଟକଣା, ବ୍ୟକ୍ତିଗତ ଗସ୍ତରେ ଥିବା ସରକାରୀ ଅଧିକାରୀମାନେ ରାଜନୈତିକ ଅଧିକାରୀଙ୍କ ନିର୍ବାଚନୀ କାର୍ଯ୍ୟରେ ସହଯୋଗ ଉପରେ କଟକଣା, ଆଦର୍ଶ ଆଚରଣ ବିଧି ଉଲଙ୍ଘନ କ୍ଷେତ୍ରରେ ଟୋଲ ଫ୍ରି ନମ୍ବର ୧୯୫୦ ରେ ଅଭିଯୋଗ ଏବଂ ଅଭିଯୋଗ ମନିଟର ସିଷ୍ଟମ ୨୪ ଘଣ୍ଟିଆ କାର୍ଯ୍ୟକାରୀ ହେବା, ଜିଲ୍ଲାସ୍ତରରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକାରୀ ହେବା ଉପରେ ଜିଲ୍ଲା ନିର୍ବାଚନ ଅଧିକାରୀ ଆଲୋଚନା କରିଥିଲେ । ଏଜେନ୍ସି ମାନଙ୍କର ୱାର୍କ ଅର୍ଡର ଓ ତା'ର ଇସ୍ୟୁ ରେଜିଷ୍ଟର ସିଜ୍ କରିବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଯେଉଁ କାମ ପୂର୍ବରୁ ଆରମ୍ଭ ହୋଇଯାଇଛି ସେଗୁଡ଼ିକର ତାଲିକା ହେବା ପାଇଁ ମଧ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ବିନା ଅନୁମତିରେ କୌଣସି ବୈଠକ କରାଯିବ ନାହିଁ । ସି.ଭିଜିଲ୍ ଆପ୍‌ରେ କୌଣସି ଅଭିଯୋଗ ଆସିଲେ ଫ୍ଲାଇଙ୍ଗ୍ ସ୍କ୍ୱାର୍ଡ ଟିମ୍ ସେଠାକୁ ତୁରନ୍ତ ପଠାଯିବ ଏବଂ ଟିମ୍ ରିଟର୍ଣ୍ଣିଂ ଅଫିସରଙ୍କୁ ରିପୋର୍ଟ ପ୍ରଦାନ କରିବ । ଚାଲୁ ରହିଥିବା ସରକାରୀ ଯୋଜନାର ପ୍ରଚାର ପ୍ରସାର କରାଯିବ ନାହିଁ । ସରକାରୀ କାର୍ଯ୍ୟାଳୟ କିମ୍ବା ସର୍ବସାଧାରଣ ସ୍ଥାନରେ ଲଗାଯାଇଥିବା ପୋଷ୍ଟରଗୁଡ଼ିକୁ ତୁରନ୍ତ ହଟାଇବାକୁ କିମ୍ବା ସମ୍ପୂର୍ଣ୍ଣ କଭର କରିବାକୁ ଜିଲ୍ଲା ନିର୍ବାଚନ ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ । ପ୍ରଚାର ପାଇଁ ଫଟୋ ଲାଗିଥିବା ଆଶଙ୍କାରେ ଜିଲ୍ଲା ବାହାରୁ ଆସୁଥିବା ଗାଡ଼ି ଏପରିକି ଜିଲ୍ଲାର ସରକାରୀ ଅଧିକାରୀଙ୍କ ଗାଡ଼ିଗୁଡ଼ିକୁ ମଧ ଅଟକାଇ ଚେକ୍ କରିବାକୁ ଫ୍ଲାଇଙ୍ଗ୍ ସ୍କ୍ୱାଡ୍ ଟିମ ଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଥିଲା । ସେହିପରି, ପେଟ୍ରୋଲ୍ ପମ୍ପ ଲାଗିଥିବା ଫଟୋ ହଟାଇବାକୁ ନିର୍ଦ୍ଦେଶ ଦେବା ସହିତ ପ୍ରଚାର ପାଇଁ ବାହାରୁ ଆସିଥିବା ଏଲ୍ଇଡି ଭ୍ୟାନ୍ ଯୁକ୍ତ ଗାଡ଼ିକୁ ଅଟକାଇ ରାଜ୍ୟ ଏମ୍‌ସିଏମ୍‌ସିର ପ୍ରାକ୍ ସାର୍ଟିଫିକେସନ ହୋଇଛି କି ନା ଯାଞ୍ଚ କରିବାକୁ କୁହାଯାଇଥିଲା । ଏମପି ବା ଏମଏଲ୍ଏ ଲ୍ୟାଡ୍‌ରୁ ମିଳିଥିବା ଗାଡ଼ିରୁ ଫଟୋ ହଟାଯିବା ସହିତ କୌଣସି ଯୋଜନାରେ ନୂଆ ହିତାଧିକାରୀଙ୍କ ନାମ ଯୋଡ଼ା ଯିବ ନାହିଁ ବୋଲି କହିଥିଲେ । ଯଦି କୌଣସି ଅଧିକାରୀ, ସଂସ୍ଥା ଏବଂ ବ୍ୟକ୍ତି ବିଶେଷ ଏହି ଆଦର୍ଶ ଆଚରଣ ବିଧିକୁ ଉଲଂଘନ କରି କୌଣସି କାର୍ଯ୍ୟ କରନ୍ତି ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲା ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି ।




# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ସମ୍ମିଳନୀ

## ବଜ୍ରପାତ ବିଜ୍ଞାନ ଓ ନିରାପତ୍ତାର ମାପ



**ନୀଳଗିରି (ଅମୃତ ମିଡିଆ) :** ଫକୀର ମୋହନ ବିଶ୍ୱବିଦ୍ୟାଳୟ ର ଭୂଗୋଳ ବିଭାଗ ଦ୍ୱାରା ଆୟୋଜିତ ତଥା ଜଳବାୟୁ ରେସିଲିଏଣ୍ଟ୍ ପର୍ଯ୍ୟବେକ୍ଷଣ-ସିଷ୍ଟମ୍ ପ୍ରମୋସନ୍ କାଉନସିଲ୍ (ସିଆରଓପିସି) ଏବଂ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ସହଯୋଗରେ ଏକ ତିନିଦିନିଆ ଆନ୍ତର୍ଜାତୀୟ ସମ୍ମିଳନୀ ଉଦଘାଟିତ ହୋଇଯାଇଛି। ୨୦ତାରିଖ ଠାରୁ ୨୨ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସମ୍ମିଳନୀର ମୁଖ୍ୟ ପ୍ରସଙ୍ଗ 'ବଜ୍ରପାତ ବିଜ୍ଞାନ ଏବଂ ନିରାପତ୍ତା ମାପ: ମନିଟରିଂ, ମିଟିଗେସନ୍ ଏବଂ ଦକ୍ଷିଣ ଏସିଆରେ ଶେଷ ମାଇଲ୍ ସଂଯୋଗ' (ଏଏଲଏସଏଏସଏମ-୨୦୨୪) ରଖାଯାଇଛି।ଉଦଘାଟନୀ ସମାରୋହରେ ନେପାଳ, ଶ୍ରୀଲଙ୍କା, ବାଂଲାଦେଶ, ବ୍ରାଜିଲ, ଇଣ୍ଡୋନେସିଆ, ମିଆଁମାର, ଏବଂ ଭାରତରୁ ପ୍ରାୟ ୩୦୦ ରୁ ଅଧିକ ଅଂଶଗ୍ରହଣକାରୀ ଏକତ୍ରିତ ହୋଇଛନ୍ତି। ଏହି ସମ୍ମିଳନୀରେ ବିଜୁଳି-ଘଡଘଡି ବିପର୍ଯ୍ୟୟ ବିଷୟରେ ସଚେତନତା ସୃଷ୍ଟି କରିବା, ବଜ୍ରପାତ ଜନିତ ମୃତ୍ୟୁକୁ କମ୍ କରିବା ଏବଂ ବିଭିନ୍ନ ଗୋଷ୍ଠୀର ପାଖରେ ସଚେତନତାର ବାର୍ତ୍ତା ପହଞ୍ଚାଇବା ସହିତ ପରିସ୍ଥିତି ବେଳେ ଉପସ୍ଥିତ ବୁଦ୍ଧି ସହ ସଜାଗ ରହିବାକୁ ଅବଗତ କରାଯାଇଛି। ସମ୍ମିଳନୀର ଅତିଥି ଏବଂ ପ୍ରସଙ୍ଗଗୁଡିକ ଭୁଗୋଳ ବିଭାଗର ମୁଖ୍ୟ ଡ଼କ୍ଟର ନିହାର ରଂଜନ ରାଉତ ବୁଝାଇଥିଲେ। ସହ-ସଂଯୋଜକ ପ୍ରଫେସର ଡ଼କ୍ଟର ମନୋରଂଜନ ମିଶ୍ର ଏହି ସମ୍ମିଳନୀର ପ୍ରମୁଖ ଉଦ୍ଦେଶ୍ୟ ଏବଂ ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏହି ସମ୍ମିଳନୀର ଅଧ୍ୟକ୍ଷତା କରି ଅଂଶଗ୍ରହଣକାରୀଙ୍କୁ ସମ୍ବୋଧନ କରି କହିଥିଲେ ଯେ, ବଜ୍ରପାତ ଅଭିଶାପ ବୋଲି ଭାବୁଥିବା ଚିନ୍ତାଧାରାରୁ ବାହାରି ଏହାର ବିଜ୍ଞାନକୁ ବୁଝିବା ଏବଂ ପୁରାଣ ସହ ବିଜ୍ଞାନଭିତ୍ତିକ କାରଣକୁ ଗ୍ରହଣ କରିବାର କ୍ରାନ୍ତିକାରୀ ପରିବର୍ତ୍ତନକୁ ସାମ୍ପ୍ରତିକ ସମୟରେ ଚିହ୍ନଟ କରାଯାଇଛି। ଏହାର ସଚେତନତା ପ୍ରଭାବକୁ ଅଧିକାଂଶ ଗୋଷ୍ଠୀମାନଙ୍କ ପାଖରେ ପହଞ୍ଚାଇବାର ଉଦ୍ୟମ କରାଯିବାକୁ ସେ ମତପୋଷଣ କରିଥିଲେ। ଏଥିସହ ଉଦ୍‌ଘାଟନୀ ଅଧିବେଶନରେ ମାନ୍ୟଗଣ୍ୟ ବ୍ୟକ୍ତିମାନେ 'ଦକ୍ଷିଣ ଏସୀୟ ଦେଶର ସମ୍ମିଳନୀ ସ୍ମରଣିକା' ଏବଂ 'ବଜ୍ରପାତ ଆଟଲାସ୍' ନାମକ ଦୁଇଟି ପୁସ୍ତକ ଉନ୍ମୋଚନ କରିଥିଲେ। ବିଶ୍ୱବିଦ୍ୟାଳୟର ସ୍ନାତକ ପରିଷଦର ଅଧ୍ୟକ୍ଷ ପ୍ରଫେସର ସବ୍ୟସାଚୀ ପଟ୍ଟନାୟକ, ବଜ୍ରପାତ ବିଜ୍ଞାନ ସମ୍ପର୍କିତ ଧାରଣା ଦେବାସହ ଏଥିସହ ଜଡ଼ିତ ବିପଦରୁ ସୁରକ୍ଷା ନେବା ବିଷୟରେ ଅବଗତ କରିଥିଲେ। ସିଆରଓପିସିର ଚେୟାରମ୍ୟାନ୍ କର୍ଣ୍ଣେଲ ସଞ୍ଜୟ ଶ୍ରୀବାସ୍ତବ ବଜ୍ରପାତ ବିଜ୍ଞାନ ଠାରୁ ନାଗରିକ ବିଜ୍ଞାନ ସହ ସଂଯୋଗ ଉପରେ ବିଚାର ବିମର୍ଶ କରିଛନ୍ତି ଏବଂ ବଜ୍ରପାତ ବିପକ୍ଷରେ ସୁରକ୍ଷା ବ୍ୟବସ୍ଥାକୁ ନିଜ ଉଦବୋଧନରେ ସୂଚିତ କରିଛନ୍ତି। ଡକ୍ଟର କେ ଜେ ରମେଶ (ପୂର୍ବତନ ଡିଜି, ଆଇଏମଡି, ନୂଆଦିଲ୍ଲୀ) ଏହି ଅଧିବେଶନର ମୁଖ୍ୟ ବକ୍ତାଭାବେ ଯୋଗଦେଇ ବଜ୍ରପାତ ବିଜ୍ଞାନ ଉପରେ ନିଜର ଅଭିଜ୍ଞତା ଓ ପର୍ଯ୍ୟବେକ୍ଷଣ ବାଣ୍ଟିଥିଲେ। ଦେଶର ବହୁ ପ୍ରଭାବିତ ଅଞ୍ଚଳରେ ବଜ୍ରପାତର ପ୍ରଭାବ ହ୍ରାସ କରିବାରେ ବହୁ ବିଶିଷ୍ଟ ବୈଜ୍ଞାନିକ ତଥା ଅନୁସନ୍ଧାନକାରୀଙ୍କ ଅବଦାନକୁ ସେ ପ୍ରଶଂସା କରିଥିଲେ। ଏହି ଅବସରରେ ନେପାଳର ଥ୍ରିଭାନ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଶ୍ରୀରାମ ଶର୍ମା, କିପରି ବ୍ୟକ୍ତିଗତ ସ୍ତରରେ ମଧ୍ୟ ବଜ୍ରପାତ ବିଜ୍ଞାନକୁ ସମାଜ ତଥା ଲୋକଲୋଚନକୁ ଆଣିବାରେ ସକ୍ଷମ ହେଇପାରିବା ସେ ବିଷୟରେ ବିସ୍ତୃତ ବିବରଣୀ ଦେଇଥିଲେ। ଫକୀର ମୋହନ ବିଶ୍ୱବିଦ୍ୟାଳୟ ଏବଂ ସଲନେଟ ମଧ୍ୟରେ ସହଯୋଗ ପାଇଁ ସେ ଏକ ପ୍ରସ୍ତାବ ମଧ୍ୟ ପ୍ରଦାନ କରିଛନ୍ତି। ଟାଟା ଫାଉଣ୍ଡେସନ, ଓଡିଶା ସିଏସଆର ହେଡ, ଅମ୍ବିକା ପ୍ରସାଦ ନନ୍ଦ ତାଙ୍କ ଅଭିଜ୍ଞତାକୁ ନିଜ ଅଭିଭାଷଣରେ ଉଲ୍ଲେଖ କରିଥିଲେ ଏବଂ ସାଇକ୍ଲୋଥନ, ବଜ୍ରପାତ ଏବଂ ସାପ କାମୁଡ଼ିବା ଭଳି କୌଣସି ପ୍ରକାର ବିପର୍ଯ୍ୟୟରୁ ନିଜକୁ ରକ୍ଷା କରିବା ପାଇଁ ବ୍ୟକ୍ତିବିଶେଷ ଓ ଗୋଷ୍ଠୀଗୁଡ଼ିକ ସଚେତନ ହେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ।ମୂଖ୍ୟ ଅତିଥି ତଥା ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ, ବଜ୍ରପାତ ବିଜ୍ଞାନ ଉପରେ ଧାରଣା, ଏହାର କାରଣ ଏବଂ ଏହାଠାରୁ ସୁରକ୍ଷିତ ରହିବାର ସଚେତନ ଜ୍ଞାନ ଆହରଣ ପ୍ରତି ପଦକ୍ଷେପ ନେବା ଉଚିତ ବୋଲି ଉଲ୍ଲେଖ କରିଛନ୍ତି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ତ୍ରିପାଠୀ ବଜ୍ରପାତ ବିଜ୍ଞାନରେ ଅବଦାନ ପାଇଁ ସମସ୍ତ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ଅତିଥିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସମ୍ମିଳନୀର ଆୟୋଜକ ସଂପାଦକ ଡ଼କ୍ଟର ରବି ନାରାୟଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍ଘାଟନୀ ସମାରୋହକୁ ଭୂଗୋଳ ବିଭାଗର ସହକାରୀ ପ୍ରଫେସର ଡ଼କ୍ଟର ସସ୍ମିତା ରାଉତ ସଂଯୋଜନା କରିଥିଲେ। ଦ୍ୱିତୀୟ ଦିନର କାର୍ଯ୍ୟକ୍ରମରେ ଏକ ସ୍ଥାନୀୟ ଗୋଷ୍ଠୀଙ୍କ ସହ ବିଶେଷଜ୍ଞଗଣ ପାରସ୍ପରିକ ଆଲୋଚନାଚକ୍ରର କାର୍ଯ୍ୟକ୍ରମ ରହିଛି, ଯାହା ୨୧ତାରିଖ ରେ ଅନୁଷ୍ଠିତ ହେବ। ସେଥିରେ ଓଡିଶାର ବାଲେଶ୍ୱର, ଭଦ୍ରକ ଏବଂ ମୟୂରଭଞ୍ଜ ଜିଲ୍ଲାରେ ୧୦୦ ରୁ ଅଧିକ ଲୋକଙ୍କୁ ଅନ୍ତର୍ଭୁକ୍ତ ରହିବେ ବୋଲି ଆଶା କରାଯାଉଛି। ଏହା ପରେ ସ୍ଥାନୀୟ ଗୋଷ୍ଠୀ, ବିଦ୍ୟାଳୟ, ଏବଂ କଲେଜ ଛାତ୍ରମାନଙ୍କ ପାଇଁ ଏକ ପୋଷ୍ଟର ପ୍ରଦର୍ଶନୀ କାର୍ଯ୍ୟକ୍ରମ ବ୍ୟବସ୍ଥା କରାଯାଇଛି। ବିଜୁଳି ଜନିତ ବିପଦ ଏବଂ ସୁରକ୍ଷା ବ୍ୟବସ୍ଥା ବିଷୟରେ ଅଧିକ ସଚେତନତା ପାଇଁ ଏହାକୁ ଜନସାଧାରଣଙ୍କ ପାଇଁ ମଧ୍ୟ ପ୍ରସ୍ତୁତ କରାଯାଇଅଛି। ସମ୍ମିଳନୀର ତୃତୀୟ ତଥା ଶେଷଦିନ ୨୨ତାରିଖରେ, ହିତାଧିକାରୀଙ୍କ ସହ ପାରିସ୍ଥିତିକ ଆଲୋଚନାଚକ୍ର, ବୁଦ୍ଧି ଶିକ୍ଷ କାର୍ଯ୍ୟକ୍ରମ ଏବଂ ବଜ୍ରପାତରେ ଆହତଙ୍କ ସଂଖ୍ୟାକୁ ଶୂନ୍ୟ କରିବାପାଇଁ ଏକ ନୀତିଗତ ଡକ୍ୟୁମେଣ୍ଟ ପ୍ରସ୍ତୁତ କରିବା ନେଇ ଲକ୍ଷ୍ୟ ରଖାଯାଇଛି।

# ସମ୍ଭାବନା ପରିବାର ପକ୍ଷରୁ ବିଶ୍ୱ ଘରଚଟିଆ ଚଢେଇ ଦିବସ ପାଳିତ



**ଜଟଣୀ (ଅମୃତ ମିଡିଆ) :** ବିଗତ ବର୍ଷ ପରି ଚଳିତବର୍ଷ ମଧ ସହରର ଅନ୍ୟତମ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମ୍ଭାବନା ପରିବାର ପକ୍ଷରୁ ବିଶ୍ୱ ଘରଚଟିଆ ଚଢେଇ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କୁଦିଆରି ରଙ୍ଗଣୀ ସାହି ନିକଟସ୍ଥ ପୁରୀଜିଲ୍ଲା ହରିରାଜପୁର ଅନ୍ତର୍ଗତ ବିକାଶ ପରିଷଦ ଶିଶୁ ମନ୍ଦିର ବିଦ୍ୟାଳୟରେ ଏହି ବିଲୁପ୍ତପ୍ରାୟ ପକ୍ଷୀର ସୁରକ୍ଷା ଓ ବଂଶବୃଦ୍ଧି ଉପରେ କୁଇଜ୍ ପ୍ରତିଯୋଗିତା ମାଧ୍ୟମରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବର୍ଷିଆନ୍ ସମାଜସେବୀ ପ୍ରସନ୍ନ କୁମାର ମହାରଥୀ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ସମ୍ପାଦକ ଅକ୍ଷୟ କୁମାର ସାହୁ , ଶିକ୍ଷକ ଧରଣୀଧର ଖଟେଇ , ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗଗନ ଚନ୍ଦ୍ର ମଙ୍ଗରାଜ ପ୍ରମୁଖ ଯୋଗ ଦେଇ ସାମ୍ପ୍ରତିକ ପରିସ୍ଥିତିରେ ପରିବେଶ ସନ୍ତୁଳନ ବିକ୍ଷିପ୍ତ ହୋଇ ଜୀବଜଗତ ଉପରେ ଏହାର କୁପ୍ରଭାବ ପ୍ରଭାବ ପକାଉଛି। ଯେପରିକି ପ୍ରକୃତିର ଅନନ୍ୟ ସର୍ଜନା ଭିତରେ ନକାରାତ୍ମକ ଯୋଜନା ଓ ସର୍ବାଧିକ କ୍ଷତିକରି ମୋବାଇଲ୍ ଟାୱାରରୁ ନିର୍ଗତ ଅଦୃଶ୍ୟ ଧ୍ୱନି ଏହି ପକ୍ଷୀଟି ଉପରେ ବିଶେଷ ପ୍ରଭାବ ସୃଷ୍ଟି କରିଛି। ଏପରିକି ପରିବେଶ ସନ୍ତୁଳନ ଦୋହଲି ଚାଳ ଛପର ଘର ଆଉ ନ ରହିବା ସହ କଙ୍କ୍ରିଟ୍ କୋଠା ବାଡ଼ି ନିର୍ମାଣ ହେବା ଫଳରେ ଏହି ଚଢେଇ ରହିବା ପାଇଁ ବାସସ୍ଥାନର ଅଭାବ ଯୋଗୁଁ ଏମାନଙ୍କର ବଂଶ ବୃଦ୍ଧିରେ ମୁଖ୍ୟ ବାଧକ ସୃଷ୍ଟି ହୋଇଛି ବୋଲି ମତ ବ୍ୟକ୍ତ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଦେବପ୍ରସାଦ ଦାଶ ଅତିଥି ପରିଚୟ ପ୍ରଦାନ ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସଂଗଠନ ସମ୍ପାଦକ ସଞ୍ଜୟ କୁମାର ବରିସଲ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଏହି ପରିପ୍ରେକ୍ଷୀରେ ଚତୁର୍ଥ, ପଞ୍ଚମ, ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ନେଇ ଆୟୋଜିତ କୁଇଜ୍ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀ ଉଦୟ ଭାସ୍କର ଖୁଣ୍ଟିଆ, ସୋନୁ ନାୟକ, ଓମ୍ ସ୍ୱାଇଁ, ଲକ୍ଷ୍ମୀପ୍ରିୟା ପାଟଶାଣୀ, ଜାଗୃତି ମଲ୍ଲିକ, ବାସୁଦେବ ସ୍ୱାଇଁ, ବିଶ୍ୱ ପ୍ରତିଭା ଚମ୍ପତି ଓ ଶ୍ରଦ୍ଧା ସୁମନ ସାମନ୍ତରାୟଙ୍କ ସମେତ ଶ୍ରେଷ୍ଠ ବକ୍ତୃତା ପରିବେଷଣ ପାଇଁ ପ୍ରୀତି ଲଗନାଙ୍କୁ ଅତିଥି ମାନଙ୍କ ଦ୍ୱାରା ଟ୍ରଫି ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ସହ ସଂଗଠନ ସମ୍ପାଦକ ଶରତ କୁମାର ରେଡ୍ଡୀ, କୋଷାଧ୍ୟକ୍ଷ ରମାକାନ୍ତ ମହାରଣା, ନିରୂପମା ସ୍ୱାଇଁ , ସ୍ମିତା ପଟ୍ଟନାୟକ, ସସ୍ମିତା ବେହେରା, ଶିକ୍ଷାନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଫଗୁଦଶମୀରୁ ଆରମ୍ଭ ହେଲା ଦୋଳଯାତ୍ରା

## ଅବୀରଲାଗି ପରେ ମା'ଭଗବତୀଙ୍କ ପୀଠ ଚଳଚଞ୍ଚଳ

**ଚିଲିକା (ଅମୃତ ମିଡିଆ) :** ବସନ୍ତ ଋତୁର ବଡ଼ ପର୍ବ ଦୋଳଯାତ୍ରା। ବସନ୍ତ ରାସ ସହିତ ଫଗୁ ବା ଅବୀରଖେଳର ଯାତ୍ରା ଭାବରେ ଉତ୍କଳର ପୁରପଲ୍ଲୀ ଚ଼ଳଚ଼ଞ୍ଚଳ ହୋଇଉଠେ। ଦୋଳଗୋବିନ୍ଦ ଦେ ଶ୍ରୀଦେବୀ ଭୂଦେବୀଙ୍କ ସହିତ ସମସ୍ତ ଦେବାଦେବୀ ଦୋଳବିମାନରେ ବସି ଦ୍ୱାର ଦ୍ୱାର ବୁଲି ଚ଼ାଚ଼େରୀଭୋଗ ଖାଇବା ସହିତ ଦୋଳିରେ ବସି ଝୁଲିବାର ଏହି ଆଧାତ୍ମିକ ଉତ୍ସବ ପ୍ରାଚୀନ କାଳରୁ ଉତ୍କଳରେ ପାଳିତ ହୋଇଆସୁଥିବାବେଳେ ମା'ଭଗବତୀଙ୍କପୀଠ ବାଣପୁରରେ ଏହି ଯାତ୍ରା ନିଆରା ଢଙ୍ଗରେ ପାଳିତ ହୁଏ। ଫାଲ୍ଗୁନ ଶୁକ୍ଳ ଦଶମୀ ଭିତରଫଗୁ। ପ୍ରତ୍ୟୁଷରୁ ମା'ଙ୍କ ଅଙ୍ଗରାଗ ମାଜଣା, ବେଶ, ମହାପ୍ରସାଦ ଲାଗି ପରେ ବଲ୍ଲଭ ଆଳତୀ, ହୋଇ ଅବୀର ସହିତ



ଚ଼ଣା ଶାକର ଲାଗିପରେ ମଧ୍ୟାହ୍ନଧୂପ ହୋଇ ପହୁଡ଼। ସଂଧ୍ୟାରେ ନିଶଙ୍କୁଡ଼ି ଧୂପ,ଆଳତି, ବଡ଼ସିଂହାର ଧୂପ ପରେ ପହୁଡ'କ୍ଷ ଶୁକ୍ଳ ଏକାଦଶୀରେ ରାତ୍ର ବଡ଼ସିଂହାର ପରେ ମା'ଙ୍କ ଚଳନ୍ତି ପ୍ରତିମା କାଠିଠାକୁରାଣୀ, ଶ୍ରୀ ଶ୍ରୀଦକ୍ଷେଶ୍ୱରଦେବ, ଶ୍ରୀ ଶ୍ରୀରଙ୍ଗ ନାଥ ଦେବ ଶ୍ରୀଶ୍ରୀ ରଘୁନାଥ ଦେବଙ୍କ ସହିତ ଦକ୍ଷେଶ୍ୱର ମନ୍ଦିର ଠାରୁ ସମ୍ମିଳିତ ଭାବରେ ସିଧାସିଧା ବାଜାରୋଷଣି ସହିତ ପୂର୍ବ ଦିଗରେ ଅବସ୍ଥିତ ବିଷରପାଟଣା ପର୍ଯ୍ୟନ୍ତ ଯାତ୍ରାକରି ଫେରିବା ବାଟରେ ପରିଛା ସାହି ର ପିତ୍ରାଳୟ ପରିଛା ସାଆନ୍ତଙ୍କ ଦୁଆରେ ମାନଙ୍କରେ ଚ଼ାଚ଼େରୀଭୋଗସାରି ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରନ୍ତି ଓ ସେହିପରି ଶୁକ୍ଳ ଦ୍ୱାଦଶୀ ତିଥିର ରାତ୍ରବଡ଼ସିଂହାରପରେ ମା'ଭଗବତୀ ଶ୍ରୀଦକ୍ଷେଶ୍ୱର, ଶ୍ରୀରଙ୍ଗ ନାଥ, ଶ୍ରୀ ରଘୁନାଥ ଦେବଙ୍କ ସହିତ ଦକ୍ଷେଶ୍ୱର ମନ୍ଦିରରୁ ବିଜେ କରି ପଶ୍ଚିମଦିଗରେ ଅବସ୍ଥିତ ମା'ଭଗବତୀ ମନ୍ଦିର ପର୍ଯ୍ୟନ୍ତ ଥାଟ ପଟୁଆରରେ ଯାତ୍ରା କରି ସେଠାରୁ ଦକ୍ଷେଶ୍ୱର ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରନ୍ତି। ଶୁକ୍ଳ ତ୍ରୟୋଦଶି ତିଥିରେ ପୁଣି ମା'କାଠି ଠାକୁରାଣୀ ପୂର୍ବ ଦିନ ପରି ବିଷର ପାଟଣା ପର୍ଯ୍ୟନ୍ତ ଯାତ୍ରାକରି ଫେରିବା ବାଟରେ ପରିଛା ସାଆନ୍ତଙ୍କ ଦୁଆରେ ଚାଚେରୀ ଭୋଗ ସାରି ଫେରିଆସିବା ସମୟରେ ବାଣପୁର ନିକଟସ୍ଥ ଅଚ୍ୟୁତରାଜପୁର, ଶ୍ରୀନିବାସପୁର, ତୁଳସୀଦେଇପୁର, ପାଟପୁର, କୋଟ ବିଦ୍ୟାଧରପୁର, ଗୋପାଳପୁର ଇତ୍ୟାଦି ଶାସନବାଡ଼ି ସହିତ ଖୁଣ୍ଟପଲ୍ଲୀର ଠାକୁରମାନେ ଥାଟ ପଟୁଆର ବାଣରୋଶଣୀ ସହିତ ମଧ୍ୟରାତ୍ର ପରେ ମିଳିତ ହୋଇ ମା'ଭଗବତୀଙ୍କୁ ଚତୁର୍ଦ୍ଦଶୀ ଯାତ୍ରା ନିମନ୍ତେ ନିମନ୍ତ୍ରଣ ଧରି ବାଣପୁର ବଜାର ସାହିଠାରେ ଆସି ଅପେକ୍ଷା କରିଥିବା ସମୟରେ ମା'କାଠି ଠାକୁରାଣିଙ୍କୁ ସାଥିରେ ନେଇ ଭଗବତୀ ମନ୍ଦିର ପର୍ଯ୍ୟନ୍ତ ଯାତ୍ରା କରି ସେଠାରେ ସମସ୍ତ ଦେବାଦେବୀଙ୍କୁ ବିଦାୟ ଦେଇ ମା' ଦକ୍ଷେଶ୍ୱର ମନ୍ଦିରକୁ ଫେରିଆସନ୍ତି। ଶୁକ୍ଳ ଚତୁର୍ଦ୍ଦଶୀ ତିଥିସଂଧ୍ୟାରେ ବାଲୁଗାଁ ଅଞ୍ଚଳର ଆରାଧ୍ୟ ଠାକୁର ଶ୍ରୀ ଶ୍ରୀ ଉମା ମହେଶ୍ୱରଦେବ ଦକ୍ଷେଶ୍ୱର ମନ୍ଦିର ନିକଟରେ ପହଞ୍ଚିବା ପରେ ମା'ଭଗବତୀ କାଠିଠାକୁରାଣି, ଶ୍ରୀଦକ୍ଷେଶ୍ୱରଦେବ, ଶ୍ରୀରଘୁନାଥ ଦେବ ଶ୍ରୀରଙ୍ଗନାଥ ଦେବ ଥାଟ ପଟୁଆରରେ ଭଗବତୀ ମନ୍ଦିର ପର୍ଯ୍ୟନ୍ତ ଯାତ୍ରାକରି ମା'ଭଗବତୀଙ୍କୁ ଶାସନ ବାଡିର ଚ଼ାଚେରୀ ଭୋଗଖିଆ ନିମନ୍ତେ ବିଦାୟ ଦେଇ ନିଜ ନିଜ ମନ୍ଦିରକୁ ଫେରିଆସନ୍ତି। କେବଳ ଶ୍ରୀଉମାମହେଶ୍ୱର ଦେବ ଦକ୍ଷେଶ୍ୱର ମନ୍ଦିର ବାହାର ଗୁମୁଟପାଖରେ ମା'ଙ୍କ ଫେରିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତି ଓ ଚତୁର୍ଦ୍ଦଶୀ ରାତ୍ରରୁ ପୂର୍ଣ୍ଣିମା ଅପରାହ୍ନ ପର୍ଯ୍ୟନ୍ତ ମା'ଭଗବତୀ ତିନିଶାସନବାଡ଼ି ସହିତ କାଠି ନାହାକ ଓ ପରିଛା ସାଆନ୍ତଙ୍କ ଦୁଆରମାନଙ୍କରେ ଶଙ୍କୁଡ଼ି/ନିଶଙ୍କୁଡ଼ି ଭୋଗ ଲାଗି ହୋଇ ଉମା ମହେଶ୍ୱର ଦେବ ଦକ୍ଷେଶ୍ୱରଦେବ, ରଙ୍ଗ ନାଥ ଦେବ ରଘୁନାଥ ଦେବଙ୍କ ସହିତ ମିଶି ବିଷର ପାଟଣାର ଅଗ୍ନି ଉତ୍ସବ ପଡ଼ିଆକୁ ଯାତ୍ରା କରନ୍ତି। ସେଠାରେ ଅଗିରାପୋଡ଼ା ରେ ପରିକ୍ରମା ପରେ ଉମାମହେଶ୍ୱର ଦେବଙ୍କୁ ବିଦାୟ ଦେଇ ଦକ୍ଷେଶ୍ୱର ମନ୍ଦିରକୁ ଫେରିଆସି ଧୂପବଢିବା ପରେ ଦୋଳବେଦୀକୁ ବିଜେ କରନ୍ତି। ସେଠାରେ ଦୋଳପୂର୍ଣ୍ଣିମାର ନୀତିକାନ୍ତି ସରିବା ପରେ ମା' ମନ୍ଦିରକୁ ଫେରିପହୁଡ଼ ଯାଆନ୍ତି। ପାଞ୍ଚଦିନ ଧରି ପାଳିତବାଣପୁର ଅଞ୍ଚଳର ଏହି ନିଆରା ପାରମ୍ପରିକ ଦୋଳଉତ୍ସବରେ ଅଗଣିତ ଶ୍ରଦ୍ଧାଳୁଯୋଗ ଦେଇ ମା'ଙ୍କ ଦର୍ଶନ ସହିତ ଆଶୀର୍ବାଦ ଲାଭ କରନ୍ତି।

# ଶାନ୍ତିଶୃଙ୍ଖଳାରେ ସରିଲା ଯୁକ୍ତଦୁଇ ପରୀକ୍ଷା



**ବାଲୁଗାଁ (ଅମୃତ ମିଡିଆ) :** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଆନୁକୂଲ୍ୟରେ ଫେବୃଆରୀ ୧୬ରୁ ୧୯ଟି ସିଟିଂରେ ମାର୍ଚ୍ଚ ୨୦ ପର୍ଯ୍ୟନ୍ତ ଯୁକ୍ତ ଦୁଇ ପରୀକ୍ଷା ଅନୁଷ୍ଠିତ ହୋଇଥିଲା।ଏହିପରିପ୍ରେକ୍ଷୀରେ ବାଲୁଗାଁ କଲେଜରେ ଉଭୟ ରେଗୁଲାର ଏବଂ ଏକ୍ସ ରେଗୁଲାର ବିଜ୍ଞାନରେ ୮୮ ଜଣ ଓ କଳାରେ ୩୪୭ ଜଣ ଯୁକ୍ତ ଦୁଇ ପରୀକ୍ଷା ଦେଇଥିଲେ। ପ୍ରଥମ ଦିବସରୁ ପରୀକ୍ଷା ସୁରୁଖୁରୁରେ ଆରମ୍ଭ ହୋଇଥିବା ବେଳେ ବୁଧବାର ଦିନ ଶାନ୍ତିଶୃଙ୍ଖଳା ସହ ପରିସମାପ୍ତ ହୋଇଛି। ଅନ୍ତିମ ଦିବସରେ କଳା ବିଭାଗ ତର୍କଶାସ୍ତ୍ରରେ ୩୨ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ଯୁକ୍ତ ଦୁଇ ଅଧ୍ୟକ୍ଷା ଜୟନ୍ତୀ ସାମଲ କହିଛନ୍ତି।ପରୀକ୍ଷା କେନ୍ଦ୍ରକୁ ସିସି ଟିଭି ପରିସର ଭୁକ୍ତ କରାଯିବା ସହ ପରୀକ୍ଷାରେ ଯେପରି କୌଣସି ତ୍ରୁଟି ନହେଉ ସେଥିପାଇଁ ପୁରା ବ୍ୟବସ୍ଥା କରାଯାଇଥିବା ବେଳେ କପି ରୋକିବା ଦିଗରେ ତ୍ରିସ୍ତରୀୟ ସ୍କ୍ୱାର୍ଡ ବ୍ୟବସ୍ଥା କରାଯାଇଥିଲା। ପ୍ରତ୍ୟେକ ଦିନ ପରୀକ୍ଷାର୍ଥୀ ମାନେ ଉତ୍ତମ ପ୍ରଦର୍ଶନ କରିବାସହ ଛାତ୍ରଛାତ୍ରୀ ଉତ୍ସାହିତ ଥିବାବେଳେ ଶାନ୍ତିଶୃଙ୍ଖଳାରେ ପରୀକ୍ଷା ଶେଷ ହୋଇଥିବା କଲେଜ ଅଧ୍ୟକ୍ଷା କଳ୍ପନା ଦାସ କହିଛନ୍ତି।

# ପୋଡ଼ିହୋଇଥିବା ଶିଶୁପୁତ୍ରଙ୍କୁ ସହାୟତାର ହାତ ବଢାଇଲା ସ୍ୱର୍ଣ୍ଣଚୂଡ ଯୁବ ମହୋତ୍ସବ

**ନୀଳଗିରି (ଅମୃତ ମିଡିଆ) :** ନୀଳଗିରି ଉପଖଣ୍ଡ ଔପଦା ବ୍ଲକ୍ ଶ୍ୟାମସୁନ୍ଦରପୁର ପଞ୍ଚାୟତ ସନ୍ତରାଗଡିଆ ନିକଟସ୍ଥ ଦଲଦଲି ଗ୍ରାମର ବିଜୁ ମୁଦୁଲିଙ୍କ ୪ବର୍ଷର ନାବାଳକ ଶିଶୁପୁତ୍ର ଚନ୍ଦ୍ରକାନ୍ତ ମୁଦୁଲି ଅସାବଧାନତା ବଶତଃ ନିଆଁରେ ପୋଡ଼ିହୋଇ ଗୁରୁତର ଅବସ୍ଥାରେ କଟକ ବଡ଼ମେଡ଼ିକାଲରେ ଅସ୍ଥିଶଲ୍ୟ ବିଭାଗରେ ଚିକିତ୍ସିତ ହେଉଛନ୍ତି। ଶିଶୁଟିର ଅବସ୍ଥା ସଙ୍ଗୀନ ଥିବାବେଳେ ବାପା ଅତ୍ୟନ୍ତ ଗରିବ ଥିବାରୁ ଶିଶୁଟିର ଚିକିତ୍ସା ପାଇଁ ଆର୍ଥିକ ସାହାଯ୍ୟ ପାଇଁ ସୋସିଆଲ ମିଡିଆରେ ନିବେଦନ କରିଥିଲେ। ଖବର ପାଇ ନୀଳଗିରିର ଅଗ୍ରଣୀ ବେସରକାରୀ ସଂଗଠନ ସ୍ୱର୍ଣ୍ଣଚୁଡ ଯୁବ ମହୋତ୍ସବ କମିଟି ତରଫରୁ ୩୦ହଜାର ଟଙ୍କା ତାଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। ଏହି ଅବସରରେ କମିଟିର ବରିଷ୍ଠ ସଭ୍ୟ ସବ୍ୟସାଚୀ ମହାପାତ୍ରଙ୍କ ନେତୃତ୍ୱରେ ସନ୍ତୋଷ ମହାପାତ୍ର, ଚିନ୍ମୟ ଶରଣ ରାଉତ, ଲକ୍ଷ୍ମୀଧର ବାରିକ, ବିଦ୍ୟାଧର ଖଟୁଆ, ଦେବାଶିଷ ରାଉତ, ନିଗମ ରାଉତ ପ୍ରମୁଖ ବହୁ ସଦସ୍ୟ ଉପସ୍ଥିତ ରହି ଆର୍ଥିକ ସହାୟତାରେ ସହଯୋଗ କରିଥିଲେ। ତେବେ ଏଭଳି ପରିସ୍ଥିତିରେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ସମାଜସେବୀ, ସହୃଦୟବ୍ୟକ୍ତି ବିଶେଷ ସହଯୋଗର ହାତ ବଢାଇଲେ ନିଷ୍ପାପ ଶିଶୁଟି ଆରୋଗ୍ୟ ହୋଇପାରନ୍ତା।

# ହୃଦ୍‌ଘାତରେ ବ୍ୟାଙ୍କ କର୍ମଚାରୀଙ୍କ ପରଲୋକ

**ଚିଲିକା (ଅମୃତ ମିଡ଼ିଆ) :** ଆଜି ହୃଦଘାତରେ ଷ୍ଟେଟ ବ୍ୟାଙ୍କ୍ ନାଚୁଣୀ ଶାଖାର ପୂର୍ବତନ ଅବସର ପ୍ରାପ୍ତ କିରାଣୀ ନିରଞ୍ଜନ ନାୟକଙ୍କ ମୃତ୍ୟୁ ହୋଇଯାଇଅଛି। ମୃତ୍ୟୁ ସମୟକୁ ତାଙ୍କୁ ୬୨ବର୍ଷ ବୟସ ହୋଇଥିଲା। ତାଙ୍କ ଘର ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଥାନା ଅନ୍ତର୍ଗତ କୁହୁଡି ଗ୍ରାମରେ। ସେ ଜଣେ ଭଦ୍ର, ଅମାୟିକ, ବନ୍ଧୁବତ୍ସଳ ଓ ଦକ୍ଷ କ୍ରୀଡା ସଂଗଠକ। କୁହୁଡିରେ ଅନୁଷ୍ଠିତ ସର୍ବଭାରତୀୟ ଫୁଟବଲ୍ ଆସୋସିଏସନ୍‌ର କ୍ୟାସିୟର ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶବ ସତ୍କାର କରାଯାଇଥିଲା। ଜ୍ୟେଷ୍ଠ ପୁତ୍ର ନରେନ୍ଦ୍ର କୁମାର ନାୟକ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ଏ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବିଧାୟକ ରାଜେନ୍ଦ୍ର ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ।

# ପଖାଳ ଦିବସରେ ପ୍ରଚଳିତ ମା'ଭଗବତୀଙ୍କ ଅତିପ୍ରିୟ ପଖାଳଭୋଗ ଲୋକକଥା

**ଚିଲିକା (ଅମୃତ ମିଡ଼ିଆ) :** ପ୍ରତି ଓଡ଼ିଆଙ୍କ ପ୍ରିୟପଖାଳ କେବଳ ଓଡ଼ିଆ ଜାତି ଭିତରେ ସିମୀତ ନାହିଁ। ପ୍ରଚଳିତ ପ୍ରାଚୀନ ପରମ୍ପରାରୁ ଜଣାପଡ଼େ ଓଡ଼ିଆ ଜାତିର ଆରାଧ୍ୟ ଠାକୁର ଶ୍ରୀଜଗନ୍ନାଥ ପଖାଳପ୍ରିୟ। ଏହା ଶ୍ରୀମନ୍ଦିରରେ ପ୍ରଚଳିତ ଛପନ ଭୋଗରୁ ଜଣାପଡ଼େ। ସେହିପରି ବାଣପୁରର ଆରାଧ୍ୟା ଦେବୀ ଜଗତଜନନୀ ମା'ଭଗବତୀ ମଧ୍ୟ ପଖାଳପ୍ରିୟ। ତାଙ୍କ ଦୈନନ୍ଦିନ ଭୋଗ ନୀତିକାନ୍ତିରୁ ଜଣାପଡେ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଛପନ ଭୋଗ ସାଥିରେ ପଖାଳ ନୈବେଦ୍ୟ ମିଶି ରହିଥିଲା ବେଳେ ମା'ଭଗବତୀଙ୍କ ପ୍ରତ୍ୟହ ବଡ଼ସିଂହାର ଧୂପରେ କେବଳ ଦହିପଖାଳକୁ ମାଛଗୁଣ୍ଡି ଭଜା ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ କରାଯାଇ ଲାଗି ହେବାର ପରମ୍ପରା କେଉଁ ଆଦିମକାଳରୁ ଚଳି ଆସିଛି। ସାଧାରଣତଃ ଓଡ଼ିଆ ପରିବାରରେ ମା'ଭଉଣୀମାନେ ଘରର ପୁରୁଷମାନଙ୍କ ଅପେକ୍ଷା ଅଧିକ ପଖାଳପ୍ରିୟ। ଦିନରେ ଦୁଇଓଳା ପଖାଳ ଖାଇବାକୁ ପସନ୍ଦ କରନ୍ତି। ପଖାଳ ସହିତ ମାଛ ହେଉବା ଶୁଖୁଆ ଭଜା ଚ଼ିଲିକା ଉପକୂଳିଆ ଅଞ୍ଚଳର ପ୍ରଧାନ ଖାଦ୍ୟ।ମଣିଷପରିଏଠି ଦେବୀ ମଧ୍ୟ ପଖାଳ ସହିତ ମାଛପୋଡ଼ା (ବଳିପୋଡା ) ମାଛଭଜା, ବିଶେଷ କରି ସୁପକାର ମାନଙ୍କଦ୍ୱାରା ପ୍ରସ୍ତୁତ ମାଛ ଗୁଣ୍ଡିଭଜା ମା'ଭଗବତୀଙ୍କ ପୀଠରେ ସ୍ୱାତନ୍ତ୍ରତା ବହନ କରେ। ଏଭଳି ନୈବେଦ୍ୟ ଏହିପୀଠଛଡ଼ା ଓଡ଼ିଶାର ଅନ୍ୟ କୌଣସୀ ଶକ୍ତିପୀଠମାନଙ୍କରେ ଦେଖିବାକୁ ମିଳେନାହିଁ। ଚିଲିକାରୁ ସଂଗୃହୀତ ସବାଖଇଙ୍ଗା।ମାଛକୁନେଇ ଗୁଆଘିଅ, ମସଲା ଦେଇ ପ୍ରସ୍ତୁତ ହୁଏ ଏହି ମାଛ ଗୁଣ୍ଡିଭଜା। ବେଳେବେଳେ ଏଥିରେ କେବଳ ବାଇଗଣ ମିଶାଇ ମଧ୍ୟ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ କରାଯାଏ ଓ ଏହାର ସ୍ୱାଦ ନିଆରା। ମା'ଙ୍କ ସବୁଠାରୁ ଅତିପ୍ରିୟ ନୈବେଦ୍ୟ ଏହି ମାଛଗୁଣ୍ଡି ଭଜା ଯିଏ ଥରେ ପାଇଥାଏ ସେକେବେ ଭୁଲିପାରେ ନାହିଁ। ଏହି ପ୍ରିୟ ନୈବେଦ୍ୟ ଉପରେ ବାଣପୁର ଅଞ୍ଚଳରେ ପ୍ରଚଳିତ ଏକ ଲୋକକଥା ଏବେ ମଧ୍ୟ ଜନସ୍ମୃତିହୋଇ ରହିଛି। ବହୁଦିନ ତଳର କଥା। ତଦନାନ୍ତିନ ବାଣପୁରର ରାଜା ମା'ଭଗବତୀଙ୍କ ସମସ୍ତ ସେବାପୂଜା ଦାୟିତ୍ୱ



ଏହି ଅଞ୍ଚଳର ଏକ ବ୍ରାହ୍ମଣ ପରିବାର ହାତରେ ଟେକି ଦେଇ ତାଙ୍କୁ ପରୀଛାପଦବୀ ଅର୍ପଣ କରିପାରିକୁଦ ଚାଲିଗଲେ। ପରିଛା ସାଆନ୍ତ ଭାବରେ ପରିଚିତ ଏହି ପରିବାର ମା'ଭଗବତୀଙ୍କୁ ନିଜ ପରିବାରର ଝିଅ ଭାବରେ ବିଶ୍ୱାସ କରି ନିଷ୍ଠାର ସହିତ ତାଙ୍କ ସେବାପୂଜା କରିଆସୁଥିଲେ। ଏକଦା କୌଣସି ଏକ ଅପରାହ୍ନରେ ସାତ ଜଣ ଝିଅ ସାତଭଉଣୀ ଭାବରେ ବାଣପୁର ଦାଣ୍ଡରେ ଚାଲିଯାଉଯାଉସଂଧ୍ୟା ହୋଇଯିବାରୁ ପରିଛାଙ୍କ ଘରେ ଆଶ୍ରୟ ନେଲେ। ରାତିରେ ପରିଛା ସେମାନଙ୍କ ପାଇଁଖାଦ୍ୟପେୟ କଥା ପଚ଼ାରିବାରୁ ବଡ଼ ଭଉଣୀ ଆମେ ସମସ୍ତେ ପଖାଳ ଖାଇବୁ ବୋଲି କହିବାରୁ ପରିଛାଙ୍କସ୍ତ୍ରୀକୁଣିଆ ଝିଅଙ୍କ ପାଇଁ ରାତିରେ ପଖାଳ ସହିତ ଏମିତି ଭାବରେ ଘିଅ ମସଲାରେ ଖଇଙ୍ଗା।ମାଛର ମାଛଗୁଣ୍ଡି ଭଜା ପ୍ରସ୍ତୁତ କରି ସାତଭଉଣୀଙ୍କୁ ବାଢ଼ିଦେଲେ ଯେ ସାତଭଉଣୀ ସନ୍ତୁଷ୍ଟମନରେ ପେଟପୁରାଇ ଖାଇ ରାତିରେ ପରିଛାଙ୍କ ଘର ସ୍ୱତନ୍ତ୍ର କୋଠରୀରେ ବିଶ୍ରାମ ନେଲେ। ରାତିପାହିଲା।ପରିଛାଙ୍କ ସ୍ତ୍ରୀକୋଠରୀ କବାଟ ଖୋଲି ଦେଖିଲାବେଳକୁ ଘର ଖାଲିପଡ଼ିଛି, ଚନ୍ଦନ ଅଗୁରୁ ଝୁଣାରେ ମହମହ ବାସୁଛି। ଆଶ୍ଚର୍ଯ୍ୟ ହୋଇ ପରିଛାଙ୍କୁଡାକ ପକାଇ ସ୍ତ୍ରୀ କହିଲେ ଏମାନେ କୁଆଡ଼େ ଉଭାନ ହୋଇଗଲେ। ଏମାନେ ମଣିଷ ନୁହନ୍ତି ଦେବୀ କି ଦାନବୀ। ସତକୁ ସତ ସେହି ଦିନ ରାତିରେ ପରିଛାଙ୍କୁ ସ୍ୱପ୍ନାଦେଶ ହେଲା। ମା'ଭଗବତୀ ସ୍ୱପ୍ନରେକହିଲେ 'ଆମେ ସବୁ ସାତଭଉଣୀ ସାତଦେବୀ। ତୁମର ଆତିଥ୍ୟରେ ଆମେ ବହୁତ ଖୁସି। ତୁମେ ଆଜିଠାରୁ ଆମର ବାପଘର ପରି, ଆମକୁ ଆମର ପ୍ରିୟପଖାଳ ଓ ମାଛ ଗୁଣ୍ଡିଭଜା ସବୁଦିନ ଲାଗି କରାଇବ। ଆମେ ତୁମକୁ ଆଶୀର୍ବାଦ କରୁଛୁ ତୁମର ସର୍ବମଙ୍ଗଳ ହେବ। ସେହିଦିନଠାରୁ ମା'ଭଗବତୀଙ୍କ ମନ୍ଦିରରେ ରାତ୍ର ଧୂପରେ କେବଳ ମା'ଙ୍କ ପ୍ରିୟଦହି ପଖାଳକୁ ମାଛ ଗୁଣ୍ଡି ଭଜା ଅର୍ପଣ କରିବାର ପରମ୍ପରା ଚଳିଆସିଛି। ମନ୍ଦିର ଭିତର ପୂଜା ସହିତ,ଆଶ୍ୱିନ ମାସର ଷୋଳପର୍ବରେ ଫଗୁଣ ମାସର ଚ଼ାଚ଼େରୀଭୋଗ ସମୟରେ ବାପଘରଭାବରେ ପରିଚିତ ପରିଛାଙ୍କ ଦୁଆରେ ମା'ଭଗବତୀଙ୍କ ପ୍ରିୟ ଟଭାପତରର ପଖାଳତୋରାଣି ମାଛ ଗୁଣ୍ଡି ଭଜା ଏଯାବତ୍ ଭୋଗ ଲାଗିହେବାର ଏକ ନିଆରାପରମ୍ପରା କାହିଁ କେଉଁ କାଳରୁ ଚଳି ଆସିଛି। ମା'ଙ୍କ ଏହି ଦୁର୍ଲଭ ପ୍ରସାଦ ପାଇବା ପାଇଁ ଶ୍ରଦ୍ଧାଳୁମାନେ ଏବେ ମଧ୍ୟ ଦୋଳପୂର୍ଣ୍ଣିମା ଦିନକୁ ଅପେକ୍ଷା କରନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

## ଓଡ଼ିଆ...

ଡ଼. ମିଶ୍ର ଉପସ୍ଥିତ ଗଣମାଧ୍ୟମଙ୍କୁ ସମ୍ବୋଧନ କରି ସେ ସମ୍ମାନିତ କରିଥିବା ଅନୁଷ୍ଠାନକୁ ଧନ୍ୟବାଦ ଦେବା ସହ ଭାରତ ଏବେ ବିକଶିତ ରାଷ୍ଟ୍ରରେ ପରିଣତ ହୋଇଥିବା କହିଥିଲେ। ସେହିପରି ଦେଶର ମହିଳାମାନେ ଏବେ ସାମାଜିକ , ଅର୍ଥନୈତିକ ତଥା ବିଭିନ୍ନ କ୍ଷେତ୍ରରେ ପୁରୁଷମାନଙ୍କ ସହ ସମାନ ଭାବେ ଆଗକୁ ବଢ଼ିଚାଲିଥିବା କହିଥିଲେ । ସୂଚନାଯୋଗ୍ୟ ଡ଼. ମିଶ୍ର ପୁରୀ ନିବାସୀ ତଥା ଟେକ୍ସଟାଇଲ ଇଞ୍ଜିନିୟର ପ୍ରଭାତ କୁମାର ମିଶ୍ର ଓ ପ୍ରଫେସର ଆଶାଲତା ମିଶ୍ରଙ୍କର କନ୍ୟା ହୋଇଥିବା ବେଳେ ତାଙ୍କ ଶ୍ୱଶୁର ଘର ବରଗଡ଼ର ଶିଆଳଖଣ୍ଡହତା ଠାରେ । ତାଙ୍କ ସ୍ୱାମୀଙ୍କ ନାମ ଇଞ୍ଜିନିୟର ସରୋଜ କୁମାର ପାଣିଗ୍ରାହୀ ।

## ଆବେଦନକାରୀଙ୍କ...

ଲଗାଇବା ପାଇଁ ସୁପ୍ରିକୋର୍ଟରେ ଆବେଦନ କରାଯାଇଥିଲା। ୨୦୨୩ ଆଇନ ଅନୁଯାୟୀ ଦୁଇ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଏବଂ ସୁଖବୀର ସିଂହ ସାନ୍ଧୁଙ୍କୁ ନିଯୁକ୍ତି ଦିଆଯାଉଥିବାରୁ ଏହା ଉପରେ ରୋକ୍ ଲଗାଇବାକୁ ଆବେଦନ ହୋଇଥିଲା। କିନ୍ତୁ ମାର୍ଚ୍ଚ ୧୫ ତାରିଖରେ ଏହି ଆବେଦନର ଶୁଣାଣି କରି ଦୁଇ ଜଣ ନୂଆ ନିର୍ବାଚନ କମିଶନରଙ୍କ ନିଯୁକ୍ତି ସ୍ଥଗିତ ରଖିବାକୁ ମନା କରିଦେଇଥିଲେ ସୁପ୍ରିମକୋର୍ଟ।

## ବାରମ୍ବାର...

ସୋରେନଙ୍କ ଘନିଷ୍ଠ ସହଯୋଗୀ ପ୍ରେମ ପ୍ରକାଶଙ୍କୁ ଇଡି ମନି ଲଣ୍ଡରିଂ ମାମଲାରେ ଗିରଫ କରିଥିଲା। ସେ ଜାମିନ ପାଇଁ ସୁପ୍ରିମକୋର୍ଟରେ ଆବେଦନ କରିଛନ୍ତି। ଗତବର୍ଷ ଝାରଖଣ୍ଡ ହାଇକୋର୍ଟ ଗତବର୍ଷ ଜାନୁଆରୀରେ ତାଙ୍କୁ ଜାମିନ ଦେବାକୁ ମନା କରିଥିଲେ। ଏଥିପାଇଁ ସେ ସୁପ୍ରିମକୋର୍ଟରେ ପହଞ୍ଚିଛନ୍ତି। ଖଣ୍ଡପୀଠ ଏହା ଜାମିନ ଯୁକ୍ତ ମାମଲା ହୋଇଥିବା କହିଥିଲେ ହେଁ ରାଜୁ ଏହାକୁ ବିରୋଧ କରିଥିଲେ। ଜାମିନ ମିଳିଲେ ସାକ୍ଷୀମାନେ ପ୍ରଭାବିତ ହେବା ସହ ପ୍ରମାଣ ନଷ୍ଟ ହେବାର ଆଶଙ୍କା ଥିବା ସେ ଯୁକ୍ତି କରିଥିଲେ। କିନ୍ତୁ ଏହା ଖଣ୍ଡପୀଠଙ୍କୁ ସନ୍ତୁଷ୍ଟ କରିପାରି ନଥିଲା। ଜଷ୍ଟିସ ଖାନ୍ନା କହିଥିଲେ, "ଯଦି ସେ(ପ୍ରକାଶ) ସେମିତି କିଛି କରନ୍ତି, ତା'ହେଲେ ଆପଣ ଆମ ପାଖକୁ ଆସି ପାରିବେ। କିନ୍ତୁ ସେ ୧୮ ମାସ ହେଲା ଜେଲରେ ଅଛନ୍ତି ତ ?"ପ୍ରିଭେନସନ ମନିଲଣ୍ଡରିଂ ଆକ୍ଟର ସେକ୍ସନ ୪୫ରେ ଦୀର୍ଘ ଦିନ ହେଲା ଜେଲରେ ଥିବା ଅଭିଯୁକ୍ତ ଜାମିନ ପାଇବାକୁ ହକଦାର ବୋଲି ବ୍ୟବସ୍ଥା ରହିଛି। ଯଦି ପ୍ରାଥମିକ ତଦନ୍ତରୁ ଅଭିଯୁକ୍ତ ଜଣଙ୍କ ଅପରାଧ କରି ନାହାନ୍ତି ବୋଲି ହୃଦୟଙ୍ଗମ କରାଯାଏ, ତା'ହେଲେ ତାଙ୍କୁ ଜାମିନ ଦେବାକୁ କେହି ବି ମନା କରିପାରିବେ ନାହିଁ। ସମ୍ବିଧାନର ଧାରା ୨୧ରେ ମଧ୍ୟ ବ୍ୟକ୍ତିଗତ ସ୍ୱତନ୍ତ୍ରା ଅଧିକାର କଥା ମଧ୍ୟ କହିଛି। ଯଦି ଶୁଣାଣିରେ ବିଳମ୍ବ ହେଉଛି, ତା'ହେଲେ ଏହା କୋର୍ଟଙ୍କୁ ଜାମିନ ପ୍ରଦାନ କରିବା ଅଧିକାରରୁ ବଞ୍ଚିତ କରିପାରିବ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି।

## ୮ରୁ ...

ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଜିଲ୍ଲାରେ ପାଗ ମୁଖ୍ୟତଃ ଶୁଖିଲା ରହିବ। ପାଣିପାଗ ବିଭାଗର ଆକଳନ ଅନୁଯାୟୀ,ଆସନ୍ତାକାଲି ଝାରସୁଗୁଡ଼ାରେ ଦିନ ତାପମାତ୍ରା ୩୪ ଡିଗ୍ରୀ ରହିପାରେ। ସେହିପରି ମାଲକାନଗିରି, ଟିଟିଲାଗଡ଼, ଭବାନୀପାଟଣା, ସମ୍ବଲପୁର ଓ ବୌଦ୍ଧରେ ଦିନ ତାପମାତ୍ରା ୩୩ ଡିଗ୍ରୀ, ନୂଆପଡ଼ା ଓ ସୋନପୁରରେ ୩୨,ପାରଳାଖେମୁଣ୍ଡି, ଛତ୍ରପୁର ଓ ସୁନ୍ଦରଗଡ଼ରେ ୩୧ ଡିଗ୍ରୀ ରହିବାର ସମ୍ଭାବନା ରହିଛି। ୨୨ ତାରିଖରେ ବୌଦ୍ଧରେ ଦିନ ତାପମାତ୍ରା ସର୍ବାଧିକ ୩୭ ଡିଗ୍ରୀ ରହିପାରେ। ସେହିପରି ମାଲକାନଗିରି, ଭବାନୀପାଟଣା, ଟିଟିଲାଗଡ଼, ବଲାଙ୍ଗିର, ସୋନପୁର ଓ ଝାରସୁଗୁଡ଼ା ଜିଲ୍ଲାରେ ଦିନ ତାପମାତ୍ରା ୩୬ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିବାର ସମ୍ଭାବନା ରହିଛି।

## ରାଜ୍ୟ ଖୋ ଖୋ ଦଳରେ ପ୍ରତିନିଧିତ୍ୱ ଲାଗି ଖେଳାଳିଙ୍କୁ ଅଭିନନ୍ଦନ

**ବାଲେଶ୍ୱର(ଅମୃତ ମିଡିଆ) :** ବାଲେଶ୍ୱର ଜିଲ୍ଲା କ୍ରୀଡାସଂଘ ର ସାଧାରଣ ସମ୍ପାଦକ ଶ୍ରୀ ଅଧୀପ ଦାସ ଜଣାଇଛନ୍ତି ଯେ ଦିଲ୍ଲି ଠାରେ ହେବାକୁ ଥିବା ୫୬ତମ ଜାତୀୟ ପୁରୁଷ ଓ ମହିଳା ଖୋଖୋ ପ୍ରତିଯୋଗିତାରେ ବାଲେଶ୍ୱର ଜିଲ୍ଲା କ୍ରୀଡାସଂଘ ରୁ ୪ଜଣ ପୁରୁଷ ଏବଂ ୫ ଜଣ ମହିଳା ଖୋଖୋ ଖେଳାଳି ଓଡିଶା ଦଳ ରୁ ପ୍ରତିନିଧିତ୍ୱ କରିବେ । ପୁରୁଷ ଖେଳାଳି ମାନେ ହେଲେ-ଜଗନ୍ନାଥ ମୁର୍ମୁ,ସୁନିଲ ପାତ୍ର,ଲିପୁନ ମୁଖୀ,ସିଦେଶ୍ୱର ଟୁଡୁ, ମହିଳା ଖେଳାଳୀ- ପ୍ରୀୟଙ୍କା ସିଂ,ସାବିଲା ଖାତୁନ,ରଂଜିତା ବାରିକ,ଚମ୍ପା ମାଝୀ,ଆସା ମାରାଣ୍ଡି । ଏହି ଖୋଖୋ ଖେଳାଳୀ ମାନେ ବାଲେଶ୍ୱର ର ଗର୍ବ ଓ ଗୌରବ । ବାଲେଶ୍ୱର ଜିଲ୍ଲା ପାଇଁ ବହୁବାର ପ୍ରତିନିଧୀତ୍ୱ କରିଛନ୍ତି । ତାଙ୍କର ଏହି ସଫଂଳତା ପାଇଁ ଜିଲ୍ଲା କ୍ରୀଡାସଂଘ ର କାର୍ଯ୍ୟକାରୀ ସଭାପତି ଶ୍ରୀ ଅଭୟ ମହାପାତ୍ର, ସହ ସାଧାରଣ ସମ୍ପାଦକ ପଦ୍ମଲୋଚନ ଲେଙ୍କା,ଉପ ସଭାପତି ଜଗଦିଶ ବେହେରା,ଅମର କୁମାର ମହାଁ, ଯୁଗ୍ମ ସଂମ୍ପାଦକ ଖୋଖୋ କାର୍ତିକ ଚନ୍ଦ୍ର ନାୟକ, ବିରେନ୍ଦ୍ର କୁମାର ସ୍ୱାଇଁ, ଜନ୍ମେଜୟ ଦେ, ଅଜିତ ପାତ୍ର , ସଂଜୟ ଲେଙ୍କା,ପ୍ରଦିପ ଦାସ,ସୁଜୟ ଆଚାର୍ଯ୍ୟ, କୋଚ-ମଳୟ ରଂଜନ ବେହେରା ଙ୍କ ସହିତ କ୍ରୀଡାସଂଘର ସମସ୍ତ କର୍ମକର୍ତା ଓ ସଭ୍ୟ ଆଦି ତାଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିବା ସଂଗେ ସଂଗେ ଓଡିଶା ଦଳ ବିଜୟ ଲାଭ କରୁ ବୋଲି ସାଧାରଣ ସମ୍ପାଦକ ଶ୍ରୀ ଦାସ ଶୁଭେଛା ଜଣାଇଛନ୍ତି ।

## ପଦାର୍ପଣରେ ନାଗାଲଙ୍କ ବିଜୟ



ନୂଆଦିଲ୍ଲୀ, ୨୦।୩ : ଭାରତୀୟ ଟେନିସ ଖେଳାଳି ସୁମିତ ନାଗାଲ ଏଠାରେ ଚାଲିଥିବା ମାୟାମି ଓପନ ଟେନିସ ଟୁର୍ନାମେଣ୍ଟରେ ତାଙ୍କ ପଦାର୍ପଣ ମ୍ୟାଚରେ ବିଜୟ ହାସଲ କରିଛନ୍ତି । ୨୬ ବର୍ଷୀୟ ଖେଳାଳି ପ୍ରଥମ ରାଉଣ୍ଡ କ୍ୱାଲିଫାୟରରେ ୬.୮ ଇଞ୍ଚ ଉଚ୍ଚତା ବିଶିଷ୍ଟ କାନାଡାର ଗାବ୍ରିଲ୍ ? ଡିଆଲୋଙ୍କୁ ୭-୬ (୩), ୬-୨ରେ ହରାଇ ଦେଇଛନ୍ତି । ତେବେ ଫାଇନାଲ କ୍ୱାଲିଫାଇଙ୍ଗ ରାଉଣ୍ଡରେ ସେ ହଂକଂର କୋଲ୍ ?ମାନ ଓଙ୍ଗ୍ ?ଙ୍କଠାରୁ ୬-୩, ୧-୬, ୫-୭ରେ ହାରିଯାଇଛନ୍ତି । ସୂଚନାଯୋଗ୍ୟ, ନାଗାଲ ଇଣ୍ଡିଆନ ୱେଲ୍ସରେ ଗତ ଟୁର୍ନାମେଣ୍ଟରେ ମିଲୋସ ରାଓନିକ୍ ?ଙ୍କଠାରୁ ପରାଜିତ ହୋଇଥିଲେ । ରାଫାଲ ନାଡାଲ ଶେଷ ମୁହୂର୍ତ୍ତରେ ଓହରିଯିବା ପରେ ନାଗାଲ ମୁଖ୍ୟ ଡ୍ର ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ । ନାଗାଲ ଜାନୁଆରୀରେ ଅଷ୍ଟ୍ରେଲିଆନ ଓପନ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିବା ପରେ ଏଟିପି ର୍ୟାଙ୍କିଙ୍ଗର ଟପ୍ ? ୧୦୦ରେ ପ୍ରବେଶ କରିଥିଲେ ।

## ରାୟନ ଟେନ ଡୋସ୍କେଟଙ୍କ ପାଇଁ ଗୁଳି ଖାଇବାକୁ ପ୍ରସ୍ତୁତ : ଗୌତମ ଗମ୍ଭୀର

**ନୂଆଦିଲ୍ଲୀ :** ଆଇପିଏଲ ୨୦୨୪ ପୂର୍ବରୁ ବଡ଼ ବୟାନ ଦେଇଛନ୍ତି କୋଲକାତା ନାଇଟ ରାଇଡର୍ସ(କେକେଆର)ର ମେଣ୍ଟୋର ଗୌତମ ଗମ୍ଭୀର । ବେଶ କିଛି ବର୍ଷର ବ୍ୟବଧାନ ପରେ ସେ ଚଳିତ ବର୍ଷ କେକେଆରକୁ ମେଣ୍ଟୋର ଭୂମିକାରେ ଫେରିଛନ୍ତି । ଏକଦା ସେ କେକେଆରର କ୍ୟାପ୍ଟେନ୍ସି କରୁଥିଲେ । ୨୦୧୨ ଓ ୨୦୧୪ରେ ଦଳ ତାଙ୍କ ନେତୃତ୍ୱରେ ଟ୍ରଫି ମଧ୍ୟ ଜିତିଥିଲା । ୨୦୧୧ରେ ଟିମ ଇଣ୍ଡିଆର ପୂର୍ବତନ ଓପନର ଗମ୍ଭୀର କେକେଆରର ନେତୃତ୍ୱ ନେଇଥିଲେ । ଏହାର ଗୋଟିଏ ବର୍ଷ ପରେ ଦଳ ୨୦୧୨ରେ ଚାମ୍ପିଅନ ହୋଇଥିଲା । ୨୦୧୩ରେ ମୁମ୍ବାଇ ଇଣ୍ଡିଆନ୍ସ ଓ ୨୦୧୪ରେ କେକେଆର ପୁଣି ଟ୍ରଫି ଜିତିଥିଲା । ଏବେ ସେ ପୁଣି ସେ କେକେଆରକୁ ଫେରିଛନ୍ତି । ଆଇପିଏଲର ଗତ ୨ଟି ସଂସ୍କରଣରେ କେକେଆର ସେତେଟା ଆଖି ଦୃଶିଆ ପ୍ରଦର୍ଶନ କରିପାରି ନାହିଁ । ଏବେ ଗମ୍ଭୀରଙ୍କ କମବ୍ୟାକ ପରେ ଦଳର ଭାଗ୍ୟକ ବଦଳିବ ବୋଲି ସମସ୍ତେ ଆଶା



କରିଛନ୍ତି । ତେବେ ଆଇପିଏଲ ୨୦୨୪ ପୂର୍ବରୁ ଗମ୍ଭୀର ବଡ଼ କଥା କହିଛନ୍ତି । କେକେଆରର ପୂର୍ବତନ ଖେଳାଳି ରାୟନ ଟେନ ଡୋସ୍କେଟଙ୍କୁ ସେ ସବୁଠାରୁ ମହାନ ଟିମ ମ୍ୟାନ ଭାବେ ବିବେଚନା କରିଛନ୍ତି । ରାୟନ ଏତେ ନିଃସ୍ୱାର୍ଥ ପର ଖେଳାଳି, ଯାହାଙ୍କ ପାଇଁ ଗମ୍ଭୀର ଗୁଳି ଖାଇବାକୁ ମଧ୍ୟ ପଛାଇବେ ନାହିଁ ବୋଲି କହିଛନ୍ତି । ଦକ୍ଷିଣ ଆଫ୍ରିକା ଓ ନେଦରଲ୍ୟାଣ୍ଡ ପାଇଁ ଅନ୍ତର୍ଜାତୀୟ କ୍ରିକେଟ ଖେଳି ଏକଦା ସମସ୍ତଙ୍କୁ ନିଜ ବ୍ୟାଟିଂରୁ ଯାଦୁ ଦେଖାଇଥିଲେ ରାୟନ । ସେ କହିଛନ୍ତି, "ଯେତେବେଳେ ମୁଁ ନିଃସ୍ୱାର୍ଥ ପର କଥା କହୁଛି ସେତେବେ ଗୋଟିଏ ଲୋକ ମୋ ନଜରକୁ ଆସୁଛନ୍ତି । ମୁଁ ମୋର ୪୨ ବର୍ଷ କ୍ୟାରିୟର ମଧ୍ୟରେ ଯାହା କହି ନଥିଲି ଆଜି ସେକଥା କହିବାକୁ ଚାହୁଁଛି । ଆଜି ଯାଏ ମୁଁ ଖେଳିଥିବା ମହାନ କ୍ରିକେଟର, ସବୁଠାରୁ ନିଃସ୍ୱାର୍ଥ ପର ବ୍ୟକ୍ତି, ଯାହାଙ୍କ ପାଇଁ ମୁଁ ଗୁଳି ମଧ୍ୟ ଖାଇପାରିବି, ଯାହାକୁ ମୁଁ ଜୀବନରେ ବିଶ୍ୱାସ କରିପାରିବ, ତା'ହେଲେ ସେ ହେଉଛନ୍ତି ରାୟନ ଟେନ ଡୋସ୍କେଟ । ଏକଥା ମୁଁ ଆପଣମାନଙ୍କୁ ବେଶ ଦମ୍ଭର ସହ କହିବା ପଛର କାରଣ ମଧ୍ୟ ରହିଛି । ୨୦୧୧ରେ ଅଧିନାୟକ ଭାବେ କେକେଆରର ମୋର ପ୍ରଥମ ମ୍ୟାଚ ଥାଏ । ଆମ ପାଖରେ କେବଳ ୪ ଜଣ ବିଦେଶୀ ଖେଳାଳି ରହିଥିଲେ । ରାୟନ ସେତେବେଳେ ୫୦ ଓଭର ବିଶ୍ୱକପରେ କମାଲ କରିଥିଲେ । ତଥାପି ଆମେ ୩ ଜଣ ବିଦେଶୀ ଖେଳାଳିଙ୍କୁ ନେଇ ମ୍ୟାଚ୍ ଖେଳିଥିଲୁ । ଏହି ସମୟରେ ରାୟନ ଆମ ପାଇଁ ପାଣି ବୋହି ନେଉଥିଲେ । ତାଙ୍କ ମୁହଁରେ କୌଣସି ପ୍ରକାରର ନିରାଶା ନଥିଲା । ସେ ମୋତେ ନିସ୍ୱାର୍ଥପରର ଶିକ୍ଷା ଦେଇଛନ୍ତି । ରାୟନଙ୍କ ଭଳି ଟିମକୁ ଭଲ ପାଉଥିବା ଖେଳାଳି ମୁଁ ଆଜି ଯାଏ ଦେଖିନି । ତାଙ୍କ ଭଳି ଲୋକମାନେ ମୋତେ ଲିଡର ପରିଚୟ ଦେଇଛନ୍ତି ।"

## ଧୋନି-ସଚିନଙ୍କ ଠାରୁ ବିରାଟ ଭଲ ବ୍ୟାଟର : ସିଦ୍ଧୁ





**ନୂଆଦିଲ୍ଲୀ :** ଧୋନି-ସଚିନଙ୍କଠାରୁ ବିରାଟ ଭଲ ବ୍ୟାଟର । ଏଭଳି କହି ଚର୍ଚ୍ଚାରେ ଭାରତର ପୂର୍ବତନ କ୍ରିକେଟର ନବଜୋତ ସିଂହ ସିଦ୍ଧୁ । ୨୦୦୮ ମସିହାରେ ଗଠିତ ହେବାର ୧୬ବର୍ଷ ପରେ ରୟାଲ ଚାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି)ର ମହିଳା ଟିମ୍ ଡବ୍ଲୁପିଏଲରେ ପ୍ରଥମ ଟ୍ରଫି ଜିତିଛି । ଏହା ପରେ ଏବେ ପୁରୁଷ ଟିମର ଅଧିନାୟକ ଥିବା ବିରାଟ କୋହଲିଙ୍କ ଦକ୍ଷତା ଉପରେ ଲୋକେ ପ୍ରଶ୍ନ କରିବା ଆରମ୍ଭ କରିଛନ୍ତି । ଏବିଷୟରେ ସିଦ୍ଧୁଙ୍କୁ ପ୍ରଶ୍ନ କରାଯିବାରୁ ସେ ବିରାଟଙ୍କୁ ସବୁଠୁ ଭଲ ବ୍ୟାଟର ବୋଲି କହିଛନ୍ତି । ଆରସିବି ପାଇଁ ବିରାଟଙ୍କୁ ନମ୍ବର ୩ରେ ଖେଳିବା ଉଚିତ୍ କି ନାହିଁ ବୋଲି ପ୍ରଶ୍ନ କରାଯିବାରୁ ସିଦ୍ଧୁ କହିଥିଲେ, ମୁଁ ଏଭଳି ହେବା ଜରୁରୀ ବୋଲି ଭାବୁନାହିଁ । କାରଣ ସେ ଜଣେ ମହାନ ବ୍ୟାଟର ବୋଲି ମୁଁ ଭାବେ । ତାଙ୍କ ଅଧିନାୟକତ୍ୱରେ ଆରସିବି ଟ୍ରଫି ନଜିତିବାଟା ଏକ କଳା ଦାଗ ଭଳି, ଯାହାକୁ ସେ ହଟାଇବା ଜରୁରୀ । ହେଲେ ଏହି ବିଫଳତା ତାଙ୍କ ପାଇଁ ହାନିକାରକ ନୁହେଁ । କାରଣ ସେ ନିଜର ସର୍ବଶ୍ରେଷ୍ଠ ପ୍ରଦର୍ଶନ ଦେଖାଯାଇସାରିଛନ୍ତି । ଆମେ ସମସ୍ତେ ଦେଖିଛେ । ସୁନୀଲ ଗାଭାସ୍କର ୧୫-୨୦ବର୍ଷ ରାଜ୍ କରିବା ପରେ ସଚିନ୍ ତେନ୍ଦୁଲକର ଆସିଥିଲେ । ତାଙ୍କ ପରେ ଧୋନି ଓ ପରେ ବିରାଟ ଅଧିନାୟକ ହୋଇଥିଲେ । ଏମାନଙ୍କ ମଧ୍ୟରୁ ବିରାଟ ମୋତେ ସବୁଠୁ ଭଲ ବ୍ୟାଟର ଲାଗନ୍ତି, କାରଣ ସେ ୩ଟି ଫର୍ମାଟରେ ଭଲ ପ୍ରଦର୍ଶନ କରିଛନ୍ତି ।

## ଏମ୍‌ଜିଏମ୍ ସ୍କୁଲ ଅଫ ସ୍ପୋର୍ଟସ୍ ରବି ଶାସ୍ତ୍ରୀଙ୍କ କୋଚିଂ ଏକାଡେମୀ ସହିତ ବୁଝାମଣାପତ୍ର




**ଭୁବନେଶ୍ୱର :** ଓଡ଼ିଶା ବିବିଧ ଶୃଙ୍ଖଳାରେ କ୍ରୀଡା ଐତିହ୍ୟରେ ସମୃଦ୍ଧ ଏକ ରାଜ୍ୟ ଭାବରେ ପରିଚିତ । ଓଡ଼ିଶାରେ କ୍ରୀଡା ସଂସ୍କୃତିକୁ ପରିବର୍ଦ୍ଧିତ କରିବା ଏବଂ ଅଧିକ ସଫଳ କ୍ରୀଡାବିତ୍ ସୃଷ୍ଟି କରିବାକୁ ଏମ୍‌ଜିଏମ୍ ଗ୍ରୁପ୍ ଭୁବନେଶ୍ୱରଠାରୁ ୩୦ କିଲୋମିଟର କଟକ ସହର ନିକଟ କପୁରସିଂ, ଗୁରୁଡିଝାଟିଆଠାରେ ଏକ ଅତ୍ୟାଧୁନିକ ହାଇ ପରଫର୍ମାନ୍ସ କ୍ରିକେଟ ଏକାଡେମୀ ସ୍ଥାପନ କରିଛି, ଯାହାର ନାମ ରଖାଯାଇଛି ଏମ୍‌ଜିଏମ୍ ସ୍କୁଲ ଅଫ ସ୍ପୋର୍ଟସ୍ । ଏହା ରାଜ୍ୟରେ ଉଚ୍ଚ ପ୍ରଦର୍ଶନକାରୀ ଏବଂ ଗୁଣମାନ ଦ୍ୱାରା ପରିଚାଳିତ କ୍ରିକେଟ ସଂସ୍କୃତି ସୃଷ୍ଟି କରିବାର ଆଦର୍ଶ ଉଦ୍ଦେଶ୍ୟକୁ ପ୍ରୋତ୍ସାହିତ କରିବ । ଏହି ଆବାସିକ ଏକାଡେମୀ ଏମ୍‌ଜିଏମ୍ ଗ୍ରୁପ୍, ଓଡ଼ିଶାର ଛାମୁଆ କମ୍ପାନୀ ଏମ୍‌ଜିଏମ୍ ମିନେରାଲ୍ସ ଲିମିଟେଡର ଏକ ସମ୍ପୂର୍ଣ୍ଣ ମାଲିକାନାଧୀନ ସହଯୋଗୀ ସଂସ୍ଥା । ଓଡ଼ିଶା ସରକାର ଏବଂ ଓଡ଼ିଶା କ୍ରିକେଟ ଆସୋସିଏସନ୍ ଭଳି ବର୍ତ୍ତମାନର ପ୍ରଶାସନିକ କଳ ସମର୍ଥନରେ ଆମେ ଦୃଢ ନିଶ୍ଚିତ ଯେ ଏମ୍‌ଜିଏମ୍ ସ୍କୁଲ ଅଫ୍ ସ୍ପୋର୍ଟସ୍ ଓଡ଼ିଶାରେ କ୍ରିକେଟ ପରିବ୍ୟବସ୍ଥାରେ ବୃଦ୍ଧି ଘଟାଇବ ଏବଂ ସଫଳ କ୍ରିକେଟ ଖେଳାଳି ସୃଷ୍ଟି ଦିଗରେ ପ୍ରୟାସ କରିବ । ଏମ୍‌ଜିଏମ୍ ସ୍କୁଲ ଅଫ ସ୍ପୋର୍ଟସ୍ ଜାତୀୟ କ୍ରିକେଟ ଏକାଡେମୀ ଏବଂ ଅନ୍ୟ ଖ୍ୟାତିସମ୍ପନ୍ନ କୋଚିଂ ସେଣ୍ଟର ଢାଞ୍ଚାରେ ଏକ ଫିଡର ଅର୍ଗାନାଇଜେସନ୍ ଭାବରେ କାର୍ଯ୍ୟ କରିବ । ଆବାସିକ ସୁବିଧା, ଆର୍ନ୍ତଜାତିକ ମାନର କ୍ରିକେଟ ପଡିଆ, ଟର୍ଫ, ଆଷ୍ଟ୍ରୋଟର୍ଫ ଏବଂ ମ୍ୟାଟିଂ ପିଚ୍, ଏକ ଛଅ ଲେନ୍ ଇନ୍‌ଡୋର ଏରିନା, ସମସ୍ତ ସାଜସରାମ ଥିବା ଜିମ୍‌ନାସିୟମ, ସ୍ୱିମିଂ ପୁଲ୍, ଫିଜିଓଥେରାପି ଏବଂ ରିକଭରୀ ସେଣ୍ଟର, ମୋଟିଭେସନ୍ ହଲ୍, ପୁନର୍ବାସ କେନ୍ଦ୍ର, ବିଚ୍ ଭଲିବଲ୍ କୋର୍ଟ, ବାସ୍କେଟବଲ କୋର୍ଟ ଆଦି ଅତ୍ୟାଧୁନିକ ଭିତ୍ତିଭୂମି ଏହି ସ୍କୁଲରେ ରହିଛି । ଏହି ସ୍ପୋର୍ଟସ୍ ଏକାଡେମୀ ଆକାଂକ୍ଷୀ କ୍ରିକେଟ ଖେଳାଳିଙ୍କୁ ସେମାନଙ୍କ ଲକ୍ଷ୍ୟ ହାସଲ ଦିଗରେ ବ୍ୟାପକ ତାଲିମ ନେବାକୁ ଏକ ତାଲିମ ସ୍ଥଳ ଭାବରେ ସେବା ଯୋଗାଇଦେବ । ଏମ୍‌ଜିଏମ୍ ସ୍କୁଲ ଅଫ ସ୍ପୋର୍ଟସ୍ ପୂର୍ବତନ ଟିମ୍ ଇଣ୍ଡିଆ କୋଚ୍‌ଗଣ ଶ୍ରୀ ରବି ଶାସ୍ତ୍ରୀ, ଶ୍ରୀ ବି ଅରୁଣ ଏବଂ ଶ୍ରୀ ଆର.ଶ୍ରୀଧରଙ୍କ ଦ୍ୱାରା ସ୍ଥାପିତ ଭାରତର ଅନ୍ୟତମ ପ୍ରମୁଖ କ୍ରିକେଟ କୋଚିଂ ପ୍ରତିଷ୍ଠାନ କୋଚିଂ ବିୟଣ୍ଡ୍ ସହିତ ଚଳିତ ମାସ ୧୯ ତାରିଖରେ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି । କୋଚିଂ ବିୟଣ୍ଡ ଏମ୍‌ଜିଏମ୍ ସ୍କୁଲ ଅଫ ସ୍ପୋର୍ଟସ୍‌ର ଏହି ପ୍ରୟାସ ନିମନ୍ତେ ଓଡ଼ିଶାକୁ ବିଶ୍ୱର ସର୍ବୋତ୍ତମ କ୍ରୀଡାଭ୍ୟାସ ଆଣିଦେବା ଲକ୍ଷ୍ୟରେ ଉଚ୍ଚ ଗୁଣମାନର କୋଚିଂ କାର୍ଯ୍ୟକ୍ରମକୁ ସୁଗମ କରାଇବା ଏବଂ ତାହାକୁ କାର୍ଯ୍ୟକାରୀ କରିବା ଦିଗରେ ଏକ ଜ୍ଞାନ ଓ ବୈଷୟିକ ସହଭାଗୀ ହେବ । ଏହି ବିଶିଷ୍ଟ କୋଚ୍‌ମାନଙ୍କ ସହିତ ଏମ୍‌ଜିଏମ୍ ସ୍କୁଲ ଅଫ ସ୍ପୋର୍ଟସ୍ ମଧ୍ୟ ପୂର୍ବତନ ଭାରତୀୟ ଟେଷ୍ଟ କ୍ରିକେଟ ତାରକା ଶ୍ରୀ ଏସ.ଏଲ୍.ଭେଙ୍କଟପତି ରାଜୁଙ୍କୁ ତାହାର ଏହି ସମ୍ମାନଜନକ ପ୍ରକଳ୍ପ ନିମନ୍ତେ କନ୍‌ସଲଟାଣ୍ଟ କୋଚ୍ ଭାବରେ ଚୁକ୍ତିବଦ୍ଧ କରାଇଛି ।

## ଆରସିବି ଦଳ ବଦଳାଇଲା ନାମ ଓ ଲୋଗୋ




**ନୂଆଦିଲ୍ଲୀ :** ମାର୍ଚ୍ଚ ୨୨ ତାରିଖରୁ ଆରମ୍ଭ ହେବ ଆଇପିଏଲ୍ ୨୦୨୪ । ଉଦ୍‌ଘାଟନୀ ମ୍ୟାଚ୍‌ରେ ଚେନ୍ନାଇ ସୁପରକିଙ୍ଗସ (CSK)କୁ ଭେଟିବ ରୋୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (RCB) । ହେଲେ ତା' ପୂର୍ବରୁ ଆଜି ଆନୁଷ୍ଠାନିକ ଭାବେ ନିଜ ନାଁ ବଦଳାଇ ଦେଇଛି ରୋୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର । ତା'ର ନୂଆ ନାଁ ହେଉଛି 'ରୋୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ' । ଆଜି ବେଙ୍ଗାଲୁରୁର ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ରୋୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରର ନୂଆ ନାଁ ଘୋଷଣା କରାଯିବା ସହିତ ନୂଆ ଲୋଗକୁ ମଧ୍ୟ ଉନ୍ମୋଚନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ RCBର ଅଧିନାୟକ ଫାଫ ଡୁପ୍ଲେସିସ, ଷ୍ଟାର ବ୍ୟାଟର ବିରାଟ କୋହଲି ଓ ମହିଳା ଟିମ୍ କ୍ୟାପଟେନ୍ ସ୍ମୃତି ମନ୍ଧାନା ପ୍ରମୁଖ ଉପସ୍ଥିତ ରହିଥିଲେ । ଏହା ପୂର୍ବରୁ ମହିଳା ପ୍ରିମିୟର ଲିଗ୍ (WPL) ୨୦୨୪ର ବିଜେତା ସ୍ମୃତି ମନ୍ଧାନାଙ୍କ ନେତୃତ୍ୱାଧୀନ ଜଉଇ ଟିମ୍‌କୁ ଦିଆଯାଇଥିଲା ଗାର୍ଡ ଅଫ୍ ଅନର । RCBର ପୁରୁଷ ଟିମ୍ ସେମାନଙ୍କୁ ଦେଇଥିଲେ ଗାର୍ଡ ଅଫ୍ ଅନର । ପୁରୁଷ ଟିମ୍ ଅଧିନାୟକ ଫାଫ ଡୁପ୍ଲେସିସ, ବିରାଟ କୋହଲି, ମହମ୍ମଦ ସିରାଜ, କ୍ୟାମେରୁନ୍ ଗ୍ରୀନ୍, ଗ୍ଲେନ୍ ମ୍ୟାକ୍ସୱେଲ, ଦୀନେଶ କାର୍ତ୍ତିକ ଓ ଅନ୍ୟ ଖେଳାଳିମାନେ ମହିଳା ଟିମ୍‌କୁ ଗାର୍ଡ ଅଫ୍ ଅନର ଦେଇଥିଲେ । RCB ପୁରୁଷ ଟିମ୍ ଆଇପିଏଲ୍‌ରେ ଏଯାବତ କେବେ ଚାମ୍ପିଅନ ହୋଇନାହିଁ । ଅନ୍ୟପକ୍ଷରେ ଏଥର ଜଉଇ ମହିଳା ଟିମ୍ ପ୍ରଥମ ଥର ମହିଳା ପ୍ରିମିୟର ଲିଗ୍ (WPL) ଜିତିଛି । ଏହା ଆରସିବି ପାଇଁ ଏକ ବଡ଼ ସଫଳତା ।

### ଦିବାରାତ୍ରୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ଫାୟାର ଫୋର୍ସ ଚାମ୍ପିଅନ

**ଯୋଡ଼ା(ଅମୃତ ମିଡିଆ) :** କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକା ଅନ୍ତର୍ଗତ ଶାସ୍ତ୍ରୀନଗର ରେ ୩ ଦିନିଆ ଦିବାରାତ୍ରି କ୍ରିକେଟ ସର୍ଟ ବାଉଣ୍ଡରି ଟୁର୍ଣ୍ଣାମେଣ୍ଟ ସୀତାରାମ ରୁଙ୍ଗଟା କମ୍ପ୍ଲେକ୍ସ ରେ ଚଳିତ ମାର୍ଚ୍ଚ ୧୬ ରୁ ଆରମ୍ଭ ହୋଇ ୧୮ ତାରିଖରେ ଉଦ୍‌ଯାପିତ ହୋଇଛି । ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୨୨ ଟି ଟିମ ଅଂଶ ଗ୍ରହଣ କରିଥିଲେ । ଫାଇନାଲ ମ୍ୟାଚ୍ ଫାଏର ଫୋର୍ସ ବନାମ କେ.ଇ.ସି ମଧ୍ୟରେ ରେ ଏକ ରୋମାଞ୍ଚକ ଖେଳ ଦେଖିବାକୁ ମିଳିଥିଲା । ଏହି ମ୍ୟାଚ୍ ରେ ଫାଏର ଫୋର୍ସ ପ୍ରଥମେ ୬ ଓଭର ରେ ବିସ୍ଫୋଟକ ବ୍ୟାଟିଂ କରି ୧୧୮ ରନ ଟାର୍ଗେଟ ଦେଇଥିଲେ । ଦିତୟୀ ଇନିଂସ ରେ କେ.ଇ.ସି ଟିମ ଟାର୍ଗେଟ କୁ ପିଛାକରି ଫାଏର ଫୋର୍ସ ର ଘାତକ ବୋଲିଂ କୁ ସାମ୍ନା କରି ମାତ୍ର ୬୦ ରନ ରେ ସୀମିତ ରହି ପରାଜୟ ହୋଇଥିଲା ଏହି ଖେଳରେ ମୁଖ୍ୟ ଅତିଥି



ଭାବେ ଟାଟା ଷ୍ଟିଲ ଫାଉଣ୍ଡେସନ ଯୋଡ଼ା ଚିଫ ରବୀନ୍ଦ୍ର କୁମାର ଏବଂ ଯୋଡ଼ା ଟ୍ରକ ଓନର ଆସୋସିଏସନ୍ ସମ୍ପାଦକ ସୁଶାନ୍ତ କୁମାର ବାରିକ ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ଫାଇନାଲ୍ ମ୍ୟାଚ୍ ରେ ସନ୍ତୋଷ କୁମାର ଅଧିକାରୀ ମ୍ୟାନ ଅଫ ଦି ମ୍ୟାଚ୍ ଓ ବେଷ୍ଟ ବ୍ୟାଟ୍ସମ୍ୟାନ ଭାବେ ପୁରସ୍କୃତ ହୋଇଥିବା ବେଳେ ରାଜା ଠାକୁରଙ୍କୁ ମ୍ୟାନ ଅଫ ଦି ଟୁର୍ଣ୍ଣାମେଣ୍ଟ ଘୋଷିତ କରା ଯାଇଥିଲା । ଏପରି ଏକ ଉଚ୍ଚସ୍ତରୀୟ ଟୁର୍ଣ୍ଣାମେଣ୍ଟ କୁ ଆୟୋଜନ କରିବାରେ ସୁବ୍ରତ ନାଏକ, ଅତୁଲ ନାଏକ, ବିର୍ବଲ ଯାଦବ, ସମନାଥ ବେହେରା, ସଂଜୁ ଅଧିକାରୀ, ସିଧୁ କର, ସାହିଲ, ମନୋଜ ବାରିକ, ବାପି, ପ୍ରେମ ଅଧିକାରୀ, ହେମନ୍ତ ଗୁରୁଙ୍ଗ,ଏବଂ ସମସ୍ତ କ୍ଲବ ସଦସ୍ୟ ଙ୍କ ମୁଖ୍ୟ ଭୂମିକା ଥିଲା । ଯୋଡ଼ା ଅଞ୍ଚଳରେ ଏପରି ଏକ ଜିଲ୍ଲା ସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ଦେଖି ଦର୍ଶକ ମାନଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖାଦେବା ସହ ଶାସ୍ତ୍ରୀନଗର କ୍ଲବ ର ଏପରି ଏକ ପ୍ରୟାସ କୁ ଖେଳ ପ୍ରେମି ମାନେ ପ୍ରଶଂସା କରିଛନ୍ତି ।

## ମିଚେଲ୍‌ଙ୍କ ବଲରେ ଫ୍ଲାଟ ଛକା ମାରିଲେ ରିଙ୍କୁ



**କୋଲକତା :** ଆଇପିଏଲ ୨୦୨୪ ଆରମ୍ଭ ପୂର୍ବରୁ ଦଳମାନେ ପଡ଼ିଆରେ ପ୍ରାକ୍ଟିସ୍ ଆରମ୍ଭ କରିଛନ୍ତି । କୋଲକାତା ନାଇଟ ରାଇଡର୍ସ (କେକେଆର) ନିକଟରେ ଏକ ୱାର୍ମ ଅପ ମ୍ୟାଚ ଖେଳିଥିଲା । ଏଠାରେ ଦଳରୁ ନିଆଯାଇଥିବା ଖେଳାଳିଙ୍କୁ ଟିମ ପର୍ପଲ ଏବଂ ଟିମ ଗୋଲ୍ଡରେ ବିଭକ୍ତ କରାଯାଇଥିଲା । ପ୍ରଥମ ଅଭ୍ୟାସ ମ୍ୟାଚ ରେ ହାରିଯିବା ପରେ ଟିମ ପର୍ପଲ ଦ୍ୱିତୀୟ ଅଭ୍ୟାସ ମ୍ୟାଚରେ ବିଜୟ ହାସଲ କରିବାରେ ସଫଳ ହୋଇଛି । ବ୍ୟାଟିଂରେ ରିଙ୍କୁ ସିଂ, ଫିଲ ସଲ୍ଟ ଏବଂ ଭେଙ୍କଟେଶ ଆୟର ମଧ୍ୟ ସହଯୋଗ କରିଥିଲେ ଏବଂ ଏହି ସମୟରେ ରିଙ୍କୁ ସିଂ ମଧ୍ୟ ହାତ ଖୋଲି ୨୪.୭୫ କୋଟି ଟଙ୍କାରେ ବିକ୍ରି ହୋଇଥିବା ବୋଲର ମିଚେଲ ଷ୍ଟାକଙ୍କ ବଲରେ ଏକ ଫ୍ଲାଟ ଛକା ମାରିଥିଲେ । ପ୍ରଥମେ ଖେଳି ଟିମ ଗୋଲ୍ଡ ୧୮୯ ରନ ସଂଗ୍ରହ କରିଥିଲା । ଅନ୍ୟପକ୍ଷରେ ଯେତେବେଳେ ମିଚେଲ ଷ୍ଟାର୍କ ଟିମ ପର୍ପଲ ପାଇଁ ବୋଲିଂ କରିବାକୁ ଆସିଥିଲେ, ସେତେବେଳେ ସେ ଜଣେ ୟର୍କର ବୋଲିଂ କରିବାକୁ ଚେଷ୍ଟା କରିଥିଲେ, କିନ୍ତୁ ଏହା ଫୁଲ୍‌ଟସ ଥିଲା । ରିଙ୍କୁ ଏହାର ସୁଯୋଗ ନେଇ ଲେଗ୍ ସାଇଡରେ ଏକ ଫ୍ଲାଟ ଛକା ମାରିଥିଲେ ।

## ବାଇକ୍ ଦୁର୍ଘଟଣାରେ ଗୁରୁତର ଆହତ ହେଲେ କ୍ୟାମେରନ ବାନକ୍ରଫ୍ଟ



**ସିଡନୀ :** କ୍ରିକେଟ ପ୍ରଶଂସକଙ୍କ ସବୁଠାରୁ ବଡ ପର୍ବ ଅର୍ଥାତ୍ ଆଇପିଏଲ ଆରମ୍ଭ ହେବାକୁ ଯାଉଛି । ତେବେ ଦୁନିଆର ଏହି ସବୁଠୁ ବଡ କ୍ରିକେଟ ଲିଗ ଆରମ୍ଭ ପୂର୍ବରୁ ଅନେକ ଖେଳାଳି ଆହତ ହେଉଛନ୍ତି । ଗତ ଏକ ମାସ ମଧ୍ୟରେ ତିନିଜଣ ଖେଳାଳି ସଡ଼କ ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି । ପ୍ରଥମେ ଗୁଜରାଟ ଟାଇଟାନ୍ସ ଦ୍ୱାରା ବହୁ ମୂଲ୍ୟରେ କିଣାଯାଇଥିବା ଯୁବ ଭାରତୀୟ ଖେଳାଳି ରବିନ ମିଞ୍ଜ ଏକ ବାଇକ ଦୁର୍ଘଟଣାରେ ଆହତ ହୋଇଥିଲେ । ତା'ପରେ ଶ୍ରୀଲଙ୍କାର ଲାହିରୁ ଥିରିମାନେ ଏକ ସଡ଼କ ଦୁର୍ଘଟଣାର ଶିକାର ହୋଇଥିଲେ ଏବଂ ବର୍ତ୍ତମାନ ବାଇକ ଦୁର୍ଘଟଣାରେ ଅଷ୍ଟ୍ରେଲିଆର କ୍ୟାମେରନ ବାନକ୍ରଫ୍ଟ ଗୁରୁତର ଆହତ ହୋଇଛନ୍ତି । ଏହି ଦୁର୍ଘଟଣାରେ କ୍ୟାମେରନ ବାନକ୍ରାଫ୍ଟ ଗୁରୁତର ଆହତ ହୋଇଛନ୍ତି, ଏହି କାରଣରୁ ସେ ଗୁରୁବାର ଠାରୁ ପର୍ଥର ଡଇଉଇ ଗ୍ରାଉଣ୍ଡରେ ତସ୍ମାନିଆ ବିପକ୍ଷରେ ଆରମ୍ଭ ହୋଇଥିବା ମାର୍ଶ ଶେଫିଲ୍ଡ ସିଲ୍ଡ ଫାଇନାଲରେ ଖେଳି ପାରିବେ ନାହିଁ । ବାଇକ ଚଳାଇବା ସମୟରେ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।

କାର୍ଯ୍ୟନିର୍ବାହୀ ସମ୍ପାଦକ : ପ୍ରଦ୍ୟୁମ୍ନ ମିଶ୍ର
Executive Editor : Pradyumna Mishra

Printed and Published by **Niranjan Patra** on behalf of Uchhab Multimedia and Entertainment Pvt. Ltd., Published at Balisahi, Po/Dist- Puri and Printed at Gayatri Industries, TS 3/193, Mancheswar Industrial Estate, Bhubaneswar-751010, E-mail: amrutadunia@gmail.com, amrutadunia@rediffmail.com. Mobile- 9040005085 (News).

ସମ୍ପାଦକ: ନିରଞ୍ଜନ ପାତ୍ର
Editor: Niranjan Patra






# ନନ୍ଦନକାନନ ରୋପ୍‌ୱେ'ର ୬ କ୍ୟାବିନ୍ ଖସିପଡ଼ିଲା



**ଭୁବନେଶ୍ୱର(ବ୍ୟୁରୋ):** ଆଜି ମଙ୍ଗଳବାର ସକାଳ ପ୍ରାୟ ସାଢ଼େ ୮ଟା ବେଳେ ନନ୍ଦନକାନନ ରୋପ୍‌ୱେରେ ଗୋଟିଏ ବିଚିତ୍ର ଦୃଶ୍ୟ ଦେଖିବାକୁ ମିଳିଥିଲା। ରୋପ୍ ହଠାତ୍ ଅତ୍ୟଧିକ ଝୁଲିପଡ଼ିବାରୁ ସେଥିରେ ଲାଗିଥିବା ୬ଟି ଯାକ କ୍ୟାବିନ୍ କାଞ୍ଜିଆ ହ୍ରଦ ପାଣି ଭିତରକୁ ଖସିପଡ଼ିଥିଲା। ସୌଭାଗ୍ୟକୁ ସେତେବେଳେ କ୍ୟାବିନ୍‌ଗୁଡ଼ିକରେ କେହି ପର୍ଯ୍ୟଟକ ନଥିବାରୁ ବଡ଼ଧରଣର ଅଘଟଣ ଟଳିଯାଇଥିଲା। କୌଣସି ଏକ ଯାନ୍ତ୍ରିକ ତ୍ରୁଟି କାରଣରୁ ଏପରି ଘଟିଥିବା କୁହା ଯାଉଛି। ତେବେ ଏହି ଖବରକୁ ନନ୍ଦନକାନନ କର୍ତ୍ତୃପକ୍ଷ ଖଣ୍ଡନ କରିଛନ୍ତି। ନିୟମିତ ବ୍ୟବଧାନରେ ହେଉଥିବା ମରାମତି କାମ ପାଇଁ ଆଜି ରୋପ୍‌ୱେ ବନ୍ଦ ଥିଲା ବୋଲି କର୍ତ୍ତୃପକ୍ଷ ସଫେଇ ଦେଇଛନ୍ତି। ଆଜି ଦିନତମାମ ପର୍ଯ୍ୟଟକମାନେ ରୋପ୍‌ୱେ'ର ମଜା ନେଇ ନପାରି ହତାଶ ହୋଇଥିବା ଦେଖା ଯାଇଥିଲା। ସବୁଦିନ ଭଳି ଆଜି ସକାଳେ ରୋପ୍‌ୱେ'ରେ ଯାତ୍ରା କରିବା ପାଇଁ ଟିକେଟ୍ କାଉଣ୍ଟର ନିକଟରେ ପର୍ଯ୍ୟଟକମାନେ ଅପେକ୍ଷା କରିଥିଲେ। କିନ୍ତୁ ଟିକେଟ୍ ବିକ୍ରି ପୂର୍ବରୁ ହଠାତ୍ କାଉଣ୍ଟରକୁ ସଂପୂର୍ଣ୍ଣ ବନ୍ଦ କରିଦିଆଯାଇଥିଲା। ଟିକେଟ୍ କିଣିବାକୁ ଅପେକ୍ଷା କରିଥିବା ପର୍ଯ୍ୟଟକମାନେ ହତାଶ ହୋଇଥିଲେ। ପରେ ଜଣାପଡ଼ିଥିଲା ଯେ ରୋପ୍ ଝୁଲିପଡ଼ିବାରୁ କ୍ୟାବିନ୍ ପାଣିରେ ବୁଡ଼ିଯାଇଛି। ସେ ଖବର ପାଇ ଦାୟିତ୍ୱରେ ଥିବା ଏସିଏଫ୍ ଶରତ କୁମାର ସାହୁ ଫୋନ୍‌କରି ବୁଝିବା ସହ ତୁରନ୍ତ ଟିକେଟ୍ କାଉଣ୍ଟର ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି କୌଣସି ପର୍ଯ୍ୟଟକ ଯେମିତି ଝୁଲିଥିବା କ୍ୟାବିନ୍‌ର ଫଟୋ ନ ଉଠାଇବେ, ସେଥିପ୍ରତି ସତର୍କ ରହିବାକୁ ରୋପ୍‌ୱେ ପରିଚାଳନାରେ ଥିବା କର୍ମଚାରୀ ଓ ସୁରକ୍ଷାକର୍ମୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେପରେ ରୋପ୍‌ୱେ କ୍ୟାବିନ୍‌ଗୁଡ଼ିକୁ ପାଣିରୁ ଉଠା ଯାଇଥିଲା ଏବଂ ଆଜି ଦିନକ ପାଇଁ ପର୍ଯ୍ୟଟକଙ୍କୁ ରୋପ୍‌ୱେ' ଯାତ୍ରା ବାରଣ କରାଯାଇଥିଲା। ମରାମତି ଓ ଯାଞ୍ଚକାମ ଚାଲିଥିବା ଦର୍ଶାଇ ଆଜି ଏହାକୁ ବନ୍ଦ ରଖାଯାଇଥିଲା। କିନ୍ତୁ ପ୍ରକୃତ ଖବର ପ୍ରଚାର ହୋଇ ଯାଇଥିଲା। ସୂଚନାଯୋଗ୍ୟ ଯେ ୨୦୧୧ ଅକ୍ଟୋବର ମାସରେ ଯାତ୍ରୀଙ୍କୁ ନେଇ ଯାଉଥିବା ବେଳେ ରୋପ୍‌ୱେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫସିରହିଥିବା ଯାତ୍ରୀଙ୍କୁ କାଞ୍ଜିଆ ହ୍ରଦରୁ ଡଙ୍ଗା ସାହାଯ୍ୟରେ ଉଦ୍ଧାର କରାଯାଇଥିଲା। ଆଜିର ଘଟଣା ପୁଣି ରୋପ୍‌ୱେ ପରିଚାଳନା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ରାଜଧାନୀରୁ ହଟିପାରୁନି ହୋର୍ଡିଂ

**ଭୁବନେଶ୍ୱର(ବ୍ୟୁରୋ):** ୨୦୨୪ ସାଧାରଣ ନିର୍ବାଚନ ତାରିଖ ଘୋଷଣା ପରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି। ୧୬ ତାରିଖଠାରୁ ଆଚରଣ ବିଧି ଲାଗୁ ହୋଇଥିଲେ ମଧ୍ୟ ରାଜଧାନୀର ବିଭିନ୍ନ ସ୍ଥାନରେ ଲାଗିଥିବା ସରକାରୀ ପୋଷ୍ଟର ଓ ହୋର୍ଡିଂ ହଟିପାରୁ ନାହିଁ। ସରକାରୀ ଯୋଜନାର ପ୍ରଚାର ଓ ପ୍ରସାର ପାଇଁ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଯୋଜନା ସମ୍ବଳିତ ହୋର୍ଡିଂ ଏବେ ମଧ୍ୟ ଲାଗିଛି। ବସ୍ତିରେ ଜାଗା ମିସନ ହେଉ କିମ୍ବା କଲୋନିରେ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ବିଜ୍ଞାପନ। ହାଇସ୍କୁଲରେ ମୁଖ୍ୟମନ୍ତ୍ରୀଙ୍କ ଫଟୋ ଥିବା ରୂପାନ୍ତରିତ ଲୋଗୋ ଓ ବାର୍ତ୍ତା ମଧ୍ୟ ରହିଛି। ତିନି ଦିନ ହେଲା ବିଏମ୍‌ସି ସମେତ ପ୍ରଶାସନିକ ଅଧିକାରୀମାନେ ଲାଗିପଡ଼ିଥିଲେ ମଧ୍ୟ ହୋର୍ଡିଂ ହଟାଇବାରେ ସକ୍ଷମ ହୋଇପାରି ନାହାନ୍ତି। ଆଜି ସନ୍ଧ୍ୟାରେ ମଧ୍ୟ ରାସ୍ତାପାର୍ଶ୍ୱ ବିଦ୍ୟୁତ୍ ଖୁଣ୍ଟରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କିତ ଛୋଟ ଛୋଟ ପୋଷ୍ଟର ଲାଗିଥିବା ଦେଖିବାକୁ ମିଳିଛି। ତେବେ ଚିନ୍ତାର ବିଷୟ ହେଉଛି ଯେ ଆଦର୍ଶ ଆଚରଣ ବିଧି ଲାଗୁ ହେବାର ୭୨ ଘଣ୍ଟା ବିତିଯାଇଥିଲେ ମଧ୍ୟ ସହରରୁ ହୋର୍ଡିଂ ହଟେଇବାରେ ବିଏମ୍‌ସି ସଫଳ ହୋଇପାରି ନାହିଁ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଏତେ ପରିମାଣର ହୋର୍ଡିଂ ଲାଗିଛି ଯେ ତାହାକୁ ସମ୍ପୂର୍ଣ୍ଣ ହଟାଇବା ସମ୍ଭବ ନୁହେଁ। ଜାଗା ମିସନ, ବିଜୁ ଆଦର୍ଶ କଲୋନି, ଡ୍ରିଙ୍କ୍ ଫ୍ରମ ଟ୍ୟାପ୍, ମୋ ପୋଖରୀ ପରି ଯୋଜନାରେ ପ୍ରଚାର ପ୍ରସାର ପାଇଁ ଲାଗିଥିବା ସ୍ଥାୟୀ ହୋର୍ଡିଂ ହଟାଇବା ସମ୍ଭବପର ହେଉ ନ ଥିବାରୁ ଏବେ ଘୋଡ଼ାଇବା କାର୍ଯ୍ୟ ଆରମ୍ଭ ହୋଇଛି। ଯେଉଁ ସ୍ଥାନରେ ସ୍ଥାୟୀ ହୋର୍ଡିଂ ଲାଗିଛି, ସେହି ସବୁ ସ୍ଥାନକୁ ଧଳା କପଡ଼ାରେ ଘୋଡାଇ ଦିଆଯାଇଥିବା ଦେଖିବାକୁ ମିଳିଛି। ମାତ୍ର ତାହା ସ୍ଥାୟୀ ହୋଇ ରହୁ ନାହିଁ। ରାସ୍ତାପାର୍ଶ୍ୱରେ ଲାଗିଥିବା ହୋର୍ଡିଂ କେଉଁଠି ଅଧା ଢଙ୍କା ହୋଇଛି ତ ଆଉ କେଉଁଠି ପୂରା ମେଲା ରହିଛି। ଆଜି ଅପରାହ୍ଣରେ ହୋଇଥିବା ବର୍ଷା ପବନ ଦ୍ୱାରା କେତେକ ସ୍ଥାନରେ ଧଳା କପଡ଼ା ଉଡ଼ିଯାଇଛି। ସହରର ବିଭିନ୍ନ ବିଦ୍ୟୁତ୍ କାର୍ଯ୍ୟାଳୟ ନିକଟରେ ଶକ୍ତି ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଫଟୋ ଥିବା ବିଭିନ୍ନ ସଚେତନତା ବାର୍ତ୍ତା ଉଲ୍ଲେଖ ହୋଇଥିଲା। ଏବେ ତାହାକୁ ବଦଳାଯାଇ ନିର୍ବାଚନର ଏହି ମହାପର୍ବରେ ଭୋଟଦାନ ଅଧିକାର ସାବ୍ୟସ୍ତ କରିବାକୁ ନିବେଦନ କରାଯାଇ ବାର୍ତ୍ତା ଲେଖାଯାଇଛି। ସେପଟେ ୩ ଦିନ ପରେ ମଧ୍ୟ ରାଜଧାନୀରୁ ହୋର୍ଡିଂ ହଟିପାରି ନ ଥିବାରୁ ବିରୋଧୀ ଦଳଗୁଡ଼ିକ ପ୍ରଶ୍ନ ଉଠାଇଲେଣି। କଂଗ୍ରେସ ମୁଖପାତ୍ର କୃଷ୍ଣଚନ୍ଦ୍ର ପତି ଅଭିଯୋଗ କରିଛନ୍ତି ଯେ ଯୋଜନା ନାଁରେ ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର ହେଉଥିବା ଭଳିକି ଭଳି ହୋର୍ଡିଂ ସହର ସାରା ଛାଇ ଯାଇଛି। ସେଗୁଡ଼ିକୁ ହଟାଇବାକୁ ପ୍ରଶାସନର ହାତ ଯାଉ ନାହିଁ। ମାତ୍ର କେଉଁଠି କଂଗ୍ରେସର ଗୋଟିଏ ଯୋଡ଼ିଏ ପୋଷ୍ଟର ଲାଗିଛି ତାହାକୁ ହଟାଇବାକୁ ଧାଇଁ ଆସୁଛନ୍ତି। ଏବେ ମଧ୍ୟ ବସ୍ତିର ଏକାଧିକ ସ୍ଥାୟୀ ହୋର୍ଡିଂରେ ସରକାରୀ ଯୋଜନାର ପ୍ରଚାର କରାଯାଉଛି। ବସ୍ତିଗୁଡ଼ିକରେ ହୋର୍ଡିଂ ଜଳଜଳ ହୋଇ ଦିଶୁଥିଲେ ମଧ୍ୟ ସମସ୍ତେ ଜାଣି ମଧ୍ୟ ଆଖି ବୁଜି ଦେଇଛନ୍ତି। ଏଭଳି ପାତରଅନ୍ତର କରାଯିବା ଆଦୌ ଠିକ୍ ନୁହେଁ। ପ୍ରଶାସନ ଯଦି ତୁରନ୍ତ ଏଦିଗରେ ପଦକ୍ଷେପ ନ ନେବ ତା'ହେଲେ ନିର୍ବାଚନ ଅଧିକାରୀଙ୍କ ଦ୍ୱାରସ୍ଥ ହେବୁ ବୋଲି ସେ ଚେତାବନୀ ଦେଇଛନ୍ତି। ବିଏମ୍‌ସିର ଜଣେ ଅଧିକାରୀ କହିଛନ୍ତି ଯେ ନିର୍ବାଚନ ଆଦର୍ଶ ଆଚରଣ ବିଧି ଲାଗୁ ହେବା କ୍ଷଣି ହୋର୍ଡିଂ ହଟାଇବା କାର୍ଯ୍ୟ ଆରମ୍ଭ ହୋଇଛି। ଆଜି ସୁଦ୍ଧା ପ୍ରାୟ ୯୦% ହୋର୍ଡିଂ ହଟିଛି। ଆଉ ଅଳ୍ପ କିଛି ସ୍ଥାନରେ ରହିଯାଇଛି। ଜୋନ୍ ସ୍ତରରେ ଟିମ୍ ଗଢ଼ାଯିବା ସହ ଅଧିକାରୀମାନେ ହୋର୍ଡିଂ ହଟାଇବା କାର୍ଯ୍ୟର ତଦାରଖ କରୁଛନ୍ତି। ଯେଉଁଠି ସ୍ଥାୟୀ ହୋର୍ଡିଂ ଲାଗିଛି ତାହାକୁ ହଟାଇବା ସମ୍ଭବ ନୁହେଁ। ତେଣୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିୟମ ଅନୁଯାୟୀ ଧଳା କପଡ଼ା ଘୋଡ଼ାଇ ଦିଆଯାଉଛି।

## ଝାରପଡା ଜେଲରେ କମିସନରେଟ୍ ପୋଲିସର ସ୍ୱତନ୍ତ୍ର ଟିମ୍

**ଭୁବନେଶ୍ୱର (ବ୍ୟୁରୋ):** କମିସନରେଟ୍ ପୁଲିସର ସ୍ୱତନ୍ତ୍ର ଟିମ୍ ଝାରପଡା ଜେଲରେ ଚଢ଼ଉ କରିଛି। ଡିସିପି ପ୍ରତୀକ୍ ସିଂହଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଜେଲରେ ପହଞ୍ଚି ଚଢ଼ଉ ଚଳାଇଛି। ଗତକାଲି ଜେଲ୍ ପରିସରରେ ଗ୍ୟାଙ୍ଗୱାର ପରେ କମିସନରେଟ୍ ପୁଲିସ ଏହି ଚଢ଼ଉ କରିଛି। ଜେଲର ପ୍ରତ୍ୟେକ ସେଲରେ ଛାନବିନ୍ କରାଯାଉଛି। ପ୍ରତ୍ୟେକ ୱାର୍ଡରେ ଛାନବିନ୍ କରାଯାଉଛି। ଡିସିପିଙ୍କ ସମେତ ବିଭିନ୍ନ ଜୋନର ପାଖାପାଖି ୬ ଜଣ ଏସିପି ମଧ୍ୟ ଏହି ଚଢଉରେ ସାମିଲ ହୋଇଛନ୍ତି। ଗତକାଲି ଝାରପଡ଼ା ଭିତରେ ଗ୍ୟାଙ୍ଗୱାରର ଖବର ଆସିଥିଲା। ଦୁଇ ଗୋଷ୍ଠୀ ମଧ୍ୟରେ ପିଟାପିଟି ହୋଇ କିଛି କଏଦୀ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଏହି ଆକ୍ରମଣରେ ୪ରୁ ଅଧିକ କଏଦୀ ଗୁରୁତର ହୋଇଥିଲେ। ସେମାନଙ୍କୁ ଜେଲ ହସ୍ପିଟାଲରେ ପ୍ରାଥମିକ ଚିକିତ୍ସା ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଗତ କିଛି ମାସ ହେବ ଜେଲରେ ମାରପିଟି ବଢିଥିବାବେଳେ ନିଶା କାରବାରକୁ ନେଇ ଏଭଳି ଗଣ୍ଡଗୋଳ ହେଉଥିବା କୁହାଯାଉଛି। ଏଥିଲାଗି ଆଜି କମିସନରେଟ୍ ପୁଲିସ ପକ୍ଷରୁ ଜେଲରେ ଚଢଉ କରାଯାଉଛି।




ବନମାଳୀପୁର ଅଖୁ ହତ୍ୟା ମାମଲା

# ୧୦ ଗିରଫ, ମୁଖ୍ୟ ଅଭିଯୁକ୍ତ ଦିଲୁ ଫେରାର୍

**ଭୁବନେଶ୍ୱର(ବ୍ୟୁରୋ):** ବନମାଳୀପୁର ଅକ୍ଷୟ ମାଝୀ ଓରଫ୍ ଅଖୁ ହତ୍ୟା ମାମଲାରେ ସମ୍ପୃକ୍ତ ୧୦ ଜଣଙ୍କୁ ଆଜି ବାଲିପାଟଣା ଥାନା ପୁଲିସ ଗିରଫ କରିଛି। ଜଣେ ନାବାଳକକୁ ଖୋର୍ଦ୍ଧା ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡରେ ହାଜର କରାଯାଇଛି ଏବଂ ୨ ମହିଳାଙ୍କ ସମେତ ୯ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ବନମାଳୀପୁର ଦଣ୍ଡାସାହିର ମୁଖ୍ୟ ଅଭିଯୁକ୍ତ ଦିଲୁ ଭୋଇର ବାପା କାଳନ୍ଦୀ ଭୋଇ(୪୮), ମହଲାସାହିର ବଳରାମ ପଲେଇ(୪୫), ସୁନିଲ ପଲେଇ ଓରଫ୍ ଗେଡ଼(୨୫), କେଦାରନାଥ ପଲେଇ ଓରଫ୍ ଗୋଲେଇ(୬୧), ବିଦେଶୀ ପଲେଇ ଓରଫ୍ ନନ୍ଦ(୩୦), ନବ କିଶୋର ପଲେଇ ଓରଫ୍ ଗାଣ୍ଡୁ ଗୋଲେଇ(୨୧), କାଳନ୍ଦୀ ପଲେଇ(୩୫), ସଂଯୁକ୍ତା ଦେଇ(୩୦), ରାମାମଣୀ ପଲେଇ(୫୦)। ଅନ୍ୟ ୯ ଜଣଙ୍କୁ ଝାରପଡ଼ା ବିଚାର ବିଭାଗୀୟ ହାଜତ ଯିବାକୁ ପଡ଼ିଛି। କିନ୍ତୁ ହତ୍ୟାକାଣ୍ଡର ମୁଖ୍ୟ ଖଳନାୟକ ଦିଲୁ ଭୋଇ ଫେରାର୍ ହୋଇଯାଇଛି। ଆଜି ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ଗଣମାଧ୍ୟମକୁ ଦେଇଥିବା ସୂଚନାନୁସାରେ ଏକତରଫା ପ୍ରେମଜନିତ ବିବାଦକୁ ନେଇ ଏହି ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ଅଭିଯୁକ୍ତମାନଙ୍କ ମଧ୍ୟରୁ କିଛି ସିଧାସଳଖ ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ବେଳେ ଅନ୍ୟ କିଛି ଷଡ଼ଯନ୍ତ୍ରରେ ସାମିଲ୍ ଥିବା ପ୍ରମାଣ ମିଳିଛି। ଗତ ୪ ତାରିଖରେ ବାଳକାଟି ବଜାରରେ ଦିଲୁ ଉପରେ ହୋଇଥିବା ଆକ୍ରମଣର ପ୍ରତିଶୋଧ ନେବାକୁ ଯାଇ ଅଭିଯୁକ୍ତମାନେ ଅଖୁଙ୍କୁ ପିଛା କରିକରି ଏକୁଟିଆ ପାଇବା ପରେ ହତ୍ୟା କରିଛନ୍ତି। ବନମାଳୀପୁର ଦଣ୍ଡାସାହିର ଦିଲୁ ଓ ମହଲାସାହିର ଅଖୁଙ୍କ ମଧ୍ୟରେ ଗତ କିଛି ଦିନ ହେଲା ଗଣ୍ଡଗୋଳ ଘଟିଥିଲା। ଅଭିଯୁକ୍ତ ଦିଲୁ ତା' ମୋବାଇଲରୁ ଅଖୁଙ୍କ ସ୍ତ୍ରୀ ଶ୍ରାବଣୀଙ୍କୁ ଖରାପ ମେସେଜ୍ ପଠାଉଥିଲା। ଶ୍ରାବଣୀଙ୍କଠାରୁ ଏହା ଶୁଣିବା ପରେ ଅଖୁ ସ୍ୱାଭାବିକ ଭାବେ ରାଗି ଯାଇଥିଲେ ଏବଂ ଦିଲୁକୁ ତାଗିଦ କରିଥିଲେ। କିନ୍ତୁ ଦିଲୁ ଏଭଳି କଦର୍ଯ୍ୟ କାମରୁ ନିବୃତ୍ତ ହୋଇନଥିଲା। ତେଣୁ ଗତ ୪ ତାରିଖ ଦିନ ଅଖୁ ବାଳକାଟି ବଜାରରେ ଦିଲୁକୁ ପ୍ରବଳ ମାଡ଼ ମାରିଥିଲା। ଏହାକୁ ନେଇ ଦିଲୁ ବାଳକାଟି ଫାଣ୍ଡିରେ ଅଭିଯୋଗ କରିଥିଲେ ହେଁ ପରେ ଆପୋସ ସମାଧାନ ହୋଇଯାଇଥିଲା। କିନ୍ତୁ ଆପୋସ ସମାଧାନ ପଛରେ ଥିଲା ଗଭୀର ଷଡ଼ଯନ୍ତ୍ର। ପ୍ରେମରେ ବିଫଳ ହେବା ଓ ମାଡ଼ ଖାଇବା ଭଳି ଦୁଇ ଦୁଇଟି କଥାରେ ପ୍ରତିଶୋଧପରାୟଣ ହୋଇପଡ଼ିଥିଲା ଦିଲୁ। ସେହିଭଳି ଦିଲୁର ବାପା କାଳନ୍ଦୀ ମଧ୍ୟ ପୁଅକୁ ମାଡ଼ ମାରିଥିବା ଅଖୁକୁ ପାନେ ଦେବାକୁ ମନସ୍ଥ କରିଥିଲା। ତେଣୁ ଅଭିଯୁକ୍ତମାନେ ବାଳକାଟି ଗଣ୍ଡଗୋଳ ପରଠୁ ଅଖୁକୁ ପିଛା କରୁଥିଲେ। ତାକୁ ରାତିରେ ଏକୁଟିଆ ପାଇବା ସୁଯୋଗକୁ ଉଣ୍ଡି ରହିଥିଲେ। ରବିବାର ରାତି ପ୍ରାୟ ୯ଟା ବେଳେ ଅଖୁ ତା' ଘରଠୁ ଅନତି ଦୂରରେ ନୂଆସାହି ବଜାର ପାଖ ସାର ଗୋଦାମ ନିକଟରେ ଏକ ନିଛାଟିଆ ସ୍ଥାନରେ ଏକୁଟିଆ ବସିଥିଲା। ଏତିକିବେଳେ ଦିଲୁ ଓ ତା' ବାପା କାଳନ୍ଦୀର ସମର୍ଥକମାନେ ସଂଘବଦ୍ଧ ଭାବେ ତାକୁ ଘେରି ଯାଇଥିଲେ। ଅତର୍କିତ ଆକ୍ରମଣ ଯୋଗୁଁ ଅଖୁ ଚିତ୍କାର କରିବାକୁ ବି ସମୟ ପାଇନଥିଲା।



## ବିଏମ୍‌ସି ନିୟମ ମାନୁନାହାନ୍ତି କବାଡ଼ିଆ



**ଭୁବନେଶ୍ୱର(ବ୍ୟୁରୋ):** କବାଡ଼ିଆଙ୍କ କବ୍‌ଜାରେ ଭୁବନେଶ୍ୱର ମହାନଗର ନିଗମର ଅଧିକାଂଶ ଅଞ୍ଚଳ। ଦିନକୁ ଦିନ ସେମାନଙ୍କର ପ୍ରାଦୁର୍ଭାବ ବଢି ଚାଲିଥିବାବେଳେ ବିଏମ୍‌ସିର ତାଗିଦାକୁ ମଧ୍ୟ ଖାତିର କରୁନାହାନ୍ତି। ପୂର୍ବରୁ ଏନେଇ ବିଏମ୍‌ସି ଏବଂ କବାଡ଼ିଆବାଲାଙ୍କ ମଧ୍ୟରେ ଆଲୋଚନା ହୋଇଥିଲେ ମଧ୍ୟ କେହି କିଛି ଶୁଣୁନାହାନ୍ତି। ଅପରପକ୍ଷେ ବିଏମ୍‌ସି କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକୁ କବାଡ଼ିଆମାନେ ଖୋଲାଖୋଲି ଭାବେ ଚ୍ୟାଲେଞ୍ଜ କରୁଥିଲେ ମଧ୍ୟ କିଛି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ମାଷ୍ଟରକ୍ୟାଣ୍ଟିନଠାରୁ ଦୃଷ୍ଟିହୀନ ସଂଘ ପର୍ଯ୍ୟନ୍ତ ରାସ୍ତାର ଦୁଇପାର୍ଶ୍ୱରେ ଦୈନିକ ଅଳିଆ ଆବର୍ଜନା ପଡ଼ିରହୁଛି। ଫଳରେ ସମ୍ପୃକ୍ତ ଅଞ୍ଚଳ ଦେଇ ଯାତାୟାତ କରିବା କଷ୍ଟକର ହୋଇପଡୁଛି। ଏହାକୁ ନେଇ ଜନଅସନ୍ତୋଷ ଦେଖା ଦେବା ସହ ଲୋକେ ଟୁଇଟ୍ କରି ବିଏମ୍‌ସିକୁ ଅଭିଯୋଗ ଜଣାଉଛନ୍ତି। ସେହିପରି ଏକାଧିକ ଅଭିଯୋଗ ପରେ ବିଏମ୍‌ସି ସେଠାରେ ସଫେଇ କରୁଛି, ମାତ୍ର କିଛି ସମୟ ପରେ ସ୍ଥିତି ଯଥା ପୂର୍ବଂ ତଥା ପରଂ। କବାଡ଼ିଆମାନେ ନିଜ ଆଖପାଖ ୫ ମିଟର ପରିଧି ଅଞ୍ଚଳ ସଫା ରଖିବା ସହ ଦୋକାନରେ ୨ଟି ଡଷ୍ଟବିନ ରଖିବାକୁ ବାଧ୍ୟ ବୋଲି ପୂର୍ବରୁ ହୋଇଥିବା ଆଲୋଚନାରେ ସ୍ପଷ୍ଟ କରାଯାଇଥିଲା। ସେହିପରି ଓଦା ଓ ଶୁଖିଲା ବର୍ଜ୍ୟ ଅଲଗା ଦେବା ଲାଗି ସେମାନଙ୍କୁ ତାଗିଦା କରାଯାଇଥିଲା। ସେମାନେ ନିଜ ଅଭ୍ୟାସ ନ ବଦଳାଇଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଧ୍ୟ କୁହାଯାଇଥିଲା। ତେବେ ଇତିମଧ୍ୟରେ ୬ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ବି ସେମାନଙ୍କ ଆଚରଣରେ କୌଣସି ପରିବର୍ତ୍ତନ ଘଟିନାହିଁ କିମ୍ବା ବିଏମ୍‌ସି ପକ୍ଷରୁ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ସୂଚନାଯୋଗ୍ୟ, ୟୁନିଟ-୩ ଅଞ୍ଚଳରେ ରାସ୍ତାକଡ଼ରେ ଥିବା କବାଡ଼ିଖାନା ଲାଗି ଉକ୍ତ ଅଞ୍ଚଳ ଅପରିଷ୍କାର ରହୁଛି। ଏନେଇ ବିଭିନ୍ନ ସମୟରେ ଅଭିଯୋଗ ଆସିବା ସହ କର୍ପୋରେଶନ ବୈଠକରେ ମଧ୍ୟ ସରଗରମ ଆଲୋଚନା ହୋଇଥିଲା। ଏହାପରେ ବିଏମ୍‌ସି ଘଟଣାକୁ ଗୁରୁତ୍ୱର ସହ ନେଇ ଗତବର୍ଷ ଅଗଷ୍ଟରେ ସେମାନଙ୍କ ସହ ଆଲୋଚନା କରିଥିଲା। ତେବେ ସ୍ଥିତିରେ କୌଣସି ସୁଧାର ଆସୁ ନ ଥିବାରୁ ସହରର ଅନ୍ୟ ଅଞ୍ଚଳରେ ପରିମଳକୁ ନେଇ ଯେପରି କଡା କାର୍ଯ୍ୟାନୁଷ୍ଠାନ କରାଯାଉଛି ଏଠାରେ ମଧ୍ୟ ସେଭଳି ପଦକ୍ଷେପ ନେବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ମେଣ୍ଟ ଭିତରେ ଦିଲ୍ଲୀରେ ଡେରା ପକାଇଛନ୍ତି ଭାଜପା ରାଜ୍ୟ ନେତା

**ଭୁବନେଶ୍ୱର(ବ୍ୟୁରୋ):** ଓଡ଼ିଶାରେ ବିଜେଡି-ଭାଜପା ମେଣ୍ଟ ହେବ ନା ନାହିଁ ସେନେଇ ଏ ପର୍ଯ୍ୟନ୍ତ କିଛି ସ୍ପଷ୍ଟ ହୋଇନାହିଁ। ଏଭଳି ସ୍ଥିତିରେ ବର୍ତ୍ତମାନ ପର୍ଯ୍ୟନ୍ତ ବି ବିଭିନ୍ନ ରାଜନୈତିକ ଦଳର କର୍ମୀ ଏବଂ ନେତାଙ୍କ ମନରୁ ମେଣ୍ଟ ଦ୍ୱନ୍ଦ୍ୱ ଦୂରହେଉନାହିଁ। ହେଲେ ଉଭୟ ବିଜେଡି ଏବଂ ଭାଜପା ନିଜ ନିଜର ପ୍ରାର୍ଥୀ ଚୟନ ନେଇ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଦୁଇ ଦଳର ଯେଉଁ ନେତାମାନେ ବି ମେଣ୍ଟ ବାବଦରେ ପ୍ରତିକ୍ରିୟା ରଖୁଛନ୍ତି ସେମାନେ ତାଙ୍କ ଦଳର ଶୀର୍ଷ ନେତୃତ୍ୱଙ୍କ ନିଷ୍ପତ୍ତିକୁ ମାନିବେ ବୋଲି କହି କଥା ସାରୁଛନ୍ତି। ଓଡ଼ିଶାରେ ହେବାକୁ ଥିବା ୨୦୨୪ ନିର୍ବାଚନ ପାଇଁ ଆହୁରି ପାଖାପାଖି ଦେଢ଼ ମାସ ରହିଛି। ତେଣୁ କୌଣସି ସମୟରେ ମେଣ୍ଟ ନେଇ କିଛି ସୂଚନା ଆସିଲେ ସେଥିରେ କୌଣସି ପ୍ରକାର ଆଶ୍ଚର୍ଯ୍ୟ ହେବାର ନାହିଁ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ ମତ ରଖୁଛନ୍ତି। ଏଭଳି ସ୍ଥିତିରେ ଭାଜପାର ରାଜ୍ୟ ନିର୍ବାଚନ କମିଟି ବୈଠକରେ ଶର୍ଟଲିଷ୍ଟ ହୋଇଥିବା ପ୍ରାର୍ଥୀ ତାଲିକା ନେଇ ଦଳର ରାଜ୍ୟ ସଭାପତି ମନମୋହନ ସାମଲ ତୃତୀୟ ଥର ଲାଗି ରବିବାରଠାରୁ ଦିଲ୍ଲୀ ଗସ୍ତ କରିଛନ୍ତି। ତେଣୁ ଭାଜପାର ୨ୟ ପର୍ଯ୍ୟାୟରେ ପ୍ରକାଶ କରିଥିବା ପ୍ରାର୍ଥୀ ତାଲିକାରେ ଓଡ଼ିଶା ନାହିଁ। ତେଣୁ ୩ୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକାରେ ଓଡ଼ିଶାର କିଛି ଆସନ ଲାଗି ଭାଜପା ପ୍ରାର୍ଥୀଙ୍କ ନାଁ ଘୋଷଣା କରିପାରେ ବୋଲି ଚର୍ଚ୍ଚା ହେଉଛି। ଭାଜପା ରାଜ୍ୟ ସଭାପତି, ସଙ୍ଗଠନ ମନ୍ତ୍ରୀ ମାନସ ମହାନ୍ତି, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର, ସହପ୍ରଭାରୀ ଲତା ଉସେଣ୍ଡି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସମ୍ବିତ ପାତ୍ର ପ୍ରମୁଖଙ୍କୁ ନେଇ ରାଷ୍ଟ୍ରୀୟ ଅଧ୍ୟକ୍ଷ ସୋମବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ଓଡ଼ିଶା ସମ୍ପର୍କରେ ବୈଠକ କରିଥିଲେ। ହେଲେ ବୈଠକରୁ ବାହାରିବା ପରେ ମନମୋହନ ମେଣ୍ଟ ପ୍ରସଙ୍ଗକୁ ଖଣ୍ଡନ କରିଥିବା ବେଳେ ସବୁ ଆସନ ଉପରେ ବିଚାରବିମର୍ଶ କରାଯାଇଥିବା କହିଥିଲେ। ଏ ପର୍ଯ୍ୟନ୍ତ ଭାଜପା ରାଜ୍ୟ ନେତାମାନେ ଓଡ଼ିଶା ଫେରି ନ ଥିବା ବେଳେ ମଙ୍ଗଳବାର ବିଳମ୍ବିତ ସାରେ ଆଉ ଥରେ ଓଡ଼ିଶା ବାବଦରେ ଏକ ବୈଠକ କରି ଆଲୋଚନା କରାଯାଇଥିବା ଜଣାପଡ଼ିଛି। ତେବେ ଆସନ୍ତା କେନ୍ଦ୍ରୀୟ ନିର୍ବାଚନ କମିଟି ବୈଠକ ପରେ ୩ ୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକାରେ ଓଡ଼ିଶାରୁ କେତେଜଣଙ୍କ ନାଁ ରହିପାରେ ବୋଲି ଆଲୋଚନା ଚାଲିଛି। ଅନ୍ୟପଟେ ହୋଲି ସରିବା ପରେ କଂଗ୍ରେସ ନିଜର ୩ୟ ସ୍କ୍ରିନିଂ କମିଟି ବୈଠକ କରିବାକୁ ନିଷ୍ପତ୍ତି ନେଇଥିବା ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ମଙ୍ଗଳବାର ସୂଚନା ଦେଇଛନ୍ତି। ବିଜେଡି, ଭାଜପା ପ୍ରାର୍ଥୀ ଘୋଷଣାରେ ବିଳମ୍ବ କରୁଥିବା କାରଣରୁ କଂଗ୍ରେସ ନିଜର ସ୍କ୍ରିନିଂ କମିଟି ଘୁଞ୍ଚାଉଥିବା ବିଭିନ୍ନ ମହଲରେ ଚର୍ଚ୍ଚା ଚାଲିଛି। ଅନ୍ୟପଟେ ବିଜେଡି ସୋମବାର ପୁରୀ ଏବଂ କେନ୍ଦ୍ରାପଡ଼ା ଲୋକ ସଭା ଆସନ ଏବଂ ଏହାର ଅନ୍ତର୍ଗତ ବିଧାନସଭା କ୍ଷେତ୍ରକୁ ନେଇ ଦଳର ବିଭିନ୍ନ ନେତାଙ୍କ ସହ ଆଲୋଚନା କରିଛି। ପୁରୀରୁ ଅରୂପ ପଟ୍ଟନାୟକଙ୍କୁ ଦଳ ପ୍ରାର୍ଥୀ କରିବ ବୋଲି ଗ୍ରୀନ୍ ସିଗ୍‌ନାଲ ଦେଇଥିବା ବୈଠକ ପରେ ଚର୍ଚ୍ଚା ହେଉଥିଲା। ସେହି କ୍ରମରେ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀରୁ ବିଧାୟକ ଉମା ସାମନ୍ତରାୟ ଏବଂ ସତ୍ୟବାଦୀରୁ ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସ ବର୍ମାଙ୍କୁ ଦଳ ପ୍ରାର୍ଥୀ କରିବା ନେଇ ଚୂଡ଼ାନ୍ତ କରିଥିବା ମଧ୍ୟ ଆଲୋଚନା ହୋଇଥିଲା। ବ୍ରହ୍ମଗିରି ନିର୍ବାଚନମଣ୍ଡଳୀର କେତେଜଣ ମୁଖ୍ୟ କର୍ମୀଙ୍କୁ ନେଇ ଏକ ବୈଠକ ମଙ୍ଗଳବାର ବସିଥିବା ବେଳେ ସେଥିରେ ସଞ୍ଜୟ, ଉମା ଏବଂ ଅରୂପଙ୍କୁ ଗୋଟିଏ ମଞ୍ଚରେ ଦେଖିବାକୁ ମିଳିଛି। ତେଣୁ ଅରୂପ ବିଜେଡି ଲୋକ ସଭା ପ୍ରାର୍ଥୀ ଭାବେ ପୁରୀରୁ ତାଙ୍କ କାର୍ଯ୍ୟ ଆରମ୍ଭ କରିଥିବା ଚର୍ଚ୍ଚାକୁ ବଢ଼ାଇ ଦେଇଛି। ତେଣୁ ଆଗକୁ ବିଜେଡି ନିର୍ବାଚନ ପ୍ରସ୍ତୁତି କିଭଳି କରୁଛି ତା'ଉପରେ ମଧ୍ୟ ସମସ୍ତଙ୍କ ନଜର ରହିଛି।



## ଜିନ୍ଦଲ ଷ୍ଟେନଲେସ ୫୦୦ରୁ ଊର୍ଦ୍ଧ୍ୱ ଇଲେକ୍ଟ୍ରିକ୍ ବସ୍ ଉତ୍ପାଦନ ପାଇଁ

# ଜେବିଏମ୍ ଅଟୋ ସହ ସହଭାଗି ହୋଇଛି

**ଭୁବନେଶ୍ୱର(ବ୍ୟୁରୋ):** ଭାରତରେ ଇକୋ-ମୋବିଲିଟି ବିପ୍ଳବର ପୁରୋଧା ଭାବେ ଭାରତର ସର୍ବବୃହତ୍ ଷ୍ଟେନଲେସ ଷ୍ଟିଲ ନିର୍ମାତା ଜିନ୍ଦଲ ଷ୍ଟେନଲେସ ୫୦୦ରୁ ଊର୍ଦ୍ଧ୍ୱ ଶକ୍ତି ଦକ୍ଷ ଷ୍ଟେନଲେସ ଷ୍ଟିଲ ବିଦ୍ୟୁତ ଚାଳିତ ବସ୍ ଉତ୍ପାଦନ ପାଇଁ ଜେବିଏମ୍ ଅଟୋ, ଦେଶର ସର୍ବବୃହତ୍ ବିଦ୍ୟୁତ ଚାଳିତ ବସ୍ ନିର୍ମାତାଙ୍କ ସହ ଭାଗିଦାରୀ କରିଛି। ଜେବିଏମ୍ ଅଟୋକୁ ଜେଏସ୍‌ଏଲ୍ ଜେଟି ଟ୍ୟୁବ୍ ଯୋଗାଇବ, ଯାହାକି ନିମ୍ନ-ଅଙ୍ଗାରକ,କ୍ରୋମିୟମ ମାଙ୍ଗାନିଜ୍ ଅଷ୍ଟେନିଟିକ୍ ଷ୍ଟେନଲେସ ଷ୍ଟିଲ ଦ୍ୱାରା ନିର୍ମିତ। ଏହି ମ୍ୟାଟେରିଆଲ୍ ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡ ସ୍ପେସିଫିକେସନ୍, ୬୯୧୧ ଅନୁସାରେ ଏନ୍୭ ଭାବେ ଜଣା, ବସ୍ ନିର୍ମାଣରେ ବର୍ତ୍ତମାନ ବ୍ୟବହୃତ କାର୍ବନ ଷ୍ଟିଲ ମ୍ୟାଟେରିଆଲ ତୁଳନାରେ ତିନି ଗୁଣ ଅଧିକ ଶକ୍ତ। ୫୦୦ରୁ ଊର୍ଦ୍ଧ୍ୱ ଇଲେକ୍ଟ୍ରିକ ବସ୍ ନିର୍ମାଣ ପାଇଁ ଅର୍ଡର ନେଇଥିବା ଜେବିଏମ୍ ଅଟୋ ପୂର୍ବରୁ ବ୍ୟବହୃତ କାର୍ବନ ଷ୍ଟିଲରୁ ବର୍ତ୍ତମାନ ଷ୍ଟେନଲେସ ଷ୍ଟିଲ ବ୍ୟବହାର ଦିଗରେ ଅଗ୍ରସର ହେଉଛି। ଏହି ସମ୍ପର୍କରେ ମତ ଦେଇ ଜିନ୍ଦଲ ଷ୍ଟେନଲେସର ପରିଚାଳନା ନିର୍ଦ୍ଦେଶକ, ଶ୍ରୀ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, 'ଭାରତରେ ସଷ୍ଟେନେବଲ ମୋବିଲିଟିର ଭବିଷ୍ୟତକୁ ସାକାର କରିବାରେ ଭାଗିଦାରୀ ହୋଇପାରିଥିବାରୁ ଆମେ ଆନନ୍ଦିତ। କମ ଓଜନର ଯାନବାହନ ଶକ୍ତି ବ୍ୟବହାରକୁ ଉନ୍ନତ କରିବା ସହ ପରିବହନ କ୍ଷେତ୍ରରେ କାର୍ବନ ପଦଚିହ୍ନ ହ୍ରାସ କରେ। ଷ୍ଟେନଲେସ ଷ୍ଟିଲର କ୍ଷୟ-ପ୍ରତିରୋଧୀ କ୍ଷମତା ନିୟମିତ ମରାମତି ଓ ରକ୍ଷଣାବେକ୍ଷଣର ଆବଶ୍ୟକତା ଏବଂ ଖର୍ଚ୍ଚକୁ କମାଇବା ସହ ସବୁଠାରୁ ସୁଲଭ ସମାଧାନ ଭାବେ ପ୍ରମାଣିତ। ଜେବିଏମ୍ ଅଟୋ ସହ ଆମର ଭାଗିଦାରୀ ଦ୍ୱାରା ଆମେ ଗଣ ପରିବହନର ସବୁଜ ମାଧ୍ୟମଗୁଡ଼ିକର ବିକାଶରେ ଯୋଗଦାନ କରିବୁ। ଏହା ସହ ଜେବିଏମ୍ ଅଟୋ ଲିମିଟେଡ୍ର ଉପାଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ, ଶ୍ରୀ ନିଶାନ୍ତ ଆର୍ଯ୍ୟ କହିଛନ୍ତି, 'ନବୋନ୍ମେଷ ଦିଗରେ ଆମର ପ୍ରତିବଦ୍ଧତା ସ୍ମାର୍ଟ, ସମନ୍ୱିତ, ଅଟୋନମସ୍ ଓ ସେୟାରଡ୍ ମୋବିଲିଟି ସଲ୍ୟୁସନ୍ ଦ୍ୱାରା ପରିଚାଳିତ। ସ୍ୱଚ୍ଛ ପରିବହନ ଆମର ମାର୍ଗ ଦର୍ଶକ ଏବଂ ଏଣ୍ଡ-ଟୁ-ଏଣ୍ଡ୍ ଇଲେକ୍ଟ୍ରିକ ମୋବିଲିଟି ଇକୋସିଷ୍ଟମ୍ ତିଆରି କରିବା ସହ ବୈଦ୍ୟୁତିକ ଯାନ ଗ୍ରହଣଶୀଳତାକୁ ଆଗେଇ ନେବା ପାଇଁ ଆମେ ସମର୍ପିତ। ଆମର ଉଦ୍ଦେଶ୍ୟ ହେଉଛି ଉତମ ମାନର ବୈଦ୍ୟୁତିକ ଯାନ ସହ ଉନ୍ନତ ଭିତିଭୂମି ସହାୟତା ଯୋଗାଇବା। ମୋର ବିଶ୍ୱାସ ରହିଛି ଯେ ଜିନ୍ଦଲ ଷ୍ଟେନଲେସ ସହ ଭାଗିଦାରୀ ଆମର ଲକ୍ଷ୍ୟ ହାସଲ କରିବାରେ ଉତପ୍ରେରକ ଭଳି କାମ କରିବ। ବର୍ତ୍ତମାନ ଜେବିଏମ୍ ଅଟୋ ଏହାର ରପ୍ତାନୀ ହେବାକୁ ଥିବା ଇଲେକ୍ଟ୍ରିକ ବସ୍ଗୁଡିକରେ ଷ୍ଟେନଲେସ ଷ୍ଟିଲ ବ୍ୟବହାର କରିବା ଦିଗରେ କାମ କରୁଛି। ଜିନ୍ଦଲ ଷ୍ଟେନଲେସର ଘରୋଇ ସର୍ଭିସ୍ ଆର୍ମ ଜିନ୍ଦଲ ଷ୍ଟେନଲେସ ଷ୍ଟିଲୱେ ଲିମିଟେଡ୍ ଆବଶ୍ୟକୀୟ ମ୍ୟାଟେରିଆଲ ଯୋଗାଇବ। ଜେଏସ୍‌ଏସ୍‌ଏଲ ଦ୍ୱାରା ଯୋଗାଇ ଦିଆଯାଇଥିବା ଜେଟି ଟ୍ୟୁବ୍ ବ୍ୟବହାର ହେବ ଯାହାକି ଅଂଚଳର କ୍ଷୟକାରକ ପରିବେଶକୁ ସଠିକ ସୁହାଇବ।





## ଅସରାଏ ବର୍ଷାରେ ବିଦ୍ୟାଳୟରେ ଖେଳୁଛି ପାଣି

# ଠିକାସଂସ୍ଥାର ମନମାନି ଯୋଗୁଁ ଘୋର ଦୁର୍ଦ୍ଦଶାରେ ଛାତ୍ରଛାତ୍ରୀ, ଶିକ୍ଷକ

**ଡେରାବିଶ(ଅମୃତ ମିଡିଆ):** କେନ୍ଦ୍ରାପଡା ଜିଲା ଡେରାବିଶ ବ୍ଲକ ଅଧୀନ କୁରୁଜଙ୍ଗାସ୍ଥିତ ଆଦର୍ଶ ବିଦ୍ୟାଳୟ ପାଇଁ ନବ ନିର୍ମିତ ଗୃହ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଡି ରହିଛି। କେନ୍ଦ୍ରାପଡା ପୂର୍ତ୍ତ ବିଭାଗର ବେପରୁଆ ନୀତି ଯୋଗୁ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀ ଘୋର ଦୁର୍ଦ୍ଦଶା ମଧ୍ୟରେ ଗତି କରୁଥିବା ଜଣାଯାଇଛି। ଅସରାଏ ବର୍ଷାରେ ବିଦ୍ୟାଳୟ କାର୍ଯ୍ୟାଳୟ ଭିତରେ ପାଣି ପଶି ଲହଡି ଭାଙ୍ଗୁଛି। ପ୍ରଶାସନିକ ଏଭଳି ସ୍ଥାଣୁତା ଓ ବିଭାଗୀୟ ଦାୟିତ୍ୱ ହୀନତା ନେଇ ଛାତ୍ରୀଛାତ୍ର ଓ ଅବିଭାବକ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ୨୦୨୨ରୁ ଏହି ବିଦ୍ୟାଳୟ ଗୃହ ନିର୍ମାଣ କାର୍ଯ୍ୟ କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗ ତତ୍ତ୍ୱାଧାନରେ ୭ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ହେଉଛି। ଅବଧି ଶେଷ ହେବାର ବର୍ଷାଧିକ ପରେ ମଧ୍ୟ କାର୍ଯ୍ୟ ହୋଇପାରୁନାହିଁ। ଶ୍ରେଣୀ ଗୃହ ପାଇଁ ୪ଟି ଓ କାର୍ଯ୍ୟାଳୟ ସହ କମନ୍‌ରୁମ୍ ପାଇଁ ଗୋଟିଏ ଗୃହକୁ ମିଶାଇ ସମୁଦାୟ ୯ଟି ରୁମ୍ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇଛି। ମାତ୍ର ଏହି ନବ ନିର୍ମିତ ଗୃହର ସିଡି ଘର କାର୍ଯ୍ୟ ଠିକା ସଂସ୍ଥା ପକ୍ଷରୁ କରା ନ ଯାଇ ଖୋଲା ଛାଡି ଦିଆଯାଇଛି। ସୋମବାର ରାତିରୁ ବର୍ଷା ଲାଗି ରହିଥିବାରୁ ଖୋଲା ରହିଥିବା ଶିଡି ଘର ବାଟ ଦେଇ ବର୍ଷା ପାଣି ଆସି ବିଦ୍ୟାଳୟ କାର୍ଯ୍ୟାଳୟ କୋଠରୀରେ ପଶିଥିବା ଦେଖାଯାଇଛି। ଏହି ବର୍ଷା ପାଣିକୁ ଅଟକାଇବାକୁ ବିଦ୍ୟାଳୟ କର୍ତ୍ତୃପକ୍ଷ ବାଲି ବନ୍ଧ ପକାଇ ତା ଉପରେ ଇଟା ଥୋଇ ଥିବା ଦେଖିବାକୁ ମିଳିଛି। ଆଗାମୀ ୨ଦିନ ଯାଏ ବର୍ଷା ଲାଗି ରହିବ ବୋଲି ପାଣି ପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି ହୋଇଛି। ଏ ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଛାତ୍ରୀଛାତ୍ରମାନେ ଭୟଭୀତ ଅବସ୍ଥାରେ ଅଛନ୍ତି। ସେହିପରି ଏହି ବର୍ଷା ଯୋଗୁ ଅଧାପାନ୍ତରିଆ ଅବସ୍ଥାରେ ଥିବା ବିଦ୍ୟାଳୟ ପରିସର ଏବେ କର୍ଦ୍ଦମାକ୍ତ ହୋଇ ଉଠିଛି। ଫଳରେ ବିଦ୍ୟାଳୟକୁ ଆସୁଥିବା ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଏବଂ କର୍ମଚାରୀମାନେ କାଦୁଅରେ ଘାଣ୍ଟି ହୋଇ ଅସୁବିଧାର ସମ୍ମୁଖିନ ହେବାରେ ଲାଗିଛନ୍ତି। ଅବ୍ୟବସ୍ଥା ମଧ୍ୟରେ ଚାଲୁଥିବା ଏହି ବିଦ୍ୟାଳୟରେ ଆମ ପିଲାମାନଙ୍କ ଭବିଷ୍ୟତ ଅନ୍ଧାର ହେବାକୁ ଲାଗିଛି ବୋଲି ଛାତ୍ର ଅବିଭାବକ ଯଶୋବନ୍ତ ପ୍ରଧାନ କହିଛନ୍ତି। ବାରମ୍ବାର ଏହି ବିଦ୍ୟାଳୟର ବିଭିନ୍ନ ଅବ୍ୟବସ୍ଥା ସମ୍ପର୍କରେ ଜିଲା ପ୍ରଶାସନ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଉଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆ ନ ଯିବା ଅବିଭାବକମାନଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି। ଏ ସମ୍ପର୍କରେ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ଜ୍ୟୋତିରଞ୍ଜନ ପତିଙ୍କୁ ପଚାରିବାରେ ସିଡି ଘରର ଛାତ ତୁରନ୍ତ ପକାଇବା ପାଇଁ ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ କୌଣସି କୋଠରୀ ମଧ୍ୟକୁ ବର୍ଷା ପାଣି ଯେମିତି ନ ପଶେ ସେଥିପାଇଁ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।



# କୋଟିଆରେ ଭୋଟରଙ୍କୁ କରାଗଲା ସଚେତନ



**ପଟାଙ୍ଗି(ଅମୃତ ମିଡିଆ):** କୋଟିଆରେ ଗୋଟିଏ ବି ଭୋଟ ଯେମିତି ଏପଟସେପଟ ନହୁଏ ସେଥିପାଇଁ ଓଡ଼ିଶା ପକ୍ଷରୁ ଆରମ୍ଭ ହେଲା କସରତ। କୋରାପୁଟ ଜିଲ୍ଲା ପ୍ରଶାସନ ପୂରା ଜୋର ଲଗାଇବା ପାଇଁ ନିଷ୍ପତ୍ତି ନେଇଥିଲା ବେଳେ ଜିଲ୍ଲାପାଳ ନିଜେ ଏହାର ନେତୃତ୍ୱ ନେଉଛନ୍ତି। ଆନ୍ଧ୍ରର ସମସ୍ତ ଚାଲ୍‌କୁ ଭଣ୍ଡୁର କରିବାକୁ ଦୁଇ ଦିନ ଧରି କୋଟିଆରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଭୋଟରଙ୍କୁ ସଚେତନ କରାଯିବ ବୋଲି ସୂଚନା ମିଳିଛି। ଗୋଟିଏ ଦିନରେ (ମେ’ ୧୩ ତାରିଖ)ରେ ଆନ୍ଧ୍ର ଓ କୋଟିଆରେ ମତଦାନ ହେବ। ଗତଥର କୋଟିଆ ଭୋଟର ଉଭୟ ରାଜ୍ୟର ବିଧାନସଭା ଏବଂ ଲୋକସଭା ନିର୍ବାଚନରେ ଭାଗ ନେଇଥିଲେ। ତେବେ ଆନ୍ଧ୍ର ପାଇଁ ଅଳ୍ପ ଭୋଟର ହିଁ ମତଦାନ କରିଥିଲେ। ଏଥର ଭୋଟର ସଂଖ୍ୟା ବଢ଼ାଇବା ସହ ଭୋଟ ହାର ବୃଦ୍ଧି କରିବାକୁ ଆନ୍ଧ୍ର ପ୍ରଶାସନ ଲକ୍ଷ୍ୟ ରଖିଛି। ଏଥିପାଇଁ ପୂର୍ବରୁ ଭୋଟର ପରିଚୟ ପତ୍ର ବାଣ୍ଟିବା ସହ ଲୋକଙ୍କୁ ସଚେତନତା ଆଳରେ ପ୍ରଲୋଭିତ କରିଛି। ଯାହାର ମୁକାବିଲା ପାଇଁ କୋରାପୁଟ ଜିଲ୍ଲା ପ୍ରଶାସନ ଅଣ୍ଟା ଭିଡ଼ିଛି। ଆଜି କୋରାପୁଟ ଜିଲ୍ଲା ପ୍ରଶାସନ ଓ ପଟାଙ୍ଗି ବ୍ଲକ ପ୍ରଶାସନ ମିଳିତ ଭାବେ କୋଟିଆରେ ଦୁଇ ଦିନିଆ ସଚେତନତା ଅଭିଯାନକୁ ଆରମ୍ଭ କରିଛନ୍ତି। ପ୍ରଥମ ଦିବସରେ ଆନ୍ଧ୍ର ସୀମାକୁ ଲାଗି ରହିଥିବା ଫାଟୁସିନେରୀ, ମାଡ଼କାର, କୋଟିଆ ଏବଂ ଗଞ୍ଜେଇପଦର ପ୍ରମୁଖ ଗାଁରେ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ନିଜ ମତ ଅଧିକାର କିଭଳି ସାବ୍ୟସ୍ତ କରିବେ ସେହି ବିଷୟରେ ଆଲୋଚନା ହୋଇଥିଲା। ଫାଟୁସିନେରୀ ଗାଁରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଗ୍ରାମବାସୀଙ୍କୁ ସଚେତନ କରିବାର ସହ ଭୋଟର ମୂଲ୍ୟ କ’ଣ ବୁଝାଇଥିଲେ। ଏହି ଅବସରରେ ଗ୍ରାମବାସୀ ରାଲି କରି ମତଦାନ ନିମନ୍ତେ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ।

# ଦୁଇଦିନ ଧରି ଲାଗି ରହିଛି ବର୍ଷା



**ଭଦ୍ରକ(ଅମୃତ ମିଡିଆ):** ଭଦ୍ରକରେ ମଙ୍ଗଳବାରଠାରୁ ବର୍ଷା ଲାଗି ରହିଛି। ମଙ୍ଗଳବାର ସକାଳେ ଝିପିଝିପି ବର୍ଷା ହୋଇଥିଲା। ମାତ୍ର ରାତିରେ ପ୍ରବଳରୁ ପ୍ରବଳ ବର୍ଷା ହୋଇଥିଲା। ବୁଧବାର ମଧ୍ୟ ବର୍ଷା ଲାଗି ରହିଛି । ଏ ନେଇ ସହରର ସମସ୍ତ ସାହିବସ୍ତିରେ ରାସ୍ତା ଜଳମଗ୍ନ ହୋଇଛି । ବର୍ଷା ଲାଗି ରହିଥିବାରୁ ଲୋକେ ଘରୁ ବାହାରକୁ ବାହାରିବା ଅସମ୍ଭବ ହୋଇପଡିଛି । ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ସହରର ଆସ୍ଥଳ, ବଙ୍କସାହି, ପୁରୁଣାବଜାର, ଚରମ୍ପା, ସାମରାଇପୁର, ଆରଡି ଛକ ପ୍ରାଚୀନଗର ସମେତ ସହରର ମୁଖ୍ୟ ରାସ୍ତାରେ ବର୍ଷାଜଳ ଜମି ରହିଛି । ଜଳ ନିଷ୍କାସନ ବ୍ୟବସ୍ଥା ତ୍ରୁଟି ସାଙ୍ଗକୁ ଡ୍ରେନ୍ ପୋତି ହୋଇଥିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଥିବା ସହରବାସୀ କହିଛନ୍ତି । ସାମରାଇପୁରରେ ରାସ୍ତାରେ ପାଣି ଜମି ରହିଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି।

# ଦାରିଙ୍ଗବାଡ଼ିରେ ପୁଣି ଶୀତର ପ୍ରକୋପ



**ଦାରିଙ୍ଗବାଡ଼ି(ଅମୃତ ମିଡିଆ):** ଓଡ଼ିଶାର କଶ୍ମୀର କୁହାଯାଉଥିବା ଦାରିଙ୍ଗବାଡ଼ି ଅଞ୍ଚଳରେ ପୁଣି ଶୀତର ପ୍ରକୋପ ଦେଖିବାକୁ ମିଳିଛି। ଗତ ୩ ଦିନ ହେଲା ଅଞ୍ଚଳରେ ପାଗ କୋହଲା ରହୁଛି। ବର୍ଷା ଯୋଗୁ ଶୀତର ପ୍ରକୋପ ବୃଦ୍ଧି ପାଇ ହଠାତ ତାପମାତ୍ରା ହ୍ରାସ ଘଟି ଦିନ ଓ ରାତିରେ ପ୍ରବଳ ଜାଡ଼ ହେଉଛି । ବୁଧବାର ସର୍ବନିମ୍ନ ତାପମାତ୍ରା ୧୨. ୫ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ସର୍ବାଧିକ ବର୍ଷା ୬୬ ମି.ମି ରେକର୍ଡ କରାଯାଇଛି ବୋଲି ବିଡିଓ ଗଦାଧର ପାତ୍ର କହିଛନ୍ତି। ବିଭିନ୍ନ ଦୁର୍ଗମ ଅଞ୍ଚଳ ସମେତ ପ୍ରମୁଖ ବଜାର ମଧ୍ୟରେ ଦାରିଙ୍ଗବାଡି, ବ୍ରାହ୍ମଣୀଗାଁ, ସିମନବାଡି ଓ ବୁଡ଼ାଗୁଡା ଜନଶୂନ୍ୟ ହୋଇପଡିଛି। କାମ ନ ଥିଲେ ଲୋକେ ଘରୁ ବାହାରୁନାହାନ୍ତି । ବର୍ଷା ଯୋଗୁ ଚାଷୀକୂଳ ମଧ୍ୟରେ ଖୁସିରଲହରୀ ଦେଖାଯାଇଛି । ହଳଦୀ ଚାଷୀଙ୍କ ପାଇଁ ବର୍ଷା ଖୁସି ଆଣିଥିବା ବେଳେ ପନିପରିବା, ଆମ୍ବ, ଲିଚୁ ଚାଷୀଙ୍କ ମଧ୍ୟରେ ଖୁସି ଦେଖାଯାଇଛି । ମାଟିଟାଣ ଯୋଗୁ ହଳଦୀ ଖୋଳିବା କଷ୍ଟ ହେଉଥିଲା, ଏବେ ବର୍ଷା ଯୋଗୁ ମାଟି ନରମିଛି ଫଳରେ ହଳଦୀ ଖୋଳି ଅମଳ କରିବା ସହଜ ବୋଲି ଚାଷୀମାନେ କହିଛନ୍ତି। ଅଞ୍ଚଳରେ ଘଡଘଡି ସହ ବର୍ଷା ଲାଗିରହିଛି ଶୀତରୁ ରକ୍ଷା ପାଇବା ପାଇଁ ସ୍ଥାନେସ୍ଥାନେ ଲୋକେ ନିଆଁ ଲଗାଇ ବସୁଛନ୍ତି।

# ଖ୍ରେଇଟାଙ୍ଗିରି ବଜାର ରାସ୍ତା ମରଣଯନ୍ତା

**ପାଟଣା(ଅମୃତ ମିଡିଆ):** ୪୯ ନଂ ଜାତୀୟ ରାଜପଥ ୪ ଲେନ ହେବା ସତ୍ତ୍ୱେ ଏହାର ନକ୍ସା ସୁବ୍ୟବସ୍ଥିତ ଭାବେ ପ୍ରସ୍ତୁତ କରା ଯାଇନଥିବାରୁ ପାଟଣା ବ୍ଲକ ଅଞ୍ଚଳର ତୁରୁମୁଙ୍ଗା ଓ ଖ୍ରେଇଟାଙ୍ଗିରିରେ ଫ୍ଲାଇ ଓଭର ବ୍ରିଜ ପାଇଁ ବାରମ୍ବାର ଦାବି ହେଉଥିଲେ ମଧ୍ୟ କର୍ତ୍ତୃପକ୍ଷ ଏହାକୁ ଅଣଦେଖା କରିଛନ୍ତି। ବ୍ୟସ୍ତ ବହୁଳ ଖ୍ରେଇଟାଙ୍ଗିରି ବଜାର ଅଞ୍ଚଳ ମଧ୍ୟରେ ଏହି କାରଣରୁ ଏକାଧିକ ବ୍ୟକ୍ତି ଦୁର୍ଘଟଣାରେ ପ୍ରାଣ ହରାଇଲେଣି। ଲୁହାପଥର ପରିବହନ କରୁଥିବା ଟ୍ରକକୁ ଖ୍ରେଇଟାଙ୍ଗିରି ବଜାର ଅଞ୍ଚଳରେ ଥିବା ଏକ ପେଟ୍ରୋଲ ପମ୍ପରେ ତେଲ ପକାଇବା ପାଇଁ ଚିଠା ଦିଆଯାଉଥିବାରୁ ଏହି ଭାରବାହୀ ଟ୍ରକ ଗୁଡିକ ବାମ ପାର୍ଶ୍ୱରୁ ଡାହାଣ ପଟ ତେଲ ଟାଙ୍କିକୁ ଯିବା ଓ ସେଠାରୁ ପୁଣି ଫେରି ମୁଖ୍ୟ ରାସ୍ତାକୁ ଯିବା ବିଶେଷ ସମସ୍ୟା ସୃଷ୍ଟି କରୁଛି। ଏପରିକି ତେଲ ଟାଙ୍କି ଆଗରେ ପାର୍କିଂ ମଧ୍ୟ ଦୁର୍ଘଟଣାର ଏକ କାରଣ ହୋଇଛି। ଯାହା ଫଳରେ ଖ୍ରେଇଟାଙ୍ଗିରି ବଜାର ଅଞ୍ଚଳରେ ପାଦେ ପାଦେ ଜୀବନ ପ୍ରତି ବିପଦ ଲାଗି ରହିଛି। ଜାତୀୟ ରାଜପଥ କର୍ତ୍ତୃପକ୍ଷ ଖ୍ରେଇଟାଙ୍ଗିରିରେ ଫ୍ଲାଇ ଓଭର ବ୍ରିଜ ନିର୍ମାଣ ନକଲେ ଏହି ସମସ୍ୟା ସବୁଦିନ ଲାଗି ରହିବା ନିଶ୍ଚିତ ଥିବାରୁ ଉଚ୍ଚ କର୍ତ୍ତୃପକ୍ଷ ଖ୍ରେଇଟାଙ୍ଗିରୀରେ ଫ୍ଲାଇ ଓଭର ବ୍ରିଜ ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ଦାବି ହୋଇଛି।



# ରାସ୍ତାଘାଟ ସମସ୍ୟାକୁ ନେଇ ଥାନାର ଦ୍ୱାରସ୍ଥ ହେଲେ ଗ୍ରାମବାସୀ

**ଗୋଷାଣି(ଅମୃତ ମିଡିଆ):** ଗଜପତି ଜିଲା ଗୋଷାଣି ବ୍ଲକ ଗୁରାଣ୍ଡି ଗ୍ରାମବାସୀ ରାସ୍ତାଘାଟ ସମସ୍ୟାକୁ ନେଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୂର୍ତ୍ତବିଭାଗ ମୁଖ୍ୟ ରାସ୍ତାରେ ଦୀର୍ଘ ଦିନ ହେଲା ଖାଲଖମା ଓ କର୍ଦ୍ଦମାକ୍ତ ଯୋଗୁଁ ଲୋକେ ଯାତାୟାତରେ ନାନାଦି ସମସ୍ୟା ଭୋଗୁଛନ୍ତି। ଏପରିକି ବିଭିନ୍ନ ସମୟରେ ଦୁର୍ଘଟଣାମାନ ଘଟୁଛି। ଏନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଜଣାଉଥିଲେ ମଧ୍ୟ ବିଭାଗ କର୍ଣ୍ଣପାତ କରୁ ନ ଥିବା ଯୋଗୁଁ ଶେଷରେ ଲୋକେ ବାଧ ହୋଇ ଥାନାର ଦ୍ୱାରସ୍ଥ ହୋଇଥିବା ଜଣାପଡିଛି। ସେମାନେ ଅଭିଯୋଗ କରିଛନ୍ତି ଯେ, ଗୁରାଣ୍ଡି ଗ୍ରାମଠାରୁ ଗୋଷାଣି ଗ୍ରାମ ଛକ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗର ପ୍ରାୟ ତିନି କିମି ରାସ୍ତା ଖାଲଖମା ସୃଷ୍ଟି ହୋଇଛଇ। ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷଙ୍କ ଠାରୁ ଆରମ୍ଭ କରି ସ୍ଥାନୀୟ ପ୍ରଶାସନ ନିକଟରେ ଅନେକ ଥର ଅଭିଯୋଗ ମଧ୍ୟ କରିଆସୁଅଛୁ । ହେଲେ କେହି କର୍ଣ୍ଣପାତ କରୁନାହାନ୍ତି। ଉକ୍ତ ରାସ୍ତାର ଖାଲଖମା ଯୋଗୁଁ ବହୁ ଲୋକେ ଦୁର୍ଘଟଣାର ସମ୍ମୁଖୀନ ହୋଇ ଆହତ ହେଉଛନ୍ତି। ବର୍ତ୍ତମାନ ଗୁରାଣ୍ଡି-ଗୋଷାଣି ଗ୍ରାମ ରାସ୍ତାର ଗୁରାଣ୍ଡି ଠାରେ ଏକ କଲଭର୍ଟ ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ କାମ ଆରମ୍ଭ କରିଛି । ଏଥିପାଇଁ ଅସ୍ଥାୟୀ ମାଟି ରାସ୍ତା ମଧ୍ୟ ନିର୍ମାଣ କରିଛି। ହେଲେ କୌଣସି ଅସ୍ଥାୟୀ ପାଚେରି ନାହିଁ। ସେହିପରି ଏହି ଅସ୍ଥାୟୀ ରାସ୍ତା ବହୁ ଉଚ୍ଚତାରେ ନିର୍ମିତ ହୋଇଛି। ବର୍ଷା ଯୋଗୁଁ ଏହି ରାସ୍ତା କାଦୁଅଭରା ହୋଇ ପଡିଥିବାରୁ ଯାତାୟାତ କରୁଥିବା ପଥଚାରୀମାନେ ନାନା ସମସ୍ୟାରେ ପଡିଥିବା ବେଳେ ଅନେକ ଦୁଇଚକିଆ ଗାଡି ଦୁର୍ଘଟଣାଗ୍ରସ୍ତ ହେଉଛି। ଏହା ସହ ଏହି ଅସ୍ଥାୟୀ ରାସ୍ତା ଉପରେ ୧୧କେଭି ବିଦ୍ୟୁତ ତାର ଯାଇଛି । ବଡ଼ଯାନବାହାନ ଏହି ରାସ୍ତାରେ ଯିବା ବେଳେ କେତେବେଳେ ଯେ ବଡ଼ ଦୁର୍ଘଟଣା ଘଟିପାରେ ଏହାକୁ ଏଡାଯାଇ ନ ପାରେ । ରାସ୍ତାର ଉଚ୍ଚତା ଯୋଗୁ ଗାଡି ଯଥା ଟ୍ରକ୍, ବସ ଆଦି ଏହାର ସଂସ୍ପର୍ଶରେ ଆସି ଅଘଟଣର ଆଶଙ୍କା ମଧ୍ୟ ରହିଛି । ଏହି ରାସ୍ତାଟି ଗୁରାଣ୍ଡି ଗ୍ରାମାଞ୍ଚଳର ଲାଇଫ ଲାଇନ ଅଟେ । ଏହି ମୁଖ୍ୟ ରାସ୍ତା ଗୋଷାଣି ବ୍ଲକ ସଦରକୁ ସଂଯୋଗ କରୁଥିବାରୁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତା। ତେବେ ଏପରି ସ୍ଥଳେ ଯଦି ଆଗାମୀ ଦିନରେ ବଡ଼ ଧରଣର ଅଘଟଣ ଘଟେ ତେବେ ଦାୟୀ କିଏ ରହିବ ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ତେଣୁ ତୁରନ୍ତ ଏ ଦିଗରେ ସମାଧାନର ବାଟ ବାହାର କରିବା ସହିତ କାହା ସ୍ୱାର୍ଥରେ ଏପରି ଅସ୍ଥାୟୀ ରାସ୍ତା ନିର୍ମାଣ କରାଯାଇଛି ଏହାର ବିଧିବଦ୍ଧ ତଦନ୍ତ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଗ୍ରାମବାସୀ ଥାନା ଅଧିକାରୀଙ୍କୁ ନିବେଦନ କରିଛନ୍ତି ।



## ଜଙ୍ଗଲ ନିଆଁ ଆୟତ୍ତ କଲେ ଗାଁ ପିଲା



**ପାଲଲହଡ଼ା(ଅମୃତ ମିଡିଆ):** ଖେଳକୁଦ କରିବା ବୟସରେ ୭ ଜଣ ପିଲା ଦେଖାଇଛନ୍ତି ସାହସିକତା। ସଚେତନ ମଣିଷଙ୍କ ପରି ସେମାନେ ବୁଦ୍ଧି ଖଟାଇ ଜଙ୍ଗଲ ନିଆଁକୁ କରିଛନ୍ତି ଆୟତ୍ତ। ଏଥିପାଇଁ ପଞ୍ଚାୟତ ପକ୍ଷରୁ ସେମାନଙ୍କୁ ସମ୍ମାନିତ କରାଯାଇଛି। ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ପେଚାମୁଣ୍ଡି ପଞ୍ଚାୟତରେ ଘଟିଥିବା ଏପରି ଘଟଣା ଜିଲାରେ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ହରିଜନ ସାହିର ଏହି ପିଲାମାନଙ୍କୁ ଚାରିଆଡୁ ପ୍ରଶଂସା କରାଯାଇଛି। ସୂଚନା ଅନୁଯାୟୀ, ପାଲଲହଡ଼ା ଉପଖଣ୍ଡ ପେଚାମୁଣ୍ଡି ପଞ୍ଚାୟତ ଜୋକପାଣି ଜଙ୍ଗଲରେ ରବିବାର ନିଆଁ ଲାଗିଥିଲା। କିନ୍ତୁ ଏହାକୁ ଲିଭାଇବା ପାଇଁ ଅନ୍ୟ କେହି ଉଦ୍ୟମ କରି ନ ଥିଲେ। ଏପରି କି ବନ ବିଭାଗ ନିକଟରେ ମଧ୍ୟ ଖବର ନ ଥିଲା। କିନ୍ତୁ ହରିଜନ ସାହିର ୭ ଜଣ ନାବାଳିକା ନନ୍ଦିନୀ ନାଏକ, ଜନନୀ ନାଏକ, ରାଣୀ ନାଏକ, ଲକ୍ଷ୍ମୀ ନାଏକ, ରିନା ନାଏକ, ଅଞ୍ଜଳି ନାଏକ ଏବଂ ରିମା ନାଏକ ଏହା ଜାଣି ଗାଁ ପାଖ ଜଙ୍ଗଲକୁ ଯାଇ ଡାଳପତ୍ର ସାହାଯ୍ୟରେ ତଳେ ପଡିଥିବା ଶୁଖିଲା ପତ୍ରକୁ ନିଆଁ ପାଖରୁ ଅଲଗା କରିଦେଇଥିଲେ। ଏଥିସହ ନିଆଁକୁ ଗଛ ଡାଳରେ ପିଟି ପିଟି ଲିଭାଇ ଦେଇଥିଲେ। ପିଲାମାନଙ୍କ ଏପରି କାର୍ଯ୍ୟ ସମ୍ପର୍କରେ ଜାଣିବା ପରେ ଗ୍ରାମବାସୀ ସେମାନଙ୍କ ସାହସିକତାକୁ ପ୍ରଶଂସା କରିଛନ୍ତି। ପେଚାମୁଣ୍ଡି ସରପଞ୍ଚ ରମେଶ ପ୍ରଧାନ ସମ୍ପୃକ୍ତ ପିଲାମାନଙ୍କୁ ଭେଟିବା ସହିତ ସମ୍ମାନିତ କରିଛନ୍ତି। ଏ ସମ୍ପର୍କରେ ଜମର ଫରେଷ୍ଟର ସୁଧାଂଶୁ ବେହେରା କହିଛନ୍ତି, ଏହି କାର୍ଯ୍ୟ କରିଥିବା ଅଞ୍ଚଳର ନାବାଳିକାମାନଙ୍କୁ ସାଧୁବାଦ ଜଣାଉଛି। ଆଗାମୀ ଦିନରେ ବିଭାଗ ପକ୍ଷରୁ ସେମାନଙ୍କୁ ଉତ୍ସାହିତ କରାଯିବା ସହିତ ପ୍ରଶିକ୍ଷଣ ପ୍ରଦାନ କରାଯିବ।

## ରକ୍ତଭଣ୍ଡାରରେ ପଶିଲା ବର୍ଷା ପାଣି, କାର୍ଯ୍ୟ ବାଧାପ୍ରାପ୍ତ

**ସୁନ୍ଦରଗଡ଼(ଅମୃତ ମିଡିଆ):** ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର ରକ୍ତଭଣ୍ଡାରରେ ପଶିଲା ବର୍ଷା ପାଣି। କାଳବୈଶାଖୀ ବର୍ଷା ଯୋଗୁଁ ରକ୍ତ ଭଣ୍ଡାରରେ ଅଧ ଫୁଟର ପାଣି ପଶି ଯାଇଥିଲା। ଆଜି ସକାଳୁ ରକ୍ତ ଭଣ୍ଡାର ଖୋଲା ହେଲା ପରେ ପାଣିକୁ ବାହାର କରାଯାଇଛି। ତେବେ ଅଳ୍ପ ବର୍ଷାରେ ଏଠାରେ ପାଣି ପଶି ଯାଉଥିବା ଅଭିଯୋଗ ହୋଇଛି। ଗତ ୩ ଦିନ ହେଲା ସୁନ୍ଦରଗଡ଼ ଜିଲ୍ଲାରେ କାଳ ବୈଶାଖୀ ପ୍ରଭାବରେ ବର୍ଷା ଲାଗି ରହିଛି। ଗତକାଲି ସଂଧ୍ୟାରୁ ବର୍ଷା ଲାଗି ରହିଥିଲା। ଫଳରେ ସହରର ବିଭିନ୍ନ ଅଞ୍ଚଳରେ ପାଣି ଜମି ରହିଥିବା ବେଳେ ରକ୍ତ ଭଣ୍ଡାରରେ ପାଣି ପଶିଯାଇଥିଲା। ପାଣି ଜମିଯିବା ଯୋଗୁଁ ରକ୍ତ ଭଣ୍ଡାରର କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି।



# ବାଙ୍ଗରାରେ ପାସେଞ୍ଜର ହଲ୍ଟ ନିର୍ମାଣ ନେଇ ସର୍ଭେ ଆରମ୍ଭ

**ବାଲେଶ୍ୱର(ଅମୃତ ମିଡିଆ):** ବାଲେଶ୍ୱର ନିକଟସ୍ଥ କୁରୁଡ଼ାର ବାଙ୍ଗରା ଲେଭଲକ୍ରସିଂଠାରୁ ୩ ଶହ ମିଟର ଦୂରରେ ଏକ ପାସେଞ୍ଜର ହଲ୍ଟ ନିର୍ମାଣ ଲାଗି ମଙ୍ଗଳବାର ମଧ୍ୟାହ୍ନରେ ଦକ୍ଷିଣ ପୂର୍ବ ରେଳବାଇର ଡିଆରଏମ୍‌ଙ୍କ ନିର୍ଦ୍ଦେଶରେ ବିଭାଗୀୟ କର୍ମଚାରୀମାନେ ଗ୍ରାଉଣ୍ଡ ଜିରୋରୁ ସର୍ଭେ ଆରମ୍ଭ କରିଛନ୍ତି। ଉକ୍ତ ସ୍ଥାନରେ ପାସେଞ୍ଜର ହଲ୍ଟ ନିର୍ମାଣ ଏବଂ ବାଙ୍ଗରା ଲେଭଲ କ୍ରସିଂରେ ଏକ ରେଳ ଓଭରବ୍ରିଜ ନିର୍ମାଣ ପାଇଁ ଦାବି କରାଯାଇ ବିଭିନ୍ନ ସମୟରେ ଆନ୍ଦୋଳନ, ସତ୍ୟାଗ୍ରହ କରାଯାଇଥିଲା। ତେବେ ମାର୍ଚ୍ଚ ୧୪ତାରିଖରେ ‘ବାଙ୍ଗରା ରେଳଷ୍ଟେଶନ କ୍ରିୟାନୁଷ୍ଠାନ କମିଟି’ ପକ୍ଷରୁ ରେଳରୋକୋ କରିବାକୁ ଦକ୍ଷିଣ ପୂର୍ବ ରେଳବାଇର ଡିଆରଏମ୍‌ଙ୍କୁ ଦାବିପତ୍ର ପ୍ରଦାନ କରାଯିବା ପରେ ଗତ ୧୩ତାରିଖରେ କମିଟିର ସଦସ୍ୟମାନେ ଡିଆରଏମ୍‌ଙ୍କ ସହ ଖଡ଼ଗପୁରରେ ଆଲୋଚନା କରି ରେଳଷ୍ଟେଶନ ନିର୍ମାଣ ଲାଗି ଲିଖିତ ପ୍ରତଶ୍ରୁତି ପାଇଥିଲେ। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ରେଳବାଇର ରେଳବାଇ ୱାର୍କସର ବରିଷ୍ଠ ସେକ୍ସନ ଇଞ୍ଜିନିୟର ରାଜେନ୍ଦ୍ର କୁମାର ପଞ୍ଜିଆରା, ଡିଟିଆଇ ଏସ୍. କେ. ମହାକୁଡ଼, କମର୍ସିଆଲ ଇନ୍‌ସ୍ପେକ୍ଟର ଏସ୍. ସାହା, ସିନିୟର ସେକ୍ସନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର ଅର୍ଜୁନ ମିଞ୍ଜି ପ୍ରମୁଖ ପାସେଞ୍ଜର ହଲ୍ଟ କେଉଁ ସ୍ଥାନରେ ନିର୍ମାଣ କରାଗଲେ ଯାତ୍ରୀ ଓ ରେଳବାଇକୁ ସୁବିଧା ହେବ ସେ ନେଇ ମାପଚୁପ କରିଥିଲେ। ଏଥିପାଇଁ ଲୁପଲାଇନର ଆବଶ୍ୟକତା ଅଛି ବୋଲି ଜଣାପଡିଛି। ପ୍ରଥମ ପର୍ଯ୍ୟାୟରେ ୪ଶହ ମିଟର ଦୈର୍ଘ୍ୟର ରେଳଷ୍ଟେଶନ / ପ୍ଲାଟଫର୍ମ ନିର୍ମାଣ କରାଯିବ ବୋଲି ସୂଚନା ମିଳିଛି। ବାଙ୍ଗରାରେ ପାସେଞ୍ଜର ହଲ୍ଟ ନିର୍ମାଣ ଲାଗି ମାପଚୁପ ପରେ ଫିଜିବିଲିଟି ରିପୋର୍ଟ ପ୍ରସ୍ତୁତ କରାଯିବ। ବାଙ୍ଗରା, କୁରୁଡ଼ା ହରିଡ଼ା, ସାଉଁ, ଗେଙ୍ଗୁଟି ଆଦି ୪୦ରୁ ଅଧିକ ଗ୍ରାମବାସୀ, ପାଖରେ ଥିବା ଶିଳ୍ପାଞ୍ଚଳର ଶ୍ରମିକ, କର୍ମଚାରୀ ଓ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଏହାଦ୍ୱାରା ଉପକୃତ ହେବେ ବୋଲି ସାମାଜିକ ନ୍ୟାୟ ଅଧିକାର ମଞ୍ଚ ସଭାପତି ବିଧାନ ଚନ୍ଦ୍ର ଜେନା କହିଛନ୍ତି। ସର୍ଭେ ସମୟରେ କମିଟିର ସଭାପତି ସତ୍ୟନାରାୟଣ ଆଚାର୍ଯ୍ୟ, ସାଧାରଣ ସମ୍ପାଦକ ଅଞ୍ଜନ କୁମାର ନାୟକ, ନିରଞ୍ଜନ ଦାସ, କୁରୁଡ଼ା ସରପଞ୍ଚ ତାପସ ପାଣିଗ୍ରାହୀଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।



# ନିୟମ ମାନୁନାହାନ୍ତି ବସ୍ ମାଲିକ

**ରାଉରକେଲା(ଅମୃତ ମିଡିଆ):** ଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ରାତିରେ ରାଜ୍ୟ ଓ ରାଜ୍ୟ ବାହାରକୁ ଯାତାୟତ କରୁଥିବା ପ୍ରତ୍ୟେକ ନାଇଟ୍‌କୋଚ୍ ବସ୍‌ରେ ଦୁଇଜଣ ଲେଖାଏଁ ଡ୍ରାଇଭର ରହିବା ଆବଶ୍ୟକ। ହେଲେ ରାଉରକେଲାରୁ ରାଜ୍ୟର ପ୍ରମୁଖ ସହର ଓ ବାହାର ରାଜ୍ୟକୁ ଯାତାୟତ କରୁଥିବା ଅଧିକାଂଶ ନାଇଟ୍‌କୋଚ୍ ବସ୍‌ରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ରାତି ଅନିଦ୍ରା ହୋଇ ଡ୍ରାଇଭରମାନେ ରାଉରକେଲାଠୁ ୪୦୦ରୁ ୬୦୦ କିମି ଦୂରରେ ଥିବା ସହରକୁ ଏକାକୀ ଗାଡ଼ି ନେଇ ଯାଉଛନ୍ତି। ୧୦ କି ୧୫ ଦିନ ନୁହେଁ, ଏମିତି ମାସ ମାସ ଧରି ବସ୍ ଚଳାଉଛନ୍ତି। ଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ବସ୍ ମାଲିକମାନେ ଏହାକୁ ପ୍ରାଥମିକତା ଦେବା ଦରକାର। କିନ୍ତୁ ଅର୍ଥ ଲୋଭରେ ବସ୍ ମାଲିକମାନେ ଯାତ୍ରୀଙ୍କ ସୁରକ୍ଷାକୁ ସମ୍ପୂର୍ଣ୍ଣ ଭୁଲି ଯାଉଛନ୍ତି। ରାଉରକେଲାରୁ ବ୍ରହ୍ମପୁର, ଭୁବନେଶ୍ୱର, ବାରିପଦା ଆଦି ବିଭିନ୍ନ ଦୂର ସହରକୁ ଦୈନିକ ଯାତାୟତ କରୁଥିବା କିଛି ନାଇଟ୍ କୋଚ୍‌ରେ ଏଭଳି ସ୍ଥିତି ଦେଖିବାକୁ ମିଳୁଛି। ଅନେକ ସମୟରେ ଯାତ୍ରୀମାନେ ବସ୍‌ରେ ଜଣେ ମାତ୍ର ଡ୍ରାଇଭରଙ୍କୁ ଗାଡ଼ି ଚଳାଉଥିବା ଦେଖି ପ୍ରତିବାଦ କରିଛନ୍ତି। କାହିଁକି ଦୁଇଜଣ ଡ୍ରାଇଭର ରଖୁ ନାହାନ୍ତି ବୋଲି କଣ୍ଡକ୍ଟରଙ୍କୁ ଯାତ୍ରୀମାନେ ପ୍ରଶ୍ନ କରୁଛନ୍ତି। ହେଲେ ମାଲିକମାନେ ଏଥିପ୍ରତି ଧ୍ୟାନ ଦେଉ ନାହାନ୍ତି। ପରିବହନ ବିଭାଗର ଅଧିକାରୀମାନେ ଜଣେ ଲେଖାଏଁ ଡ୍ରାଇଭରରେ ଚାଲୁଥିବା ଏସବୁ ନାଇଟ୍‌କୋଚ୍ ବସ୍‌କୁ ଯାଞ୍ଚ କରୁନଥିବା ଯାତ୍ରୀମାନେ ଅଭିଯୋଗ କରୁଛନ୍ତି। ସହରରୁ ଦୈନିକ ବିଭିନ୍ନ ସହରକୁ ୪୦ରୁ ଅଧିକ ନାଇଟ୍ ବସ୍ ଯାତାୟତ କରୁଛି। ପ୍ରତିଦିନ ପ୍ରାୟ ୨୦୦୦ ଯାତ୍ରୀ ବିଭିନ୍ନ ଅଞ୍ଚଳକୁ ଯାଉଛନ୍ତି। ରାଉରକେଲାରୁ କଟକ, ଭୁବନେଶ୍ୱର, ବାଲେଶ୍ୱର, ବାରିପଦା, ବ୍ରହ୍ମପୁର, କୋରାପୁଟ, ରାୟଗଡ, ପାରାଦୀପ, ଜଗତସିଂହପୁର, ଯାଜପୁର, ରାଜକନିକା, ଭଦ୍ରକ, ଚାନ୍ଦବାଲି, ପୁରୀ, କାକଟପୁର, ଫୁଲବାଣୀ ଆଦି ଅଞ୍ଚଳକୁ ଏହି ନାଇଟ୍‌କୋଚ୍ ଗୁଡ଼ିକ ଯିବାଆସିବା କରୁଛି। ଦୈନିକ ଯେତିକ ବସ୍ ଯାଉଛି, ତାରକ ଏକ ତୃତୀୟାଂଶରୁ ଅଧିକ କେବଳ କଟକ ଓ ଭୁବନେଶ୍ୱର ଯାଉଛି। ଉଲ୍ଲେଖଯୋଗ୍ୟ, ବର୍ଷେ ତଳେ ଗତ ମାର୍ଚ୍ଚ ମାସରେ ଘରୋଇ ବସ୍ ‘ପ୍ରଭା’ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ୪ ଜଣଙ୍କର ମୃତ୍ୟୁ ହୋଇଥିଲା। ୫ରୁ ଅଧିକ ଯାତ୍ରୀ ଗୁରୁତର ହୋଇଥିଲେ। ଜଣେ ଡ୍ରାଇଭର ବସ୍ ଚଳାଉଥିବାରୁ ଏଭଳି ଅଘଟଣ ଘଟିଲା ବୋଲି ତଦନ୍ତରୁ ଜଣାପଡ଼ିଥିଲା। ତେବେ ରାଉରକେଲାରୁ ରାଜ୍ୟର ପ୍ରମୁଖ ସହରକୁ ରାତିରେ ଯାତାୟତ କରୁଥିବା ନାଇଟ୍‌କୋଚ୍ ବସ୍‌ଗୁଡ଼ିକୁ ନିୟମିତ ବ୍ୟବଧାନରେ ଯାଞ୍ଚ କରିବାକୁ ଯାତ୍ରୀମାନେ ଦାବି କରିଛନ୍ତି।





ପୁରୀରେ କଳାହାଣ୍ଡିଆ ମେଘ



ପୁରୀ କ୍ଲବର ୯୬ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ସଂପନ୍ନ






ନମସ୍ତେ ପୁରୀରେ ପଖାଳ ଦିବସ




ଅସରାଏ ବର୍ଷାପାଇଁ ନାଳପାଣି ରାସ୍ତାରେ




ଭୁବନେଶ୍ୱରରେ ଜମିରହୁଛି ବର୍ଷାପାଣି










ଶ୍ରୀଜଗନ୍ନାଥ ସାଂସ୍କୃତିକ ପରିଷଦ ପକ୍ଷରୁ ପଖାଳ ଦିବସ



₹5/-
Saffron Blended
MEENAJEE®
MAWA
₹5 ରେ
ପ୍ରିମିୟମ୍ କ୍ୱାଲିଟି
Call Toll Free: 1800 123 6292
Warning: Chewing of supari is injurious to health. Not for minors.